

‘ବାରାଣସୀ’ରେ ୩୦ ମିନିଟ୍ ଯୁଦ୍ଧ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-342 ♦WEDNESDAY ♦10 JUNE 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୪୨ ♦ବୁଧବାର ♦୧୦ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ପ୍ରଜନନ କ୍ଷମତା ହ୍ରାସ କରିଛି ସ୍ମାର୍ଟଫୋନ୍ !

■ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ଆଧୁନିକ ଯୁଗରେ ସ୍ମାର୍ଟଫୋନ୍ ଆମ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। କିନ୍ତୁ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୦୭ରେ ଆଇଫୋନ୍ ବ୍ୟବହାର ଆରମ୍ଭ ପରଠାରୁ ସାରା ବିଶ୍ୱରେ ପ୍ରଜନନ ହାର ଅଭୂତପୂର୍ବ ଭାବେ ହ୍ରାସ ପାଇଛି। ବୈଜ୍ଞାନିକ ଏବଂ ଅର୍ଥନୀତିଜ୍ଞମାନେ ଏହାକୁ ଏକ ବିଶ୍ୱବ୍ୟାପୀ ଟେକ୍ନୋଲୋଜି ଯୁଗ ଭାବେ ବର୍ଣ୍ଣନା କରିଛନ୍ତି। ନ୍ୟାସନାଲ୍ ବ୍ୟୁରୋ ଅଫ୍ ଇକୋନୋମିକ୍ ରିସର୍ଚ୍ଚ (ଏନ୍‌ବିଆର୍)ର ଏକ ଅଧ୍ୟୟନ ଅନୁସାରେ, ଆମେରିକାରେ ୧୯୮୦ ରୁ ୨୦୦୭ ପର୍ଯ୍ୟନ୍ତ ଜନ୍ମ ହାର ପ୍ରତି ୧,୦୦୦ ମହିଳାଙ୍କ ମଧ୍ୟରେ ୬୫ ରୁ ୭୦ ରହିଥିଲା। କିନ୍ତୁ ୨୦୦୭ ପରେ ଏହା ଦ୍ରୁତ ଗତିରେ ହ୍ରାସ ପାଇଛି। ୨୦୨୪ ସୁଦ୍ଧା ଏହା ୫୪କୁ ଖସି ଆସିଛି। ଏହା ଗତ ୧୭ ବର୍ଷ ମଧ୍ୟରେ ପ୍ରାୟ ୨୨ ପ୍ରତିଶତ ହ୍ରାସ ବୋଲି ଲକ୍ଷ୍ୟ କରାଯାଇଛି। ବିଶେଷ କରି ୧୫ ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ କ୍ଷେତ୍ରରେ ଏହି ହାର ସର୍ବାଧିକ ୭୦ ପ୍ରତିଶତ କମିଛି। ତେବେ ଗବେଷକମାନେ ଏହି ହ୍ରାସ ପଛରେ ସ୍ମାର୍ଟଫୋନର ବ୍ୟବହାରକୁ ଏକ ପ୍ରମୁଖ କାରଣ ଭାବେ ଦର୍ଶାଇଛନ୍ତି। ଗବେଷଣାରେ ଲକ୍ଷ୍ୟ କରାଯାଇଛି ଯେ, ୨୦୦୩ରେ ଜଣେ ବ୍ୟକ୍ତି ଦୈନିକ ହାରାହାରି ୬୮ ମିନିଟ୍ ନିଜ ବନ୍ଧୁବାନ୍ଧବଙ୍କ ସହ ଶାରୀରିକ ଭାବେ ମିଳାମିଶା କରୁଥିଲେ। ଏହି ସମୟ ପ୍ରାୟ ୪୪% ହ୍ରାସ ପାଇ ୨୦୧୯ ସୁଦ୍ଧା ୩୮ ମିନିଟ୍‌କୁ ଖସି ଆସିଛି। ଅନ୍ୟପଟେ, ଲୋକେ କମ୍ପ୍ୟୁଟର ବା ସ୍କ୍ରିନ୍ ସାମ୍ନାରେ ବିତାଉଥିବା ସମୟ ୨୨ ମିନିଟ୍‌ରୁ ୯୬ ମିନିଟ୍‌କୁ ବୃଦ୍ଧି ପାଇଛି। ସ୍ମାର୍ଟଫୋନ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ଯୁବପିଢ଼ିଙ୍କ ମଧ୍ୟରେ ଯୌନ ସକ୍ରିୟତା କମିଥିବା ବେଳେ ଅନ୍‌ଲାଇନ୍ ଅଶ୍ଳୀଳତା ପ୍ରତି ଆକର୍ଷଣ ବଢ଼ିଛି। ସେହିପରି ଆଇଫୋନ୍ ମାଧ୍ୟମରେ କିଶୋର ଓ ଯୁବପିଢ଼ି ଗର୍ଭନିରୋଧକ ଏବଂ ଗର୍ଭପାତ ସମ୍ପର୍କିତ ସୂଚନା ସହଜରେ ପାଉଛନ୍ତି, ଯାହା ଜନ୍ମ ହାର କମିବାର ଅନ୍ୟ ଏକ କାରଣ ହୋଇଛି। ତେବେ ଏହି ସମସ୍ୟା କେବଳ ଧନୀ ଦେଶମାନଙ୍କରେ ସୀମିତ ରହିନାହିଁ। ୟୁନିଭର୍ସିଟି ଅଫ୍ ସିନସିନାଟିର ଅର୍ଥନୀତିଜ୍ଞଙ୍କ ଅନୁସାରେ, ୧୨୮ଟି ଦେଶରେ ସ୍ମାର୍ଟଫୋନ୍ ବ୍ୟବହାର ବଢ଼ିବା ସହ ଜନ୍ମ ହାରରେ ସମାନ ଧରଣର ହ୍ରାସ ଦେଖିବାକୁ ମିଳିଛି। ଇରାନ୍, କୋଷ୍ଟାରିକା, ଗୁଆଟେମାଲା, ଚିଲି, ମେକ୍ସିକୋ ଏବଂ ତୁର୍କୀ ଭଳି ଦେଶରେ ସ୍ମାର୍ଟଫୋନ୍ ବ୍ୟବହାର ଏକ ମୁଖ୍ୟ ପ୍ରକ୍ରିୟା ହୋଇଛି। ଭାରତ ଏବଂ ବ୍ରାଜିଲ୍ ଭଳି ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ମଧ୍ୟ ସମାନ ଧାରା ପରିଲକ୍ଷିତ ହେଉଛି। ରିସର୍ଚ୍ଚ ଅନୁସାରେ, ଯେଉଁ ଅଞ୍ଚଳରେ ୪ଜି ବା ହାଇ-ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ଅଧିକ ରହିଛି, ସେଠାରେ ପ୍ରଜନନ ହାର ଅପେକ୍ଷାକୃତ ଦ୍ରୁତ ଗତିରେ ହ୍ରାସ ପାଇଛି।

**୨୦୦୭ ପରଠାରୁ ବିଶ୍ୱବ୍ୟାପୀ ହ୍ରାସ ପାଇଛି ଜନ୍ମହାର**



# ମମତାଙ୍କ ଘରେ ସିଆଇଡି, ପୁଲିସ ଫୋର୍ସ




**ଜାଲ ଦସ୍ତଖତ ମାମଲାରେ ଯାଞ୍ଚ**

**ଅଭିଷେକ ବାନାର୍ଜୀଙ୍କ ଘରେ ବି ଚଢ଼ଉ**

■ କୋଲକାତା, ୯।୬ (ଏଜେନ୍ସି): ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ଦଳ ଭିତରେ ତୀବ୍ର ବିଦ୍ରୋହର ସମ୍ମୁଖୀ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଇଣ୍ଡିଆ ମେଣ୍ଟ ବୈଠକରେ ଯୋଗଦେବା ଲାଗି ସେ ଦିଲ୍ଲୀ ଯାଇଥିବା ବେଳେ ତାଙ୍କର କୋଲକାତା ବାସଭବନରେ ପଶିଛି ରାଜ୍ୟ ସିଆଇଡି ଟିମ୍। ଦଳୀୟ ବିଧାୟକମାନଙ୍କ ଜାଲ୍ ଦସ୍ତଖତ ମାମଲାରେ ରାଜ୍ୟ ଅପରାଧ ଅନୁସନ୍ଧାନ ବିଭାଗ (ସିଆଇଡି)ର ଏକ ଟିମ୍ ପୁଲିସ ଫୋର୍ସ ସହିତ ମମତା ବାନାର୍ଜୀଙ୍କ କାଳୀଘାଟସ୍ଥିତ ବାସଭବନ ଏବଂ ତାଙ୍କ ପୁତୁରା ତଥା ଟିଏମସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ କରିଛି। ମମତାଙ୍କ ବାସଭବନ, ଯାହାକି ତୃଣମୂଳ କଂଗ୍ରେସର କେନ୍ଦ୍ରୀୟ କାର୍ଯ୍ୟାଳୟ ଭାବେ ମଧ୍ୟ ବ୍ୟବହୃତ ହୁଏ ସେଠାରେ ସିଆଇଡିର ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚିଥିଲା। ଏହି ସମୟରେ ସୁରକ୍ଷାକର୍ମୀ ଓ ଦଳୀୟ ନେତାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ମମତା ଏବଂ ଅଭିଷେକ ଘରେ ନଥିବାରୁ ସିଆଇଡିକୁ ଯାଞ୍ଚ ପାଇଁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ଦଳୀୟ ନେତା କହିଥିଲେ। ଶେଷ।ରେ ସିଆଇଡି ଦଳ ବାସଭବନରେ ଯାଞ୍ଚ ଆରମ୍ଭ କରିଥିଲେ। ସେହି ସମୟରେ ଅନ୍ୟ ଏକ ସିଆଇଡି ଦଳ ଅଭିଷେକଙ୍କ କାମାକ୍ ଷ୍ଟ୍ରିଟ୍ କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ତେବେ ଏହି ସମୟରେ ମମତା କିମ୍ବା ଅଭିଷେକ ଘରେ ନଥିଲେ।

ମମତାଙ୍କ ଘରେ ସିଆଇଡି ଟିମ୍ ଆସିଥିବା ଖବର ପ୍ରଚାରିତ ହେବା ପରେ ମମତାଙ୍କ ଅନୁଗତ ରୂପେ ପରିଚିତ ଅନେତ ବିଧାୟକ ଓ ସାଂସଦ ସେଠାରେ ପହଞ୍ଚି ଟିମକୁ ଅଟକାଇଥିଲେ। ସାଂସଦ ତଥା ବରିଷ୍ଠ ଆଡଭୋକେଟ କଲ୍ୟାଣ ବାନାର୍ଜୀ ମଧ୍ୟ ସେଠାରେ ପହଞ୍ଚି ସିଆଇଡି ଅଧିକାରୀଙ୍କ ସହିତ କଥା ହୋଇଥିଲେ। କିନ୍ତୁ ସିଆଇଡି ଅଧିକାରୀ କିଛି ଶୁଣି ନଥିଲେ ଏବଂ ମମତାଙ୍କ ଘରେ ପଶି ଯାଞ୍ଚ ଆରମ୍ଭ କରିଥିଲେ।

ଟିଏମ୍‌ସି ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ବିରୋଧୀ ଦଳ ନେତା ଭାବେ ସ୍ୱୀକୃତି ଦେବା ପାଇଁ ବିଧାନସଭା ବାଚସ୍ପତିଙ୍କୁ ମମତାଙ୍କ ପକ୍ଷରୁ ଚିଠି ଲେଖାଯାଇଥିଲା। ସେହି ଚିଠିରେ ପାଖାପାଖି ୭୦ ଜଣ ବିଧାୟକଙ୍କ ଦସ୍ତଖତ ଥିଲା ଏବଂ ଏଥିରେ ଅଭିଷେକ ବାନାର୍ଜୀ ସ୍ୱାକ୍ଷର କରିଥିଲେ। କିନ୍ତୁ ପରେ ବିଧାୟକ ରତବ୍ରତ ବାନାର୍ଜୀ ଏବଂ ସନ୍ଦୀପନ ଶାହା ଏଥିରେ ଥିବା ଅନେକ ବିଧାୟକଙ୍କ ଦସ୍ତଖତ ଜାଲ୍ ବୋଲି ଅଭିଯୋଗ କରିଥିଲେ। ଏହାର ଯାଞ୍ଚ କରିବା ଲାଗି ସିଆଇଡିକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ। ସିଆଇଡି ଅନୁଯାୟୀ, ଅଭିଷେକ ପୂର୍ବରୁ କହିଥିଲେ ଯେ ବିଧାୟକମାନଙ୍କ ଦସ୍ତଖତ ଦଳର କେନ୍ଦ୍ରୀୟ କାର୍ଯ୍ୟାଳୟରେ ସଂଗ୍ରହ କରାଯାଇଥିଲା। ସେହି ବୟାନକୁ ଭିତ୍ତି କରି ଆଜି ସିଆଇଡି ଏହି ସର୍ଚ୍ଚ ଅପରେସନ କରିଛି। ତେବେ ଏହି ଚଢ଼ଉ ସମୟରେ ମମତା ଏବଂ ଅଭିଷେକ ବାନାର୍ଜୀ ଉଭୟ ଇଣ୍ଡିଆ ମେଣ୍ଟର ବୈଠକ ପାଇଁ ନୂଆଦିଲ୍ଲୀ ଗସ୍ତରେ ଥିବା ଜଣାପଡ଼ିଛି।

### ରାଜ୍ୟସଭା ନିର୍ବାଚନରେ ନାଟକୀୟ ମୋଡ଼

## କଂଗ୍ରେସ ପ୍ରାର୍ଥୀ ମୀନାକ୍ଷୀଙ୍କ ନାମାଙ୍କନ ନାକଚ



**ବିଜେପି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ**

**ପ୍ରତିବାଦ ଜଣାଇଲା କଂଗ୍ରେସ, କୋର୍ଟ ଯିବ**

■ ଭୋପାଳ, ୯।୬ (ଏଜେନ୍ସି): ଆସନ୍ତା ୧୮ ତାରିଖରେ ୧୦ଟି ରାଜ୍ୟରେ ୨୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି। ତେବେ ନିର୍ବାଚନ ପୂର୍ବରୁ ମଧ୍ୟପ୍ରଦେଶରେ ଏହା ନାଟକୀୟ ମୋଡ଼ ନେଇଛି। ବିଜେପିର ଅଭିଯୋଗ କ୍ରମେ ରାଜ୍ୟରୁ କଂଗ୍ରେସର ଏକମାତ୍ର ପ୍ରାର୍ଥୀ ମୀନାକ୍ଷୀ ନଟରାଜନଙ୍କ ପ୍ରାର୍ଥିପତ୍ରକୁ ନାକଚ କରିଦେଇଛନ୍ତି ରିଟର୍ଣ୍ଣିଂ ଅଫିସର। ପ୍ରାର୍ଥିପତ୍ର ସହିତ ସେ ଦାଖଲ କରିଥିବା ସତ୍ୟପାଠରେ କିଛି ତଥ୍ୟ ଲୁଚାଇଥିବା ଅଭିଯୋଗରେ ରିଟର୍ଣ୍ଣିଂ ଅଫିସର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହାଫଳରେ ରାଜ୍ୟରେ ସମସ୍ତ ତିନିଟି ଯାକ ଆସନ ବିଜେପି ଖାତାକୁ ଯିବା ସ୍ପଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ କଂଗ୍ରେସ ଏହାର ପ୍ରତିବାଦ ଜଣାଇବା ସହିତ କୋର୍ଟ ଯିବ ବୋଲି ଧମକ ଦେଇଛି।

ଆଜି ପ୍ରାର୍ଥିପତ୍ର ଯାଞ୍ଚ ବେଳେ ବିଜେପି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ନଟରାଜନ ତାଙ୍କ ▶ପୃଷ୍ଠା-୭

# ଜଗନ୍ନାଥ ‘ଧାମ’ ନୁହେଁ ଦୀଘା

### ନୂଆ ନାମ ହେବ ‘ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର’: ଶୁଭେନ୍ଦୁ



**ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁଙ୍କୁ ଧନ୍ୟବାଦ ଜଣାଇଲେ ମୋହନ**

■ ଭୁବନେଶ୍ୱର/ପୁରୀ, ୯।୬ (ସମିସ): ଓଡ଼ିଶାର କ୍ରମାଗତ ଦାବି ପରେ ଦୀଘା ଜଗନ୍ନାଥ ଧାମରୁ ‘ଧାମ’ ଶବ୍ଦ ହଟିବ। ପୂର୍ବରୁ ଏସମ୍ପର୍କରେ ରାଜ୍ୟବ୍ୟାପୀ ଦାବି ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତରେ ନବନିଯୁକ୍ତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ଦୀଘା ଜଗନ୍ନାଥ ମନ୍ଦିର ଏଣିକି ଧାମ ପରିବର୍ତ୍ତେ ‘ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର’ଭାବେ ପରିଗଣିତ ହେବ।

ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ ସ୍ୱାଗତଯୋଗ୍ୟ ଅଟେ। ପୂର୍ବ ସରକାର ସନାତନ ସଂସ୍କୃତିର ଅପମାନ କରିଥିଲେ ଓ ଏହି ପ୍ରକଳ୍ପ ସହ ‘ଧାମ’ ଶବ୍ଦ ଯୋଡ଼ିଥିଲେ। କିନ୍ତୁ ସନାତନ ପରମ୍ପରା ଓ ହିନ୍ଦୁ ଧାର୍ମିକ ଆସ୍ଥା ଅନୁଯାୟୀ ‘ଧାମ’ ଶବ୍ଦର ଏକ ବିଶେଷ ମହତ୍ତ୍ୱ ରହିଛି। ଏହି ନାମ ପରିବର୍ତ୍ତନକୁ ଔପଚାରିକ ମଞ୍ଜୁରି ଦେବା ପାଇଁ ପଶ୍ଚିମବଙ୍ଗ ମନ୍ତ୍ରିମଣ୍ଡଳ ବୈଠକରେ ଏକ ପ୍ରସ୍ତାବ ଆଣାଯିବ ଏବଂ ତାହାକୁ ଅନୁମୋଦନ କରାଯିବ। କ୍ୟାବିନେଟ୍ ମଞ୍ଜୁରି ପରେ କମ୍ପ୍ଲେକ୍ସର ନାମ ‘ଦୀଘା ଜଗନ୍ନାଥ ଧାମ’ ନାମ ସମ୍ପୂର୍ଣ୍ଣ ଭାବେ ବଦଳି ‘ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର’ ଭାବେ ପରିଚିତ ହେବ। ସେହିପରି ଯେଉଁଠି ଠାକୁର ପୂଜା ପାଉଛନ୍ତି, ସେହି ସ୍ଥାପତ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ନାମରେ ନାମିତ ହେବ। ମନ୍ଦିର ପରିଚାଳନା ପାଇଁ ଯେଉଁ ଟ୍ରଷ୍ଟ କମିଟି ଗଠନ କରାଯାଇଛି, ଆସନ୍ତା ୨ ଦିନ ମଧ୍ୟରେ ଉପରୋକ୍ତ ନିଷ୍ପତ୍ତି ▶ପୃଷ୍ଠା-୭

## ୩୫ ହସ୍ପିଟାଲର ନାହିଁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର

**କଟକ ଜିଲ୍ଲାରେ ୧୫, ଖୋର୍ଦ୍ଧାରେ ୧୦ ଖିଲାପୀ**

**୫ ଦିନରେ ପ୍ରମାଣପତ୍ର ଦାଖଲ ନିର୍ଦ୍ଦେଶ**

**ତାଲିକାରେ ଏମ୍ସ ସହ ଅନେକ ଡାକ୍ତରଖାନା**

■ ଭୁବନେଶ୍ୱର, ୯।୬ (ସମିସ): ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ୩୫ଟି ଘରୋଇ ତଥା ସରକାରୀ ହସ୍ପିଟାଲଙ୍କର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନାହିଁ। ପୂର୍ବରୁ ଏହି ଡ଼ାକ୍ତରଖାନାଗୁଡ଼ିକ ହାସଲ କରିଥିବା ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ଅବଧି ଇତିମଧ୍ୟରେ ଶେଷ ହୋଇଛି ଓ ତାହାର ନବୀକରଣ କରାଯାଇ ନାହିଁ। ଏହାକୁ ଅତ୍ୟନ୍ତ ଗମ୍ଭୀରତା ସହ ନେଇଛି ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ରାଜ୍ୟ ସ୍ୱାସ୍ଥ୍ୟ ସୁରକ୍ଷା ସମିତି। ଉକ୍ତ ୩୫ଟି ହସ୍ପିଟାଲକୁ ସ୍ୱାସ୍ଥ୍ୟ ସୁରକ୍ଷା ସମିତି ସିଇଓ ଡ଼ା ବୃନ୍ଦା ଡ଼ି ଚିଠି ଲେଖି ୫ ଦିନରେ ପ୍ରମାଣପତ୍ର ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଡ଼ାକ୍ତରଖାନାଗୁଡ଼ିକ ଏଥିରେ ଖିଲାପ କରିବେ, ସେମାନଙ୍କୁ ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରୁ ନିଲମ୍ବିତ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସୂଚୀରେ କେନ୍ଦ୍ର ସରକାରଙ୍କ ପରିଚାଳିତ ଏମ୍ସ ସହ ▶ପୃଷ୍ଠା-୭

## ରାଜଧାନୀରେ ଲଜ୍ଜା! ପାର୍ଲରରେ ଯୁବତୀଙ୍କୁ ଗଣଦୁଷ୍କର୍ମ

**ଚାକିରି କରିବାକୁ ପାର୍ଲରକୁ ଆସିଥିଲେ**

**ମାଲିକ, କର୍ମଚାରୀ ଗିରଫ; ଜଣେ ଫେରାର**

**ପାର୍ଲରରୁ ଆପତ୍ତିଜନକ ସାମଗ୍ରୀ ଜବତ**

**ହ୍ୱାଟ୍ସଆପରୁ ମିଳିଲା ଚାଞ୍ଚଲ୍ୟକର ତଥ୍ୟ**



■ ଭୁବନେଶ୍ୱର, ୯।୬ (ସମିସ): ପାହାଳ ଓ ଧଉଳି ଥାନା ଅଞ୍ଚଳରେ ଯୁବତୀଙ୍କୁ ଦୁଷ୍କର୍ମ ଘଟଣା ମନରୁ ନ ଯାଉଣୁ ଆଉ ଏକ ଗଣଦୁଷ୍କର୍ମ ଘଟଣା ସାମ୍ନାକୁ ଆସିଛି। ଚାକିରି କରିବାକୁ ଆସି ଗଣଦୁଷ୍କର୍ମର ଶିକାର ହୋଇଛନ୍ତି ୨୦ ବର୍ଷୀୟା ଯୁବତୀ। ଜାଗମରା ଅଞ୍ଚଳରେ ଥିବା ଏକ ୟୁନିସେକ୍ସ ପାର୍ଲରରେ ଏଭଳି କାଣ୍ଡ ଘଟିଛି। ଅଭିଯୋଗ ପାଇବା ପରେ ପାର୍ଲର ମାଲିକ ଓ କର୍ମଚାରୀଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ସତ୍ୟସାଇ ଏନକ୍ଲେଭରେ ରହୁଥିବା ରବୀନ୍ଦ୍ର କୁମାର ମହାନ୍ତି (୫୦) ଓ ବଡ଼ମ୍ବା ଥାନା ରଗଡ଼ିପଡ଼ାର ସନ୍ତୋଷ କୁମାର ବାରିକ (୫୨)।

ପୁଲିସ ସୂଚନାନୁସାରେ, କୋଲଥିଆ ସତ୍ୟସାଇ ଏନକ୍ଲେଭର ରବୀନ୍ଦ୍ର ଜାଗମରା ଅଞ୍ଚଳରେ ଏକ ୟୁନିସେକ୍ସ ପାର୍ଲର କରିଥିବା ବେଳେ ସନ୍ତୋଷ ସେଠାରେ କାମ କରୁଥିଲା। ନିକଟରେ ଯୁକ୍ତ ୩ ପାସ୍ କରିଥିବା ବଡ଼ଗଡ଼ ଥାନା ଅଞ୍ଚଳର ଜଣେ ୨୦ବର୍ଷୀୟା ଯୁବତୀ ଚାକିରି ସନ୍ଧାନରେ ଥିଲେ। ଗତ ୩ ତାରିଖ ଦିନ ଯୁବତୀଜଣଙ୍କ ତାଙ୍କର ଜଣେ ସମ୍ପର୍କୀୟ ମାଧ୍ୟମରେ ରବୀନ୍ଦ୍ରଙ୍କ ପାର୍ଲରକୁ ଯାଇଥିଲେ। ସେଠାରେ ରବୀନ୍ଦ୍ର ଓ ସନ୍ତୋଷ ସହ କଥାବାର୍ତ୍ତା ହୋଇଥିଲେ। କଥାବାର୍ତ୍ତା ମୁତାବକ, ଯୁବତୀଜଣଙ୍କ ସେହି ପାର୍ଲରରେ କାମ କରିବା ସହ ଗ୍ରାହକମାନଙ୍କୁ ମସାଜ୍ କରିଥା’ନ୍ତେ। ଏହି ସମୟରେ ସେଠାରେ ଅନ୍ୟ ଜଣେ ଗ୍ରାହକ ମଧ୍ୟ ଉପସ୍ଥିତ ଥିଲେ। ଯୁବତୀଙ୍କୁ ଏକାକୀ ପାଇ ରବୀନ୍ଦ୍ର, ସନ୍ତୋଷ ଓ ଗ୍ରାହକଜଣଙ୍କ ଯୌନପିପାସୁ ପାଲଟି ଯାଇଥିଲେ। କଥାବାର୍ତ୍ତା ଚାଲିଥିବା ସମୟରେ ସନ୍ତୋଷ ହଠାତ୍ ପାର୍ଲର୍‌ର କବାଟକୁ ଭିତରପଟୁ ବନ୍ଦ କରି ଦେଇଥିଲା। କବାଟ ବନ୍ଦ ହେବାପରେ ରବୀନ୍ଦ୍ର ଯୁବତୀଙ୍କୁ ଟଣାଓଟରା କରିବା ସହ ଦୁଷ୍କର୍ମ କରିଥିଲା। ଯୁବତୀଜଣଙ୍କ କାକୁତିମିନତି ହୋଇଥିଲେ ମଧ୍ୟ କେହି ଶୁଣିନଥିଲେ। ରବୀନ୍ଦ୍ରଙ୍କ ପରେ ସନ୍ତୋଷ ମଧ୍ୟ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲା। ଏମିତିକି, ଉପସ୍ଥିତ ଥିବା ଗ୍ରାହକ ମଧ୍ୟ ଯୁବତୀଙ୍କୁ ଛାଡ଼ିନଥିଲା। ଅଭିଯୁକ୍ତମାନେ ମିଳିମିଶି ଦୁଷ୍କର୍ମ କରିବା ପରେ ଯୁବତୀଙ୍କୁ ବିଭିନ୍ନ ପ୍ରକାରର ଧମକଚମକ ଦେଇଥିଲେ। ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ତାଙ୍କୁ ଓ ତାଙ୍କ ପରିବାରକୁ ଜୀବନରେ ମାରିଦେବେ ବୋଲି ଧମକାଇଥିଲେ। ଏଥିରେ ଯୁବତୀଜଣଙ୍କ ଭୟଭୀତ ହୋଇ ଘରକୁ ଫେରିଯାଇଥିଲେ। କିଛି ଦିନ ମାନସିକ ଅବସାଦରେ ରହିବା ପରେ ପରିବାରଲୋକଙ୍କୁ ସବୁ କଥା ଜଣାଇଥିଲେ। ପରିବାରଲୋକଙ୍କ ପରାମର୍ଶ କ୍ରମେ ଯୁବତୀଜଣଙ୍କ ଖଣ୍ଡଗିରି ଥାନାରେ ▶ପୃଷ୍ଠା-୭

### କନ୍‌ଷ୍ଟେବଲ୍ ସୌମ୍ୟଙ୍କୁ ପୁଲିସ ଏଡିଜିଙ୍କ ବେଠି ଖଟାଇବା ଅଭିଯୋଗ

## ପୁଲିସ ମୁହଁରେ ତାଲା; ସାର୍ବଜନୀନ ହେଉନାହିଁ ରିପୋର୍ଟ

■ ଭୁବନେଶ୍ୱର ୯।୬ (ସମିସ): ଏଡିଜି ଦୟାଲ ଗଙ୍ଗୱାର ଜିଆର୍‌ପି କନ୍‌ଷ୍ଟେବଲ ସୌମ୍ୟଙ୍କୁ ଘରୋଇ ସହାୟକ ଭାବେ ଖଟାଇବା ଅଭିଯୋଗ ପରେ ରାଜ୍ୟ ପୁଲିସ ପକ୍ଷରୁ କରାଯାଇଛି ବିଭାଗୀୟ ତଦନ୍ତ। ରେଳବାଇ ଓ ତଟ ସୁରକ୍ଷା ଏଡିଜିଙ୍କୁ ଏ ସଂକ୍ରାନ୍ତରେ ତଦନ୍ତ କରି ୩୦ ତାରିଖ ମଧ୍ୟରେ ରିପୋର୍ଟ ଦେବାକୁ ଲେଖାଯାଇଥିବା ଚିଠି ଆଧାରରେ ତଦନ୍ତ ହୋଇଛି। ଏହି ରିପୋର୍ଟ ସୌମ୍ୟଙ୍କ ପରିବାରକୁ ନ୍ୟାୟ ପାଇଁ ବାଟ ପ୍ରସ୍ତୁତ କରିବ ବୋଲି କୁହାଯାଉଥିବା ବେଳେ ବାସ୍ତବରେ ଏଥିରେ କ’ଣ ଅଛି; ତାହା କାହାକୁ ଜଣାନାହିଁ। ଏ ସମ୍ପର୍କରେ ପୁଲିସ ମୁହଁରେ ତାଲା ମାରି ବସିଛି ଓ ରିପୋର୍ଟ ସାର୍ବଜନୀନ ହୋଇନାହିଁ। ଅନ୍ୟପକ୍ଷରେ ପୁଲିସ ବିଭାଗର ବିରାଦରୀ ପ୍ରୀତି ଏହି ରିପୋର୍ଟରେ ପ୍ରତିଫଳିତ ହୋଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ଯଦି ବିଭାଗୀୟ ତଦନ୍ତ ରିପୋର୍ଟରେ ଏଡିଜି ଗଙ୍ଗୱାରଙ୍କୁ କ୍ଲିନ୍‌ଚିଟ୍ ଦିଆଯାଇଥିବ ତେବେ ଏହି ମାମଲାରୁ ସେ ଖସିଯିବେ। ଯଦି ଏହି ରିପୋର୍ଟରେ ତାଙ୍କ ଅଭିଯୋଗ ସମ୍ପୃକ୍ତି ନେଇ ଉଲ୍ଲେଖ ରହିଥିବ ତେବେ ଏହା ତାଙ୍କ ପାଇଁ ଅଡୁଆ ବଢାଇପାରେ। ତେଣୁ ଏହି ରିପୋର୍ଟର ନିର୍ଯ୍ୟାସକୁ ସମସ୍ତେ ଚାହିଁ ରହିଥିବା ବେଳେ ପୁଲିସର ରହସ୍ୟମୟ ନିରବତା ଏବେ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି।

ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ସୌମ୍ୟଙ୍କ ପରିବାର ଲୋକେ ପ୍ରଥମରୁ ପୁଲିସର ତଦନ୍ତ ଉପରେ ସନ୍ଦେହ କରୁଥିଲେ। କମିସନରେଟ୍ ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଦୁଇଟି ଯାକ ବିଭାଗ ରାଜ୍ୟ ପୁଲିସ ଅଧୀନରେ ଆସୁଛି। ଉଭୟ ବିଭାଗର ମୁଖିଆ ମଧ୍ୟ ଜଣେ। ତେଣୁ ଜଣେ ବରିଷ୍ଠ ଆଇପିଏସ୍ ବିରୋଧରେ ସଙ୍ଗୀନ ଅଭିଯୋଗର ତଦନ୍ତ ଅନ୍ୟଜଣେ ଆଇପିଏସ୍ କଲେ, କିପରି ନିରପେକ୍ଷ ହେବ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏଣୁ ବାଲିଅନ୍ତା ଭିଡ଼ହତ୍ୟା ମାମଲା ଓ ଏଡିଜିଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ସିବିଆଇ ବା ବିଚାରବିଭାଗୀୟ ଅଧିକାରୀଙ୍କ ଦ୍ୱାରା କରିବାକୁ ପରିବାର ଲୋକମାନେ ଦାବି କରୁଛନ୍ତି।

ତଦନ୍ତରେ ସ୍ୱଚ୍ଛତା ରହିବ ଓ ସବୁକିଛି ଗଣମାଧ୍ୟମକୁ ଅବଗତ କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ଏକ ସାମ୍ବାଦିକ ସମ୍ମିଳନୀରେ ▶ପୃଷ୍ଠା-୭

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବି ଖାତିର ନାହିଁ

### ପ୍ରାକୃତିକ ବିପର୍ଯ୍ୟୟ ସୂଚୀଭୁକ୍ତ ହେଲାନାହିଁ ବନ୍ୟପ୍ରାଣୀ ଆକ୍ରମଣଜନିତ ମୃତ୍ୟୁ



**ମୃତ୍ୟୁ ଯୋଗୁଁ ୧୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଥିଲା ନିର୍ଦ୍ଦେଶ**

**ଏଯାଏ ବଢ଼ିନାହିଁ ସାପ କାମୁଡ଼ା ମୃତ୍ୟୁ ଜନିତ ଅନୁକମ୍ପା ରାଶି**

■ଭୁବନେଶ୍ୱର, ୯।୬ (ସମିସ): ବନ୍ୟପ୍ରାଣୀ ଆକ୍ରମଣ ଯୋଗୁଁ ମନୁଷ୍ୟଙ୍କ ମୃତ୍ୟୁ ଘଟଣାକୁ ପ୍ରାକୃତିକ ବିପର୍ଯ୍ୟୟ ସୂଚୀ ଅନ୍ତର୍ଭୁକ୍ତ କରିବ ଓ ଏ ବାବଦରେ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ମାତ୍ର ଏହି ନିର୍ଦ୍ଦେଶକୁ ୬ ମାସ ବିତିଯାଇଥିଲେ ମଧ୍ୟ ଓଡ଼ିଶାରେ ଏହା ଲାଗୁ ହୋଇପାରି ନାହିଁ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପରେ ଏହି ମାମଲାଗୁଡ଼ିକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକାଭୁକ୍ତ କରାଯାଇଥିଲେ କ୍ଷତିପୂରଣ ଅର୍ଥରାଶି ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ପ୍ରଦାନ କରାଯାଇଥାନ୍ତା। ମାତ୍ର ଏଯାଏ ଏ ସଂକ୍ରାନ୍ତରେ ସ୍ପଷ୍ଟ ନିର୍ଦ୍ଦେଶ ଜାରି ହୋଇ ନ ଥିବାରୁ ପୂର୍ବରୁ ରାଜ୍ୟ ସରକାର ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ ଲାଗି ପ୍ରଦାନ କରାଯାଉଥିବା ଅନୁକମ୍ପାରାଶି ବନ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଛି।

ଓଡ଼ିଶାରେ ଦୀର୍ଘବର୍ଷ ହେଲା ସାପ କାମୁଡ଼ା ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକାଭୁକ୍ତ କରାଯାଇଛି । ଏ ବାବଦରେ ମୃତକଙ୍କ ପରିବାରକୁ କେବଳ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଏହାକୁ ନେଇ ଅନେକ ଦିନରୁ ସରକାରୀ ବ୍ୟବସ୍ଥା ଓ ସାମାଜିକ କର୍ମୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ବନ୍ୟପ୍ରାଣୀ ଆକ୍ରମଣରେ ମଣିଷ ମୃତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମିଳୁଥିବା ବେଳେ ସାପ କାମୁଡ଼ା ମୃତ୍ୟୁ କ୍ଷେତ୍ରରେ ଏହି ରାଶି ୪ ଲକ୍ଷରେ ସୀମିତ ରହିଛି। ଭାରତୀୟ ବନ୍ୟ ପ୍ରାଣୀ ଆଇନ୍‌ରେ ମଣିଷକୁ ମାରିବା ଭଳି କ୍ଷମତା ରଖିଥିବା ସବୁ ସାପ ସିଡ୍ୟୁଲ୍-୧ ଏବଂ-୨ ତାଲିକା ଅନ୍ତର୍ଭୁକ୍ତ ରହିଛନ୍ତି। ନାଗ, ତମ୍ପ, ଚନ୍ଦନ ବୋଡ଼ା, ଅହିରାଜ ସିଡ୍ୟୁଲ୍-୧ ସାପ ଭାବେ ଗଣାଯାଉଥିବା ବେଳେ ସିଡିଲ୍ୟୁ-୧ ତାଲିକାରେ ହାତୀ, ବାଘ, କୁମ୍ଭୀର ମଧ୍ୟ ରହିଛନ୍ତି। ସେହିପରି ଚିତି, ରଣା, ଧୂଳିଆ ବୋଡ଼ା ଆଦି ସାପ ସିଡ୍ୟୁଲ-୨ ସୂଚୀରେ ରହିଛନ୍ତି। ତେଣୁ ସାପ କାମୁଡାରେ କାହାରି ମୃତ୍ୟୁ ହେଲେ ମଧ୍ୟ ସମାନ ଭାବରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇ ଆସୁଛି।

ଗତ ନଭେମ୍ବର ୧୭ ତାରିଖରେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପରେ ସାପ କାମୁଡା ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ଅନୁକମ୍ପାମୂଳକ ରାଶି ୪ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଥିଲେ। ଏହି କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ରାଜ୍ୟ ସରକାର ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିଶ କରିଥିଲେ। କ୍ଷତିପୂରଣ ରାଶି ▶ପୃଷ୍ଠା-୭

### ଉତ୍ସବ ପାଇଁ ବେଳାଭୂମି ପ୍ରଦୂଷିତ

# ଗଦା ହୋଇଛି ସୋଲ ଦନା ଓ ପଲିଥିନ୍

ପାରାଦୀପ, ୯।୬(ସମିସ)



ପାରାଦୀପ ଭଳି ଶିଳ୍ପଭିତ୍ତିକ ବନ୍ଦର ସହର ଉପରେ ଲକ୍ଷ ଲକ୍ଷ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭରଶୀଳ। ପରିବାର ଓ ବନ୍ଧୁବର୍ଗଙ୍କ ସହ ସମୟ ବିତାଇବା ସହ ମନୋରଞ୍ଜନ ପାଇଁ ପ୍ରତିଦିନ ଅନେକ ଲୋକ ପାରାଦୀପ ସମୁଦ୍ର ବେଳାଭୂମିକୁ ଆସୁଥାନ୍ତି। ବେଳାଭୂମିରେ ଅନୁଷ୍ଠିତ ବିଭିନ୍ନ ମେଳା ଓ ମହୋତ୍ସବ ସ୍ଥାନୀୟ ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ରୋଜଗାରର ସୁଯୋଗ ଦେଇଥାଏ, ଯାହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ବର୍ତ୍ତମାନ ବେଳାଭୂମିରେ ଚାଲିଥିବା ରଜ ମହୋତ୍ସବରେ ବିପୁଳ ପରିମାଣର ସୋଲ (ଥର୍ମାକୋଲ) ଦନା ଏବଂ ଏକକ ବ୍ୟବହୃତ ପଲିଥିନ ବ୍ୟବହାର ଦେଖିବାକୁ ମିଳୁଥିବାରୁ ପରିବେଶବିତ୍ତ ଓ ସଚେତନ ନାଗରିକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନେକ ବ୍ୟବସାୟୀ ଶସ୍ତା ଦରରେ ଉପଲବ୍ଧ ହେଉଥିବା ଥର୍ମାକୋଲ ଦନାରେ ଗରମ ଖାଦ୍ୟ ପରିବେଷଣ କରୁଥିବା ବେଳେ, ଏହା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ଭାବେ ବିପଦ ସୃଷ୍ଟି କରୁଛି। ବିଶେଷକରି ଶିଶୁମାନେ ଏହାର ଅଧିକ ପ୍ରଭାବରେ ପଡ଼ିପାରନ୍ତି। ପରିବେଶବିତ୍ତ ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି ଯେ, 'ପ୍ରଶାସନିକ କର୍ମଚାରୀ ମାସ ଶେଷରେ ଦରମା ପାଇ ଖୁସି, ବ୍ୟବସାୟୀ ବ୍ୟବସାୟ କରି ଲାଭବାନ, ଏବଂ ଗ୍ରାହକ ମୁହୂର୍ତ୍ତକ ସୁଖ ପାଇଁ ଗରମ ଖାଦ୍ୟ ଉପଭୋଗ କରୁଛନ୍ତି। କିନ୍ତୁ ଆମେ ଭୁଲିଯାଉଛୁ ଯେ ଏହି ଅବହେଳା ଆମ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଦୀର୍ଘମିଆଦି ପ୍ରଭାବ ପକାଉଛି।' ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ଏବଂ କ୍ୟାନ୍ସର, ହୃଦ୍‌ରୋଗ ଭଳି ବିଭିନ୍ନ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ପଛରେ ଆମର ଦୈନନ୍ଦିନ ଅସଚେତନତା ମଧ୍ୟ ଏକ ପ୍ରମୁଖ କାରଣ। ତେଣୁ ପ୍ରଶାସନ ମେଳା ଆୟୋଜନ ପୂର୍ବରୁ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ସମ୍ବନ୍ଧୀୟ କଡ଼ା ନିୟମ ଲାଗୁ କରିବା ସହ ସୋଲ ଦନା ଓ ଏକକ ବ୍ୟବହୃତ ପଲିଥିନ ଉପରେ ନଜରଦାରି ବଢ଼ାଇବା ଆବଶ୍ୟକ। ସେ ସାଧାରଣ ଜନତାଙ୍କୁ ମଧ୍ୟ ସଚେତନ ହେବାକୁ ଆହ୍ୱାନ ଦେଇ କହିଛନ୍ତି ଯେ, ଡଷ୍ଟବିନ ବ୍ୟବହାର କରିବା, ପରିବେଶ ଅନୁକୂଳ ସାମଗ୍ରୀ ଆପଣାଇବା ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ଥର୍ମକୋଲ (ସୋଲ ଦନା) ବର୍ଜନ କରିବା ଦ୍ୱାରା ପରିବେଶ ସୁରକ୍ଷା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ନିଆଯାଇପାରିବ।

# ପାରାଦୀପ ନିର୍ବାଚନ ମଣ୍ଡଳୀ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାପାଳ



**ପାରାଦୀପ, ୯।୬(ସମିସ):** ଜଗତସିଂହପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ପାରାଦୀପ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଆଜି ପାରାଦୀପ ପୌର ପରିଷଦର ବିଭିନ୍ନ ୱାର୍ଡ ପରିଦର୍ଶନ କରି ମତାଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟର ତଦାରଖ କରିଛନ୍ତି। ଏଥିସହିତ ସମସ୍ତଙ୍କୁ ଏସ୍ଆଇଆର ପ୍ରକ୍ରିୟାରେ ସାମିଲ ହୋଇ ଏକ ସ୍ୱଚ୍ଛ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ସହାୟତା ପାଇଁ ସଚେତନ କରିଛନ୍ତି। ଜୁନ୍ ୮ ତାରିଖ ସୁଦ୍ଧା ପାରାଦୀପ ନିର୍ବାଚନ ମଣ୍ଡଳୀରେ ମୋଟ ୧, ୫୧, ୪୫୮ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏଥିରେ ୬୯.୦୯ ପ୍ରତିଶତ ମତଦାତା ବର୍ତ୍ତମାନ ସୁଦ୍ଧା ଏସଆଇଆର ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ଏହି ପରିଦର୍ଶନ ସମୟରେ ପାରାଦୀପ ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଡେପୁଟି କଲେକ୍ଟର, ପାରାଦୀପ ସାୟେଦା ନାୟେଲା, ବିଏଲ୍ଓ, ବିଏଲ୍ଓ ସୁପରଭାଇଜର, ବିଏଲ୍ଏ, ମାନେ ଉପସ୍ଥିତ ଥିଲେ।

# କିରାସିନୀ ଢାଳି ନବବଧୂଙ୍କ ଆତ୍ମହତ୍ୟା ଅଭିଯୋଗ



**ବାଲିକୁଦା, ୯।୬(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ନାଗପୁର ପଞ୍ଚାୟତ ନରସିଂହପୁର ଗ୍ରାମରେ ଜଣେ ନବବଧୂର ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି। ବିବାହର ମାତ୍ର ୪ ମାସ ମଧ୍ୟରେ ସେ ଦେହରେ କିରାସିନୀ ଢାଳି ଆତ୍ମହତ୍ୟା କରିଥିବା କୁହାଯାଉଛି। ମୃତକ ଶୁଭଲକ୍ଷ୍ମୀ ଦାସ ଜଗତସିଂହପୁର ଥାନା ଅନ୍ତର୍ଗତ ମୁଦୁପୁର ପଞ୍ଚାୟତର ଦୈତାରୀ ଦାସଙ୍କ କନ୍ୟା। ସେ ଗତ ୨୫ ଫେବୃଆରୀ ୨୦୨୬ରେ ନରସିଂହପୁର ଗ୍ରାମର ଅରୁଣ ସାମଲଙ୍କ ପୁତ୍ର ପ୍ରକାଶ ସାମଲଙ୍କୁ ବିବାହ କରିଥିଲେ।

ସୂଚନା ଅନୁଯାୟୀ, ସୋମବାର ସକାଳ ପ୍ରାୟ ୭ଟା ସମୟରେ ଘରର ଅନ୍ୟ ସଦସ୍ୟମାନେ ନିଜ ନିଜ କାମରେ ବାହାରକୁ ଯାଇଥିବା ବେଳେ ହଠାତ୍ ଘର ଭିତରୁ ଧୂଆଁ ବାହାରୁଥିବା ଦେଖି ପଡ଼ୋଶୀମାନେ ଆତଙ୍କିତ ହୋଇପଡ଼ିଥିଲେ। ସେମାନେ ତୁରନ୍ତ କବାଟ ଖୋଲିବାରୁ ଶୁଭଲକ୍ଷ୍ମୀଙ୍କ ଶରୀରର ପ୍ରାୟ ୮୦ ପ୍ରତିଶତ ଅଂଶ ପୋଡ଼ି ଯାଇଥିବା ଦେଖିବାକୁ ପାଇଥିଲେ। ପଡ଼ୋଶୀମାନେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାଲିକୁଦା ମେଡିକାଲକୁ ନେଇଥିଲେ। ସେଠାରେ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଡାକ୍ତରମାନେ ତୁରନ୍ତ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ହେଲେ ସମସ୍ତ ଚିକିତ୍ସା ପ୍ରୟାସ ସତ୍ତ୍ୱେ ଶୁଭଲକ୍ଷ୍ମୀଙ୍କୁ ବଞ୍ଚାଇ ପାରିନଥିଲେ ଡାକ୍ତର। ଏହି ଘଟଣାରେ ଶୁଭଲକ୍ଷ୍ମୀଙ୍କ ପରିବାର ପକ୍ଷରୁ ପିତା ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ୨୨୭/୨୬ରେ ମାମଲା ରୁଜୁ କରି ଯୌତୁକ ଜନିତ ହତ୍ୟା ମାମଲାରେ ପୁଲିସ ସ୍ୱାମୀ ପ୍ରକାଶକୁ ହେପାଜତକୁ ନେଇ ଅଧିକ ତଦନ୍ତ ଜାରି ରଖିଛନ୍ତି। ଏହି ହୃଦୟବିଦାରକ ଘଟଣା ପରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଲହରୀ ଖେଳିଯାଇଛି। ଅନ୍ୟପକ୍ଷରେ ଏହା ଆତ୍ମହତ୍ୟା ନା ହତ୍ୟା ଘଟଣା ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ ପ୍ରକାଶ କରିଛନ୍ତି। ତେବେ ଶୁଭଲକ୍ଷ୍ମୀ ପ୍ରେମ ବିବାହ କରିଥିବା କାରଣରୁ ବାପଘର ଲୋକେ ଝିଅ ସହ ସମ୍ପର୍କ କାଟି ଦେଇଥିଲେ। ଆଜିର ଘଟଣା ପରେ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ସାଇଣ୍ଟିଫିକ ଟିମ୍ ଓ ଡଗ ସ୍କ୍ୱାର୍ଡ ଜରିଆରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ନିମନ୍ତେ ସଚେତନତା



**ଜଗତସିଂହପୁର, ୯।୬(ସମିସ):** ଜଗତସିଂହପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର ସେଲ୍ଫି ଜୋନ ଓ ମତଦାତା ସହାୟତା କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି। ୧୦୨ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ରଞ୍ଜନ ରାୟ, ୧୦୩ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ୧୦୪ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଏହି ଜୋନରେ ସେଲ୍ଫି ଉଠାଇବା ସହ ମତଦାତାମାନଙ୍କୁ ବିଏଲଓଙ୍କ ଦ୍ୱାରା ପରିଗଣନା ଫର୍ମ ବଣ୍ଟନ ଓ ପୂରଣ ସମ୍ପର୍କରେ ସଚେତନ କରିଥିଲେ। ଏଥିସହିତ ସମସ୍ତଙ୍କୁ ଏସ୍ଆଇଆର ପ୍ରକ୍ରିୟାରେ ସାମିଲ ହୋଇ ଏକ ସ୍ୱଚ୍ଛ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ସହାୟତା ପାଇଁ ସଚେତନ କରିଛନ୍ତି। ଡେପୁଟି କଲେକ୍ଟର ତଥା ସ୍ୱିପ୍ ନୋଡାଲ ଅଧିକାରୀ ତୃପ୍ତିମୟୀ ପ୍ରଧାନ ଓ ଅନ୍ୟ ଅଧିକାରୀମାନେ କାର୍ଯ୍ୟାଳୟକୁ ଆସୁଥିବା ନାଗରିକମାନଙ୍କୁ ପରିଗଣନା ଫର୍ମ ପୂରଣ ବିଷୟରେ ଅବଗତ କରିଥିଲେ। ଏପରିକି ଅନଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିପାରିବେ ଓ କୌଣସି ଅସୁବିଧା ହେଲେ ଟୋଲ୍ ଫ୍ରି ନମ୍ବର ୧୯୫୦ରେ କଲ କରିପାରିବେ ବୋଲି ସୂଚନା ଦେଇଥିଲେ। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ଏଲ୍ଓ, ବିଏଲଓ, ସୁପରଭାଇଜରମାନେ ଉପସ୍ଥିତ ଥିଲେ।

# ଶିକ୍ଷକ କାଳନ୍ଦୀ ଚରଣ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା

**ତିର୍ତ୍ତୋଲ, ୯।୬(ସମିସ):** ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ପଟିଲୋ ପଞ୍ଚାୟତ ସେଉଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳନ୍ଦୀ ଚରଣ ସ୍ୱାଇଁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ବାବୁଲି ସ୍ୱାଇଁ, ମୁଖ୍ୟବକ୍ତା ଭାବେ ନବକାକଳିର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ପଞ୍ଚଶଖା ଶିକ୍ଷା ସେତୁ ସଭାପତି ଧୀରେନ୍ଦ୍ର ନାଥ ବିଶ୍ୱାଳ, ପ୍ରାକ୍ତନ ସିଆର୍‌ସିସି ପ୍ରଦୀପ ରଥ, ସିଆରସିସି ପ୍ରଦୀପ୍ତ ମହାନ୍ତି, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସମାପ୍ତି ମହାରଣା, ଶିକ୍ଷକ ଟୁଟୁ ଦାଶ, କୈଳାସ ବିଶ୍ୱାଳ, ପ୍ରଶାନ୍ତ ସାହୁ, ସ୍ୱପ୍ନାମଞ୍ଜରୀ ଆଚାର୍ଯ୍ୟ, ପ୍ରଣତୀ ରାଉତ, ଦୀପକ ମହାନ୍ତି, ତମସା ସ୍ୱାଇଁ, ବିଜୟଲକ୍ଷ୍ମୀ ମହାନ୍ତି, ମନୋରମା ଦାଶ, ବଂଶୀଧର ସ୍ୱାଇଁ, ଅଭିଲିପ୍ସା ସ୍ୱାଇଁ, ନୀଳମଣି ନାୟକ ପ୍ରମୁଖ ଯୋଗଦେଇଥିଲେ। ପରେ ବିଦ୍ୟାଳୟ ତଥା ସାଧନ କେନ୍ଦ୍ର ପକ୍ଷରୁ ଶ୍ରୀ ସ୍ୱାଇଁଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଦୀପକ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ପୁନଚନ୍ଦ୍ର ନାୟକ ଧନ୍ୟବାଦ୍ ଦେଇଥିଲେ।

# ଅମୃତା ଫାଉଣ୍ଡେସନ ଦ୍ୱାରା ସାମ୍ବାଦିକ ସମ୍ବର୍ଦ୍ଧିତ



**ଜଗତସିଂହପୁର, ୯।୬(ସମିସ):** ଜଗତସିଂହପୁର ସହରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଅମୃତା ଫାଉଣ୍ଡେସନର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫାଉଣ୍ଡେସନର ନିର୍ଦ୍ଦେଶକ ଡ. ବଟ କିଶୋର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଉଦ୍‌ଘାଟନ କରିଥିଲେ ଫାଉଣ୍ଡେସନର ଉପଦେଷ୍ଟା ଜିତେନ୍ଦ୍ର କୁମାର ମହାନ୍ତି। ଏଥିରେ ଆମେରିକା ନର୍ଥ କାରୋଲିନାସ୍ଥ ବି.ଆଇପିର ସିଇଓ ଡ. ଧିରେନ୍ଦ୍ର କର ଏବଂ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଗାଦୀବ୍ରହ୍ମ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ମହାନ୍ତି ଯୋଗଦେଇଥିଲେ। ଉତ୍ସବରେ ସ୍ୱାଗତ ଭାଷଣ ଦେଇଥିଲେ ଅମୃତା ଫାଉଣ୍ଡେସନର ଅଧ୍ୟକ୍ଷ ଡ. ଅଭୟ ନାୟକ ଏବଂ କାର୍ଯ୍ୟକ୍ରମକୁ ସଞ୍ଚାଳନ କରଥିଲେ ଫାଉଣ୍ଡେସନର ମୁଖ୍ୟ ସଂଯୋଜକ ସଙ୍ଗମ କିଶୋର ମହାନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ୨୯ ଅମୃତା କନ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉତ୍ସବ ଅବସରରେ ଦୈନିକ 'ସକାଳ'ର ଜଗତସିଂହପୁର ଜିଲ୍ଲା ପ୍ରତିନିଧି ଶଶାଙ୍କ ଶେଖର ପଣ୍ଡାଙ୍କ ସମେତ ୧୨ ଜଣ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର କୋଷାଧ୍ୟକ୍ଷଙ୍କ ସ୍ମୃତିସଭା



**ଜଗତସିଂହପୁର, ୯।୬(ସମିସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ଗ୍ରାମପଞ୍ଚାୟତ ଗଙ୍ଗାପୁର ଗ୍ରାମର ସାମାଜିକ କର୍ମୀ ତଥା ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର କୋଷାଧ୍ୟକ୍ଷ ରବି ମହାନ୍ତିଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ରେଢୁଆ ରଘୁନାଥଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପରିଷଦର ସଭାପତି ଅଲେଖ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଉକ୍ତ ସଭାରେ ପରିଷଦର କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଉତ, ଉପଦେଷ୍ଟା ଗୀତା ରଥ, ସୁରେନ ରାଉତ, ସଦାଶିବ ବିଶ୍ୱାଳ, ଅରୁଣ କୁମାର ରାଉତରାୟ, ରବି ନାରାୟଣ ରଥ, ଶିଶିର କୁମାର ତ୍ରିପାଠୀ, ପରୀକ୍ଷିତ ମହାନ୍ତି, ଉପେନ୍ଦ୍ର ନାଥ ରଥ, ବନମାଳୀ ମହାରଣା, ଗୋବିନ୍ଦ ଓଝା, ରାଜକିଶୋର ସାହୁ, ଶୁଭଙ୍କର ଜେନା, ଅରୁଣ କୁମାର ମହାରଣା, ବିଜୟାନନ୍ଦ ସ୍ୱାଇଁ, ତପନ କୁମାର ରାଉତରାୟ, ସନ୍ତୋଷ କୁମାର ସ୍ୱାଇଁ, ଶିବପ୍ରସାଦ ମାଝୀ, ସରୋଜ କୁମାର ରାୟ, ସରୋଜ କୁମାର ନାୟକ, ପ୍ରଦୀପ୍ତ କୁମାର ମହାନ୍ତି, ତନ୍ମୟ କାନ୍ତ ପଣ୍ଡା, ପ୍ରଦୀପ୍ତ କୁମାର ବିଶ୍ୱାଳ, ପରିଷଦର ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ, ସହ ସମ୍ପାଦକ ବିଶ୍ୱଜିତ ଦାଶ ପ୍ରମୁଖ ଯୋଗଦେଇଥିଲେ। ପରିଷଦର ଯୁଗ୍ମ ସମ୍ପାଦକ ବିଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଏସ୍‌ଡବ୍ଲ୍ୟୁରେ ପରିବେଶ ଦିବସ



**ପାରାଦୀପ, ୯।୬(ସମିସ):** ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଗ୍ରୀନ୍ ଫିଲ୍ଡ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ପକ୍ଷରୁ ବିଶ୍ୱ ପରିବେଶ ଦିବସ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପାଳିତ ହୋଇଯାଇଛି। ପ୍ରକୃତିରୁ ପ୍ରେରିତ, ଜଳବାୟୁ ପାଇଁ, ଭବିଷ୍ୟତ ପାଇଁ ସ୍ଲୋଗାନ ସହିତ ପାଳିତ ହୋଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ବିବେଚିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ କର୍ମଚାରୀମାନଙ୍କୁ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା। ପରିବେଶ ସୁରକ୍ଷା ସହିତ ପରିବେଶ ସଚେନତା ଏହି ଉତ୍ସବ ପାଳନର ମୂଳ ଲକ୍ଷ୍ୟ ଥିଲା ବୋଲି କମ୍ପାନୀ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି।

# ଦୁଇ ସାମ୍ବାଦିକଙ୍କ ଉପରେ ମରଣାନ୍ତକ ଆକ୍ରମଣ

**ଗରଦପୁର, ୯।୬(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ମଧୁଗଡ଼ିଜଙ୍ଗ ଅଞ୍ଚଳରେ କାର୍ଯ୍ୟରତ ଦୁଇଜଣ ସାମ୍ବାଦିକଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଆହତ ସାମ୍ବାଦିକ କଳିଙ୍ଗ ଟିଭି ପ୍ରତିନିଧି ଲକ୍ଷ୍ମଣ ନାୟକ ଓ ନ୍ୟୁଜ-୭ର କ୍ୟାମେରାମ୍ୟାନ ସଞ୍ଜୟ ବେହେରା। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିବାରୁ ସେମାନଙ୍କୁ କଟକସ୍ଥ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ସଂଗ୍ରହ ପାଇଁ ଉଭୟ ସାମ୍ବାଦିକ ଯାଉଥିବାବେଳେ ମଧୁଗଡ଼ିଜଙ୍ଗ ନିକଟରେ କିଛି ଦୁର୍ବୃତ୍ତ ପଛପଟରୁ ଆସି ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ। ପରେ ବିଭିନ୍ନ ମାରଣାସ୍ତ୍ର ଧରି ଅତର୍କିତ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଉଭୟ ଗୁରୁତର ଆହତ ହୋଇ ରାସ୍ତାକଡ଼ରେ ପଡ଼ିଥିଲେ। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ପୁଲିସ ଉଭୟଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏସ୍‌ସିବି ମେଡିକାଲକୁ ପଠାଯାଇଥିଲା। ଘଟଣା ପରେ ଭଦ୍ରେଶ୍ୱର ଥାନା ଓ ନେମାଳ ଥାନାର ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆହତ ସାମ୍ବାଦିକଙ୍କ ପରିବାର ବ୍ୟକ୍ତିଗତ ଶତ୍ରୁତାକୁ ନେଇ ଏଭଳି ଆକ୍ରମଣ ଘଟିଥିବା ସନ୍ଦେହ ପ୍ରକାଶ କରିଛନ୍ତି। ତେବେ ଆକ୍ରମଣ ପଛର ପ୍ରକୃତ କାରଣ ସମ୍ପର୍କରେ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଏଭଳି ମରଣାନ୍ତକ ଆକ୍ରମଣ ଘଟଣା ସାମ୍ବାଦିକ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି।

# 'ଜଳବାୟୁ କାର୍ଯ୍ୟକ୍ରମ ପାଇଁ ଏକ ବିଶ୍ୱବ୍ୟାପୀ ଆହ୍ୱାନ' ଆଲୋଚନାଚକ୍ର

ଜଗତସିଂହପୁର, ୯।୬(ସମିସ)




ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଓ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ମିଳିତ ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁହାଟ ଠାରେ 'ଜଳବାୟୁ କାର୍ଯ୍ୟକ୍ରମ ପାଇଁ ଏକ ବିଶ୍ୱବ୍ୟାପୀ ଆହ୍ୱାନ' ଶୀର୍ଷକ ଜନପ୍ରିୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ତିନୋଟି ପର୍ଯ୍ୟାୟରେ ଆୟୋଜିତ ଏହି ପରିବେଶଗତ ସମୟୋପଯୋଗୀ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶ ଅଧ୍ୟକ୍ଷତା କରିଥିଲେ। ଏହାକୁ ଅଲଣାହାଟ ହାଇସ୍କୁଲର ଅଲମୁନି ସଭାପତି ତଥା ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ଡେପୁଟି ରେଜିଷ୍ଟ୍ରାର୍ ରବୀନ୍ଦ୍ର କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ କୁମର ବେହେରା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାନିତ୍ ସୁକାନ୍ତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ବୈଷୟିକ ସମ୍ମାନରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୃନ୍ଦାବନଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରେଢୁଆର ଅଧ୍ୟକ୍ଷ ପ୍ରତାପ କୁମାର ଲେଙ୍କା, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ନାଉଗାଁର ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପିକା ବିଜୟିନୀ ପଢ଼ିହାରୀ ଏବଂ ଅଳକା ମହାବିଦ୍ୟାଳୟ, ଅନନ୍ତବଟର ଉଦ୍ଭିଦ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଅଶୋକ କୁମାର ଲେଙ୍କା ସମ୍ମାନନୀୟ ଆଲୋଚକଭାବେ ଯୋଗଦେଇଥିଲେ। ଅବନୀକାନ୍ତ ମହାରଣ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲାଲା ସଂଗ୍ରାମ କେଶରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷ ପର୍ଯ୍ୟାୟରେ ଆୟୋଜିତ ଉଦ୍‌ଯାପନୀ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ଉତ୍ସବରେ ଲୋକସଂସଦର ସମ୍ପାଦକ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରବଚକ ଶ୍ରୀମଦ୍ ବାବା ସତ୍ୟାନନ୍ଦ ଦାସ ମହାରାଜ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ବିଶିଷ୍ଟ ଅତିଥି ଏବଂ ଜିଲ୍ଲା ଆଲମୁନି ଆସୋସିଏସନର ଆବାହକ ତାପସ କୁମାର ରାଉତ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗତମାସରେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶ, ଚଳିତବର୍ଷ ବାଲିକୁଦା ବ୍ଲକ ପାଇଁ ପ୍ରକୃତିବନ୍ଧୁ ପୁରସ୍କାର ବିଜେତା କନକଲତା ପରିଡ଼ା ଏବଂ ନଉଗାଁ ବ୍ଲକର ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ 'ଏ-ୱାନ' ପାଇଥିବା ସାତଜଣ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସଂଯୋଜକ ଶ୍ରୀ ମହାନ୍ତି ଓ ଇନ୍‌ସାଫର ପରିବେଶ ବୈଷୟିକ ପରାମର୍ଶଦାତା ଡ. ପ୍ରିୟଙ୍କା ମହାନ୍ତିଙ୍କ ଦ୍ୱାରା ଲିଖିତ 'ଜଳବାୟୁ କାର୍ଯ୍ୟକ୍ରମ ପାଇଁ ଏକ ବିଶ୍ୱବ୍ୟାପୀ ଆହ୍ୱାନ' ରିସୋର୍ସ ମେଟେରିଆଲ୍‌ର ଶୁଭ ଅନାବରଣ କରିଥିଲେ। ଏତତ୍‌ବ୍ୟତୀତ ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତା ଏବଂ ପୂର୍ବରୁ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ କୃତୀ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ରାଜକିଶୋର ବିଶ୍ୱାଳ, ମନୋଜ କୁମାର ନାୟକ, କାର୍ତ୍ତିକ ଚନ୍ଦ୍ର ମୁଦୁଲି, ଦେବର୍ଷି ମହାନ୍ତି ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ମେଲଛାମୁଣ୍ଡା, ୯ ।୬(ସମିସ): ମେଲଛାମୁଣ୍ଡା ଥାନା ଅଧୀନ ସାଲେପାଲି ଛକରେ ଆଜି ବିଳମ୍ବିତ ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । ପିକଅପ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ସୂଚନା ମୁତାବକ ମୃତ ବ୍ୟକ୍ତି ଜଣକ ବିଜେପୁର ବ୍ଲକ ଅଧୀନ ଜାରିଙ୍ଗ ଗ୍ରାମର ସୁକେଶ ରଣା (୫୦) ବୋଲି ଜଣାପଡ଼ିଛି । ସୁକେଶ ସମ୍ପର୍କୀୟ ଘର ସାଲେପାଲି ଗ୍ରାମର ଅଶ୍ୱିନୀ ରଣାଙ୍କ ଘରକୁ କୁଟୁଆ ଆସିଥିଲେ । ସେ ବାଇକରେ ଯାଉଥିବାବେଳେ ଗୋଟିଏ କୁକୁଡ଼ା ବୋଝେଇ ପିକଅପ୍ ସୋହେଲାପଟୁ ଆସି ଧକ୍କାମାରି ଫେରାର ହୋଇଯାଇଥିଲା । ସ୍ଥାନୀୟଲୋକେ ଅମ୍ବୁଲାନ୍ସ ଯୋଗେ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଗଞ୍ଜେଇ ଚାଲାଣ ବେଳେ ଦୁଇ ଗିରଫ

ଝାରବନ୍ଧ, ୯ ।୬(ସମିସ): ଜଗଦଲପୁର ଥାନା ଅଞ୍ଚଳରେ ପୁଲିସ ଚଢ଼ଉ କରି ୨୩ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି । ଜବତ ଗଞ୍ଜେଇ ସହ ଏକ କାର୍ ଓ ଦୁଇଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି । ସୋମବାର ଜଗଦଲପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ଡିଗାଲଙ୍କ ତତ୍ତ୍ୱାବଧାନରେ ଥାନା ଅଞ୍ଚଳରେ ପାଟ୍ରୋଲିଂ ଓ ଏନ୍‌ଡିପିଏସ୍ ଚଢ଼ଉ ବେଳେ ଏକ ବିଶ୍ୱସନୀୟ ସୂଚନା ମିଳିଥିଲା । ଏହା ଆଧାରରେ ପୁଲିସ ଅଙ୍ଗାନଦୀ ପୋଲ ନିକଟ ଟାଣା ଛକ ଅଞ୍ଚଳରେ ଚଢ଼ଉ କରିଥିଲା । ସେଠାରେ ଏକ ଧଳାରଙ୍ଗର କାର୍‌ରେ ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ କରାଯାଇଥିଲା । ଏହି ଘଟଣାରେ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ବରକୁଡୁ ଗ୍ରାମର ମନୋଜ ଭୋଇ (୨୭) ଓ ବୌଦ୍ଧ ସହର ଥାନା ଅନ୍ତର୍ଗତ ଗୁଦଭାଲି ଗ୍ରାମର ସୁଶିଲ ମହାନନ୍ଦିଆ (୨୫)ଙ୍କୁ ଗିରଫ କରାଯାଇଛି । ତଲାସି ସମୟରେ ସେମାନଙ୍କ ନିକଟରୁ ୨୩ କେଜି ୨୦୦ ଗ୍ରାମ ଗଞ୍ଜେଇ, ଏକ ଟାଟା ଇଣ୍ଡିକା କାର୍ ଏବଂ ଦୁଇଟି ମୋବାଇଲ ଜବତ କରାଯାଇଛି । ଘଟଣାର ତଦନ୍ତ ପଦ୍ମପୁର ଥାନାର ଏସ୍‌ଆଇ ଅନ୍ତର୍ଯ୍ୟାମୀ ବେହେରା କରୁଥିବା ବେଳେ ଗଞ୍ଜେଇ ଚୋରାଚାଲାଣ ଚକ୍ର ସହ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ସେ ଦିଗରେ ପୁଲିସ ଅଧିକ ତଦନ୍ତ ଚଳାଇଛି ।

# ରାସ୍ତା ପାଇଁ ଏକାଠି ହେଲେ ୩ ଗାଁର ଲୋକ

ପଦ୍ମପୁର, ୯।୬(ସମିସ): ପଦ୍ମପୁର ଉପଖଣ୍ଡ ବୁଢ଼ାମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭେଲୁଆଁପଦର ଗ୍ରାମର ୱାର୍ଡସଭ୍ୟ ସହଦେବ ସାହୁଙ୍କ ନେତୃତ୍ୱରେ ଆଜି ଭେଲୁଆଁପଦର ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜମରତଲା ସରପଞ୍ଚ ବିଦୂ ଭୂଷଣ ଚାନ୍ଦ, ପୂର୍ବତନ ସରପଞ୍ଚ ସୁରେଶ ଚାନ୍ଦ, ସମାଜସେବୀ ବାବୁଲାଲ ଚାନ୍ଦ, ଅଶୋକ ସେଠ, ସୁଶାନ୍ତ ପଣ୍ଡା, ଗର୍ଭନାଖୋଲ ଗୌନ୍ତିଆ ପ୍ରମୋଦ ଚାନ୍ଦ, ଡଙ୍ଗରମୁଣ୍ଡା ଗୌନ୍ତିଆ ଦେବରାଜ ବେହେରା, ନନ୍ଦଲାଲ ସାହୁ, ଦିଲ୍ଲୀପ ବେହେରା, ସୁରେନ୍ଦ୍ର ଛତ୍ରିଆ, ଜଗତ ସାହୁ, ରମେଶ ସାହୁ, ଭୋଜରାଜ ପ୍ରଧାନ, ଯୁଗଳ ଭୁଏ ପ୍ରମୁଖ ଯୋଗ ଦେଇଥିବାବେଳେ ଭେଲୁଆଁପଦର, ବେହେରାଟାଲ ଓ ଡଙ୍ଗରମୁଣ୍ଡା ଗ୍ରାମର ବହୁ ଲୋକ ଉପସ୍ଥିତ ଥିଲେ । ତେବେ ଦୀର୍ଘଦିନ ଧରି ରାସ୍ତା ସମସ୍ୟାରେ ଜର୍ଜରିତ ୩ ଗ୍ରାମର ବାସିନ୍ଦା ଶେଷରେ ଏକାଠି ହୋଇ ଦାବି ଜୋରଦାର କରିଛନ୍ତି । ବର୍ଷା ଦିନରେ କାଦୁଅ ଓ ଖାଲ ଖମାରେ ଭର୍ତ୍ତି ରାସ୍ତା ଯୋଗୁଁ ନାହିଁ ନଥିବା ହୀନସ୍ତା ହେଉଥିବାବେଳେ ତୁରନ୍ତ ପକ୍କା ରାସ୍ତା ନିର୍ମାଣ ପାଇଁ ଜନପ୍ରତିନିଧିଙ୍କ ନିକଟରେ ଦାବି କରିଛନ୍ତି । ଡଙ୍ଗରମୁଣ୍ଡା ଠାରୁ ଭେଲୁଆଁପଦର, ବେହେରାଟାଲ ଠାରୁ ଭେଲୁଆପଦର ଗ୍ରାମକୁ ନୂତନ ରାସ୍ତା ସଂଯୋଗ କରିବା ପାଇଁ ଆଗାମୀ ଦିନରେ ଏହି ତିନୋଟି ଗ୍ରାମର ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଶାସନର ଦୃଷ୍ଟିଗୋଚର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ପରିଶେଷରେ ସଫେତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆରତୀ ଚାଟାର୍ଜୀଙ୍କ ପରଲୋକ



ବରଗଡ଼, ୯।୬(ସମିସ): ବରଗଡ଼ର ପ୍ରତିଷ୍ଠିତ ବ୍ୟବସାୟୀ ସ୍ୱର୍ଗତ ପ୍ରଭାକର ଚାଟାର୍ଜୀଙ୍କ ପତ୍ନୀ ଆରତୀ ଚାଟାର୍ଜୀ (୯୫)ଙ୍କ ସୋମବାର ଭୋର୍‌ରେ ପରଲୋକ ଘଟିଛି । ସେ ବରଗଡ଼ର ଏକ ଘରୋଇ ଚିକିତ୍ସାଳୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଅନ୍ତିମଶଯ୍ୟା ନିକଟରେ ଦୁଇ ପୁଅ ସୁବ୍ରତ ଓ ସୁଶାନ୍ତ ଉପସ୍ଥିତ ଥିଲେ । ଜୀରା ନଦୀ କୂଳ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡ଼ପୁଅ ସୁବ୍ରତ ମୁଖାଗ୍ନି ଦେଇଥିଲେ । ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଓ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର କର୍ମକର୍ତ୍ତା ଓ ସଦସ୍ୟମାନେ, ପୂର୍ବତନ ଏପିକଲ୍ ଅଧ୍ୟକ୍ଷ ପ୍ରଭାତାଦିତ୍ୟ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଧାନ ବିକ୍ରି ପୂର୍ବରୁ ଚାଲିଗଲା ଚାଷୀଙ୍କ ଜୀବନ

ପଦ୍ମପୁର, ୯।୬(ସମିସ)

ଧାନ କ୍ରୟରେ ଅବ୍ୟବସ୍ଥା ଓ ପ୍ରଶାସନିକ ଉଦାସୀନତାର ଏକ ହୃଦୟବିଦାରକ ଚିତ୍ର ଏବେ ପଦ୍ମପୁର ଉପଖଣ୍ଡରେ ଦେଖିବାକୁ ମିଳିଛି । ବର୍ଷସାରା ଖଟି ଖଟି ଚାଷ କରିଥିବା ଧାନକୁ ସରକାରୀ ଦରରେ ମଣ୍ଡଇରେ ବିକ୍ରି କରି ଚିକିତ୍ସା ଖର୍ଚ୍ଚ ଓ ପରିବାରର ଆର୍ଥିକ ସମସ୍ୟା ଦୂର କରିବାର ଆଶା ରଖିଥିବା ଜଣେ ଚାଷୀ ଧାନ ବିକ୍ରି ପୂର୍ବରୁ ହିଁ ଆଖି ବୁଜିଛନ୍ତି । ତାଙ୍କ ମୃତ୍ୟୁ ପରେ ବି ତାଙ୍କ କଷ୍ଟର୍ଜିତ ଧାନ ମଣ୍ଡିରେ ପଡ଼ିରହିଛି । ଏହି ଘଟଣା କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ବରଂ ଚାଷୀ ସମାଜର ଦୀର୍ଘଦିନର ଯନ୍ତ୍ରଣା ଓ ଅବହେଳାର ଏକ ନିଚ୍ଛକ ପ୍ରତିଛବି ଭାବେ ଦେଖାଦେଇଛି । ମୃତ ଚାଷୀ ହେଲେ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଗୁଦେରପାଲି ଗ୍ରାମର ହରିଶଙ୍କର ପାତ୍ର ।

ପ୍ରକାଶ ଯେ, ହରିଶଙ୍କର ଚଳିତ ରବି ଋତୁରେ ଉତ୍ପାଦିତ ଧାନ ବିକ୍ରୟ ପାଇଁ କୁଣ୍ଡାଖାଇ କୃଷି ସମବାୟ ସମିତିରେ ପଞ୍ଜୀକରଣ କରିଥିଲେ । ସରକାରୀ ନିୟମ ଅନୁଯାୟୀ ତାଙ୍କୁ ଟୋକନ୍ (ନଂ.-୨୪୮ ୯୨୫୮) ମିଳିଥିଲା । ଟୋକନ ଅନୁଯାୟୀ ସେ ୬୨.୯୨ କ୍ୱିଣ୍ଟାଲ ଧାନ ଗୁଦେରପାଲି ଧାନ କ୍ରୟ କେନ୍ଦ୍ରରେ ୨୧ ମଇ ୨୦୨୬ରେ ବିକ୍ରି କରିବା ପାଇଁ ଅନୁମତି ପାଇଥିଲେ । ଏହା ପୂର୍ବରୁ ସେ ପ୍ରାୟ ୧୫୦ ବସ୍ତା ଧାନ ମଣ୍ଡିକୁ ଆଣି ରଖିଥିଲେ । କିନ୍ତୁ ମଣ୍ଡିରେ ଧାନକ୍ରୟ ପ୍ରକ୍ରିୟାରେ ଦେଖାଦେଇଥିବା ଅବ୍ୟବସ୍ଥା ଏବଂ ବିଳମ୍ବ ଯୋଗୁଁ ତାଙ୍କ ଧାନ କ୍ରୟ ହୋଇପାରିନଥିଲା । ଦିନ ପରେ ଦିନ ବିତି ଯାଇଥିଲେ ମଧ୍ୟ ଧାନ ଉଠି ନଥିଲା । ଏପଟେ ହରିଶଙ୍କର ଦୀର୍ଘଦିନ ଧରି ଅସୁସ୍ଥ ଥିବାବେଳେ ଧାନ ବିକ୍ରି ଟଙ୍କା ମିଳିଲେ ଚିକିତ୍ସିତ ହେବେ ବୋଲି ଆଶା ରଖିଥିଲେ । ଧାନ ଶୀଘ୍ର କ୍ରୟ କରିବାକୁ ପ୍ରଶାସନ, ସମବାୟ ସମିତି ଏବଂ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କେହି ଶୁଣିନଥିଲେ । ପରିବାର ଲୋକଙ୍କ କହିବା ଅନୁଯାୟୀ, ଧାନ ବିକ୍ରିରୁ ମିଳିବାକୁ ଥିବା ଟଙ୍କାରେ ଚିକିତ୍ସା ପାଇଁ ସେ ଅପେକ୍ଷା କରିଥିଲେ । କିନ୍ତୁ ଧାନ ବିକ୍ରିରେ ବିଳମ୍ବ ଏବଂ ଅର୍ଥାଭାବ ଯୋଗୁଁ ତାଙ୍କ ଚିକିତ୍ସା ଠିକ୍ ଭାବେ ହୋଇପାରିନଥିଲା । ଶେଷରେ ସୋମବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ପୁଅ ଗୋପାଳକୃଷ୍ଣ ପାତ୍ର ଅଭିଯୋଗ କରିଛନ୍ତି । ତାଙ୍କ ମୃତ୍ୟୁ ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ବେଳେ ଚାଷୀ ମହଲରେ ଅସନ୍ତୋଷ କୁହୁଳୁଛି । ସବୁଠାରୁ ଦୁଃଖଦାୟକ କଥା ହେଉଛି, ଯେଉଁ ଧାନ ବିକ୍ରି କରି ହରିଶଙ୍କର ନିଜ ପରିବାରକୁ ଆର୍ଥିକ ସହାୟତା ଦେବା ସହ ଚିକିତ୍ସା କରାଇବାର ସ୍ୱପ୍ନ ଦେଖିଥିଲେ, ସେହି ଧାନ ଆଜି ମଧ୍ୟ ମଣ୍ଡିରେ ପଡ଼ିରହିଛି । ଧାନ ଅଛି, କିନ୍ତୁ ତାହାର ମାଲିକ ଆଉ ନାହାନ୍ତି । ଏହି ଦୃଶ୍ୟ ଚାଷୀ ସମାଜର ଦୁଃଖ ଓ ଅସହାୟତାକୁ ସ୍ପଷ୍ଟ ବୟାନ କରୁଛି ।



- ମଣ୍ଡିରେ ପଡ଼ିଛି ହରିଶଙ୍କରଙ୍କ ୧୫୦ ବସ୍ତା ଧାନ
- ମଣ୍ଡିରେ ପଡ଼ିଛି ୬୮ ଚାଷୀଙ୍କ ୬,୪୯୩ ବସ୍ତା ଧାନ

ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁଯାୟୀ, ପ୍ରତିବର୍ଷ ମଣ୍ଡିରେ ଧାନ କ୍ରୟ ବିଳମ୍ବ ଏକ ସାଧାରଣ ସମସ୍ୟା ପାଲଟିଛି । ଚାଷୀମାନେ ମାସ ମାସ ଧରି ଫସଲ ଅମଳ କରି ମଣ୍ଡିକୁ ଆଣୁଥିବା ବେଳେ ଧାନ କ୍ରୟ ଓ ଉଠାଣରେ ବିଳମ୍ବ ସେମାନଙ୍କୁ ଭୟଙ୍କର ଆର୍ଥିକ ସଙ୍କଟରେ ପକାଉଛି । ବ୍ୟାଙ୍କ ଋଣ, ଚାଷ ଖର୍ଚ୍ଚ, ପରିବାର ଚଳାଇବା ଓ ଚିକିତ୍ସା ଭଳି ଜରୁରୀ ଆବଶ୍ୟକତା ପୂରଣ ପାଇଁ ଧାନ ବିକ୍ରି ଟଙ୍କା ଉପରେ ନିର୍ଭର କରୁଥିବା ଚାଷୀମାନେ ଦିନ ଦିନ ଧରି ମଣ୍ଡିକୁ ଧାଇଁ ନିରାଶ ହେଉଛନ୍ତି ।

କେବଳ ହରିଶଙ୍କର ପାତ୍ରଙ୍କ ଧାନ ନୁହେଁ, ଗୁଦେରପାଲି ଧାନ କ୍ରୟ କେନ୍ଦ୍ରରେ ବର୍ତ୍ତମାନ ମଧ୍ୟ ୬୮ ଜଣ ଚାଷୀଙ୍କ ୬, ୪୯୩ ବସ୍ତା ଧାନ ପଡ଼ି ରହିଥିବା ସୂଚନା ମିଳିଛି । ଏହି ଧାନ କେବେ କ୍ରୟ ହେବ ସେନେଇ ଅନିଶ୍ଚିତତା ଦେଖାଦେଇଛି । ବର୍ଷା ଋତୁ ଆସୁଥିବାରୁ ଖୋଲା ଆକାଶ ତଳେ ପଡ଼ିଥିବା ଧାନ ନଷ୍ଟ ହେବାର ଆଶଙ୍କା ମଧ୍ୟ ବଢ଼ିଛି ।

ହରିଶଙ୍କର ପାତ୍ରଙ୍କ ମୃତ୍ୟୁ ପରେ ଚାଷୀ ସଂଗଠନ ଓ ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ଅବଶିଷ୍ଟ ଧାନ କ୍ରୟ କରିବା, ମୃତ ଚାଷୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଧାନ କ୍ରୟ ବ୍ୟବସ୍ଥାରେ ଥିବା ତ୍ରୁଟିର ତଦନ୍ତ କରିବାକୁ ଦାବି କରିଛନ୍ତି । ଜଣେ ଚାଷୀ ବର୍ଷସାରା ଝାଳବୁହା ପରିଶ୍ରମ କରି ଫସଲ ଉତ୍ପାଦନ କରିଥାଏ । କିନ୍ତୁ ନିଜ ଉତ୍ପାଦିତ ଧାନ ବିକ୍ରି କରିବା ପାଇଁ ଯଦି ତାଙ୍କୁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡ଼େ ଏବଂ ସେହି ଅପେକ୍ଷା ମଧ୍ୟରେ ତାର ଜୀବନ ଚାଲିଯାଏ, ତେବେ ଏହା କେବଳ ଜଣେ ଚାଷୀଙ୍କ ମୃତ୍ୟୁ ନୁହେଁ, ବରଂ ବ୍ୟବସ୍ଥାର ବିଫଳତାର ଏକ ଦୁଃଖଦ ଉଦାହରଣ । ହରିଶଙ୍କର ପାତ୍ରଙ୍କ ମୃତ୍ୟୁ ଆଜି ସମଗ୍ର ଅଞ୍ଚଳରେ ଏକ ପ୍ରଶ୍ନ ଛାଡ଼ିଯାଇଛି ଚାଷୀଙ୍କ ପରିଶ୍ରମର ଯଥୋଚିତ ମୂଲ୍ୟ ଏବଂ ସମ୍ମାନ ସେମାନେ ପ୍ରକୃତରେ କେବେ ପାଇବେ?

# ଅନଶନସ୍ଥଳରେ ବିଧାୟିକା

ଝାରବନ୍ଧ, ୯ ।୬(ସମିସ): ଟୋକନ ବଣ୍ଟନରେ ଅବ୍ୟବସ୍ଥା, ଜମି କିସମ ପରିବର୍ତ୍ତନର ଜଟିଳତା, ଧାନ ବିକ୍ରିରେ ସମସ୍ୟା ଓ କଟନୀଛଟନୀକୁ ନେଇ ଆଞ୍ଚଳିକ କୃଷକ ସଂଗଠନ ଡଭା ତରଫରୁ ଡଭା ବଜାରରେ ଚାଲିଥିବା ଆମରଣ ଅନଶନ ନବମ ଦିନରେ ପହଞ୍ଚିଛି । ଏହା ନୂଆ ମୋଡ଼ ଦେଇଛି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ଗସ୍ତ । ମଙ୍ଗଳବାର ସନ୍ଧ୍ୟାରେ ସେ ଅନଶନ ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ ଦାବି ପ୍ରତି ସମର୍ଥନ ଜଣାଇଥିଲେ । ଦୀର୍ଘ ସମୟ ଧରି ଅନଶନରେ ବସିଥିବା ଚାଷୀମାନଙ୍କ ଅଭିଯୋଗ ଶୁଣିବା ପରେ ବିଧାୟିକା କହିଥିଲେ ଯେ, ଧାନସଂଗ୍ରହ ବ୍ୟବସ୍ଥାରେ ଥିବା ତ୍ରୁଟି ଓ ପ୍ରଶାସନିକ ଅବହେଳା ଯୋଗୁଁ ଚାଷୀମାନେ ବାରମ୍ବାର କ୍ଷତିଗ୍ରସ୍ତ ହେଉଛନ୍ତି । ସେମାନଙ୍କ ସମସ୍ୟା କେବଳ ଝାରବନ୍ଧର ନୁହେଁ, ବରଂ ସମଗ୍ର ଅଞ୍ଚଳର କୃଷକ ସମାଜର ପ୍ରଶ୍ନ ବୋଲି ସେ କହିଥିଲେ । ଚାଷୀଙ୍କ ନ୍ୟାୟସଙ୍ଗତ ଦାବିକୁ ବିଧାନସଭାଠାରୁ ଆରମ୍ଭ କରି ସମସ୍ତ ଉପଯୁକ୍ତ ମଞ୍ଚରେ ଉଠାଇବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସେ ନିଜେ ମଧ୍ୟ ଚାଷୀଙ୍କ ସହ ରହିବେ ବୋଲି କହିଥିଲେ । ଏହି ଅବସରରେ ରାଜବୋଡାସମ୍ବର କୃଷକ ସଙ୍ଗଠନର ସମ୍ପାଦକ ସରୋଜ ସାହୁ ଏବଂ ପ୍ରସନ୍ନ କୁମ୍ଭାର ମଧ୍ୟ ଅନଶନ ସ୍ଥଳକୁ ଆସି ଆନ୍ଦୋଳନରତ ଚାଷୀମାନଙ୍କୁ ନୈତିକ ସମର୍ଥନ ଜଣାଇଥିଲେ । ସେମାନେ କହିଥିଲେ ଯେ, ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଆନ୍ଦୋଳନ ଆହୁରି ବ୍ୟାପକ ରୂପ ନେଇପାରେ ।



ଅନ୍ୟପଟେ, ଗତକାଲି ଅନଶନ ଯୋଗୁଁ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଚାରିଜଣ ଚାଷୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ସେମାନେ ପୁନର୍ବାର ଅନଶନ ସ୍ଥଳକୁ ଫେରି ଆସି ଆମରଣ ଅନଶନରେ ସାମିଲ ହୋଇଛନ୍ତି । ଚାଷୀମାନଙ୍କ ଏହି ଦୃଢ଼ ମନୋବଳ ଓ ବିଧାୟିକାଙ୍କ ସମର୍ଥନ ଆନ୍ଦୋଳନକୁ ନୂଆ ଉତ୍ସାହ ଦେଇଥିବା ଚର୍ଚ୍ଚା ହେଉଛି ।

# ଭେଡ଼େନ ବ୍ଲକ୍ ବରିଷ୍ଠ ନାଗରିକ ସଂଘ ପୁନର୍ଗଠନ

- ନୂତନ ସଦସ୍ୟମାନଙ୍କୁ ଦିଗଦର୍ଶନ

ଭେଡ଼େନ, ୯।୬(ସମିସ): ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ସ୍ଥିତ ବିଜୁ କୃଷକ ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପର୍ଶୁରାମ ପାତ୍ରଙ୍କ ଆବାହକତ୍ୱରେ ତଥା ଗୋବିନ୍ଦ ଶତପଥୀଙ୍କ ସଭାପତିତ୍ୱରେ ବ୍ଲକ ବରିଷ୍ଠ ନାଗରିକ ସଂଘର ନୂତନ ସଦସ୍ୟତା ଗ୍ରହଣ ଓ କର୍ମକର୍ତ୍ତା ପୁନର୍ଗଠନ କରାଯାଇଥିଲା । ଏଥିରେ ବରଗଡ଼ ଜିଲ୍ଲା ସଭାପତି କେଦାର ମିଶ୍ର ସଭାପତିତ୍ୱ କରିଥିଲେ । ଉପସଭାପତି ନିର୍ମଳ କିଶୋର କର, ସମ୍ପାଦକ ଗୋବିନ୍ଦ ଦାଶ, ସର୍ଦ୍ଦାର ପ୍ରୀତମ ସିଂହ, ନାରାୟଣ ନାଏକ ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକର କର୍ତ୍ତବ୍ୟ ଓ ବରିଷ୍ଠ ନାଗରିକ ସଦସ୍ୟତାର ଉପକାରିତା ସମ୍ପର୍କରେ ନୂତନ ବରିଷ୍ଠ ନାଗରିକଙ୍କୁ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ରୁ ପ୍ରସନ୍ନ ପ୍ରଧାନ, ପଞ୍ଚାନନ ପଣ୍ଡା, ଅଚ୍ୟୁତାନନ୍ଦ ବାରିକ, ଦେବୀ ପଟ୍ଟନାୟକ ଓ ତୁଳସୀ ଚରଣ ଦାଶ ଯୋଗ ଦେଇଥିବାବେଳେ ଭେଡେନ ବ୍ଲକ ବରିଷ୍ଠ ନାଗରିକ ସଂଘରୁ ମାନଭଞ୍ଜନ ପ୍ରଧାନ, ଗୋପିନାଥ ଚାନ୍ଦ, ବନ୍ଦକର ସାହୁ, ପ୍ରେମାନନ୍ଦ ଭୋଇ, ପ୍ରସନ୍ନ କର୍ମି, ପ୍ରଶାନ୍ତ ପଣ୍ଡା, ନିରଞ୍ଜନ ପ୍ରଧାନ, ନରେନ୍ଦ୍ର ମହାକୁଡ଼, ଉମାକାନ୍ତ ଭୋଇ, ପ୍ରମୋଦ ଦାଶ, ପ୍ରଶାନ୍ତ କୁମାର ହୋତା, ଗୁରୁକୃଷ୍ଣ ଦାଶ, ଉତ୍ତମ ହୋତା, ଖଗେଶ୍ୱର ପ୍ରଧାନ, ବଳରାମ ସାହୁ, ଗୁରୁଦେବ ତ୍ରିପାଠୀ, କେଶବ ପ୍ରଧାନ, କୈଳାସ ବଘାର, ରକ୍ଷପାଳ ପଧାନ, ତାରା ଚାନ୍ଦ ଭୋଇ, ଅମରକୋଷ ପଧାନ, ମହାଦେବ ଥପା, ଉପେନ୍ଦ୍ର ବଘାର ଆଦି ଯୋଗଦେଇଥିଲେ । ନୂତନ ପରିଚାଳନା କମିଟିର ପ୍ରମୁଖ ପଦବୀରେ ନବ ନିର୍ବାଚିତ ସଦସ୍ୟ ହିସାବରେ ଉପଦେଷ୍ଟା ଭାବେ ଗୋପିନାଥ ଛନ୍ଦ, ତାରାଚାନ୍ଦ ଭୋଇ, ପର୍ଶୁରାମ ପାତ୍ର, ଗୁରୁଦେବ ତ୍ରିପାଠୀ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରିଣୀର ନୂତନ ସଭାପତି ଭାବେ ଗୋବିନ୍ଦ ଶତପଥୀ, ଉପସଭାପତି ଭାବେ ଉମାକାନ୍ତ ଭୋଇ, ସମ୍ପାଦକ ମାନଭଞ୍ଜନ ପଧାନ, କୋଷାଧ୍ୟକ୍ଷ ଭାବେ ଖଗେଶ୍ୱର ପ୍ରଧାନଙ୍କୁ ମନୋନୀତ କରି ଦାୟିତ୍ୱ ଅର୍ପଣ କରାଯାଇଥିଲା । ପରେ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ଉପଦେଷ୍ଟା ମଣ୍ଡଳୀ ପ୍ରକାଶ କରିଥିଲେ ।



# ଆମକୁ ଭତ୍ତା ଦିଅ; ନ ହେଲେ ଭୋକରେ ମରିବୁ

ଅମ୍ବାଭୋନା, ୯ ।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ପଞ୍ଚାୟତରେ ଜାତୀୟ ସାମାଜିକ ସହାୟତା ଯୋଜନା (ଏନ୍‌ଏସ୍‌ଏପି) ଅଧୀନରେ ଭତ୍ତା ପାଉଥିବା ହଜାର ହଜାର ହିତାଧିକାରୀ ଗତ ଏପ୍ରିଲ ମାସରୁ ଭତ୍ତା ଟଙ୍କା ପାଇ ନ ଥିବାରୁ ଚରମ ଅସନ୍ତୋଷ ପ୍ରକାଶ କରିଛନ୍ତି । ବୟସର ଅପରାହ୍ନରେ ପହଞ୍ଚିଥିବା ବୃଦ୍ଧ, ଅସହାୟ ବିଧବା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ଭତ୍ତା ହିଁ ସେମାନଙ୍କ ଜୀବନର ଏକମାତ୍ର ସହାରା ବୋଲି କହିଥିବାବେଳେ, ଦୁଇମାସ ଧରି ଭତ୍ତା ବନ୍ଦ ରହିବାରୁ ଜୀବନ ଜୀବିକା ସଙ୍କଟରେ ପଡ଼ିଛି । ଭତ୍ତା ଟଙ୍କା ଆସିଥିବା ଆଶାରେ ପ୍ରତିମାସ ଭଳି ଅନେକ ହିତାଧିକାରୀ ବାରମ୍ବାର ବ୍ୟାଙ୍କକୁ ଯାଇଥିଲେ । କିନ୍ତୁ ଖାତାରେ ଟଙ୍କା ଜମା ହୋଇନଥିବା ଜାଣିବା ପରେ ସେମାନଙ୍କ ନିରାଶା ବଢ଼ିଥିଲା । ଶେଷରେ ସୁନ୍ଦରୀ ବୈଗା, ଅମ୍ବିକା କାଲୋ, ତିକେଶ୍ୱର ଗଣ୍ଡ, ଦୁତିକା ସହରା, ଗାୟତ୍ରୀ ଗଣ୍ଡ, ମାୟାଧର ପାଇକ, ଦୁଃଖଦେଇ ସହରା, ଶ୍ରଦ୍ଧା ଗଣ୍ଡ, ଫୁନ୍ଦ୍ର ପାତିକାର, ଚଇତମତୀ ବର୍ଗେ, ତେଜ ଗଣ୍ଡ, କଣ୍ଠି ଗଣ୍ଡ, ବୈଶାଖୀ ସାଗରିଆ, ପୂର୍ଣ୍ଣିମତି ସୁନା ଓ ନିଳପିନ ଉର୍ମାଙ୍କ ସମେତ ୧୫ ଜଣ ହିତାଧିକାରୀ ଭୁକ୍ତା ସରପଞ୍ଚ ବଳରାମ ବିଷରଙ୍କୁ ସାକ୍ଷାତ କରି ନିଜ ଦୁର୍ଦ୍ଦଶା ଜଣାଇଥିଲେ । ପରେ ସେମାନେ ବ୍ଲକ କାର୍ଯ୍ୟାଳୟର ଜନଶୁଣାଣିରେ ଯୋଗଦେଇ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ଦାବି ଉଠାଇଥିଲେ ।



ଦୁଇ ମାସ ଧରି ଭତ୍ତା ବନ୍ଦ

ସୂଚନା ଅନୁଯାୟୀ, ଭୁକ୍ତା ଗ୍ରାମପଞ୍ଚାୟତରେ ୨୮୩୪ ଜଣ ବାର୍ଦ୍ଧକ୍ୟ ଭତ୍ତା, ୮୮୯ ଜଣ ବିଧବା ଭତ୍ତା ଏବଂ ୮୪ ଜଣ ଦିବ୍ୟାଙ୍ଗ ଭତ୍ତା ହିତାଧିକାରୀ ରହିଛନ୍ତି । ସର୍ବମୋଟ ୩୮୦୬ ଜଣ ଲୋକ ଏହି ଯୋଜନାରୁ ଉପକୃତ ହେଉଛନ୍ତି । ଅନେକ ହିତାଧିକାରୀ ମାସିକ ୧୦୦୦ ଟଙ୍କା ଏବଂ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗତା ଥିବା କିମ୍ବା ୮୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିମାନେ ମାସିକ ୩୫୦୦ ଟଙ୍କା ଭତ୍ତା ପାଇଥାନ୍ତି । ଏହି ଟଙ୍କାରେ ସେମାନେ ଔଷଧ, ଖାଦ୍ୟ ଓ ଦୈନନ୍ଦିନ ଖର୍ଚ୍ଚ ବହନ କରିଥାନ୍ତି । ସରପଞ୍ଚ ବଳରାମ ବିଷର କହିଛନ୍ତି ଯେ, ଭତ୍ତା ବନ୍ଦ ହେବାଫଳରେ ଅନେକ ପରିବାର ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛନ୍ତି । ଭୁକ୍ତା ପଞ୍ଚାୟତ ପରି ବ୍ଲକର ଅନ୍ୟାନ୍ୟ ପଞ୍ଚାୟତରେ ମଧ୍ୟ ଏହି ସମସ୍ୟା ଦେଖାଦେଇଥିବା ଅଭିଯୋଗ ହେଉଛି । ସେ କହିଛନ୍ତି, ଯେଉଁମାନଙ୍କ ପାଇଁ ଭତ୍ତା ହିଁ ଜୀବନର ଭରସା, ସେମାନଙ୍କୁ ଦୁଇ ମାସ ଧରି ଟଙ୍କା ନ ମିଳିବା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ ବିଷୟ । ହିତାଧିକାରୀମାନେ ବ୍ଲକ ଓ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି ଯେ, ସରକାରୀ ଅନୁଦାନ ଆସିବା ପର୍ଯ୍ୟନ୍ତ ବିଭାଗୀୟ ଗଚ୍ଛିତ ପାଣ୍ଠିରୁ ଅଗ୍ରୀମ ଭତ୍ତା ପ୍ରଦାନ କରାଯାଉ । ପରବର୍ତ୍ତୀ ସମୟରେ ସରକାରଙ୍କ ଅନୁଦାନ ମିଳିଲେ ତାହା ସମନ୍ୱୟ କରାଯାଇପାରିବ । ଏନେଇ ସରପଞ୍ଚ ଶ୍ରୀ ବିଷର ଚେତାବନୀ ଦେଇ କହିଛନ୍ତି ଯେ, ଆସନ୍ତା ଦୁଇରୁ ତିନି ଦିନ ମଧ୍ୟରେ ଭତ୍ତା ପ୍ରଦାନ ସମସ୍ୟାର ସମାଧାନ ନ ହେଲେ ଅନେକ ଅସହାୟ ହିତାଧିକାରୀ ଖାଦ୍ୟ ଓ ଔଷଧ ଅଭାବରେ ଗୁରୁତର ସମସ୍ୟାର ସମ୍ମୁଖୀନ ହେବେ । ତେଣୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଭତ୍ତା ବଣ୍ଟନ ସୁନିଶ୍ଚିତ କରିବାକୁ ସାଧାରଣରେ ଦାବି ଜୋର ଧରିଛି ।

## ବରଗଡ଼ ପୁରୋହିତ ଜେନେରାଲ ହସ୍ପିଟାଲ ଘଟଣା

# ଦୁଃଖ ପ୍ରକାଶ କଲେ ଡାକ୍ତର ରାମକୃଷ୍ଣ ପୁରୋହିତ

ବରଗଡ଼, ୯ ।୬(ସମିସ): ବରଗଡ଼ ସହରସ୍ଥିତ 'ପୁରୋହିତ ଜେନେରାଲ ହସ୍ପିଟାଲ'ରେ ଘଟିଥିବା ଏକ ଦୁଃଖଦ ଘଟଣାକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଉତ୍ତେଜନା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଘଟଣାର ଗଭୀରତାକୁ ଅନୁଧ୍ୟାନ କଲେ ଏହା ଏକତରଫା ଅବହେଳା ନୁହେଁ, ବରଂ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଓ ପରିସ୍ଥିତିର ପରିଣତି ବୋଲି ପ୍ରତୀୟମାନ ହେଉଛି । ଭଟଲି ବ୍ଲକର ସୃଷ୍ଟି ପ୍ରଭା ପ୍ରଧାନ (ପ୍ରସୂତି) ପ୍ରସବ ପାଇଁ ଗତ ୧୩ ତାରିଖ ଦିନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସିଜେରିଆନ୍ ଅପରେସନ୍ ପରେ ତାଙ୍କର ଅତ୍ୟଧିକ ରକ୍ତସ୍ରାବ ସମସ୍ୟା ଦେଖାଯାଇଥିଲା । ଅବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ ତୁରନ୍ତ ଅନ୍ୟ ଏକ ଉନ୍ନତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ପ୍ରାୟ ୨୫ ଦିନର ଚିକିତ୍ସା ପରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିନଥିଲା ଏବଂ ଶେଷରେ ତାଙ୍କର ଦେହାନ୍ତ ହୋଇଥିଲା । ପରିବାରଙ୍କ ଅଭିଯୋଗ ଅପରେସନ୍ ସମୟରେ ଡାକ୍ତରଙ୍କ ଭୁଲ ଯୋଗୁଁ ସଂକ୍ରମଣ ବ୍ୟାପିଥିବା ଅଭିଯୋଗ କରିଛନ୍ତି । ଡାକ୍ତର ଙ୍କ କହିବା ଅନୁସାରେ ଡାକ୍ତରୀ ଜଟିଳ ପ୍ରସବ କ୍ଷେତ୍ରରେ କେତେକାଂଶରେ ରକ୍ତସ୍ରାବ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଆଭ୍ୟନ୍ତରୀଣ ଅଙ୍ଗରେ ସାମୟିକ କ୍ଷତି କିମ୍ବା ସଂକ୍ରମଣର ଆଶଙ୍କାକୁ ସମ୍ପୂର୍ଣ୍ଣ ଏଡ଼ାଇ ଦିଆଯାଇନଥାଏ । ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରଥମରୁ ହିଁ ରୋଗୀଙ୍କୁ ସଠିକ୍ ସମୟରେ ଅନ୍ୟତ୍ର ସ୍ଥାନାନ୍ତର କରି ନିଜର ଦାୟିତ୍ୱ ନିର୍ବାହ କରିଥିବା କଥା କହିଛନ୍ତି । ଏମିତି ସମୟରେ ମହିଳାଙ୍କ ଜୀବନ ଚାଲିଯିବା ପ୍ରକୃତ ରେ ଅତ୍ୟନ୍ତ ଦୁଃଖର ବିଷୟ । ଏ ଘଟଣାରେ ପରିବାର ଲୋକଙ୍କ ଦୁଃଖ ଓ ଆବେଗ ସ୍ୱାଭାବିକ, କିନ୍ତୁ ମୃତଦେହ ରଖି ବରଗଡ଼ ମୁଖ୍ୟ ରାସ୍ତାରେ ଅବରୋଧ କରିବା ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା । ହସ୍ପିଟାଲ ପକ୍ଷରୁ ରୋଗୀଙ୍କୁ ବଞ୍ଚାଇବା ପାଇଁ ସର୍ବୋଚ୍ଚ ଚେଷ୍ଟା କରାଯାଇଥିଲେ ମଧ୍ୟ ଅପ୍ରତ୍ୟାଶିତ ଜଟିଳତା ଯୋଗୁଁ ଏପରି ଦୁଃଖଦ ଘଟଣା ଘଟିଥିବା ଅନୁମାନ କରାଯାଉଛି । ଆବେଗ ବଶବର୍ତ୍ତୀ ହୋଇ ହସ୍ପିଟାଲ ଉପରେ ଆକ୍ରୋଶ ପ୍ରକାଶ କରିବା ପରିବର୍ତ୍ତେ, ଏହାର ଏକ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଉଚିତ, ଯାହା ଦ୍ୱାରା ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ । ପୁରୋହିତ ନର୍ସିଂ ହୋମ ପକ୍ଷରୁ ଡାକ୍ତର ରାମକୃଷ୍ଣ ପୁରୋହିତ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।



# ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଶ୍ରମିକଙ୍କ ଆନ୍ଦୋଳନ

ବରଗଡ଼, ୯ ।୬(ସମିସ)

ଓଡ଼ିଶା ସିଭିଲ୍ ସପ୍ଲାଇ କର୍ପୋରେସନ ହମାଲି ମହାସଂଘ ପକ୍ଷରୁ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରାଯାଇଛି । ଏନେଇ ମହାସଂଘ ପକ୍ଷରୁ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମହାସଂଘର ସୂଚନା ଅନୁଯାୟୀ, ଓଡ଼ିଶା ସିଭିଲ୍ ସପ୍ଲାଇ କର୍ପୋରେସନ ଅଧୀନରେ ଥିବା ଓଏସ୍‌ଡବ୍ଲୁସି, ସିଡବ୍ଲୁସି, ଏଫସିଆଇ, ପିଜି ଓ ଅନ୍ୟାନ୍ୟ ଗୋଦାମରେ ହମାଲି ଶ୍ରମିକମାନେ ପ୍ରାୟ ୩୦ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି । ତେବେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ, ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ପରିଚାଳକ, ମହାପ୍ରବନ୍ଧକ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମାଧାନ ହୋଇନାହିଁ । ଏହାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିବାବେଳେ ମହାସଂଘ ପକ୍ଷରୁ ଗତ ୮ ଜୁନ୍ ସୁଦ୍ଧା ସମସ୍ୟାର ସମାଧାନ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା । କିନ୍ତୁ ଦାବିପୂରଣ ଦିଗରେ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇ ନ ଥିବାରୁ ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନର ଚେତାବନୀ ଦେଇଛନ୍ତି । ମହାସଂଘ କହିଛି ଯେ, ସେମାନଙ୍କ ନ୍ୟାୟସଙ୍ଗତ ଦାବିଗୁଡ଼ିକର ଶୀଘ୍ର ସମାଧାନ ନ ହେଲେ ସମସ୍ତ ହେମାଲି ଶ୍ରମିକ ନିଜ ନିଜ ଗୋଦାମରେ କାର୍ଯ୍ୟ ବନ୍ଦ କରିବେ । ଫଳରେ ଧାନ, ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟ ପରିବହନ ଓ ସଂରକ୍ଷଣ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ରହିଛି । ଓଡ଼ିଶା ସିଭିଲ୍ ସପ୍ଲାଇ କର୍ପୋରେସନ ହମାଲି ମହାସଂଘ ପକ୍ଷରୁ ପ୍ରଶାସନଙ୍କୁ ଶ୍ରମିକମାନଙ୍କ ଦୀର୍ଘଦିନର ସମସ୍ୟା ପ୍ରତି ସହାନୁଭୂତିଶୀଳ ହୋଇ ତୁରନ୍ତ ସମାଧାନର ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ଶ୍ରମିକମାନଙ୍କ ଦାବି ପ୍ରତି ସରକାର ଏବଂ ପ୍ରଶାସନ କିପରି ପଦକ୍ଷେପ ନେଉଛନ୍ତି, ତାହା ଉପରେ ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି ।




# ଚାଷୀ ସମସ୍ୟା ନେଇ ରାଜ୍ୟପାଳଙ୍କୁ ବିଜେଡିର ଦାବିପତ୍ର

ବରପାଲି, ୯ ।୬ (ସମିସ): ବରପାଲି ତହସିଲଦାରଙ୍କ ଜରିଆରେ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ରିପୋର୍ଟ ପ୍ରଦାନ ସହ ଦୃଢ଼ ଦାବି ଜଣାଇଛନ୍ତି । ବର୍ତ୍ତମାନର ରୌଦ୍ର ତାପର ପ୍ରଭାବ ଚତୁର୍ଦ୍ଦିଗକୁ ପ୍ରବାହିତ କରୁଥିବାବେଳେ ତାର ସମସ୍ତ ଆଶା ଭରସା ପାଣିରେ ମିଳାଇବାକୁ ବସିଲାଣି । କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ସମସ୍ୟାର ପାହାଚ ଉପରେ ପାହାଚ ଚଢିବାକୁ ପଡୁଛି ହେଲେ ସମସ୍ୟା ପିଛା ଛାଡୁନି । ସରକାରୀ ତଦାରଖ ପରେ ଆବଶ୍ୟକ ଟୋକନ କାର୍ଡ ମିଳିନାହିଁ । ନାମକୁ ମାତ୍ର ମିଳିଥିବା କମ୍ କାର୍ଡ ପ୍ରଦାନ କରାଯାଇ ବ୍ୟବସ୍ଥାକୁ ବଞ୍ଚାଇ ରଖାଯାଇଛି । ପ୍ରତ୍ୟେକ ମଣ୍ଡି ଓ ଖଳାରେ ଧାନ ଗଦାଗଦା ପଡ଼ି ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଶତକଡ଼ା ୧୦ଭାଗ ରୁ ମଧ୍ୟ କମ୍ ମଣ୍ଡିରୁ ଉଠାଯାଇଛି । ଏହି ପରିପେକ୍ଷୀରେ ବିଜେଡି ତରଫରୁ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ନେତା ଲାଲ ବିକ୍ରମ ସିଂହଦେଓ, ରାଜ୍ୟ ପରିଷଦ ସଭ୍ୟ ଗୌରହରି ମିଶ୍ର, ବରିଷ୍ଠ ନେତା ଟିକାଏତ ମହଓମ୍, ଜିଲ୍ଲା ଯୁବ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଦିଲ୍ଲୀପ ପ୍ରଧାନ, ମହେନ୍ଦ୍ର ମେହେର, ପବିତ୍ର ବାଗ, ବ୍ଲକ ସଭାପତି ତରଣୀ ଦେବତା, ଝରଣା ମେହେର, ପ୍ରେମାଙ୍ଗିନି ବାରିକ, ହିମାଞ୍ଚଳ ସାହୁ, ପ୍ରକାଶ ବାରିକ, କାଉନ୍ସିଲର୍ ସୁରେଶମେହେର, ଦିନେଶ ପ୍ରଧାନ, ଚାଷୀ ନେତା, ରମେଶ ପ୍ରଧାନ, ରାମ ସେଠ୍, ସୁଦାମ ଦାସ, ବଣ୍ଟି ଭୋଇ, ଗୌର ପ୍ରଧାନ ପ୍ରମୁଖ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନିୟ ତହସିଲଦାରଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା । ପରେ ମହାମହିମ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ସହ ଆଗାମୀ ଦିନରେ ଉଚିତ୍ ପଦକ୍ଷେପ ଗ୍ରହଣଯୋଗ୍ୟ ନହେଲେ ବିଜେଡି ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ବୋଲି ନେତାମାନେ ଚେତାବନୀ ଦେଇଥିଲେ ।



ବଡ଼ବଜାର ଶୀତଳଷଷ୍ଠୀ ଯାତ୍ରା

# ଯୋଗ ଦେବେ ୫ ଶହରୁ ଅଧିକ କଳାକାର

ସମ୍ବଲପୁର, ୯।୬ (ସମିସ) :

ଚଳିତବର୍ଷ ବଡ଼ବଜାରର ଶ୍ରୀଶୀତଳେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାକୁ ଭବ୍ୟ ଓ ଆକର୍ଷଣୀୟ କରାଯିବ। ଏଥିରେ ରାଜ୍ୟ ତଥା ଜାତୀୟସ୍ତରର ପ୍ରାୟ ୫ ଶହ କଳାକାର ଯୋଗଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଯାତ୍ରା କମିଟି ସଭାପତି ସରୋଜ ସାହୁ ଓ ସମ୍ପାଦକ ରାମଦାସ ପଣ୍ଡା ସୂଚନା ଦେଇଛନ୍ତି। ଚଳିତବର୍ଷ ଶ୍ରୀ ଶୀତଳେଶ୍ୱର ବାବାଙ୍କ ଦେବବିବାହରେ ମୁଦିପଡ଼ାର କୁଞ୍ଜବନ ପଟେଲ ଓ ଧରିତ୍ରୀ ପଟେଲ ମାତା ପାର୍ବତୀଙ୍କ ପିତାମାତା ଭାବେ ଦାୟିତ୍ୱ ନିର୍ବାହ କରୁଥିବାବେଳେ ବରପିତା ଭାବେ ଜଗଦୀଶ କାଲନୋରିଆ ରହିଛନ୍ତି। ଆସନ୍ତା ୧୭ ତାରିଖ ସନ୍ଧ୍ୟା ସାଢ଼େ ୭ଟାରେ ବାବାଙ୍କ ରୁଦ୍ରାଭିଷେକ ଓ ଅନ୍ୟାନ୍ୟ ରୀତିନୀତି ଆରମ୍ଭ ହେବ; ୧୮ ତାରିଖ ବାରାତ ଯାଇ ବିଳମ୍ବିତ ରାତ୍ରି ଶୁଭ ଲଗ୍ନରେ ବିବାହୋତ୍ସବ ବୈଦିକ ରୀତିରେ ଅନୁଷ୍ଠିତ ହେବ। ୧୯ ତାରିଖ ରାତି ୧୧ଟାରେ ଯୁଗଳ ଦର୍ଶନ ଶୋଭାଯାତ୍ରା ସହର ପରିକ୍ରମା ପାଇଁ ବାହାରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଶୋଭାଯାତ୍ରା ପୂର୍ବରୁ ବୁଢ଼ୀମା ମନ୍ଦିର ସମ୍ମୁଖରେ ଏକ ଭବ୍ୟ ମହାଆଳତୀ କରାଯିବ।




ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ସକାଶେ ବଡ଼ବଜାରର ଶ୍ରୀଶୀତଳେଶ୍ୱର ବାବାଙ୍କ ଦେବବିବାହ ଓ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ପୂର୍ବାହ୍ଣରେ ସମଲେଶ୍ୱରୀ ମନ୍ଦିର ପରିସରସ୍ଥ ସୂଚନା କେନ୍ଦ୍ରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଥିଲା। ବଡ଼ବଜାର ଶୀତଳଷଷ୍ଠୀ ଯାତ୍ରା ଚଳିତବର୍ଷ ୨୩ତମ ବର୍ଷରେ ପଦାର୍ପଣ କରିଛି। ଯାତ୍ରାକୁ ଅଧିକ ଭବ୍ୟ ଓ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ପ୍ରାୟ ୪୦ ଲକ୍ଷ ଟଙ୍କାର ବଜେଟ୍ କରାଯାଇଛି। ଚଳିତବର୍ଷ ମୋଟ ୨୨ଟି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନୃତ୍ୟ ଦଳ ଯାତ୍ରାରେ ସାମିଲ ହେବେ। ତନ୍ମଧ୍ୟରେ କାଳିନ୍ଦୀ ନୃତ୍ୟ, ଘୁଡୁକୁଡୁ, ଦାନବାଡ଼ି ନାଚ, ପଞ୍ଜାବୀ ଢୋଲ, ସମ୍ପ୍ରଦା, ମୟୂର ଚୁଳିଆ ନାଚ, ମହିଳା ଝାଞ୍ଜ, ଦୁଲଦୁଲି, ଘଣ୍ଟ ବାଦ୍ୟ, ଶଙ୍ଖୁଆ, ଅଘୋରୀ ଦଳ ସହ ରାଧାକୃଷ୍ଣ ମେଢ଼, ଉଜ୍ଜୟିନୀରୁ ଡମ୍ବରୁ ଦଳ, କଲିକତା, ଭୁବନେଶ୍ୱର, ରାଉରକେଲା ଓ ଆସାମରୁ ରଥ ନାଚ ସହିତ ପ୍ରଜ୍ଞାପନ ମେଢ଼, ହନୁମାନ ପରଭା, ରାଧାକୃଷ୍ଣ ପରଭା, ଦେବଦମ୍ପତିଙ୍କ ମୁଖ୍ୟ ପରଭା ରହିବ। ଏହାସହ ଡିଜେ ଲାଇଟ୍ ମଧ୍ୟ ରହିବ। ଶୀତଳଷଷ୍ଠୀ ଶୋଭାଯାତ୍ରାରେ ପାରମ୍ପରିକ ଲୁପ୍ତପ୍ରାୟ କଳା ସହିତ ଜାତୀୟସ୍ତରର କଳାକାରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ ବୋଲି ସମ୍ପାଦକ ରାମଦାସ ପଣ୍ଡା ସୂଚନା ଦେଇଛନ୍ତି।

ଆସନ୍ତା ୧୬ ତାରିଖରେ ପତରପେଁଡି, ୧୭ରେ ଦେ'ନିଉତା ପରେ ୧୮ ତାରିଖ ରାତି ୧୦ଟାରେ ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବାଙ୍କ ବାରାତ ବାହାରି ସମଲେଶ୍ୱରୀ ମନ୍ଦିର, କୁଞ୍ଜେଲପଡ଼ା ଛକ, ମୁଦିପଡ଼ା ଛକ, ପାଣିଟାଙ୍କି ଗଳି ଦେଇ କନ୍ୟାଗୃହରେ ପହଞ୍ଚିବ। ବିଳମ୍ବିତ ରାତ୍ରି ଶୁଭ ଲଗ୍ନରେ ଦେବବିବାହ ସମ୍ପନ୍ନ ହେବ। ନଗର ପରିକ୍ରମା ଶୋଭାଯାତ୍ରା ୧୯ ତାରିଖ ରାତି ୧୧ ଟାରେ ବୁଢ଼ୀମା ମନ୍ଦିରରୁ ବାହାରିବ। ସେଠାରେ ଏକ ଭବ୍ୟ ମହା ଆଳତୀ କରାଯିବ। ଏହା ପାଟଣେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର ଦେଇ ଗତି କରିବ। ପରଦିନ ୨୦ ତାରିଖ ସକାଳ ୧୦ଟାରେ ଭବ୍ୟ ଆଳତୀ ପରେ ବଡ଼ବଜାର ଛକରୁ ଶୋଭାଯାତ୍ରା ଆରମ୍ଭ ହେବ ଏବଂ ଏହା କ୍ଷେତରାଜପୁର, ଫାର୍ମରୋଡ, ଚେରୁଆପଡ଼ା ଛକ, କମଲିବଜାର ଛକ, ସମଲେଶ୍ୱରୀ ମନ୍ଦିର ଦେଇ ଶୀତଳେଶ୍ୱର ବାବାଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଯାତ୍ରା କମିଟି ଉପସଭାପତି କିଶୋର ମେହେର, ସାଂସ୍କୃତିକ ସମ୍ପାଦକ ଦିଲ୍ଲୀପ ସାହୁ ଓ ତ୍ରିଲୋଚନ ସରାଫ ମଞ୍ଚାସୀନ ଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଯାତ୍ରା କମିଟି ଉପସଭାପତି ମନୋଜ ପାଲସନିଆ, ଭୋପାଲ ବଘେଲ, ସହସମ୍ପାଦକ କୁନ୍ଦନ ପ୍ରଧାନ, ଶୁଭମ ମେହେର, କୋଷାଧ୍ୟକ୍ଷ ଭାବେଶ ଚାନ୍ଦ, ସାଂସ୍କୃତିକ ସମ୍ପାଦକ କୁନାଲ ପ୍ରଧାନ, ସାଜସଜ୍ଜା ସମ୍ପାଦକ ମଣ୍ଟୁ ସାହୁ, ବୁଦ୍ଧଦେବ ପ୍ରଧାନ, ନରେଶ ମାଝି, ପୂଜକ ସଞ୍ଜୟ ବଡ଼ମାଲି, ବିକାଶ ବରର୍ଡ୍ଡୀ, ପ୍ରିୟାଂଶୁ ପ୍ରଧାନ, କାହ୍ନା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ବସନ୍ତପୁରର ୫୩୩ ଚାଷୀ ବିକିବେ ରବି ଧାନ

ସମ୍ବଲପୁର, ୯।୬ (ସମିସ) : ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ୍ ବସନ୍ତପୁର ଗପଞ୍ଚାୟତର ୫୩୩ ଜଣ ଚାଷୀଙ୍କୁ ୨୦୨୫-୨୬ ରବି ଋତୁରେ ସେମାନଙ୍କ ଉପାର୍ଜିତ ଧାନ ବିକ୍ରୟ କରିବାକୁ ଅନୁମତି ମିଳିଛି। ଅଞ୍ଚଳର ଚାଷୀ ମାନଙ୍କ ସକାଶେ ଏହା ଏକ ସୁଖବର। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ଚିପିଲିମା ପାୱାର କେନାଲ୍ ଏବଂ ସମ୍ପ୍ରସାରଣ ପାଇଁ ସରକାର ଜମି ଗୁଡ଼ିକ ଅଧିଗ୍ରହଣ କରିଥିଲେ ଏବଂ କ୍ଷତିପୂରଣ ମଧ୍ୟ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଯୋଜନାରେ ପରିବର୍ତ୍ତନ ଯୋଗୁଁ କେବଳ ପାୱାର କେନାଲ୍ ନିର୍ମାଣ କରାଗଲା ଏବଂ ଅବଶିଷ୍ଟ ଜମି ଜଳସେଚନ ବିଭାଗ ନାମରେ ରହିଲା। ଏହି ଜମିଗୁଡ଼ିକ ଚାଷୀମାନଙ୍କ ପୂର୍ବପୁରୁଷଙ୍କ ହୋଇଥିବାରୁ, ସେମାନେ ଏଥିରେ ଚାଷ କାର୍ଯ୍ୟ ଜାରି ରଖିଥିଲେ। ମାତ୍ର ସରକାରୀ ରେକର୍ଡ ଅନୁଯାୟୀ ଏହାକୁ ଜବରଦଖଲ ବୋଲି କୁହାଯାଉଥିଲା। ସେଠାରେ ନିୟମିତ ଭାବେ ଚାଷ କରିଥାନ୍ତି କିନ୍ତୁ ସରକାରୀ ଜମିରେ ଚାଷ ଯୋଗୁଁ ଖରିଫ୍ ଓ ରବି ଋତୁରେ ସରକାର ଏହାକୁ ଧାନସଂଗ୍ରହ ସମୟରେ ସାମିଲ କରନ୍ତି ନାହିଁ। ଯୋଗାଣ ଓ ଗ୍ରାହକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ସୁଦାମ ଚରଣ ମଣ୍ଡଳ ସମ୍ବଲପୁର ଜିଲ୍ଲାପାଳଙ୍କୁ ଚିଠି ସଂଖ୍ୟା ୯ ୫୧୨ ତା ୮-୬-୨୦୨୬ ଜରିଆରେ ସୂଚନା ଦେଇଛନ୍ତି ଯେ, ସରକାର ବସନ୍ତପୁର ଗ୍ରାମ ପଞ୍ଚାୟତର ୫୩୩ ଜଣ ଚାଷୀଙ୍କୁ ସ୍ୱତନ୍ତ୍ର ଭାବେ ଜଳସଚନ ବିଭାଗର ଜମିରେ ଚାଷ କରାଯାଇଥିବା ଧାନ ପଞ୍ଜୀକରଣ ପୋର୍ଟାଲରେ ରବି ଧାନ ସଂଗ୍ରହ ୨୦୨୫-୨୬ରେ ବିକ୍ରୟ ନିମନ୍ତେ ପଞ୍ଜୀକରଣ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏହାସହ ସଚିବ ସ୍ୱଷ୍ଟ କରିଛନ୍ତି ଯେ, ସମ୍ପୃକ୍ତ ୫୩୩ ଜଣ ଚାଷୀଙ୍କୁ ଆଗାମୀ ଦିନରେ ଏହି ସରକାରୀ ଜମିରେ ଚାଷ ନ କରିବାକୁ ସୂଚିତ କରାଯାଉ। କାରଣ ଭବିଷ୍ୟତରେ ସରକାରୀ ଜମିରେ ହେଉଥିବା ଚାଷରୁ ଉତ୍ପାଦିତ ଧାନ ସରକାର ଆଦୌ ଗ୍ରହଣ କରିବେ ନାହିଁ। ଏହି ପ୍ରକ୍ରିୟାକୁ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଓଆରଏସଏସି ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରୋଜେକ୍ଟ ସପୋର୍ଟ ଟିମକୁ ଆବଶ୍ୟକୀୟ ବୈଷୟିକ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ, ଧାନବିକ୍ରି ପାଇଁ ଅନୁମିତ ପାଇଥିବା ୫୩୩ ଜଣ ଚାଷୀଙ୍କ ମଧ୍ୟରୁ କର୍ଡୋଲା ଅଞ୍ଚଳର ୪୧୯ ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ବଳକା ଚାଷୀ ଆସନ୍ତାକାଲି ପଞ୍ଜିକରଣ କରିବେ ବୋଲି ଜଣାପଡ଼ିଛି।

## ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ



ସମ୍ବଲପୁର, ୯।୬(ସମିସ):ଜଳ, ଜଙ୍ଗଲ ଓ ଜମିର ଅଧିକାର ପାଇଁ ଆଦିବାସୀ ସମାଜକୁ ସଂଗଠିତ କରି ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମର ବିଗୁଲ ବଜାଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ, ଆଦିବାସୀ ଜନନାୟକ ବୀର ବିର୍ସା ମୁଣ୍ଡାଙ୍କ ୧୨୬ତମ ବଳିଦାନ ଦିବସ ଅବସରରେ ବିଜୁ ଜନତା ଦଳ ସମ୍ବଲପୁର ପକ୍ଷରୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜୁ ଜନତା ଦଳର ସଭାପତି ଇଂ. ରୋହିତ ପୂଜାରୀଙ୍କ ନିର୍ଦ୍ଦେଶନାରେ ଏବଂ ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତିଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେଡି ନେତା ବେଣୁଧର ଦାଶ, ଶୁରୁ ବାବୁ ମେହେର, ସତ୍ୟେନ୍ଦ୍ର ଦାଶ, ପ୍ରହଲ୍ଲାଦ ଗୁରୁ, ସୁକେଶ ସିଂ, ତପନ ମେହେର, କିଶୋର ମୁଣ୍ଡା, ବିବେକ ମୁଣ୍ଡା, ଦିନେଶ ମୁଣ୍ଡା, ରାହୁଲ ସାହୁଙ୍କ ସମେତ ମହିଳା ଜିଲ୍ଲା ସଭାନେତ୍ରୀ ସଂଯୁକ୍ତା ମେହେର, ନୀଳିମା ନାୟକ, ସୁସ୍ମିତା ଦୀପ, ପୂଜା ଯାଦବ, ସରିତା ଦାଶ, ସୁନୀ ମୁଣ୍ଡା, ସୀତା ମୁଣ୍ଡା, ଡଲି ମୁଣ୍ଡା, ଅର୍ପିତା ରାଜହଂସ, ଶୁଣାଣୀ ରବିଡା ଓ ସୋନା ପ୍ରମୁଖ ଉପସ୍ଥିତ ଥିଲେ।

## ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ

କୁଚିଣ୍ଡା, ୯।୬(ସମିସ): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତର ଠାକୁରନିକ୍ତିମାଲ ଠାରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ଦିନ ହେବ ଅଚଳ ହୋଇପଡିଛି। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ



ମଧ୍ୟ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଠାକୁରନିକ୍ତିମାଲ ଛକ ଠାରେ ବକ୍ସମା ପଞ୍ଚାୟତ ପକ୍ଷରୁ ଦୁଇ ଲକ୍ଷ ଟଙ୍କା ବ୍ୟୟରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ତେବେ ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ପାନୀୟ ଜଳ ପ୍ରକଳ୍ପ ପ୍ରାୟ ବର୍ଷେ ହେବ ଅଚଳ ହୋଇପଡ଼ି ରହିଛି। ବର୍ତ୍ତମାନ ପ୍ରବଳ ରୌଦ୍ର ତାପରେ ଗ୍ରାମବାସୀ ଏବଂ ବାଟୋଇ ଥଣ୍ଡା ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅସୁବିଧା ବିଷୟରେ ଗ୍ରାମ ପଞ୍ଚାୟତର ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କାର୍ଯ୍ୟକ୍ଷମ କରିବା ପାଇଁ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ କେବଳ ଏହି ଗୋଟିଏ ପ୍ରକଳ୍ପ ନୁହେଁ, ସେହି ଗ୍ରାମରେ ସୋଲାର ପ୍ୟାନେଲ ଦ୍ୱାର ସଂଯୋଗ ହୋଇଥିବା ଆଉ ଏକ ପାନୀୟ ଜଳ ପ୍ରକଳ୍ପ ମଧ୍ୟ ଅଚଳ ହୋଇ ପଡ଼ିଥିବା ଏବଂ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହାର ମରାମତି ପାଇଁ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ବାବଦରେ ମତାମତ ପାଇଁ ସଂପୃକ୍ତ ପଞ୍ଚାୟତର ପିଇଓ ରାକେଶ ପଟେଲଙ୍କୁ ଯୋଗାଯୋଗ କରିବାରୁ ମୁଁ ସପ୍ତାହେ ହେବ ଏହି ପଞ୍ଚାୟତରେ ଯୋଗଦାନ କରିଛି, ଏବାବଦରେ କିଛି ଜାଣି ନାହିଁ। ଯଦି ପ୍ରକଳ୍ପ ଗୁଡ଼ିକ ଖରାପ ଥିବ ଖୁବ୍ ଶୀଘ୍ର ଏହାର ମରାମତି କରାଯିବ ବୋଲି କହିଥିଲେ।

## ସମ୍ବଲପୁର ରେଳମଣ୍ଡଳରେ ଅନ୍ତର୍ଜାତୀୟ ରେଳ ଫାଟକ ସଚେତନତା ଦିବସ

ସମ୍ବଲପୁର, ୯।୬ (ସମିସ) : ସମ୍ବଲପୁର ରେଳମଣ୍ଡଳରେ ଅନ୍ତର୍ଜାତୀୟ ରେଳ ଫାଟକ ସଚେତନତା ଦିବସ ପାଳନ କରାଯାଇଛି।



ଗତ ୩ ତାରିଖରୁ ଆଜି ପର୍ଯ୍ୟନ୍ତ ସଚେତନତା ଅଭିଯାନ କରାଯାଇଥିଲା। ମଣ୍ଡଳ ଦ୍ୱାରା ସଡ଼କ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ବିଭିନ୍ନ ମାନବଯୁକ୍ତ ଲେବଲ କ୍ରସିଂ, ପେଟ୍ରୋଲ ପମ୍ପ, ସାପ୍ତାହିକ ବଜାର ସ୍ଥାନ ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ବିଭିନ୍ନ କାର୍ଯ୍ୟକଳାପ କରାଯାଇଥିଲା ଯେପରିକି, ନିରାପତ୍ତା ସମ୍ପର୍କିତ ପ୍ରଚାରପତ୍ର, ପୋଷ୍ଟର, ଷ୍ଟିକର ଇତ୍ୟାଦି ବଣ୍ଟନ। ମାନେଶ୍ୱରରେ ମାନବଯୁକ୍ତ ଲେବଲ କ୍ରସିଂ ଏସ୍‌ଟି-୧୨ରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଦ୍ୱାରା ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

ଏହି ଅବସରରେ, ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସୁବାସ ଚନ୍ଦ୍ର ଚୌଧରୀ ସମସ୍ତ ସଡ଼କ ବ୍ୟବହାରକାରୀମାନଙ୍କୁ ନିରାପତ୍ତା ସମ୍ପର୍କିତ ନିୟମ ଗୁଡ଼ିକ ପାଳନ କରିବାକୁ ଏବଂ ରେଳ ଫାଟକ ପାରି ହେବା ସମୟରେ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ପାଇଁ ଅନୁରୋଧ କରିଛନ୍ତି। ସମ୍ବଲପୁର ରେଳ ମଣ୍ଡଳର ନିରାପତ୍ତା ବିଭାଗର କର୍ମଚାରୀ, ସଡ଼କ ପରିବହନ ବିଭାଗର ଅଧିକାରୀ ଓ କର୍ମଚାରୀ ତଥା ସମ୍ବଲପୁରର ସୋସିଆଲ ଷ୍ଟାର କ୍ଲବର ସଦସ୍ୟମାନଙ୍କ ସହିତ ମଣ୍ଡଳ ନିରାପତ୍ତା ଅଧିକାରୀ ଲିଙ୍ଗରାଜ ଗଡ଼ତିଆ ମାନବଯୁକ୍ତ ଲେବଲ କ୍ରସିଂ ଗେଟ୍‌ରେ ସଡ଼କ ବ୍ୟବହାରକାରୀଙ୍କୁ ନିରାପତ୍ତା ସମ୍ପର୍କିତ ପଦକ୍ଷେପ ଓ ନିର୍ଦ୍ଦେଶାବଳୀ ଗୁଡ଼ିକ ସମ୍ପର୍କରେ ପରାମର୍ଶ ଦେଇଥିଲେ।

## ପାଣିରେ ଭାସୁଥିବା ଶବ ଉଦ୍ଧାର

କୁଚିଣ୍ଡା, ୯।୬(ସମିସ): ଭୋଜପୁର ନିକଟସ୍ଥ ଗନଘୁଷା ଗ୍ରାମର ପ୍ରତାପ ଷଣ୍ଢ (୫୬) ନିକଟସ୍ଥ ଜଙ୍ଗଲକୁ ବାଉଁଶ ଆଣିବାକୁ ଯାଇ ଗତ ରବିବାର ଦିନ ଠାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁତ ଖୋଜା ଖୋଜି ପରେ ନିରାଶ ଥିଲେ। ସୋମବାର ଅପରାହ୍ନରେ ବାଙ୍କସାଲ ଜଳଭଣ୍ଡାର ଦୁମାନ ଠାରେ ଶବ ଭାସୁଥିବା ଖବର ପାଇ ଉକ୍ତ ସ୍ଥାନକୁ ଯାଇଥିଲେ। ପାଣିରେ ଭାସୁଥିବାର ଦେଖି ଜମନକିରା ପୁଲିସକୁ ଖବର ଦେଇଥିଲେ। ଜମନକିରା ପୁଲିସ ଦମକଳବାହିନୀଙ୍କ ସହାୟତାରେ ଶବ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ରାତି ୧୦ଟା ୩୦ରେ ଆଣି ଶବ ଗୃହରେ ରଖିଥିଲେ। ମଙ୍ଗଳବାର ମୃତଦେହ କୁଚିଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଜମନକିରା ଥାନାରେ ମାମଲା ରୁଜୁ କରାଯାଇଥିବା ଜଣାପଡିଛି।

## ଏସ୍‌ଆଇଆର୍ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା




କୁଚିଣ୍ଡା, ୯।୬(ସମିସ):କୁଚିଣ୍ଡା ସବ୍‌ଡିଭିଜନ୍ କେଶାଇବାହାଲରେ ମଙ୍ଗଳବାର ଏସ୍‌ଆଇଆର୍ ସମ୍ପର୍କିତ ସଚେତନତା ସଭା ଓ ରାଲି ଆୟୋଜନ କରାଯାଇଥିଲା। କୁଚିଣ୍ଡା ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସରୱାନନ୍ ସଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଆର ଓ ତଥା ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ପୁଷ୍ପକ ପ୍ରଧାନ, ବିଶାଲ ପଟେଲ, ରବୀନ୍ଦ୍ର ସେଠୀ, ପ୍ରଦୀପ ବିଲୁଙ୍ଗ, ସହକାରୀ ଜିଲ୍ଲାପାଳ ରମେଶ ସାହୁ , ଇଲେକସନ୍ ଆସିଷ୍ଟାଣ୍ଟ ୱିଲିୟମ ବାଘ, ସମସ୍ତ ସୁପରଭାଇଜର ବି ଏଲ କଲେଜ୍‌ର ଶତାଧିକ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ସଭାରେ ଏସ୍‌ଆଇଆର୍‌ର ଉଦ୍ଦେଶ୍ୟ, ମତଦାତା ତାଲିକାର ସଠିକତା ଏବଂ ନାଗରିକ ମାନଙ୍କର ସହଯୋଗ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ନିଜର ପରିଗଣନା ଫର୍ମର ସଠିକତା ଯାଞ୍ଚ କରିବା ସହିତ ସାଙ୍ଗସାଥି, ପରିବାର ବର୍ଗ, ସାହିପଡ଼ଶାରେ ଏସଆଇଆର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ପରେ ଆୟୋଜିତ ସଚେତନତା ରାଲି ଛାତ୍ରଛାତ୍ରୀ ଏସ ଆଇଆର ସମ୍ପର୍କିତ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଏସଆଇଆର ସମ୍ପର୍କରେ ସାଧାରଣଜନତାଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ହୋଇଥିଲା।

## ଗ୍ୟାସ୍ ଗୋଦାମରୁ ଚୋରି ;ଅଭିଯୁକ୍ତ ଗିରଫ

ସମ୍ବଲପୁର, ୯।୬ (ସମିସ) : ଗତ ଏପ୍ରିଲ ୧୯ ତାରିଖ ମଧ୍ୟରାତ୍ରର ବୁର୍ଲା ଥାନା ଅନ୍ତର୍ଗତ ମହତାବନଗରସ୍ଥିତ ଇଣ୍ଡେନ ଗ୍ୟାସ୍ ଗୋଦାମରୁ ହୋଇଥିବା ଚୋରି ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାସହ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ମହତାବନଗରର କରଣ ସେଠ୍ ଓରଫ୍ ବିକି (୨୮) ବୋଲି ପୁଲିସ କହିଛି। ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଛି।




ପୁଲିସ ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୯ ତାରିଖ ମଧ୍ୟରାତ୍ରରେ ଇଣ୍ଡେନ ଗ୍ୟାସ ଗୋଦାମରେ ଚୋରି ହୋଇଥିଲା। ପରଦିନ ୨୦ ତାରିଖ ସକାଳେ ଗୋଦାମ ମାଲିକଙ୍କ ଅଭିଯୋଗକ୍ରମେ ବୁର୍ଲା ପୁଲିସ କେସ ନଂ. ୧୬୫/୨୦୨୬ ଦଫା ୩୩୧ (୪), ୩୦୫ ବିଏନ୍‌ଏସ୍‌ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଜୁନ ୮ ତାରିଖ ରାତି ୧୧ଟା ସମୟର ମହତାବନଗରରେ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତ କରଣ ସେଠଙ୍କୁ ଘରୁ ଗିରଫ କରିବାସହ ଚାରି ସାମଗ୍ରୀ ଜବତ କରିଛି। ଏହି ମାମଲାର ଆଉ ଦୁଇଜଣ ସମ୍ପୃକ୍ତ ଅଛନ୍ତି। ଅଭିଯୁକ୍ତ ନିକଟରୁ ପୁଲିସ ଗୋଟିଏ ସୁଜୁକି ସ୍କୁଟର, ଗୋଟିଏ ଛୁରୀ, ୨ଟି ଖାଲି ଇଣ୍ଡେନ ଗ୍ୟାସ ସିଲିଣ୍ଡର, ଗ୍ୟାସ ରିଫିଲିଂ କେବୁଲ୍, ଏଲଇଡି ଲାଇଟ୍ ସମେତ କମ୍ପ୍ୟୁଟର ମନିଟର, କିବୋର୍ଡ, ମାଉସ୍ ଆଦି ଜବତ କରିଛି। ଅଭିଯୁକ୍ତ ନାଁରେ ବୁର୍ଲା ଥାନାରେ ଅନ୍ୟ ଏକ ଅପରାଧିକ ମାମଲା ରହିଥିବା ପୁଲିସ କହିଛି।

## ଶ୍ରୀନାଥ ଦାସଙ୍କ ଦେହାନ୍ତରେ ଶୋକ



ସମ୍ବଲପୁର, ୯।୬(ସମିସ):ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ସମ୍ବଲପୁର ସହର ପଟ୍ଟନାୟକପଡ଼ା ନିବାସୀ ଶ୍ରୀନାଥ ଦାସଙ୍କ ଦେହାନ୍ତ ଗଭୀର ଶୋକ ପ୍ରକଟ କରି କହିଛନ୍ତି ଯେ ସ୍ୱର୍ଗତ ଦାସଙ୍କ ଦେହାନ୍ତ ଖବର ଶୁଣି ଗଭୀର ଦୁଃଖିତ ଏବଂ ମର୍ମାହତ। ସ୍ୱର୍ଗତ ଦାସ ଅଞ୍ଚଳର ଜନମାନସରେ ଜଣେ ସୁପରିଚିତ ବ୍ୟକ୍ତିତ୍ୱ ଥିଲେ। ଏଭଳି ଅସମୟରେ ଇଂ ପୂଜାରୀ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଇଛନ୍ତି, ଅମର ଆତ୍ମାର ସଦଗତି ଏବଂ ପରିବାର ବର୍ଗଙ୍କ ଅସୀମ ଧୈର୍ଯ୍ୟ ଓ ସାହସ ନିମନ୍ତେ ମାଁ ସମଲେଶ୍ୱରୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ଅନ୍ନପୂର୍ଣ୍ଣା ମିଶ୍ରଙ୍କ ପରଲୋକ

ସମ୍ବଲପୁର, ୯।୬ (ସମିସ) : ସମ୍ବଲପୁର ଜିଲ୍ଲା ପରମାଣପୁର ନିବାସୀ ଚାଷୀ ନରେନ୍ଦ୍ର ମିଶ୍ରଙ୍କ ମା' ଅନ୍ନପୂର୍ଣ୍ଣା ମିଶ୍ରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୦ ବର୍ଷ



ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣା, ମେଳାପୀ ଓ ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କ ପଛରେ ପୁଅ ବୋହୂ, ଝିଅ ଜ୍ୱାଇଁ ଓ ନାତିନାତୁଣୀ ଅଛନ୍ତି। ଆସନ୍ତାକାଲି ପରମାଣପୁର ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପଧାନ, ଅଶ୍ୱିନୀ ହୋତା, ସଞ୍ଜିବ ବାରିକ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ପ୍ରମୁଖ ଶୋକପ୍ରକାଶ କରିବାସହ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## 'ନିଟ୍' ପ୍ରଶ୍ନପତ୍ର ଲିକ୍ ମାମଲା ଆକ୍ରୋଶ ରାଲି \ ମାନେଶ୍ୱର ବ୍ଲକ୍‌ରେ କଂଗ୍ରେସର ପ୍ରସ୍ତୁତି ବୈଠକ

ସମ୍ବଲପୁର, ୯।୬(ସମିସ):ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ସାରା ଦେଶରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଏହାର ପ୍ରତିବାଦରେ ଆଜି ହେବାକୁ ଥିବା 'ଆକ୍ରୋଶ ରେଲି' ପାଇଁ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ପରିପ୍ରେକ୍ଷୀରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାନେଶ୍ୱର ବ୍ଲକଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଆୟୋଜନ ହେବାକୁ ଥିବା ଏହି ମହାସଭାରେ ହଜାର ହଜାର ସଂଖ୍ୟାରେ ଯୁବକ, ଛାତ୍ର ଏବଂ କଂଗ୍ରେସ କର୍ମକର୍ତ୍ତା ଯୋଗଦେବା ନେଇ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ରେଙ୍ଗାଲି ନିର୍ବାଚନ ବିଧାନସଭା ପ୍ରାର୍ଥି ତଥା ସାଧାରଣ ସମ୍ପାଦକ ଦିଲ୍ଲୀପ ଦୁରିଆଙ୍କ ନେତୃତ୍ୱ ଏହି ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର ଉପରେ



ବର୍ଷିଛନ୍ତି। ପ୍ରଶ୍ନପତ୍ର ଲିକ୍ ମହାଘୋଟାଲାକୁ ନେଇ କେନ୍ଦ୍ର ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଉପରେ ସେ ଗୁରୁତର ଅଭିଯୋଗ କରିଥିଲେ। ଏହା ସହିତ ରାଜ୍ୟରେ ନୂତନ ଭାବେ ବିଜେପି ସରକାର ଆସିବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଶ୍ରୀ ଦାସ କହିଥିଲେ। ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳାଯାଉଥିବାରୁ ଏହାର ପ୍ରତିବାଦରେ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ଏହି ସଭାରେ ପିସିସି ମେଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସ, ଜିଲ୍ଲା ସଭାପତି ଅମିତ ଗୁରୁ, କୁଚିଣ୍ଡା ବିଧାୟକ ପ୍ରାର୍ଥୀ କେଦାର ବରିହା, ଛାତ୍ର ନେତା ବିଭୁତି ମହାପାତ୍ର, ଜିତେନ୍ଦ୍ର ପ୍ରଧାନ, ସଞ୍ଜୟ ଛୁରିଆ ସମେତେ ହଜାରେ ରୁ ଉର୍ଦ୍ଧ ଯୁବ ଛାତ୍ର ଉପସ୍ଥିତ ରହିଥିଲେ।।

ଯୁଯୁମୁରା ଚଷା ଜାତି ସମାଜ ବୈଠକ

## ଆର୍ଥିକ, ସାମାଜିକ ସ୍ତରରେ ପରସ୍ପରକୁ ସହଯୋଗ କରିବ ସମାଜ

ସମ୍ବଲପୁର, ୯।୬(ସମିସ):

ଯୁଯୁମୁରା ଚଷା ଜାତି ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନ୍ଧାରୀ ଗ୍ରାମରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ସମାଜର ଶତାଧିକ ପ୍ରତିନିଧି ଯୋଗଦେଇ ସାମଗ୍ରିକ ବିକାଶ, ସଂସ୍କାର ଏବଂ ଏକତା ଉପରେ ବ୍ୟାପକ ଆଲୋଚନା କରିଥିଲେ।। ସମାଜର ପ୍ରତ୍ୟେକ ପରିବାରକୁ ଆର୍ଥିକ ଏବଂ ସାମାଜିକ ସ୍ତରରେ ସହଯୋଗର ହାତ ବଢ଼ାଇବା ପାଇଁ ବୈଠକରେ ସଂକଳ୍ପ ନିଆଯାଇଛି। ସଦସ୍ୟମାନେ ମତ ପ୍ରକାଶ କରିଛନ୍ତି ଯେ, ଯଦି ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବେ, ତେବେ ସମାଜର ସବୁ



ସମସ୍ୟାର ସହଜ ସମାଧାନ ହୋଇପାରିବ। ସମାଜକୁ ଆଗକୁ ନେବା ପାଇଁ ମହିଳା ଓ ଯୁବ ଗୋଷ୍ଠୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବୈଠକରେ ଜୋର ଦିଆଯାଇଥିଲା। ଆଗାମୀ ଦିନରେ ସମାଜର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ନେତୃତ୍ୱରେ ମହିଳା ଓ ଯୁବ ପିଢ଼ିଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯିବ। ଏହାସହ ପିଲାମାନଙ୍କର ଉଜ୍ଜଳ ଭବିଷ୍ୟତ ଗଠନ କରିବା ଏବଂ ସେମାନଙ୍କୁ ଶିକ୍ଷା ତଥା ସଂସ୍କାର ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ ସମଗ୍ର ଜ୍ଞାତିକୁଳକୁ ଏକଜୁଟ ହେବାକୁ ପଡ଼ିବ ବୋଲି ବରିଷ୍ଠ କର୍ମକର୍ତ୍ତାମାନେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସମାଜର ସାଂସ୍କୃତିକ ଓ ଆଧାତ୍ମିକ ଚେତନାକୁ ସୁଦୃଢ଼ କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ସମାଜର ସର୍ବସମ୍ମତି କ୍ରମେ କୁଳ ଦେବୀଙ୍କ ଭବ୍ୟ ମନ୍ଦିର ନିର୍ମାଣ କରିବାକୁ ସହମତି ପ୍ରକାଶ ପାଇଛି। ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ଏବଂ ଏଥିପାଇଁ ସମସ୍ତ ସଦସ୍ୟ ନିଜର ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବେଦବ୍ୟାସ ପ୍ରଧାନ ସଭାପତିତ୍ୱ ସଭାରେ ସୁରେଶ ପ୍ରଧାନ, ଭିକାରି ପ୍ରଧାନ, କୁନୁ ବିଶ୍ୱାଳ, ପ୍ରହଲ୍ଲାଦ ପ୍ରଧାନ, ଗିରିଧାରୀ ବିଶ୍ୱାଳ, ରଙ୍କ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, କ୍ଷୀର ପ୍ରଧାନ, ଜୟନ୍ତ ପ୍ରଧାନ, କିରଣ ପ୍ରଧାନ, ଓମ ପ୍ରକାଶ ବିଶ୍ୱାଳ, ଜୀନୁ ବିଶ୍ୱାଳ, ପ୍ରମୋଦ ପ୍ରଧାନ, ଦିବାକର ପ୍ରଧାନ, ଲକ୍ଷ୍ମୀକାନ୍ତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଲୋୟର ପିଏମ୍‌ଜିରେ ଗର୍ଜିଲେ ଡାକ୍ତର

ଭୁବନେଶ୍ୱର, ୯।୬(ସମିସ)





ସାଧାରଣତଃ ରାଜରାସ୍ତାରେ ନିଜ ଅଧିକାର ପାଇଁ ଡାକ୍ତରମାନଙ୍କୁ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳେ ନାହିଁ। କିନ୍ତୁ ମଙ୍ଗଳବାର ରାଜଧାନୀର ଲୋୟର ପିଏମଜି ଛକରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଦଲିଲ ଯାଞ୍ଚ ସମ୍ପୂର୍ଣ୍ଣ କରିଥିବା ସଂରକ୍ଷିତ ବର୍ଗ ଡାକ୍ତରମାନେ ନିଜ ନିଯୁକ୍ତି ଦାବିରେ ରାସ୍ତାକୁ ଓହ୍ଲାଇଥିଲେ। ଆନ୍ଦୋଳନକାରୀ ଡାକ୍ତରମାନଙ୍କ ଅଭିଯୋଗ ଅନୁଯାୟୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସଂରକ୍ଷିତ ବର୍ଗର ବ୍ୟାକଲଗ୍ ପଦବୀ ପୂରଣ ପାଇଁ ଯୋଗ୍ୟ ସଂରକ୍ଷିତ ପ୍ରାର୍ଥୀଙ୍କୁ ସୁପାରିଶ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଉଭୟ ଓପିଏସସି ଓ ସରକାର ଏହି ଦିଗରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ଫଳରେ ପରୀକ୍ଷାରେ ସଫଳ ହୋଇଥିବା ଏବଂ ଦଲିଲ ଯାଞ୍ଚ ସମ୍ପୂର୍ଣ୍ଣ କରିଥିବା ଅନେକ ସଂରକ୍ଷିତ ବର୍ଗର ଡାକ୍ତରମାନେ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି।

ପ୍ରକାଶ ଥାଉ କି ଗତବର୍ଷ ରାଜ୍ୟ ସରକାର ୫, ୨୪୮ଟି ଚିକିତ୍ସା ଅଧିକାରୀ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ସେଥିରୁ ମାତ୍ର ୧, ୮୪୦ ଜଣ ପ୍ରାର୍ଥୀ ଦଲିଲ ଯାଞ୍ଚ ପର୍ଯ୍ୟାୟକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ୧, ୮୪୦ ଜଣ ଡାକ୍ତରଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇନାହିଁ। ଏହା ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଦୟନୀୟ ଚିତ୍ରକୁ ସାମ୍ନାକୁ ଆଣୁଛି। ଗତ ଦୁଇ ବର୍ଷ ଧରି ରାଜ୍ୟରେ ନୂତନ ଚିକିତ୍ସା ଅଧିକାରୀଙ୍କ ନିଯୁକ୍ତି ହୋଇନାହିଁ। ଅନ୍ୟପଟେ ଅନେକ ଡାକ୍ତର ଉଚ୍ଚଶିକ୍ଷା (ପିଜି) ପାଇଁ ସେବା ଛାଡୁଥିବାରୁ ରାଜ୍ୟର ବିଭିନ୍ନ ଚିକିତ୍ସାଳୟରେ ଡାକ୍ତର ଅଭାବ ଦିନକୁ ଦିନ ବଢ଼ିଚାଲିଛି। ଏଭଳି ପରିସ୍ଥିତି ଜାରି ରହିଲେ ଆଗାମୀ ଦିନରେ ହସ୍ପିଟାଲଗୁଡ଼ିକରେ ଔଷଧ ଥିବ, କିନ୍ତୁ ରୋଗୀଙ୍କୁ ଚିକିତ୍ସା ଓ ପରାମର୍ଶ ଦେବା ପାଇଁ ଡାକ୍ତର ନଥିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଆନ୍‌ଦୋଳନକାରୀ ଡାକ୍ତରମାନେ ଅଭିଯୋଗ କରିଛନ୍ତି ଯେ, ଗୋଟେ ପଟେ ସରକାର ରାଜ୍ୟରେ ଡାକ୍ତର ଅଭାବ ଥିବା କଥା ସ୍ୱୀକାର କରୁଥିବାବେଳେ ଅନ୍ୟପଟେ ଯୋଗ୍ୟ ଡାକ୍ତରମାନଙ୍କୁ ନିଯୁକ୍ତି ନ ଦେବା ଦ୍ୱିମୁଖୀ ନୀତିର ପରିଚୟ ଦେଉଛି। ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ଗତ ବିଧାନ ସଭା ଅଧିବେଶନ ରେ ୧୮୪୦ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ କହିଥିଲେ। ହେଲେ ଏ ପର୍ଯ୍ୟନ୍ତ ସଂରକ୍ଷିତ ଡାକ୍ତରମାନେ ନିଯୁକ୍ତି ନ ପାଇ ରାସ୍ତାକୁ ଓହ୍ଲାଇବା ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକଳ ଚିତ୍ର ଦର୍ଶାଉଛି। ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରି ଯୋଗ୍ୟ ସଂରକ୍ଷିତ ପ୍ରାର୍ଥୀଙ୍କ ନିଯୁକ୍ତି ନେଇ ସକାରାତ୍ମକ ପଦକ୍ଷେପ ନ ନେଲେ ଆନ୍‌ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଡାକ୍ତରମାନେ ସତର୍କ କରିଛନ୍ତି। ଏପରି ପରିସ୍ଥିତିରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଲେ ସେଥିପାଇଁ ସରକାର ନିଜେ ଦାୟୀ ରହିବେ ବୋଲି ସେମାନେ କହିଛନ୍ତି।

## ରଙ୍ଗ ବିକ୍ରି ଆଳରେ ଦୁଇ ଲକ୍ଷ ଠକେଇ; ହାର୍ଡୱେର ଦୋକାନୀ ଗିରଫ



ଭୁବନେଶ୍ୱର, ୯।୬(ସମିସ): ରଙ୍ଗ ବିକ୍ରି ଆଳରେ ୨ ଲକ୍ଷ ଟଙ୍କା ଠକି ନେଇଥିବା ହାର୍ଡୱେର ଦୋକାନୀଙ୍କୁ ଗିରଫ କରିଛି ସହିଦ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବମିଖାଲର ତାରେଶ୍ୱର ମହାରଣା ଓରଫ୍ କୁନୁ (୩୬)।

ପୁଲିସ ସୂଚନାନୁସାରେ, ସହିଦନଗରରେ କୁନୁଙ୍କର ମହାରାଣା ହାର୍ଡୱେର ଷ୍ଟୋର କରିଛନ୍ତି। କଳାହାଣ୍ଡିର ଲୁକେଶ୍ୱର ବେହେରା ତାଙ୍କ ଠାରୁ ରଙ୍ଗ କିଣିବା ପାଇଁ ୨ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ପାଇବା ପରେ ତାରେଶ୍ୱର ତାଙ୍କୁ ୪ ଲକ୍ଷ ଟଙ୍କାର ରଙ୍ଗ ସାମଗ୍ରୀ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଟଙ୍କା ପାଇବା ପରେ ତାରେଶ୍ୱର ପ୍ରତିଶ୍ରୁତି ଅନୁଯାୟୀ ରଙ୍ଗ ସାମଗ୍ରୀ ଯୋଗାଇ ନଥିଲେ କି ଟଙ୍କା ଫେରସ୍ତ କରି ନଥିଲେ। ଲୁକେଶ୍ୱର କଳାହାଣ୍ଡିରୁ ଅନେକ ଥର ତାରେଶ୍ୱରଙ୍କ ଘରକୁ ଯାଇଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କୁ ଏଡ଼ାଇ ଯାଇଥିଲେ ଓ ଟଙ୍କା ଫେରସ୍ତ କରିବାକୁ ମନା କରି ଦେଇଥିଲେ। ପରବର୍ତ୍ତୀ ସମୟରେ ତାରେଶ୍ୱର ନେଇଥିବା ଟଙ୍କା ଫେରସ୍ତ ପାଇଁ ଏକ ଚେକ୍ ଦେଇଥିଲେ ମଧ୍ୟ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ, ତାହା ବାଉନ୍ସ ହୋଇଯାଇଥିଲା। ଏନେଇ ଲୁକେଶ୍ୱର ସହିଦନଗର ଥାନାରେ ଏତଲା ଦେବାପରେ ପୁଲିସ ତାରେଶ୍ୱରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଘରେ କେହି ନ ଥିବା ବେଳେ ଚୋରି

ଝାଁଳା, ୯।୬(ସମିସ): ଇନ୍‌ଫୋଭ୍ୟାଲି ଥାନା ଓଗାଳପଡ଼ା ଗ୍ରାମରେ ଘରେ କେହି ନଥିବା ବେଳେ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରିର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ଓଗାଳପଡ଼ାରେ ରହୁଥିବା ସୁଶାନ୍ତ କୁମାର ମହାନ୍ତି। ସୁଶାନ୍ତଙ୍କ ଅଭିଯୋଗ ଅନୁସାରେ ସୋମବାର ସେ ଘରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ଓ ଝିଅ ଘର ତାଲା ପକାଇ ଦିନ ପ୍ରାୟ ୧୨ ଟା ବେଳକୁ ରଜ ପାଇଁ ମାର୍କେଟିଂ କରିବାକୁ ଯାଇଥିଲେ। ଅପରାହ୍ଣ ୪ ଟା ବେଳକୁ ଘରକୁ ଫେରି ଦେଖିବା ବେଳକୁ ତାଙ୍କ ମୁଖ୍ୟ ଦ୍ୱାର କବାଟର ତାଲା ଭଙ୍ଗା ହୋଇ ତଳେ ପଡ଼ିଛି। ଭିତରକୁ ଯାଇ ଦେଖିଲା ବେଳକୁ ଗଡ଼ରେଜ ଆଲମାରି ଲକର ଖୋଲା ପଡ଼ିଛି। ଲକରରେ ଥିବା ୪୦ ହଜାର ଟଙ୍କା, ଝିଅ କୁମ୍ଭିରେ ପଡ଼ିଥିବା ୫ ହଜାର ଟଙ୍କାର କଏନ, ସୁନା ଚେନ, କାନଫୁଲ, ମୁଦି, ଲକେଟ ଆଦି ଜିନଷ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତେଣୁ ଏନେଇ ଇନଫୋଭ୍ୟାଲି ଥାନାରେ ଶୁସାନ୍ତ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ସ୍ଥାନୀୟ ଅଞ୍ଚଳର ଚିତ୍ର ଉତ୍ତୋଳନ ଯନ୍ତ୍ର ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଛି।

## ମଦ ନ ଦେବାରୁ ସ୍କୁଟି ଚାବିରେ ବେକ କଣା କରିଦେଲେ

ଭୁବନେଶ୍ୱର, ୯।୬ (ସମିସ): ମଦ ଦେବାକୁ ମନା କରିବାରୁ ଉନ୍ମତ୍ତ କାଣ୍ଡ ଭିଆଇଛନ୍ତି କିଛି ଯୁବକ। ସ୍କୁଟି ଚାବିରେ ଆକ୍ରମଣ କରି ଯୁବକଙ୍କ ବେକ କଣା କରି ଦେଇଛନ୍ତି। ହଳଦୀପଡ଼ିଆ ବସ୍ତିରେ ଏଭଳି ଘଟଣା ଘଟିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି, ମୋଚିସାହିର ଏନ୍ ନଗେଶ ଓରଫ୍ ନାଗୁ (୨୧) ଓ ଝାରପଡ଼ା ଜୟଦୁର୍ଗା ନଗରର ଶ୍ରୀସନ୍ତ ବାରିକ (୧୯)।



ପୁଲିସ ସୂଚନାନୁଯାୟୀ, ହଳଦୀପଡ଼ିଆ ବସ୍ତିର ରବି ପାଲ୍ ଗତକାଲି ରାତିରେ ଘରେ ଥିବାବେଳେ ନାଗୁ ଓ ଶ୍ରୀସନ୍ତ ତାଙ୍କ ପାଖରେ ପହଞ୍ଚି ମଦ ମାଗିଥିଲେ। ରବି ମଦ ଦେବାକୁ ମନା କରିବାରୁ ଉଭୟ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ରବି ବିରୋଧ କରିବାରୁ ଉଭୟ ମିଶି ତାଙ୍କୁ ମାଡ ମାରିବା ସହ ସ୍କୁଟି ଚାବିରେ ତାଙ୍କ ବେକକୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ବେକରେ କ୍ଷତ ସୃଷ୍ଟିହୋଇ ରକ୍ତସ୍ରାବ ହୋଇଥିଲା। ପାଟିଶୁଣି ଭଉଣୀ ଓ ଭିଣୋଇ ଘଟଣାସ୍ଥଳରେ ପହଞ୍ଚିବା ସହ ରବିଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରି ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରବିଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ନାଗୁ ଓ ଶ୍ରୀସନ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ହେପାଜତରୁ ଘଟଣାରେ ବ୍ୟବହୃତ ସ୍କୁଟିକୁ ଜବତ କରିଥିଲା। ନାଗୁ ନାଁରେ ପୂର୍ବରୁ ୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## କାର୍ ଭିତରୁ ଭ୍ୟାନିଟି ଚୋରି; ଦୁଇ ଗିରଫ



ଭୁବନେଶ୍ୱର, ୯।୬ (ସମିସ): କାର୍ ଭିତରୁ ଭ୍ୟାନିଟି ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି, ଆଇଆରସି ଭିଲେଜର ରତୁବିର ଦିଗାଲ (୩୧) ଓ ବିକାଶ ପାଇଟାଲ (୩୭)।

ପୁଲିସ ସୂଚନା ମୁତାବକ, ଗତ ୧ ତାରିଖ ଦିନ ଶ୍ୟାମପୁର ଅଞ୍ଚଳର ସ୍ୱର୍ଣ୍ଣଲତା ତ୍ରିପାଠୀ କାରରେ ଯାଉଥିବା ବେଳେ ଏକ ସ୍କୁଟି ସହ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସ୍ୱର୍ଣ୍ଣଲତା ଓ ସ୍କୁଟି ଚାଳକ ଆଲୋଚନା କରୁଥିବା ବେଳେ ରତୁବିର ଓ ବିକାଶ ତାଙ୍କ କାର ଭିତରୁ ଭ୍ୟାନିଟି ବ୍ୟାଗ ଚୋରି କରି ନେଇଯାଇଥିଲେ। ଉକ୍ତ ବ୍ୟାଗରେ ସୁନାଚେନ୍, ସୁନା ଲକେଟ୍ ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ସବୁ ଥିଲା। ଏନେଇ ସ୍ୱର୍ଣ୍ଣଲତା ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଯାଞ୍ଚ କରିବା ସମୟରେ ରତୁବିର ଓ ବିକାଶ ହିଁ ଚୋରି କରିଥିବା ଜଣାପଡ଼ିଥିଲା। ପୁଲିସ ଆଜି ଆଇଡି ମାର୍କେଟରେ ଚଢ଼ଉ କରି ଦୁହିଁଙ୍କୁ କାବୁ କରିବା ସହ ସେମାନଙ୍କ ହେପାଜତରୁ ଘଟଣାରେ ବ୍ୟବହୃତ ଏକ ବାଇକ୍ ଓ ସ୍ୱର୍ଣ୍ଣଲତାଙ୍କ ଚୋରା ହୋଇଥିବା ସାମଗ୍ରୀ ସବୁକୁ ଜବତ କରିଥିଲା।

## ବିଜେଡି ପକ୍ଷରୁ ବିର୍ସାଙ୍କୁ ଶ୍ରଦ୍ଧାଞ୍ଜଳି





ଭୁବନେଶ୍ୱର, ୯।୬(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ରାଜଭବନ ଛକଠାରେ ଅବସ୍ଥିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଓ ମୈତ୍ରୀ ବିହାର ଠାରେ ଅବସ୍ଥିତ ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ପବିତ୍ର ପୁଣ୍ୟ ତିଥି ପାଳନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଅତିଥିମାନେ ନନ୍ଦିନୀ ଶତପଥୀଙ୍କୁ ଏକ ବେସାଲିସ ରାଜନେତା ଓ ବିପ୍ଳବୀ ବିର୍ସା ମୁଣ୍ଡାଙ୍କୁ ସ୍ୱତନ୍ତ୍ରତା ସଂଗ୍ରାମର ଏକ ଆଶ୍ଚର୍ଯ୍ୟ ବିଭୂତି ରୂପେ ଅଭିହିତ କରିଥିଲେ। ସର୍ବପ୍ରଥମେ ପ୍ରତିମୂର୍ତ୍ତି ମାନଙ୍କରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ରମାନାଥ ସାମନ୍ତରାୟ, ସଂଯୁକ୍ତା ପାଣିଗ୍ରାହୀ, ଅଞ୍ଜଳି ମଲ୍ଲିକ, ଦୁର୍ଗାଶିଷ ସାମନ୍ତରାୟ, ରାଜକିଶୋର ଦାସ, ଆସିୟା ବେଗମ୍, କବିତା ସ୍ୱାଇଁ, ପ୍ରିୟଦର୍ଶିନୀ ଜେନା, ରଞ୍ଜୁଲତା ରାୟ, ଆଲୋକ କୁମାର ପାଣିଗ୍ରାହୀ, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ର ମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

### ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ଅନ୍ୱେଷା ଛାତ୍ରାନିବାସ କର୍ମଚାରୀ ମହାସଂଘର ବାର୍ଷିକ ସମ୍ମିଳନୀ

## ଆଉଟ୍ ସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ ଦାବି



ଭୁବନେଶ୍ୱର, ୯।୬(ସମିସ): ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ଅନ୍ୱେଷା ଛାତ୍ରାନିବାସ କର୍ମଚାରୀ ମହାସଂଘ ପକ୍ଷରୁ ଓଡ଼ିଶାର ୧୭ଟି ଜିଲ୍ଲାର ୱାର୍ଡେନ୍, ମେଟ୍ରୋନ୍, ରୋଷେୟାମାନଙ୍କର ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ରାଜ୍ୟସ୍ତରୀ ଦ୍ୱିତୀୟ ବାର୍ଷିକୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାନେତ୍ରୀ ତିଳୋତ୍ତମା ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ବର୍ମା, ପ୍ରତିଭା ବର୍ମା, ଦିଗମ୍ବର ଜେନା ପ୍ରମୁଖ ଯୋଗ ଦେଇ କହିଥିଲେ ସରକାର ୮ ବର୍ଷରୁ ୧୦ ବର୍ଷ ହେବ ନିଯୁକ୍ତି ଦେଇଥିଲେ ମଧ୍ୟ ସିଧାସଳଖ ଭାବରେ ଦରମା ଦିଆନଯାଇ ଆଉଟ୍ ସୋର୍ସିଂରେ ରୋଷେୟା ଓ ମେଟ୍ରୋନ୍ ମାନଙ୍କର ୮ହଜାର ଏବଂ ୱାର୍ଡେନ୍ ମାନଙ୍କର ୯, ୫୦୦ କରି ଦିଆଯାଉଛି। ସେବାଶ୍ରମଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଠାରୁ କମ୍ ଦରମା ପାଉଛନ୍ତି। ଦରମା ମଧ୍ୟ ନିୟମିତ ଭାବେ ପ୍ରତି ମାସରେ ଦିଆଯାଉନାହିଁ। ୪ମାସ, ୬ ମାସ କରି ବକେୟା ରହୁଛି। ସେଥିରେ ପରିବାର ଚଳିବା ବହୁତ କଷ୍ଟକର। ଓଡ଼ିଶାର ପ୍ରତ୍ୟେକ ଅନ୍ୱେଷା ହଷ୍ଟେଲ୍ ଗୁଡ଼ିକର କର୍ମଚାରୀମାନେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀ ଓ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଗୁଡ଼ିକ ମଧ୍ୟରେ ରହିଛି ବେତନ ବୃଦ୍ଧି ସହିତ ପ୍ରତି ମାସରେ ନିୟମିତ ଭାବେ ଦରମା ପ୍ରଦାନ, ପ୍ରତି ମାସରେ ଇପିଏଫ୍ କଟାଯିବା ବ୍ୟବସ୍ଥା, ସେବାଶ୍ରମ ହଷ୍ଟେଲ ଗୁଡ଼ିକରେ କର୍ମଚାରୀମାନଙ୍କୁ ବାର୍ଷିକ ୧୫ଦିନ ଛୁଟି, ଆଉଟସୋର୍ସିଂ ବ୍ୟବସ୍ଥା ବନ୍ଦ, କାର୍ଯ୍ୟରତ ସମୟରେ ଆକସ୍ମିକ ଦୁର୍ଘଟଣା ପାଇଁ କ୍ଷତିପୂରଣ। ସମ୍ମିଳନୀରେ ସାଧାରଣ ସମ୍ପାଦିକା ରଶ୍ମିତା ଶତପଥି, ବିନତୀ ଡିଗାଲ, ସୂର୍ଯ୍ୟମଣି ଡିଗାଲ, ଜୟନ୍ତୀ ନାୟକ, ପ୍ରବୀଣା ଜେନା, ମମତା ପ୍ରଧାନ, ଲଳିତାମଣି ଆବାକା, ସୁଜାତା ଆଟକା, ରଞ୍ଜିତା ଗମାଙ୍ଗ, ପୁଷ୍ପିତା ମହାନ୍ତ, ଭାରତୀ ନାୟକ, ଉମା ବିଶ୍ୱାଳ, ପଦ୍ମିନୀ ଭୁଏ, ରାଖି ପ୍ରଧାନ, ବିର୍ଜିତା ପ୍ରଧାନ, ପ୍ରବୀଣା ଜେନା, ସବିତା ପାତ୍ର, ବିଜୟାଲକ୍ଷ୍ମୀ ପ୍ରଧାନ, ଅନିରୁଦ୍ଧ ଧରୁଆ, ବିଜୟରଞ୍ଜନ ବରିଡ଼ା, ସରିତା ବାରିକ, ରୁକ୍ମିଣୀ ଭୋଇ, ସୁଲୋଚନା ନାଏକ, ଯମୁନା ଶବରପ୍ରମୁଖ ଯୋଗଦେଇ ନିଜ ନିଜର ଦାବି ସମ୍ବନ୍ଧେ ଆଲୋଚନା କରିଥିଲେ। ୧୭ ଗୋଟି ଜିଲ୍ଲାର ଅନ୍ୱେଷା ହଷ୍ଟେଲ୍‌ରେ କାର୍ଯ୍ୟରତ କର୍ମଚାରୀ ସମୂହ ଦସ୍ତଖତ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

## ୯ ଲକ୍ଷର ଜୋତା ଚୋରି କରି ସେଲ୍ସମ୍ୟାନ୍ ଗିରଫ

ଭୁବନେଶ୍ୱର ୯।୬ (ସମିସ): ଏକ ଜୋତା ସୋରୁମ୍‌ରୁ ପ୍ରାୟ ୯ ଲକ୍ଷ ଟଙ୍କାର ଜୋତା ଚୋରି କରିବା ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ମଙ୍ଗଳବାର ଦୋକାନର ସେଲ୍ସମ୍ୟାନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ବିକାଶ ରଞ୍ଜନ ପଣ୍ଡା (୪୫) ଓ ତାଙ୍କ ଘର ଯାଜପୁର ଧର୍ମଶାଳାରେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କର ଶ୍ରୀୟା ଛକରେ ସ୍କେଚର୍ସ ସୋରୁମ ନାମରେ ଏକ ଜୋତା ଦୋକାନ ଅଛି। ବିକାଶ ରଞ୍ଜନ ପଣ୍ଡା ଗତ ଏକ ବର୍ଷ ଧରି ଉକ୍ତ ଶୋରୁମରେ ସେଲସମ୍ୟାନ ଭାବେ କାମ କରୁଥିଲେ। ଜୁନ ୩ ତାରିଖ ଦିନ ଷ୍ଟକ୍ ଅଡିଟ୍ ରିପୋର୍ଟରୁ, ଅଭିଯୋଗକାରୀ ଜାଣିବାକୁ ପାଇଥିଲେ ଯେ ସ୍କେଚର୍ସ ଜୋତାର ଶହେରୁ ଅଧିକ ଯୋଡ଼ା ଚୋରି ହୋଇଛି ଏବଂ ଚୋରି ଜୋତାର ମୂଲ୍ୟ ପ୍ରାୟ ୯ ଲକ୍ଷ ହେବ। ସେ ଆହୁରି ମଧ୍ୟ ଜାଣିବାକୁ ପାଇଥିଲେ ଯେ ଷ୍ଟୋରରୁମର ସିସିଟିଭି ଫୁଟେଜ୍ ସେଲସମ୍ୟାନ ବିକାଶ ରଞ୍ଜନ ପଣ୍ଡାଙ୍କ ଦ୍ୱାରା ଜାଣିଶୁଣି ଡିଲିଟ୍ କରାଯାଇଛି। ଯାଞ୍ଚ ପରେ ସେ ଏହା ମଧ୍ୟ ଜାଣିବାକୁ ପାଇଥିଲେ ଯେ ବିକାଶ ଚୋରା ଜୋତା ବିକ୍ରୟ ପାଇଁ କିଛି ଅଜଣା ବ୍ୟକ୍ତିଙ୍କ ସହିତ ଯୋଗାଯୋଗରେ ଥିଲେ। ଏନେଇ ସେ ସେଲସମ୍ୟାନ ବିକାଶ ରଞ୍ଜନ ପଣ୍ଡାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ କାଳରେ ପୋଲିସ ଅଭିଯୁକ୍ତ ସେଲ୍ସମ୍ୟାନ ବିକାଶ ରଞ୍ଜନ ପଣ୍ଡାଙ୍କୁ ଗିରଫ କରିଛି।

## କାନନକ୍ଷେତ୍ରରେ ଭିତର ଚନ୍ଦନ ଲାଗି ସେବା



ନନ୍ଦନକାନନ, ବାରଙ୍ଗ, ୯।୬(ସମିସ):ରଘୁନାଥପୁର ନନ୍ଦନକାନନ ଛକସ୍ଥିତ କାନନକ୍ଷେତ୍ରଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଭିତରେ ଚନ୍ଦନ ଲାଗି ସେବା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ପରିଚାଳନା କମିଟି ତରଫରୁ ଏହାକୁ ମହା ସମାରୋହରେ ପାଳିତ କରାଯାଇଥିଲା। ଗ୍ରୀଷ୍ମ କଷ୍ଟ ଲାଘବ ପାଇଁ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ଭକ୍ତ ଓ ସେବାୟତଙ୍କ ଗହଣରେ ଚନ୍ଦନ, କର୍ପୁର ଓ ଅଗୁର ସେବା ଲାଗି କରାଯାଇଥିଲା। ମନ୍ଦିର ପରିଚଳନା କମିଟିର ସଭାପତି ସୁବାସ ଚନ୍ଦ୍ର ପାତ୍ର, ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ସେବାୟତ ପ୍ରଭାତ ପଣ୍ଡା ଓ ରମେଶ ଦିକ୍ଷିତ ତିନି ଠାକରଙ୍କୁ ଚନ୍ଦନ, କର୍ପୁର ଓ ଅଗୁର ବୋଳି ଶୀତଳତା କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଭକ୍ତବୃନ୍ଦ ଯୋଗଦେଇଥିଲେ। ପ୍ରଭୁଙ୍କ ଚନ୍ଦନ ଲାଗି ସେବା ପରେ ଭକ୍ତବୃନ୍ଦ ମାନଙ୍କୁ ଆଶୀର୍ବାଦ ସ୍ୱରୂପ ଲାଗି ହୋଇଥିବା ଚନ୍ଦନ ପ୍ରଲେପ କରାଯାଇଥିଲା। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ରଘୁନାଥପୁର ଗ୍ରାମ କମିଟି ସଭାପତି ନବଘନ ପାତ୍ର, ସେବକ ରବୀନ୍ଦ୍ର ପାତ୍ର, ସରପଞ୍ଚ ଖୁଲଣା ମାଝୀ, ସମିତି ସଭ୍ୟ ତୁଷାରକାନ୍ତି ପଡ଼ିଆରୀ, ପ୍ରଶାନ୍ତ ସାସମଲ, ବରିଷ୍ଠ ଆଇନଜୀବୀ ମଧୁମାଧବ ଜେନା, କଣ୍ଠଶିଳ୍ପୀ ମମତା ବେହେରା, ସନ୍ତୋଷ ମହାନ୍ତି, ସନ୍ତୋଷ ନାଥ, ଜ୍ଞାନରଞ୍ଜନ ରାଉତ, ଅରୁଣ ସେନାପତି ଯୋଗ ଦେଇଥିଲେ।

## 'ଶିକାର'ର ଟ୍ରେଲର୍ ରିଲିଜ୍

ଭୁବନେଶ୍ୱର, ୯।୬(ସମିସ): ଏଥର ରଜ ଉପଲକ୍ଷେ ବଡ଼ ପରଦାରେ ଚଳିତ ଜୁନ୍ ୧୨ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ଚଳଚ୍ଚିତ୍ର 'ଶିକାର'। ତେବେ ମଙ୍ଗଳବାର ପ୍ରେସ୍ କ୍ଲବ ଠାରେ ଏହାର ଟ୍ରେଲର ରିଲିଜ୍ ହୋଇଛି। ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ରର ପ୍ରଯୋଜକ ସଚ୍ଚିକାନ୍ତ ଜେନା, ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ, କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ଗୀତିକାର ପ୍ରିୟବ୍ରତ ପଣ୍ଡା, ମୁଖ୍ୟ ଅଭିନେତା ଅମ୍ଳାନ ଦାସ, ନାୟିକା ଏଲିନା ସାମନ୍ତରାୟ, ଅଙ୍କିତ ପ୍ରମୁଖ ଉପସ୍ଥିତ ଥିଲେ। ମୁନ୍ ଟିଭି ମୁଭିଜ୍ ର ଏହି ସିନେମା ରଜରେ ଖୁବ୍ ମନୋରଞ୍ଜନ ଯୋଗାଇବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛନ୍ତି।

## ଦିନରେ ଉଠୁଛି; ସଞ୍ଜରେ ପଡୁଛି

### ସ୍ୱାସ୍ଥ୍ୟ ପାଇଁ ବିପଦ

ଭୁବନେଶ୍ୱର, ୯।୬(ସମିସ)

ବର୍ତ୍ତମାନ କିଛିଦିନ ହେବ ଦିନସାରା ପ୍ରବଳ ଖରା ପରେ ଅପରାହ୍ଣରେ କାଳ ବୈଶାଖୀ ବର୍ଷା ରାଜଧାନୀରେ ଦେଖିବାକୁ ମିଳୁଛି। ଏହା ଫଳରେ କେବଳ ସହରର ବିଭିନ୍ନ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହେଉନାହିଁ ବରଂ ଆମ ଶରୀର ଉପରେ ମଧ୍ୟ ଏହାର ପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି।

- ବଢୁଛି ନିଶ୍ୱାସନଳୀଜନିତ ରୋଗ
- ଥଣ୍ଡା, କାଶ, ଜ୍ୱର ଏବଂ ଶ୍ୱାସନଳୀରେ ଯନ୍ତ୍ରଣା ଭଳି ଉପୁଜୁଛି ସମସ୍ୟା

ଦିନବେଳା ଗରମ ଓ ଗୁଳୁଗୁଳିରେ ଲୋକ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ସନ୍ଧ୍ୟାରେ ବର୍ଷା ପାଗରେ ପରିବର୍ତ୍ତନ ଆଣୁଛି। ଏହା ଲୋକଙ୍କୁ ଆଶ୍ୱସ୍ତି ଦେଉଛି ସତ ହେଲେ ଶରୀର ଉପରେ ଏହାର ପ୍ରତିକୂଳ ପ୍ରଭାବ ପକାଉଛି। ଏମିତିକି ରାଜଧାନୀରେ ସକାଳର ତାପମାତ୍ରା ୨୭ରୁ ୩୦ ଡିଗ୍ରୀ ମଧ୍ୟରେ ଥିଲେ ବି ୪୦ରୁ ୫୦ ଡିଗ୍ରୀ ଭଳି ଅନୁଭୂତ ହେଉଛି। ଅନ୍ୟପଟେ ସନ୍ଧ୍ୟାରେ ବର୍ଷା ଯୋଗୁଁ ୧୬ରୁ ୧୭ ଡିଗ୍ରୀ ଯାଏଁ ତାପମାତ୍ରା ଖସୁଥିବା ପରିଲକ୍ଷିତ ହେଉଛି। ମାତ୍ର କିଛିଘଣ୍ଟାର ବ୍ୟବଧାନରେ ତାପମାତ୍ରାର ଏଭଳି ପରିବର୍ତ୍ତନ ଯୋଗୁଁ ବର୍ତ୍ତମାନ ଘରେ ଘରେ ଥଣ୍ଡା, କାଶ, ଜ୍ୱର ଏବଂ ଶ୍ୱାସନଳୀରେ ଯନ୍ତ୍ରଣା ଭଳି ସମସ୍ୟା ବଢୁଥିବା ପରିଲକ୍ଷିତ ହେଉଛି।

ଏ ସମ୍ପର୍କରେ ଆନେସ୍ଥେସିଏଲୋଜି ଏବଂ କ୍ରିଟିକାଲ କେୟାର ମେଡିସିନ୍ ପ୍ରଫେସର ଡା. ଦେବାଶିଷ ସ୍ୱାଇଁ କୁହନ୍ତି, ତାପମାତ୍ରାରେ ପରିବର୍ତ୍ତନ ଯୋଗୁଁ ବା ତାପମାତ୍ରାର ପାର୍ଥକ୍ୟ କାରଣରୁ ଯେଉଁ ଜିବାଣୁ ଆମ ଦେହରେ ଅଛନ୍ତି ତାଙ୍କ ଉପରେ ପ୍ରଭାବ ପଡ଼ିଥାଏ। ହେଲେ ହଠାତ୍ ଗରମରୁ ଥଣ୍ଡାକୁ ଆସିବାରେ ଯଦି ପାର୍ଥକ୍ୟ ବଢ଼ିଯାଏ, ତାହେଲେ ସେହି ଜୀବାଣୁମାନେ ଆମ ଶରୀରରେ ବୃଦ୍ଧି ହେବାରେ ସହାୟକ ହୁଅନ୍ତି। ତେଣୁ ଆମେ ସାଧାରଣତଃ ନିଶ୍ୱାସନଳୀ ଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି। ଆହୁରି ଏକ କଥା ହେଉଛି ଯେତେବେଳେ ପ୍ରବଳ ଖରା ହେଉଛି ଲୋମାନେ ଥଣ୍ଡା ପାନୀୟ ଯାହାବି ମିଳେ ତାକୁ ପିଇଥାନ୍ତି। ହେଲେ ସେହି ସମୟରେ ଶରୀରର ତାପମାତ୍ରା ବଢ଼ିକି ଥାଏ ଏବଂ ଅତ୍ୟନ୍ତ କମ୍ ତାପମାତ୍ରା ବିଶିଷ୍ଟ ଥଣ୍ଡା ପାନୀୟ ପିଇଲେ, ଶରୀରରରେ ତାପମାତ୍ରାର ତାରତମ୍ୟ ସୃଷ୍ଟି ହୋଇଥାଏ।



ଯାହା ଆମ ଶ୍ୱାସନଳୀ ଉପରେ ପଡେ। ତେଣୁ ଗଳା ଜନିତ ସମସ୍ୟା, ଥଣ୍ଡା, କାଶ ଆଦି ଲକ୍ଷଣ ଶରୀରରେ ପରିଲକ୍ଷିତ ହୋଇଥାଏ। ଫଳରେ ଶ୍ୱାସନଳୀରେ ଥିବା ଜୀବାଣୁ ସକ୍ରୀୟ ହୋଇଯାନ୍ତି। ଏହା ସହିତ ଆମେ ଖରାଦିନରେ ଖାଉଥିବା ଏବଂ ପିଉଥିବା କିଛି ଖାଦ୍ୟ ଓ ପାନୀୟ ଯୋଗୁଁ ମଧ୍ୟ ଏହିସବୁ ସମସ୍ୟା ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି। ଯେପରିକି ବାହାରେ ପିଉଥିବା ଆଖୁରସରେ ଦୋକାନୀ ବ୍ୟବହାର କରୁଥିବା ବରଫ କେଉଁ ପାଣିରୁ ପ୍ରସ୍ତୁତ ହେଉଛି ତାହା ଜଣାନଥାଏ। କାରଣ ବଢୁଥିବା ତାପମାତ୍ରା ଯୋଗୁଁ ବରଫରମାନ ଏବଂ ଖାଦ୍ୟର ମାନ ପରିବର୍ତ୍ତନ ହୋଇଥାଏ। ତା ଯୋଗୁଁ ଆମେ ବିଭିନ୍ନ ପ୍ରକାରର ଜୀବାଣୁରେ ଆକ୍ରାନ୍ତି ହୋଇଥାଏ। ନିଶ୍ୱାସନଳୀ ଏବଂ ଗଳାରେ ଥିବା ଭାଇରସମାନେ ସକ୍ରିୟ ହୋଇଯାନ୍ତି। ଅତ୍ୟନ୍ତ ଖରା ଯୋଗୁଁ ହିଟ୍ ଷ୍ଟ୍ରୋକ ହେଉଥିବାବେଳେ ହଠାତ୍ ବର୍ଷା ତାପମାତ୍ରାର ପରିବର୍ତ୍ତନ ଯୋଗୁଁ ଥଣ୍ଡା, କାଶ, ଜ୍ୱର, ଗଳା ଯନ୍ତ୍ରଣା ଏବଂ ବିଭିନ୍ନ ପ୍ରକାର ଆଲର୍ଜି ମଧ୍ୟ ହୋଇଥାଏ।

ଏହା ସାଧାରଣତଃ ଅଳ୍ପ ଦିନ ଏବଂ ଅଳ୍ପ ସମୟ ପାଇଁ ରୁହେ। ବିଶେଷକରି ବୟସ୍କ ଏବଂ ଛୋଟ ପିଲାମାନଙ୍କ ପାଇଁ ବିଶେଷ ସତର୍କତାର ଆବଶ୍ୟକ ରହିଛି। ଅନ୍ୟମାନଙ୍କ ପାଇଁ ମଧ୍ୟ ଏହି ସମୟରେ ଖରାକୁ ନଯିବା ଏବଂ ସଚେତନ ରହିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି।

# ଆଗୁଆ ରଜ ବଜାର ଭିଡ଼

ଭୁବନେଶ୍ୱର, ୯।୬(ସମିସ)

ରଜ ପାଇଁ ବଜାର ଏବେ ହୋଇଛି ସରଗରମ। ରଜ ଆଉ ୪ଦିନ ଥିବାବେଳେ ୧୫ଦିନ ଆଗରୁ କିଣାକିଣି ଆରମ୍ଭ କରିଦେଲେଣି ରାଜଧାନୀବାସୀ। ରାଜଧାନୀରେ ସକାଳ ୧୦ଟାରୁ ରାତି ୧୦ ପର୍ଯ୍ୟନ୍ତ ସମସ୍ତ ମଲ୍, ଫୁଟପାଥ୍ ଆଦିରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।

ରଜରେ ଝିଅମାନେ ସଜବାଜ ହେବାପାଇଁ ସାଧାରଣତଃ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ଏଥିପାଇଁ ଏକ ମାସକ ଆଗରୁ ଅର୍ଡର ହୋଇସାରିଛି ଅନେକଙ୍କ ମନପସନ୍ଦର ଡ୍ରେସ୍ କିମ୍ବା ଶାଢ଼ି। ଏହାସହ ଅନେକ ବିଭିନ୍ନ ସପିଂମଲ୍ ବୁଲି ବୁଲି ଖୋଜୁଛନ୍ତି ନିଜ ମନପସନ୍ଦର ଡ୍ରେସ୍। ଛୋଟ ବଡ଼ ବିଭିନ୍ନ ଡ୍ରେସ୍ ଦୋକାନ ଓ ସୋରୁମ ସହ ମଲ୍ ଓ ଫୁଟପାଥ୍ ପର୍ଯ୍ୟନ୍ତ ସବୁଠି ନାମୀଦାମୀ ପୋଷାକ ସହ ସାଧାରଣ ଡ୍ରେସ ଗୁଡ଼ିକର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଗ୍ରାହକଙ୍କ ପସନ୍ଦକୁ ନଜରରେ ରଖି ବ୍ୟବସାୟୀମାନେ ମଧ୍ୟ ଘୋଷଣା କରିଛନ୍ତି ତୁହାକୁ ତୁହା ଅଫର୍। କେଉଁଠି ବାଏ ୱାନ୍ ଗେଟ୍ ୱାନ୍ ତ ଆଉ କେଉଁଠି ୫୦% ଅଫ୍। ସେହିପରି ଆଉ କେତେକ ସପିଂ ମଲ୍‌ରେ ରଜ ପାଇଁ ଚାଲିଛି ସ୍ପେଶାଲ ଅଫର୍। ଏହାସହ ଗ୍ରାହକଙ୍କୁ ଅଧିକ ଆକୃଷ୍ଟ କରିବାକୁ ଲକି ଡ୍ର'ର ବ୍ୟବସ୍ଥା ମଧ୍ୟ ରହିଛି। ଯେଉଁଥିରେ ବାଇକ୍, ସ୍କୁଟି ଭଳି ଆକର୍ଷଣୀୟ ଉପହାରମାନ ମଧ୍ୟ ରହିଛି।

## ■ ବ୍ୟବସାୟୀଙ୍କ ତୁହାକୁତୁହା ଅଫର୍



## ପାରମ୍ପରିକ ପୋଷାକ ଉପରେ ଯୁବିପିଢ଼ିଙ୍କ ଗୁରୁତ୍ୱ

ଚଳିତ ବର୍ଷ ରଜରେ ପାରମ୍ପରିକ ପରିଧାନ ଉପରେ ଯୁବପିଢ଼ିମାନେ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି। ଟ୍ରାଡିସ୍‌ନାଲ ଲୁକ୍‌ରେ ନିଜକୁ ସଜେଇବାକୁ ବିଭିନ୍ନ ଡିଜାଇନର ଟ୍ରାଡିସ୍‌ନାଲ ଶାଢ଼ି ଏବଂ ଡ୍ରେସ୍ ପାଇଁ ଚାଲିଛି ଖୋଜା। ହ୍ୟାଣ୍ଡଲୁମ୍, ଟ୍ରାଇବାଲ ପ୍ରିଣ୍ଟ୍ ଡ୍ରେସ୍‌ର ଚାହିଦା ବଢ଼ିଥିବା ବେଳେ ପିଓର ସିଲ୍କ, ପିଓର କଟନ୍, ନେଟ୍, ଜର୍ଜଟ୍, ସିଫନ୍, ସିନ୍ଥେଟିକ୍, ଆଦି ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଶାଢ଼ି ଉପରେ ଜରି ଓ ଏମ୍ବ୍ରୋଡୋରୀ ଶାଢ଼ିର ଏକାଧିକ କଲେକ୍ସନ୍ ମଧ୍ୟ ରହିଛି। ସେହିପରି ଡିଜାଇନ୍ ଫ୍ୟାନ୍ସି ଶାଢ଼ୀକୁ ଟକ୍କର ଦେଉଛି ହ୍ୟାଣ୍ଡଲୁମ୍ ଶାଢ଼ି। ହ୍ୟାଣ୍ଡଲୁମ୍‌ର ଚାହିଦା ପାଇଁ ଓଡ଼ିଶାରେ ପାରମ୍ପରିକ ତଥା ହାତବୁଣା ଶାଢ଼ି ବିକ୍ରି କରୁଥିବା ବ୍ୟବସାୟୀ ଓ ଫ୍ୟାଶନ୍ ଡିଜାଇନରମାନେ କହିଛନ୍ତି ଯେ, ସିଜିନ୍ ଅନୁସାରେ ଆମେ ଗ୍ରାହକଙ୍କ ପସନ୍ଦକୁ ଆଖିରେ ରଖି କଲେକସନ୍ ଆଣିଥାଉ। ଓଡ଼ିଶା ସିଲ୍କ, ବେଙ୍ଗଲ୍ ସିଲ୍କ, କାଞ୍ଚିଜପୁରମ୍, ବନାରସ, ଜର୍ଜଟ୍, ସମ୍ବଲପୁରୀ, ବମକେଇ ଆଦି ପାଟ ଶାଢ଼ିର ମଧ୍ୟ ପୂର୍ବଭଳି ଚାହିଦା ରହିଛି। ତେବେ ବର୍ତ୍ତମାନ ଏହା ଉଭୟ ଅନ୍ ଲାଇନ୍ ଓ ଅଫ୍ ଲାଇନ୍‌ରେ ଉପଲବ୍ଧ ରହୁଥିବାରୁ ଗ୍ରାହକମାନେ ସହଜରେ ପାଇପାରୁଛନ୍ତି।

## ବଢୁଛି ଅନଲାଇନ୍ ସପିଂ

ପୂର୍ବରୁ ଘଣ୍ଟା ଘଣ୍ଟା ମାର୍କେଟରେ ବୁଲି ସପିଂ କରିବା ବଦଳରେ ସହଜ ଉପାୟ ଅନଲାଇନ୍‌ସପିଂକୁ ଆପଣେଇ ନେଇଛନ୍ତି। ଗହଳି ଭିତରେ ସପିଂ କରିବା ସହ ବିଲିଂ ପାଇଁ ଲାଇନ୍‌ରେ ଛିଡ଼ା ହେବାରୁ ମୁକ୍ତି ପାଇବାକୁ ଘରେ ବସି ସମୟର ସଦୁପଯୋଗ କରିବା ସହ ନିଜ ମନ ପସନ୍ଦର ସମସ୍ତ ଜିନିଷ କିଣିବାକୁ ଏହି ଉପାୟ ଆଣେଇ ନେଇଛନ୍ତି। ବିଶେଷକରି ପର୍ବପର୍ବାଣିରେ ଅନଲାଇନ୍‌ରେ ସ୍ପେଶାଲ୍ ଅଫର ଉପଲବ୍ଧ ରହିଥାଏ। ଫ୍ରି ସିପିଂ ଚାର୍ଜେସ ସହ ବଦଳେଇବାର ସୁବିଧା ମଧ୍ୟ ରହିଥିବାରୁ ଏହି ଉପାୟକୁ ଯୁପିଢୀମାନେ ଅଧିକ ପସନ୍ଦ କରୁଥିବା କହିଛନ୍ତି। କମ୍ପାନୀ ପକ୍ଷରୁ ଅନେକ ଅନଲାଇନ୍ ସପିଂ ସାଇଟ୍‌ରେ ଆକର୍ଷଣୀୟ ଅଫର ମଧ୍ୟ ରହିଛି।

ସେହିପରି ବୁଟିକ୍ ଗୁଡ଼ିକରେ ପ୍ରବଳ ଭିଡ଼ ଜମିବା ସହ ବିୟୁଟିପାର୍ଲର ଏବଂ ମେହେନ୍ଦି ଡିଜାଇନରଙ୍କ ପାଖରେ ପୂର୍ବରୁ ସଜବାଜ ପାଇଁ ବୁକିଂ ସରିଥିବା ଜଣାପଡ଼ିଛି। ଓଡ଼ିଶାର ଏହି ପାରମ୍ପରିକ ପର୍ବକୁ ସହର ମଧ୍ୟରେ ପାଳିବା ସହ ଗାଁର ଅନୁଭୂତି ଦେବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି।

● ବାଣିଜ୍ୟ ମେଳାର ରଜ ଉତ୍ସବ

## 'ଫେମି' ଓ ଏଫଏଫସିର ଓଡ଼ିଆ ଅସ୍ମିତାର ପ୍ରଦର୍ଶନ




ଭୁବନେଶ୍ୱର, ୯।୬(ସମିସ): ୱାକର୍ସ ଇଣ୍ଟରନ୍ୟାସନଲ ଦ୍ୱାରା ଅନୁବନ୍ଧିତ ମହିଳା ୱାକର୍ସ କ୍ଲବ 'ଫେମି' ଓ ଏଫଏଫସିର ମହିଳା ସଦସ୍ୟ ମାନଙ୍କ ଦ୍ୱାରା ଜନତା ମଇଦାନରେ ବାଣିଜ୍ୟମେଳା ଓ ରଜ ଉତ୍ସବ ପାଳନ ଅବସରରେ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ପାଥେୟ କରି ରଜ ସଜବାଜ, ଓଡିଶୀ ନୃତ୍ୟ ଏବଂ ଓଡ଼ିଆଣିମାନଙ୍କୁ ନେଇ ଏକ 'ଫ୍ୟାସନ ଶୋ ଅନୁଷ୍ଠିତ ହୋଇଛି। ଏହା ସହିତ ସ୍ୱାସ୍ଥ୍ୟ ସଚେତନତାର ଯୁଗାନ୍ତକାରୀ ବାର୍ତ୍ତା 'ଚାଲନ୍ତୁ, ସୁସ୍ଥ ରହନ୍ତୁ'କୁ ପୋଷ୍ଟର ମାଧ୍ୟମରେ ଦର୍ଶାଯାଇ ଜନସଚେତନତା ସୃଷ୍ଟି କରାଯାଇଥିଲା। ଏହି ରଜ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ବାବୁ ସିଂ, ପ୍ରିୟଦର୍ଶୀ ମିଶ୍ର, ପ୍ରକାଶ ଶ୍ରୀଚନ୍ଦନ, ଅମ୍ରିତ ପାଟଯୋଶୀ, ଡ. ରୋଜାଲିନ ପାଟଶାଣୀ ମିଶ୍ର, ସିନେତାରକା ଅର୍ଦ୍ଧେନ୍ଦୁ ସାହୁ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଥିଲେ। 'ଫେମି'ର ସଭାପତି ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଫଏଫସିର ରିୟା ଖାନ୍, ସୁମିତ୍ରା ବେହେରା, ଯଶୋଦା ଭଞ୍ଜ, ସ୍ୱପ୍ନା ରାଉତ ପ୍ରମୁଖ ସଦସ୍ୟାମାନେ କଳା ପ୍ରଦର୍ଶନ କରିଥିଲେ। ଏଫଏଫସିର ସମ୍ପାଦକ ସୌଭାଗ୍ୟ ନାୟକ ଏବଂ ପୂର୍ବତନ ସଭାପତି ଆଶିଷ ପଟ୍ଟନାୟକ ଓଡିଶୀ ନୃତ୍ୟ ପ୍ରଦର୍ଶନ କରିଥିବା କ୍ୟୁଟି କିଡ୍ ସ୍କୁଲର ଛାତ୍ରୀମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ଓୟୁଏଟିରେ ଏଫ୍‌ପିଓ ଡିଜିଟାଲ ପ୍ଲାଟଫର୍ମ ଉପରେ କର୍ମଶାଳା



ଭୁବନେଶ୍ୱର, ୯।୬(ସମିସ): ଯାଯାବର କୃଷିରୁ ସ୍ଥାୟୀ କୃଷି, ପରେ ପରେ ବୈଜ୍ଞାନିକ କୃଷି ଓ ବର୍ତମାନର ସ୍ମାର୍ଟ କୃଷିର ଯାତ୍ରା କୃଷିର ରୂପାନ୍ତରୀକରଣକୁ ସୂଚାଏ। ସେହିପରି କୃଷକ ଉତ୍ପାଦକ ଗୋଷ୍ଠୀ ଏହି ଯାତ୍ରାର ଏକ ବୃହତ ଅଂଶ ବୋଲି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଦିନିକିଆ ଏକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ଏଫ୍‌ପିଓ ଡିଜିଟାଲ କାର୍ଯ୍ୟକ୍ରମ ମାଧ୍ୟମରେ ଡିଜିଟାଲ ପ୍ଲାଟଫର୍ମ ପ୍ରଦର୍ଶନ, ସଦସ୍ୟ ଅନ୍ତର୍ଭୁକ୍ତିକରଣ ଓ ନିରନ୍ତର ସହାୟତା ଶୀର୍ଷକ କର୍ମଶାଳାର ଆୟୋଜନ କୃଷକ ଉତ୍ପାଦକ ଗୋଷ୍ଠୀଙ୍କୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିବା ସହ ସ୍ମାର୍ଟ କୃଷି ଦିଗରେ ସହାୟକ ହେବ ବୋଲି କୁଳପତି ମତ ରଖିଛନ୍ତି। ଏହି ଅବସରରେ ଇ-କୁଟୀରର ଚେୟାରମ୍ୟାନ ତଥା ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ମିଶ୍ର ଯୋଗ ଦେଇ କୃଷିକୁ ଡିଜିଟାଲ ସଂଯୋଗ କିପରି ସରଳ ଓ ସହଜ କରିପାରିଛି ସେ ନେଇ ମତ ରଖିଛନ୍ତି। କୃଷି ସହ ବଜାର ସଂଯୋଗୀକରଣ, ଚାଷୀଙ୍କ ନିମିତ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଭିଡିଓ, ଫଟୋ ମାଧ୍ୟମରେ ଡିଜିଟାଲ ଆଧାରରେ ପ୍ରଦାନ ଦିଗରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟରତ ବୋଲି ପ୍ରଫେସର ପ୍ରସନଜିତ ମିଶ୍ର ମତ ରଖିଛନ୍ତି। କାର୍ଯ୍ୟକ୍ରମକୁ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇ ଆରମ୍ଭ କରିଥିବା ବେଳେ ଡ. ଶର୍ବାଣୀ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃଷକ ଉତ୍ପାଦକ ଗୋଷ୍ଠୀଙ୍କ ନିମନ୍ତେ ଏକ ସମ୍ବାଦ ପତ୍ରିକା ପ୍ରକାଶିତ ହୋଇଛି।

## କେ-୫ କଳିଙ୍ଗ ବିହାରରେ ସବ୍‌ପୋଷ୍ଟ ଅଫିସ ଉଦ୍‌ଘାଟିତ




ଭୁବନେଶ୍ୱର, ୯।୬(ସମିସ): କେ-୫ କଳିଙ୍ଗ ବିହାରରେ ମଙ୍ଗଳବାର ଦିନ ଡିପିଏସ ହେଡ କ୍ୱାର୍ଟର ଓଡ଼ିଶା ସର୍କଲ ଏ କୋରା ଗାପ୍ପା, ପୋଷ୍ଟଅଫିସ ଭୁବନେଶ୍ୱର ଡ଼ିଭିଜନ ସିନିୟର୍ ସୁପରିଟେଣ୍ଡେଣ୍ଟ ରତନ ଜାନାଙ୍କ ଆନୁକୂଲ୍ୟରେ ସବପୋଷ୍ଟ ଅଫିସ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ କେ ୪ ଆବାସିକ ସଙ୍ଘର ସଭାପତି ମହେଶ୍ୱର ସାହୁ ତଥା କଳିଙ୍ଗ ବିହାର ଓ କଳିଙ୍ଗ ନଗରର ବହୁ ବରିଷ୍ଠ ନାଗରିକ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ନୂତନ ସବ ପୋଷ୍ଟ ଅଫିସ ହେବା ଫଳରେ ଏଠାରେ ଆରଡିଟିଡି, କିଷାନ୍ ବିକାଶ ପତ୍ର, ଏନ୍‌ଏସି, ଏସଏସଏ, ପିପିଏଫ୍, ସିନିଅର ସିଟିଜେନ୍ସ ସେଭିଙ୍ଗ ସ୍କିମ, ପିଏଲଆଇ, ଆରପିଏଲଆଇ, ସ୍ପିଡି ପୋଷ୍ଟ, ପାର୍ସଲ ପୋଷ୍ଟ, ଇଣ୍ଟରନେଟ ମେଲ୍ ଗୁଡ଼ିକର ସୁବିଧା ପାଇପାରିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଗରୁ ବ୍ରାଞ୍ଚ ଅଫିସ ଭାବେ କାର୍ଯ୍ୟ କରାଯାଉଥିଲା।

## ରୋଟାରୀ ତରଫରୁ ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା




ଭୁବନେଶ୍ୱର, ୯।୬(ସମିସ): ରୋଟାରୀ ଇ -କ୍ଲବ୍ ଅଫ୍ ମହୋଦଧି, ଭୁବନେଶ୍ୱର ତରଫରୁ ତା ୦୮. ୦୬. ୨୦୨୬ ଦିନ ସ୍ଥାନୀୟ ଭୀମପୁରସ୍ଥିତ ଆଦର୍ଶ ଶିଶୁ ବିଦ୍ୟା ମନ୍ଦିରରେ ଏକ ୨୫ ଲିଟର ବିଶିଷ୍ଟ ଜଳ ବିଶୋଧନକାରି ଯନ୍ତ୍ର ସ୍ଥାପନା କରାଯାଇଛି। ଏହା ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ବହୁଦିନର ଆବଶ୍ୟକତା ପୂରଣ କରିବ। ରୋଟାରୀଆନ୍ ସଂଗ୍ରାମ କେଶରୀ ପଟ୍ଟନାୟକ, ରଜନୀକାନ୍ତ ପଟ୍ଟନାୟକ, ପ୍ରମଥ ଚନ୍ଦ୍ର ନାୟକ ଓ ରାଜକୁମାର ସୂତାର ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକଶିକ୍ଷୟତ୍ରୀଙ୍କ ଉପସ୍ଥିତିରେ କ୍ଲବର ଚାର୍ଟର୍ଡ ପ୍ରେସିଡେଣ୍ଟ ରୋଟାରୀଆନ୍ ଡ. ହରପ୍ରସନ୍ନ ଦାସ ଏହାକୁ ଉଦ୍ଘାଟନ କରିଥିଲେ।

## ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ

ଭୁବନେଶ୍ୱର, ୯।୬(ସମିସ): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ରାଜ୍ୟ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ, ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ୯୬ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ସୂର୍ଯ୍ୟନଗର ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଅଭିଯାନର ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପ୍ରାକ୍ତନ ସାଂସଦ ତଥା ଧରିତ୍ରୀ ଓ ଓରିଶା ପୋଷ୍ଟ ସମ୍ପାଦକ ତଥାଗତ ଶତପଥୀ, କାର୍ଯ୍ୟନିର୍ବାହୀ ଆଧାଶା ଶତପଥୀ, ପ୍ରାକ୍ତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସୁରସେନ ଜେନା, ପତ୍ରକାର ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପୁଜ୍ୟପୂଜା ପ୍ରାଣ ଗିରିଜା ମହାପାତ୍ର, ବିଜୟ କୁମାର ପ୍ରଧାନ, ବିଜୟ ପରିଡ଼ା, ଅନୁ ସାହୁ, ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆଜିର ଯୁବପୀଢ଼ି ବିଶେଷ ଭାବେ ମହିଳା ମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଧରିତ୍ରୀ ପରିବାର ସହିତ ବିଭିନ୍ନ ସାଂସ୍କୃତିକ ସଂଗଠନ ଉପସ୍ଥିତ ଥିଲେ।



## ଜଟଣୀ ବ୍ଲକ କଂଗ୍ରେସ କମିଟି ଗଠିତ

ଝାଁଲା, ୯।୬(ସମିସ): ଜଟଣୀ ବ୍ଲକରେ କଂଗ୍ରେସକୁ ସୃଦୃଢ଼ କରିବା ପାଇଁ ଛାମୁଆ ସଂଗଠକ ମାନେ ଅଣ୍ଟା ଭିଡିଛନ୍ତି। ତେଣୁ ଜଟଣୀ ବ୍ଲକର ସମସ୍ତ ପଞ୍ଚାୟତକୁ ନେଇ ନୂତନ କଂଗ୍ରେସ କମିଟି ଗଠନ କରାଯାଇଛି। ଜଟଣୀର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଶୁରେସ କୁମାର ରାଉତରାୟଙ୍କ ନେତୃତ୍ୱରେ ଜଟଣୀ ବ୍ଲକ କଂଗ୍ରେସ ସଭାପତି ଶୁଭ୍ରାଂଶୁ ଶେଖର ପଟ୍ଟନାୟକଙ୍କ ତତ୍ୱାବଧାନରେ ଜିଲ୍ଲା ସଭାପତି ରାଜିବ କୁମାର ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି କମିଟି ଗଠନ କରାଯାଇଛି।

ଏହି କମିଟିରେ ୭ ଓ ୮ ନମ୍ବର ଜୋନ ପାଇଁ ପ୍ରଶାନ୍ତ କୁମାର ବଳିୟାରସିଂ ଓ ବିଜୟ କିଶୋର ଶିଶିର ଶେଖର ପଟ୍ଟନାୟକ ଦୁଇ ଜଣ ଜୋନ ସଭାପତି, ସେହିଭଳି ଶ୍ରୀନିବାସ ସାହୁ, ନୀଳମଣି ମହାପାତ୍ର, ଏମଡି ଆବ୍ରା ଓ ଦିବାକର ବେହେରା ୪ ଜଣ ଉପସଭାପତି, ସେହିଭଳି ୫ ଜଣ ସାଧାରଣ ସମ୍ପାଦକ ଜିତେନ୍ଦ୍ର ବରାଳ, ସଞ୍ଜୟ ପରିଡ଼ା, କାର୍ତ୍ତିକ କାଣ୍ଡି, ତପନ ବଳିୟାରସିଂ ଓ ସୁବାସ ସାହୁ, ୮ ଜଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାପାତ୍ର, ପ୍ରମୋଦ କୁମାର ବାରିକ, ଅଖୟ ପରିଡ଼ା, ସୁରେଶ ମିଶ୍ର, ରତିକାନ୍ତ ପଟ୍ଟନାୟକ ଆଲୋକ ପ୍ରଧାନ, ତାପସ ରଞ୍ଜନ ବିଦ୍ୟାଧର ଓ ହବିବ୍ ଖାନଙ୍କୁ ମନୋନୀତ କରି ଏହି କମିଟିରେ ସ୍ଥାନ ଦିଆଯାଇଛି। ଏହି କମିଟିରେ ଜଟଣୀ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପାର୍ଥି ସନ୍ତୋଷ କୁମାର ଜେନା, ପୂର୍ବତନ ଏଆଇସିସି ସମ୍ପାଦକ ବିଶ୍ୱ ରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ ଏଆଇସିସି, ପିସିସି, ଡିସିସି ସଭ୍ୟ ଏବଂ ସମସ୍ତ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, କଂଗ୍ରେସ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଜିଲ୍ଲା ପରିଷଦ ଓ ଛାମୁଆ ସଂଗଠକ ମାନଙ୍କୁ ଆଜୀବନ ସଦସ୍ୟ ଭାବେ ଅନୁମଦନ କରାଯାଇଛି ବୋଲି ବ୍ଲକ ସଭାପତି ଶ୍ରୀ ପଟ୍ଟନାୟକ ଜଣାଇଛନ୍ତି। ଏହା ଦ୍ୱାରା ତୃଣମୂଳ ସ୍ତରରେ କଂଗ୍ରେସକୁ ସୃଦୃଢ଼ କରିବା ପାଇଁ କମିଟି କାମ କରିବ ବୋଲି ସୂଚନା ଦେଇଛନ୍ତି।

## ଶ୍ରାଦ୍ଧ ଦିବସରେ ବିଦଗ୍ଧ କବିଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୯।୬(ସମିସ): କାଳଜୟୀ କାବ୍ୟ ବିଦଗ୍ଧ ଚିନ୍ତାମଣିର ସ୍ରଷ୍ଟା ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୨୦ତମ ସ୍ୱର୍ଗାରୋହଣ ଦିବସ ଅଭିମନ୍ୟୁ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ମଧୁସୂଦନ ନଗରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ପୂର୍ଣ୍ଣଚନ୍ଦ୍ର ଜେନା, କର୍ପୋରେଟର ଅଲିଅଲି ମଲ୍ଲିକ, ଅନିରୁଦ୍ଧ ସାହୁ, ଦିଲ୍ଲୀପ କୁମାର ଜେନା, ପ୍ରମେଶ କୁମାର ମହାନ୍ତି, ନିତ୍ୟାନନ୍ଦ ନାୟକ, ଧୀରଜ କୁମାର ମହାପାତ୍ର, ଯୋଗବର୍ଦ୍ଧନ ଶିବାନନ୍ଦ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ କବିଙ୍କ ଚିନ୍ତାଧାରା ଓ ତାଙ୍କ କାବ୍ୟ ମାନସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂସଦର ପୂର୍ବତନ ସମ୍ପାଦକ ଗଦାଧର ସାହୁ, ଅଧ୍ୟକ୍ଷ ଡ. ପ୍ରଶାନ୍ତ ରାଉତ ଓ କର୍ପୋରେଟର ଅଲିଅଲି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମ୍ପାଦକ ଖଡ଼ୁ ଚରଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।(ସୁମିତ୍ରା)

## ଅଲ୍ ଇଣ୍ଡିଆ ମେଡିକାଲ୍ ଲାବୋରେଟୋରୀ ଟେକ୍ନୋଲୋଜିଷ୍ଟ ଆସୋସିଏସନ୍‌ର କୋର୍ କମିଟି ବୈଠକ

ଭୁବନେଶ୍ୱର, ୯।୬(ସମିସ): ଅଲ୍ ଇଣ୍ଡିଆ ମେଡିକାଲ୍ ଲାବୋରେଟୋରୀ ଟେକ୍ନୋଲୋଜିଷ୍ଟ ଆସୋସିଏସନ୍‌ର ଓଡ଼ିଶା ଶାଖା ତରଫରୁ ଭୁବନେଶ୍ୱରର ବରମୁଣ୍ଡା ମା କାଳୀ ମନ୍ଦିର ପ୍ରାଙ୍ଗଣରେ କୋର କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସଭାର ଆରମ୍ଭରେ ଆସୋସିଏସନ୍‌ର ବରିଷ୍ଠ ସଦସ୍ୟ ସ୍ୱର୍ଗତ ଚିନ୍ମୟ ଦାସଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୫୦ ରୁ ଅଧିକ ମେଡିକାଲ୍ ଲାବୋରେଟୋରୀ ଟେକ୍ନୋଲୋଜିଷ୍ଟ ଯୋଗଦେଇଥିଲେ। ସଭାରେ ଆଗାମୀ ଦିନରେ ଆସୋସିଏସନ୍‌କୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ବ୍ୟାପକ ଆଲୋଚନା କରାଯାଇଥିଲା। ରାଜ୍ୟ ସମ୍ପାଦକ ଓଡ଼ିଶାରେ ଆସୋସିଏସନ୍‌ର ବର୍ତ୍ତମାନ ଅଗ୍ରଗତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ ୩୦ଟି ଜିଲ୍ଲାରେ ସଦସ୍ୟ ପଞ୍ଜୀକରଣ କାର୍ଯ୍ୟକୁ ଗତିଶୀଳ କରିବା ପାଇଁ ଜିଲ୍ଲା କମିଟି ଗଠନ କରିବାକୁ ସର୍ବସମ୍ମତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମସ୍ତ କୋର କମିଟି ସଦସ୍ୟଙ୍କୁ ଆଗାମୀ ଏକ ମାସ ମଧ୍ୟରେ ସଦସ୍ୟ ପଞ୍ଜୀକରଣକୁ ଯୁଦ୍ଧକାଳୀନ ଭିତିରେ ସମ୍ପନ୍ନ କରିବାକୁ ଅନୁରୋଧ କରାଯାଇଥିଲା। ଏହା ସହିତ ଆସନ୍ତା ବର୍ଷର ଅଲ୍ ଇଣ୍ଡିଆ କନଫରେନ୍ସ ଓ ସାଇଣ୍ଟିଫିକ୍ ସେମିନାରକୁ ଓଡ଼ିଶାରେ ଆୟୋଜନ କରିବା ପାଇଁ ସର୍ବସମ୍ମତିକ୍ରମେ ସିଦ୍ଧାନ୍ତ ଗ୍ରହଣ କରାଗଲା। ସଭାରେ ଆସୋସିଏସନ୍ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ବର୍ତ୍ତମାନ ଚାଲୁଥିବା ମୁଖ ଗହ୍ୱର ଏବଂ ସ୍ତନ କର୍କଟ ରୋଗର ଆଗୁଆ ଚିହ୍ନଟ କ୍ୟାମ୍ପର ଅଗ୍ରଗତି ଓ ଏହାକୁ ସମଗ୍ର ଓଡ଼ିଶାରେ ସଫଳ କରିବା ନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ସଭାର ଶେଷରେ ସମସ୍ତ ସଦସ୍ୟ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନ କରି ସଭାକୁ ସମାପ୍ତ କରିଥିଲେ।




## ସପ୍ତଶଯ୍ୟା ମହୋତ୍ସବ

## ମଣିପୁରୀ ନୃତ୍ୟାଙ୍ଗନାଙ୍କୁ 'ସପ୍ତଶଯ୍ୟା ସମ୍ମାନ'

ଭୁବନେଶ୍ୱର, ୯।୬(ସମିସ): ଦେବାନ୍ସି ଡ୍ୟାନ୍ସ ଏକାଡେମୀ ଆନୁକୂଲ୍ୟରେ ୧୨ତମ ସପ୍ତଶଯ୍ୟା ନୃତ୍ୟ ସଙ୍ଗୀତ ମହୋତ୍ସବ ରବୀନ୍ଦ୍ର ମଣ୍ଡପରେ ଉଦଘାଟିତ ହୋଇଯାଇଛି। ଏହି ଦୁଇଦିନିଆ ଉତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ରାଜା କେ.ପି ସିଂହଦେଓ, ରାଣୀ ସାବିତ୍ରୀ ଦେବୀ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥିଭାବେ ବିଧାୟକ ବାବୁ ସିଂହ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ଓଆର୍‌ସି ପ୍ରଶାସନିକ ଅଧିକାରୀ ସୁଚିସ୍ମିତା ମନ୍ତ୍ରୀ, ଡ. ତିରୁପତି ପାଣିଗ୍ରାହୀ, ଦେବାନ୍ସି ଡ୍ୟାନ୍ସ ଏକାଡେମୀର ନିର୍ଦ୍ଦେଶକ ଗୁରୁ ଗୌରୀଶଙ୍କର ଦାଶ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୃତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ମଣିପୁରୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଦର୍ଶନା ଜାଭେରୀଙ୍କୁ 'ସପ୍ତସଜ୍ୟା ସମ୍ମାନ-୨୦୨୬'ପ୍ରଦାନ କରାଯାଇଥିଲା। ଏହାସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଯୁବ ପ୍ରତିଭାଙ୍କୁ 'ସପ୍ତସଜ୍ୟା ଯୁବ ପ୍ରତିଭା ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ଏହାପରେ ଅନୁଷ୍ଠାନର ଶିଳ୍ପୀମାନେ ନୃତ୍ୟନାଟିକା 'ବାରମାସୀ ନୃତ୍ୟ'ପରିବେଷଣ କରିଥିଲେ। ଯାହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଗୌରୀଶଙ୍କର ଦାଶ। ପରେ ପଦ୍ମଶ୍ରୀ ଦର୍ଶନା ଜାଭେରୀ ମଣିପୁରୀ, ଏହାପରେ ଦେବାନ୍ସି ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା 'ମଣି ବିମାନେ ଗୋବିନ୍ଦ.. ଗୀତରେ ଶ୍ରୀକୃଷ୍ଣଙ୍କ ଅପରୂପା ଶୋଭା ତଥା ଦିବ୍ୟଦର୍ଶନର ଅନୁଭବ ଆଣି ଦେଇଥିଲା। ସେହିପରି ସମ୍ବଲପୁରୀ ଲୋକନୃତ୍ୟ ସରଗି ଫୁଲ, ଦ୍ୱିତୀୟ ଚରଣରେ ଜାଗୃତି ଅନୁଷ୍ଠାନ ଶିଳ୍ପୀମାନଙ୍କ ଦ୍ୱାରା ଆହେ ନୀଳ ଶୈଳ.. ଗୀତରେ ଓଡିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଯାହାର ସଙ୍ଗୀତ ସଂଯୋଜନା ପଣ୍ଡିତ ରଘୁନାଥ ପାଣିଗ୍ରାହୀ କରିଥିବା ବେଳେ ନୃତ୍ୟ ସଂଯୋଜନା ପଦ୍ମ ବିଭୁଷଣ ଗୁରୁ କେଳୁଚରଣ ମହାପାତ୍ର। ଶେଷ ପର୍ଯ୍ୟାୟରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ନାଜିଆ ଆଲାମ୍, ଶୈଳଭାମା, ପମି ମିଶ୍ର, ସୁସ୍ମିତା ଦାଶ ପ୍ରମୁଖ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସୁଶ୍ରୀ ସୋମା ମହାପାତ୍ର ସଂଯୋଜନା କରିଥିଲେ।



# ଭୁବନେଶ୍ୱର + କଟକ



● ୧୮ ଲକ୍ଷ ଟଙ୍କାର ସୁନା ଗହଣା ଚୋରି

# ଟିଉସନ୍ ଦିଦି ଓ ସୁନା ବ୍ୟବସାୟୀ ଗିରଫ

■ ୮୬ ଗ୍ରାମର ସୁନା ଅଳଙ୍କାର, ନଗଦ ଟଙ୍କା ଜବତ

କଟକ, ୯।୬(ସମିସ): କଟକ ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଉଦିମୂଳ ଗ୍ରାମରେ ଏକ ଚାଞ୍ଚଲ୍ୟକର ଚୋରି ଘଟଣା ସାମ୍ନାକୁ ଆସିଛି। ଜଣଙ୍କ ଘରୁ ୧୮ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର ସମେତ ନଗଦ ଟଙ୍କା ଚୋରି କରିବା ଅଭିଯୋଗରେ ପୁଲିସ ସ୍ଥାନୀୟ ଅଞ୍ଚଳର ଜଣେ ଟିଉସନ୍ ଦିଦିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କନ୍ହେଇପୁରରେ ରହୁଥିବା ଶିଖରପୁର ଅଞ୍ଚଳର ସଙ୍ଗୀତା ଦାସ (୨୨)। ଏହା ସହିତ ଚୋରି ଗହଣା କିଣିବା ଅଭିଯୋଗରେ ଷ୍ଟେସନ ବଜାର ମଠସାହିର ଅଳଙ୍କାର ଦୋକାନୀ ଦେବାନନ୍ଦ ସାହା (୫୨)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୮୬ ଗ୍ରାମର ସୁନା ଗହଣା, ନଗଦ ୧୭ ହଜାର ଟଙ୍କା, ଗୋଟିଏ ମୋବାଇଲ୍ ଏବଂ ସୁନା କିଣାବିକା ସମ୍ପର୍କିତ ଏକ ରାଜିନାମାପତ୍ର ପୁଲିସ ଜବତ କରିଛି। ପୁଲିସ ସୂଚନା ମୁତାବକ, ଉଦିମୂଳ ଗ୍ରାମର ଅଶୋକ ବେହେରାଙ୍କ ପତ୍ନୀ ଭାରତୀ ବେହେରା ଗତ ୮ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କ ଆଲମିରାରେ ରଖାଯାଇଥିବା ୧୮ ଲକ୍ଷ ଟଙ୍କାର ସୁନା-ରୂପା ଗହଣା ଓ ନଗଦ ଟଙ୍କା କେହି ଚୋରାଇ ନେଇଛି। ପୁଲିସ ମାମଲା ରୁଜୁ କରି ଘରର ସମସ୍ତ ସଦସ୍ୟଙ୍କୁ ପଚରାଉଚରା କରିଥିଲେ ମଧ୍ୟ ପ୍ରାଥମିକ ପର୍ଯ୍ୟାୟରେ କୌଣସି ସୂଚନା ମିଳି ନ ଥିଲା। ତେବେ ଘରକୁ ପିଲାମାନଙ୍କୁ ପଢ଼ାଇବାକୁ ଆସୁଥିବା ଟିଉସନ୍ ଦିଦି ସଙ୍ଗୀତା ଘଟଣା ଦିନଠାରୁ ହଠାତ୍ ଆସିବା ବନ୍ଦ କରିଦେଇଥିବା ନେଇ ଭାରତୀ ପୁଲିସକୁ ଜଣାଇଥିଲେ। ଏହାପରେ ପୁଲିସର ସନ୍ଦେହ ସଙ୍ଗୀତାଙ୍କ ଉପରେ ଘନୀଭୂତ ହୋଇଥିଲା। ପୁଲିସ ସଙ୍ଗୀତାଙ୍କୁ ଅଟକ ରଖି ଜେରା କରିବା ପରେ ସେ ନିଜର ଅପରାଧ ସ୍ୱୀକାର କରିଥିଲେ। ଘର ମାଲିକାଣୀଙ୍କ ଅନୁପସ୍ଥିତିରେ ବିଶ୍ୱାସର ସୁଯୋଗ ନେଇ ତକିଆ ତଳେ ଲୁଚାଇ ରଖାଯାଇଥିବା ଆଲମିରା ଚାବି ଆଣି ସେ ସମସ୍ତ ଗହଣା ଓ ଟଙ୍କା ଚୋରି କରିଥିଲେ। ପରେ ସେହି ଚୋରି ସୁନାକୁ ଷ୍ଟେସନ ବଜାରର ବ୍ୟବସାୟୀ ଦେବାନନ୍ଦଙ୍କୁ ବିକ୍ରି କରିଥିବା ପ୍ରକାଶ କରିଥିଲେ। ପୁଲିସ ତୁରନ୍ତ ଦେବାନନ୍ଦଙ୍କ ଦୋକାନରେ ଚଢ଼ଉ କରି ସେଠାରୁ ଚୋରି ହୋଇଥିବା ଗହଣା ମଧ୍ୟରୁ ୮୩ ଗ୍ରାମର ସୁନା ଜବତ କରିଥିଲା। ଏହି ସମ୍ବେଦନଶୀଳ ମାମଲାରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ପିଟି ଗଣେଶ ସାହୁ ସୂଚନା ଦେଇଛନ୍ତି।

## ଶ୍ରାଦ୍ଧଦିବସରେ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୯।୬(ସମିସ): ଭାରତର ସ୍ୱାଧୀନତା ସଂଗ୍ରାମ ତଥା ଜନଜାତି ସମାଜର ଅଧିକାର ସୁରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ମହାନ ବିପ୍ଳବୀ ବିର୍ସା ମୁଣ୍ଡାଙ୍କୁ ତାଙ୍କ ଶ୍ରାଦ୍ଧଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ଜନଜାତି ସମାଜର ସ୍ୱାଭିମାନ, ଆତ୍ମସମ୍ମାନ ଓ ଅଧିକାର ପାଇଁ ତାଙ୍କର ସଂଗ୍ରାମ ଏବଂ ତ୍ୟାଗମୟ ଜୀବନ ଆଜି ମଧ୍ୟ ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ମାତ୍ର ୨୫ ବର୍ଷ ବୟସରେ ସେ ଦେଶ ପାଇଁ ଶହୀଦ ହୋଇଥିଲେ। ତାଙ୍କର ତ୍ୟାଗ, ସଂଗ୍ରାମ ଓ ଜନଜାତି ସମାଜର ଅଧିକାର ପାଇଁ ଲଢ଼େଇ ତାଙ୍କୁ ଭାରତୀୟ ଇତିହାସର ଜଣେ ଅମର ବିପ୍ଳବୀ ଭାବେ ପ୍ରତିଷ୍ଠିତ କରିଛି। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, ସାମାଜିକ ଓ ରାଜନୈତିକ ସଂଗଠନର ପ୍ରତିନିଧି, ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ଯୋଗଦେଇ ଶହୀଦ ବିର୍ସା ମୁଣ୍ଡାଙ୍କ ଅମର ସ୍ମୃତିଚାରଣ କରିଥିଲେ।

### ନନ୍ଦନକାନନରେ ବିଶ୍ୱ ପରିବେଶ ଦିବସ

## ପ୍ରାମାଣିକ ଚଳଚ୍ଚିତ୍ର 'ଏ ଡ୍ରିମ୍ ଅଫ୍ ଟ୍ରିଜ୍' ପ୍ରଦର୍ଶିତ

ନନ୍ଦନକାନନ, ୯।୬(ସମିସ): ନନ୍ଦନକାନନରେ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ମୁଖ୍ୟ ବିଷୟବସ୍ତୁ ଥିଲା "ପ୍ରକୃତି ଦ୍ୱାରା ଅନୁପ୍ରାଣିତ, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ"। ଏହି ପରିପେକ୍ଷୀରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନ (ବୋଟାନିକାଲ୍ ଗାର୍ଡେନ୍) ଉଭୟ ସ୍ଥାନରେ ଏକ 'ପ୍ଲାଷ୍ଟିକ ବର୍ଜନ ଅଭିଯାନ' କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରାଣୀ ଉଦ୍ୟାନର ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ଇଣ୍ଟର୍ଣ୍ଣ ଏବଂ ସ୍ୱ?ଚ୍ଛାସେବୀଙ୍କୁ ମିଶାଇ ୧୩୦ ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ଏହାପରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିସରରେ ୫୦ରୁ ଊର୍ଦ୍ଧ୍ୱ ମହାରୁଖ (ମହୋଗାନି), ପୁତ୍ରଞ୍ଜୀବ, ନିମ୍ବ, ଅଶ୍ୱତ୍ଥ (ପିପଳ), ବେଲ, ଜାମୁ, ବଉଳ, କରଞ୍ଜ, ଅର୍ଜୁନ ଓ ଅଁଳା ଆଦି ବୃକ୍ଷରୋପଣ କରାଯାଇଥିଲା। ଏହା ସହିତ ସ୍ଥାନୀୟ ବନ୍ୟଜନ୍ତୁଙ୍କ ସହାୟତା ପାଇଁ ପ୍ରାଣୀ ଉଦ୍ୟାନ ଏବଂ ଉଦ୍ଭିଦ ଉଦ୍ୟାନର ବିଭିନ୍ନ ନିର୍ଦ୍ଧାରିତ ସ୍ଥାନରେ ମାଟି ପାତ୍ର (କଳସୀ) ସବୁ ରଖାଯାଇଥିଲା।

ଦର୍ଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ମଧ୍ୟାହ୍ନ ସମୟରେ ବ୍ୟାଖ୍ୟାନ କେନ୍ଦ୍ର ନିକଟରେ ଏକ ତତ୍କାଳ କୁଇଜ୍, କାଗଜ କଳା ଅଧିବେଶନ ଓ ଏକ ସଚେତନତା ମୂଳକ ଆଲୋଚନା, ସେଲ୍‌ଫି ପଏଣ୍ଟ କରାଯାଇଥିଲା। ସାଧାରଣ ଜନତାଙ୍କୁ ମାଗଣାରେ ବିଭିନ୍ନ ଫଳ ଓ ଫୁଲ ଗଛର ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ଭାରତର ପଶ୍ଚିମଘାଟ ପର୍ବତମାଳାରେ ଖଣ୍ଡବିଖଣ୍ଡିତ ବର୍ଷାରଣ୍ୟର ପୁନରୁଦ୍ଧାର ପାଇଁ ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଥିବା ୨୦ ବର୍ଷର ପ୍ରୟାସକୁ ନେଇ ନେଚର୍ କଞ୍ଜରଭେସନ୍ ଫାଉଣ୍ଡେସନ୍ ଦ୍ୱାରା ପ୍ରସ୍ତୁତ ଏକ ପ୍ରାମାଣିକ ଚଳଚ୍ଚିତ୍ର "ଏ ଡ୍ରିମ୍ ଅଫ୍ ଟ୍ରିଜ୍" ପ୍ରତିଯୋଗୀମାନଙ୍କୁ ଦେଖାଯାଇଥିଲା। ଏହା ପରେ ଏକ ସାକ୍ଷାତକାର ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଅଂଶଗ୍ରହଣକାରୀମାନେ ଓରିଗାମୀ ଆକୃତି ତିଆରି କରିଥିଲେ ଏବଂ ଏକ ୨୦ ମିନିଟର ସୃଜନଶୀଳ ଲିଖନ ପ୍ରତିଯୋଗିତାରେ ଭାଗ ନେଇ ନିଜର କବିତା ଏବଂ ଗପ ଉପସ୍ଥାପନ କରିଥିଲେ। ଏହା ବ୍ୟତୀତ ଚଳିତ ବର୍ଷର ବିଷୟବସ୍ତୁକୁ ନେଇ ନନ୍ଦନକାନନର ୱେବସାଇଟରେ ଏକ ଅନଲାଇନ୍ ସଚେତନତା କୁଇଜ୍ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଥିରେ ୪୭୩ ଜଣ ପ୍ରତିଯୋଗୀ ଅନଲାଇନରେ ଭାଗ ନେଇଥିଲେ ବୋଲି ଉପ ନିର୍ଦ୍ଦେଶକ ପ୍ରଦୀପ ମିରାସେ ସୂଚନା ଦେଇଛନ୍ତି।

## ପୁଲିସର ନିଷ୍କ୍ରିୟତା ବିରୋଧରେ ଡିଜିପିଙ୍କୁ ଫେରାଦ

କଟକ, ୯।୬(ସମିସ): ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ପୁଲିସର ନିଷ୍କ୍ରିୟତା ବିରୋଧରେ ନ୍ୟାୟ ପାଇଁ ରାଜ୍ୟ ପୁଲିସ ଡିଜିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜଣେ ଦିବ୍ୟାଙ୍ଗ ବରିଷ୍ଠ ନାଗରିକ। ଡେଲାଙ୍ଗ ଥାନା କୁମୁଣ୍ଡାଳ ଗ୍ରାମର ପକ୍ଷଘାତ ପୀଡ଼ିତ କସ୍ତୁରୀ ମଙ୍ଗରାଜ (୬୭)ଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅର ଶ୍ୱଶୁର ଘର ଲୋକେ (ଭଗବାନ ଜେନା ଓ ପରିବାର) ବିଗତ ୩ ବର୍ଷ ହେବ ତାଙ୍କୁ ଓ ତାଙ୍କ ରୋଗୀଣା ପତ୍ନୀଙ୍କୁ ମରଣାନ୍ତକ ଆକ୍ରମଣ ଓ ଲୁଟପାଟ କରି ଆସୁଛନ୍ତି। ଗତ ମେ ୨୬ରେ ଏ ନେଇ ଥାନାରେ ଏତଲା ଦେଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ, ଓଲଟା ତାଙ୍କୁ ସକାଳୁ ସଞ୍ଜ ଥାନାରେ ବସାଇ ହଇରାଣ କରୁଛି। ପୁରୀ ଏସପିଙ୍କ ପକ୍ଷରୁ କୌଣସି ସହଯୋଗ ନ ମିଳିବାରୁ ସେ ଡିଜିପିଙ୍କ ସହ ରାଜ୍ୟପାଳ ଓ ଗୃହ ସଚିବଙ୍କୁ ଲିଖିତ ଭାବେ ଜଣାଇ ନ୍ୟାୟ ଭିକ୍ଷା କରିଛନ୍ତି।

## ଜୟନ୍ତୀରେ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୯।୬(ସମିସ): ରାଜ୍ୟର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ସାଂସଦ ତଥାଗତ ସତପଥୀ, ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, ବିଧାୟକ ସୁଶାନ୍ତ କୁମାର ରାଉତ ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଅତିଥି ଭାବେ ଯୋଗଦେଇ ବରପୁତ୍ରୀଙ୍କ ଗୁଣାବଳୀ ବର୍ଣ୍ଣନା କରି କହିଥିଲେ। ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଶାଖା ଉପ ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ଜଗବନ୍ଧୁ ପାଣି ପ୍ରମୁଖ ବରପୁତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ବେଳେ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତି ବିଧାନସଭା ପ୍ରଙ୍ଗଣରେ ପ୍ରତିଷ୍ଠା କରାଯାଉ ବୋଲି ଦାବି କରିବା ସହ ମାଲ୍ୟାର୍ପଣ କରି ସମ୍ମାନ ପ୍ରଦର୍ଶନ କରିଥିଲେ।

## ବାରଙ୍ଗରେ ଅଘୋଷିତ ବିଦ୍ୟୁତ କାଟକୁ ନେଇ ଜନଅସନ୍ତୋଷ

ତ୍ରିଶୁଳିଆ, ୯।୬(ସମିସ): ବାରଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ଅଘୋଷିତ ତଥା ବାରମ୍ବାର ବିଦ୍ୟୁତ କାଟ ସମସ୍ୟା ଜଟିଳ ହେବାରେ ଲାଗିଛି। ଏହି ଘନଘନ ବିଦ୍ୟୁତ କାଟ ଯୋଗୁଁ ସ୍ଥାନୀୟ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହେବା ସହ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ କାର୍ଯ୍ୟାଳୟ ପକ୍ଷରୁ କୌଣସି ପୂର୍ବ ସୂଚନା ନ ଦିଆଯାଇ ଦିନରାତି ଯେକୌଣସି ସମୟରେ ଅଚାନକ ପାୱାର କାଟ କରାଯାଉଥିବାରୁ ସାଧାରଣ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଏହି ବେପରୁଆ ବିଦ୍ୟୁତ କାଟ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ବେଳେ ହସ୍ପିଟାଲଗୁଡ଼ିକରେ ରୋଗୀ ସେବା ମଧ୍ୟ ପ୍ରଭାବିତ ହେଉଛି। ସେହିପରି ଲାଇନ ଅଭାବରୁ ସ୍ଥାନୀୟ ଛୋଟବଡ଼ ବ୍ୟବସାୟୀମାନେ ବ୍ୟାପକ କ୍ଷତି ସହୁଛନ୍ତି। ଅନେକ ସ୍ଥାନରେ ଦୀର୍ଘସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହୁଥିବାରୁ ପାନୀୟଜଳ ଯୋଗାଣ ମଧ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇଦେବାକୁ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ହେଁ, ବାରଙ୍ଗ ଅଞ୍ଚଳରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ, ବାରଙ୍ଗ ଓ ଗୋଡ଼ିସାହି ଡିଭିଜନର ବିଦ୍ୟୁତ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଓ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ପରିସ୍ଥିତି ଅଧିକ ଗମ୍ଭୀର ହେଉଛି। ନିୟମିତ ରକ୍ଷଣାବେକ୍ଷଣର ଅଭାବ, ବାରମ୍ବାର ଲାଇନ ଟ୍ରିପ୍ କରିବା ଏବଂ ଗ୍ରାହକଙ୍କ ଅଭିଯୋଗକୁ ଅଣଦେଖା କରିବା ବିଦ୍ୟୁତ ସମସ୍ୟାର ମୂଳ କାରଣ ସାଜିଛି। ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ସ୍ଥାୟୀ ସମାଧାନ ପାଇଁ ଦୃଢ଼ ଦାବି କରିଛନ୍ତି। ଯଦି ଆଗାମୀ ଦିନରେ ବିଦ୍ୟୁତ ସରବରାହ ସ୍ୱାଭାବିକ ନ ହୁଏ, ତେବେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ସତର୍କ କରାଇ ଦେଇଛନ୍ତି।

## ଶୈଳଶ୍ରୀବିହାର ଫେଜ-୭ ଆବାସିକ ସଂଘର ବାର୍ଷିକ ସାଧାରଣ ସଭା



ଭୁବନେଶ୍ୱର, ୯।୬(ସମିସ): ଶୈଳଶ୍ରୀବିହାର ଫେଜ-୭ ଆବାସିକ ସଂଘର ବାର୍ଷିକ ସାଧାରଣ ସଭା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସଞ୍ଜୀବ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଗୋପାଳକୃଷ୍ଣ ପଟ୍ଟନାୟକ ବାର୍ଷିକ ବୀରରଣୀ ପାଠ କରିଥିବା ବେଳେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ସଂଘର ସଦସ୍ୟମାନେ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ବନ୍ଧରେ କହିବା ସହ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହାସହ ପଞ୍ଜୀକରଣ ପ୍ରମାଣପତ୍ରରେ ନବୀକରଣ ଓ ପ୍ରଚଳିତ ଉପବିଧିର ସଂଶୋଧନ ଏବଂ ୨୦୨୪-୨୫, ୨୦୨୫-୨୬ ଆର୍ଥିକ ବର୍ଷର ଆୟବ୍ୟୟ ଉପରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଥିଲା। ଏଥିରେ ସଂଘର ଉପସଭାପତି ଏମ୍ ଆର୍ ପ୍ରସାଦ, କୋଷାଧ୍ୟକ୍ଷ ବିଜୟ କୁମାର ଦାଶଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସହ ସମ୍ପାଦକ ସୁରେନ୍ଦ୍ର ନାଥ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀକ୍ଷେତ୍ର ଗ୍ରୀନଉଡ୍ ଆପାର୍ଟମେଣ୍ଟର ନୂତନ କର୍ମକର୍ତ୍ତା ନିର୍ବାଚନ



ଭୁବନେଶ୍ୱର, ୯।୬(ସମିସ): ଭୁବନେଶ୍ୱରର ଆଇଗିଣିଆସ୍ଥିତ ଶ୍ରୀକ୍ଷେତ୍ର ଗ୍ରୀନଉଡ୍‌ର ଆଲଟି ଏସୋସିଏସନର ସାଧାରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନୂଆ ନିର୍ବାହୀ ସମିତି ପାଇଁ ନୂତନ କର୍ମକର୍ତ୍ତାମାନେ ନିର୍ବାଚିତ ହୋଇଛନ୍ତି। ଏହି କମିଟିରେ ଉଭୟ ନୂଆ ଏବଂ ଅନୁଭବୀ ସଦସ୍ୟମାନେ ସ୍ଥାନ ପାଇଛନ୍ତି। ନୂତନ କମିଟିର ସଭାପତି ଭାବେ ଡା. ରାଜେନ୍ଦ୍ର ପ୍ରସାଦ ସାହୁ ନିର୍ବାଚିତ ହୋଇଥିବା ବେଳେ ଡ଼ା. ବିଜୟ କୁମାର ସାହୁ, ଭାଇସ ପ୍ରେସିଡେଣ୍ଟ ଏବଂ ନିହାର ରଞ୍ଜନ ମହାନ୍ତି ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ସହିତ ଅନୋଜ ପ୍ରଧାନ, କୋଷାଧ୍ୟକ୍ଷ ଏବଂ ସନ୍ତୋଷ କୁମାର ଲେଙ୍କା ମେମ୍ବର ଭାବେ ମଧ୍ୟ ନିର୍ବାଚିତ ହୋଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଅମିୟ ମହାପାତ୍ର, ସୁବ୍ରତ କୁମାର ଦାଶ ସଦସ୍ୟଭାବେ ମଧ୍ୟ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ସୁପରିଚାଳିତ କରିଥିବାରୁ ସଦସ୍ୟମାନେ କୁଳମଣି ଶତପଥୀ ଏବଂ ଆର.ଏନ. ପଣ୍ଡାଙ୍କୁ ଧନ୍ୟବାଦ ଦେଇଥିଲେ।

● କିଚେନ୍ ପ୍ରିମିଅର୍ ଲିଗ୍' ୨୦୨୬ ସଂସ୍କରଣ

## ବିଜେତା ହେଲେ ଶ୍ରଦ୍ଧାଞ୍ଜଳି, ସୁପର୍ଣ୍ଣା ଏବଂ ଅଞ୍ଜନା



ଭୁବନେଶ୍ୱର, ୯।୬(ସମିସ): ଭୁବନେଶ୍ୱର-କଟକ ଦ୍ୱୈତନଗରୀର ବିଭିନ୍ନ ଆବାସିକ ସୋସାଇଟି ମଧ୍ୟରେ ଗତ ଦୁଇ ମାସ ଧରି ଚାଲିଥିବା ରନ୍ଧନ ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଯାଇଛି। ପିପିଲିର ଆଡଭେଞ୍ଚର କନଭେନସନ୍ ଆଣ୍ଡ ରିସୋର୍ଟଠାରେ ଅନୁଷ୍ଠିତ ୯୩.୫ ରେଡ୍ ଏଫ୍‌ଏମ୍ କିଚେନ୍ ପ୍ରିମିଅର୍ ଲିଗ୍ (କେପିଏଲ୍) ୨୦୨୬ ସଂସ୍କରଣର ଗ୍ରାଣ୍ଡ ଫାଇନାଲରେ ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ସୁପର୍ଣ୍ଣା ମିଶ୍ର ଏବଂ ଅଞ୍ଜନା ପାତ୍ର ବିଜୟୀ ହୋଇଛନ୍ତି। ଗତ ଦୁଇ ମାସ ଧରି ବିଭିନ୍ନ ହାଉସିଂ ସୋସାଇଟିରେ ଆୟୋଜିତ ପ୍ରାରମ୍ଭିକ ପର୍ଯ୍ୟାୟରେ ସଫଳତା ହାସଲ କରିବା ପରେ ଫାଇନାଲିଷ୍ଟମାନଙ୍କ ମଧ୍ୟରେ ଗ୍ରାଣ୍ଡ ଫିନାଲେ ପ୍ରତିଯୋଗୀମାନେ ନିଜର ଅସାଧାରଣ ସୃଜନଶୀଳତା ଓ ରନ୍ଧନ କୌଶଳ ପ୍ରଦର୍ଶନ କରିଥିଲେ। ପୋଖରୀପୁଟସ୍ଥିତ କୋକିଳା ଗାର୍ଡେନର ଶ୍ରଦ୍ଧାଞ୍ଜଳି ସ୍ୱାଇଁ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ବେଳେ ପୋଖରୀପୁଟସ୍ଥିତ ପ୍ରିଷ୍ଟିନ୍ ଗ୍ରୀନ୍ସର ସୁପର୍ଣ୍ଣା ମିଶ୍ର ପ୍ରଥମ ରନର୍-ଅପ୍ ଏବଂ ପଟିଆସ୍ଥିତ ରକ୍‌ପୁଲ ହାଇଟ୍‌ସର ଅଞ୍ଜନା ପାତ୍ର ଦ୍ୱିତୀୟ ରନର୍-ଅପ୍ ଭାବେ ବିବେଚିତ ହୋଇଥିଲେ। ୱଣ୍ଡରଲା ହଲିଡେଜ୍ ଲିମିଟେଡ୍‌ର ଭୁବନେଶ୍ୱର ପାର୍କ ହେଡ୍ ସମୀର ଅଲିଙ୍କ ନେତୃତ୍ୱରେ ବିଶିଷ୍ଟ ଶେଫ୍‌ଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ବ୍ୟଞ୍ଜନଗୁଡ଼ିକର ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାର ଶେଷରେ ବିଜେତା ଓ ଫାଇନାଲିଷ୍ଟମାନଙ୍କୁ ଆର୍ଥିକ ରାଶି ସହ ସମ୍ମାନିତ କରାଯାଇଥିଲା।

## ମଧୁମତୀ କଲ୍‌ଚରାଲ ଟ୍ରଷ୍ଟର '୪ର୍ଥ ଅର୍ଘ୍ୟ' ମଧୁରମୂର୍ଚ୍ଛନା

ଭୁବନେଶ୍ୱର, ୯।୬(ସମିସ): ମଧୁମତୀ କଲ୍‌ଚରାଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହାର ଚତୁର୍ଥ ଅର୍ଘ୍ୟ ସୁରୁଜ ମନଛୁଆଁ ଓଡ଼ିଆ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ମଧୁର ମୂର୍ଚ୍ଛନା ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ, ସମ୍ମାନିତ ଅତିଥି ଭାବେ ବିଦୁଷୀ ସଙ୍ଗୀତା ପଣ୍ଡା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଆୟୋଜିକା ବିଜୟଲକ୍ଷ୍ମୀ ପତି, ବେବୀରାଣୀ ସାହୁ ଏବଂ ଅସ୍ମିତା ପାଣିଗ୍ରାହୀ ରହିଥିଲେ। ଏହି ଅବସରରେ ତ୍ରିମୂର୍ତ୍ତି ଦିବ୍ୟାଙ୍ଗ ଭଜନ ଅନୁଷ୍ଠାନକୁ 'ଗୋପୀନାଥ ପାତ୍ର ସ୍ମୃତି' ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସୁଶାନ୍ତ ପଣ୍ଡା, ପୁଷ୍ପା, ରୂପସୀ, ରୁଦ୍ରାଂଶୁ, ବିଦ୍ୟାଧର, ଶଶାଙ୍କ ପ୍ରମୁଖ ସମ୍ବନ୍ଧିତ ପ୍ରତିଭାମାନଙ୍କର ସଂଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁଲସନ ମଞ୍ଜି ପରିଚାଳନା କରିଥିଲେ।

# ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ସମାରୋହ

### ନ୍ୟାୟ ପାଇବାକୁ ହେଲେ ଅଭିଲେଖାଗାରର ଦଲିଲ-ପାଣ୍ଡୁଲିପି ବ୍ୟବହାର କରିବାକୁ ହେବ



ଭୁବନେଶ୍ୱର, ୯।୬(ସମିସ):ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ, ବିଶିଷ୍ଟ ଗବେଷକ, ଐତିହାସିକ ତଥା ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଦାଶ ଯୋଗଦେଇ 'ନ୍ୟାୟ ପାଇଁ ଅଭିଲେଖାଗାର:ଅଧିକାର, ସ୍ମୃତି ଓ ଭବିଷ୍ୟତ ଅଭିଲେଖାଗାର ନ୍ୟାୟହାସଲ ନିମନ୍ତେ ଉଦ୍ଦିଷ୍ଟ' ଶୀର୍ଷକ ରେ ବକ୍ତବ୍ୟ ପ୍ରଦାନ କରି କହିଛନ୍ତି, ନ୍ୟାୟ ପାଇବାକୁ ହେଲେ ଅଭିଲେଖାଗାରର ଦଲିଲ/ପାଣ୍ଡୁଲିପି ବ୍ୟବହାର କରିବାକୁ ହେବ। ଏହି ଅଭିଲେଖାଗାରରେ ସଂରକ୍ଷିତ ହାତଲେଖା, ମୁଦ୍ରିତ ଲେଖା, ବିବରଣୀ ଅଥବା ଦଲିଲ ମାଧ୍ୟମରେ ବ୍ୟକ୍ତି, ଅନୁଷ୍ଠାନ, ସମାଜ ଓ ଦେଶର ନ୍ୟାୟୋଚିତ ଅଧିକାର ହାସଲରେ ସଫଳ ହୋଇପାରନ୍ତି। ସନ୍ଧିକ୍ଷଣରେ ଏହି ସମସ୍ତ ଦଲିଲ/ବିବରଣୀ ଏତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ଯେ ବ୍ୟକ୍ତି/ଜାତି/ଅନୁଷ୍ଠାନ ନିଜ ନିଜର ଅଧିକାରକୁ ନ୍ୟାୟୋଚିତ ଭାବରେ ହାସଲ କରି ପାରନ୍ତି। ଏଣୁ ଅଭିଲେଖାଗାରର ଗୁରୁତ୍ୱପୂର୍ଣ୍ଣ ଦିଗକୁ ଉପେକ୍ଷା କରାଯାଇ ନପାରେ। ଜାତିର ସଫଳ ଜୟଯାତ୍ରା ପାଇଁ ଅଭିଲେଖାଗାର ଏକ ତୁଙ୍ଗ ମାଇଲଖୁଣ୍ଟ ବୋଲି ଡ. ଦାଶ ମତବ୍ୟକ୍ତ କରିଛନ୍ତି। ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଯୋଗଦେଇ ଅଭିଲେଖାଗାରକୁ ଛାଡ଼ିଦେଲେ ମାନବ ସଭ୍ୟତାର ଇତିହାସକୁ ଆମ୍ଭେ ପରିକଳ୍ପନା କରିପାରିବା ନାହିଁ। ଅଭିଲେଖାଗାର ଗୋଟିଏ ଜାତିର ପରିଚୟ ବହନ କରିବା ସହ ଅଭିଲେଖାଗାର ତତ୍କାଳୀନ ଘଟଣାବଳୀର ସ୍ପଷ୍ଟିକରଣ ଦେଇଥାଏ। ଯଦି ଆମେ ଅଭିଲେଖର ସ୍ମୃତିକୁ ସାଇତି ରଖିବା ତା'ହେଲେ ଏକ ସମନ୍ୱିତ, ସମତାପୂର୍ଣ୍ଣ, ଗଣତାନ୍ତ୍ରିକ ସମାଜ ଗଠନ ଦିଗରେ ଆଗେଇ ପାରିବା ବୋଲି ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି। ପ୍ରାରମ୍ଭରେ ରାଜ୍ୟ ଅଭିଲେଖାଗାରର ଯୁଗ୍ମ ନିର୍ଦ୍ଦେଶକ ତଥା ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତଭାଷଣ ଦେଇଥିବା ବେଳେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● ଏସଭିଇଇପି ରଥର ଶୁଭାରମ୍ଭ

## ଏସଆଇଆର ସଚେତନତା ଅଭିଯାନକୁ ମିଳିଲା ଗତି

**ଢେଙ୍କାନାଳ, ୯ ।୬(ସମିସ):** ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବ୍ୟବସ୍ଥିତ ଭୋଟର ଶିକ୍ଷା ଓ ନିର୍ବାଚନୀ ଅଂଶଗ୍ରହଣ ରଥକୁ ହିନ୍ଦୋଳ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି । ଏହି ଏସଭିଇଇପି ରଥ ହିନ୍ଦୋଳ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଏସଆଇଆର କାର୍ଯ୍ୟକ୍ରମ ସମ୍ପର୍କରେ ଭୋଟରମାନଙ୍କୁ ସଚେତନ କରିବା ସହିତ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ଏବଂ ଭୋଟର ତାଲିକାରେ ନିଜ ନାମ ଅନ୍ତର୍ଭୁକ୍ତ ଥିବା ସମ୍ପର୍କରେ ଯାଞ୍ଚ କରିବା ପାଇଁ ସୂଚନା ପ୍ରଦାନ କରିବ । ହିନ୍ଦୋଳ ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଶେଷ ହେବା ପରେ ଏହି ରଥ ଓଡ଼ାପଡ଼ା ବ୍ଲକ ପରିକ୍ରମା କରି ସେଠାରେ ଦୁଇ ଦିନ ଧରି ଭୋଟର ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବ । ଏହି ପଦକ୍ଷେପ ମାଧ୍ୟମରେ ଯୋଗ୍ୟ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସହ ନିର୍ବାଚନ ପ୍ରକ୍ରିୟାରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରାଯିବ । ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଦିଲ୍ଲୀପ କୁମାର ସେଠୀ, ଡେପୁଟି କଲେକ୍ଟର ଦୁର୍ଯ୍ୟୋଧନ ସାହୁ, ଡେପୁଟି କଲେକ୍ଟର ବବିତା ମିଶ୍ର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ ।

## ଯନ୍ତ୍ରୀଙ୍କ ଉପସ୍ଥିତିରେ ସରପଞ୍ଚଙ୍କୁ ଆକ୍ରମଣ



**ଢେଙ୍କନାଳ, ୯ ।୬(ସମିସ):** କଣ୍ଟାବଣିଆ ଥାନା କମଳାଙ୍କ ସରପଞ୍ଚ ଜିତେନ୍ଦ୍ର କୁମାର ବେହେରାଙ୍କୁ ରାସ୍ତା ନିର୍ମାଣ ନେଇ ଜଣେ ବ୍ୟକ୍ତି ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି । କମଳାଙ୍କ ଜିଏମ୍ଆର ପାଚେରି ପାର୍ଶ୍ୱ ଦେଇ ଆରଡି ରାସ୍ତା ଦୁର୍ଗାପୁର ଓ ଭଗାମଣ୍ଡା ଗ୍ରାମକୁ ଯାଉଛି । ଏହି ରାସ୍ତାରେ ଦୁଇ ଗ୍ରାମର ଶହ ଶହ ଲୋକ ଚଳ ପ୍ରଚଳ କରନ୍ତି । କିନ୍ତୁ କିଛି ବର୍ଷ ହେଲା ରାସ୍ତାଟି ରକ୍ଷଣା ବେକ୍ଷଣ ଅଭାବରୁ ନଷ୍ଟ ହୋଇ ଚଳ ପ୍ରଚଳ ଉପଯୋଗୀ ହେଉ ନାହିଁ । ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ସରପଞ୍ଚ ଜିତେନ୍ଦ୍ର ଗତ ଦୁଇ ମାସ ହେବ ଜିଲ୍ଲାପାଳ ଅଫିସକୁ ଯାଇ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ । ମଙ୍ଗଳବାର ଦିନ ଆରଡି କନିଷ୍ଠ ଯନ୍ତ୍ରୀ ସ୍ୱର୍ଣ୍ଣଲତା ଧଳ ଘଟଣା ସ୍ଥଳକୁ ଯାଇ ରାସ୍ତାର ଅବସ୍ଥା ଦେଖୁଥିବାବେଳେ ଦୁର୍ଗାପୁର ଗ୍ରାମର କରୁଣାକର ବେହେରା ୫୬ ରାସ୍ତା କାହିଁକି ମାପ ଚୁପ କରୁଛ ବୋଲି କହି ଯନ୍ତ୍ରି ଓ ସରପଞ୍ଚଙ୍କୁ ଅସଭ୍ୟ ଭାସାରେ ଗାଳି ଗୁଲଜ କରି ସରପଞ୍ଚଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ସରପଞ୍ଚଙ୍କ ପାଟି, ଆଖିରେ ଗଭୀର ଆଘାତ ଲାଗିଛି । ସେ ବଅଁରପାଳ ସରକାରୀ ଡାକ୍ତର ଖାନାରେ ଚିକିତ୍ସା ହୋଇଛନ୍ତି । ଏ ନେଇ କରୁଣା କର କହିଛନ୍ତି ଏହା ମୋ ଯାଗା ଜିଏମ୍ଆର କାରଖାନା ନେଇଚି । ମୋ ପିଲାକୁ ଚାକିରି ଦେଇନି ମୁଁ ଯାଗା ଛାଡ଼ିବି ନାହିଁ ଜିଏମ୍ଆର କର୍ତୃପକ୍ଷ କହିଛନ୍ତି ଆମେ ଯାଗା ପଇସା ତାଙ୍କ ପରିବାର ସଦସ୍ୟଙ୍କୁ ଦେଇଛୁ ଏବଂ ଚାକିରୀ ମଧ୍ୟ ଦେଉଛୁ । ତାଙ୍କ ଦାବି ଗ୍ରହଣୀୟ ନୁହେଁ ବୋଲି କମ୍ପାନୀ କର୍ତୃପକ୍ଷ କହିଛନ୍ତି । ଆକ୍ରମଣକୁ ନେଇ ସରପଞ୍ଚ କଣ୍ଟାବଣିଆ ଥାନାରେ ଲିଖିତ ଅଭିଯୋଗ ଦେଇଥିବା ବେଳେ କରୁଣା ବେହେରା ମଧ୍ୟ ଥାନାରେ ଅଭିଯୋଗ ଦେଇଥିବାର ଜଣା ପଡ଼ିଛି ।

## ଜଙ୍ଗଲରେ ପକ୍ଷୀଙ୍କ ପାଇଁ ଜଳପାତ୍ର ରଖିଲେ ଯୁବଗୋଷ୍ଠୀ

**କାମାକ୍ଷାନଗର, ୯ ।୬(ସମିସ):** ସାମ୍ପ୍ରତିକ ସ୍ଥିତିରେ ତାପମାତ୍ରା ୪୨ ଡିଗ୍ରୀ ଅତିକ୍ରମ ହୋଇଥିଲା ବେଳେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଜନଜୀବନ, ବନ୍ୟଜନ୍ତୁ, ପକ୍ଷୀ ସମସ୍ତେ ତ୍ରାହି ତ୍ରାହି ଡାକ ଦେଲେଣି । ଚଳିତ ବର୍ଷ ଅତ୍ୟଧିକ ଗ୍ରୀଷ୍ମପ୍ରବାହ କାରଣରୁ କୂଅ, ପୋଖରୀ, ଝରଣା ଆଦିର ପାଣି ସୁଖୀ ଗଲାଣି । ପାଣି ମୁନ୍ଦେ ପାଇବା ପାଇଁ ସମସ୍ତେ ଡ଼ହଳ ବିକଳ ହେଉଛନ୍ତି ।



ବିଶେଷକରି ଜଙ୍ଗଲର ବନ୍ୟଜନ୍ତୁ, ପକ୍ଷୀଙ୍କ ଦୁର୍ଦ୍ଦଶା ବଢି ଯାଇଛି । ପଶୁପକ୍ଷୀଙ୍କ ପାଇଁ ଜଙ୍ଗଲରେ ଜଳପାତ୍ର ରଖିବା ପାଇଁ ଅଣ୍ଟା ଭିଡିଛନ୍ତି ଯୁବଗୋଷ୍ଠୀ । ସୂଚନା ଅନୁସାରେ ମହାବିରୋଡ଼ ଗ୍ରାମ୍ୟ ଜଙ୍ଗଲରେ ପଶୁ ପକ୍ଷୀଙ୍କ ପାଇଁ ଜଳପାତ୍ର ରଖିବା ପାଇଁ 'ପ୍ରକୃତି ବନ୍ଧୁ' ରାଜେଶ କୁମାର ଦେହୁରୀଙ୍କ ନେତୃତ୍ୱରେ ଆଜି ମହାବିରୋଡ଼ ଗ୍ରାମର ଯୁବଗୋଷ୍ଠି ପଶୁ ପକ୍ଷୀଙ୍କ ପାନୀୟ ବ୍ୟବସ୍ଥା ପାଇଁ ଜଂଗଲରେ ଜଳପାତ୍ର ରଖିଛନ୍ତି । ଜଙ୍ଗଲ ଭିତରେ ବିଭିନ୍ନ ଗଛରେ ଜଳପାତ୍ର ପକ୍ଷୀଙ୍କ ଉଦ୍ଦେଧଶ୍ୟରେ ରଖିଥିବା ବେଳେ ପଶୁଙ୍କ ପାଇଁ ତଳେ ଜଳପାତ୍ର ରଖିଛନ୍ତି । ପରିବେଶ ସୁରକ୍ଷା ପାଇଁ ମନୁଷ୍ୟ ସହିତ ବନ୍ୟଜନ୍ତୁ, ପକ୍ଷୀଙ୍କ ସମ୍ପର୍କ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହିଛି । ପରିବେଶ ସନ୍ତୁଳନ ରକ୍ଷା ପାଇଁ ପଶୁ ପକ୍ଷୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହୁଛି । ଅସହ୍ୟ ଗ୍ରୀଷ୍ମପ୍ରବାହ ସମୟରେ ଜଳ ସଙ୍କଟ ରହୁଥିବା ବେଳେ ପଶୁ ପକ୍ଷୀଙ୍କ ପାଇଁ ମହାବିରୋଡ଼ ଗ୍ରାମର ଯୁବ ଗୋଷ୍ଠିଙ୍କ ଏହି ନିଆରା ପ୍ରୟାସ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଏହି କାର୍ଯ୍ୟକ୍ରମରେ ମହାବିରୋଡ଼ ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ସାହୁ, ଶିକ୍ଷକ ସୂର୍ଯ୍ୟକାନ୍ତ ରାଉଳ, ସମାଜସେବୀ ଲଳିତ ସାହୁ, ପ୍ରକାଶ ହାତୀ, ସୁଶାନ୍ତ ହାତୀ, ହାତୀ ସ୍କ୍ୱାଡ୍‌ର ଯୁଗଳ ସାହୁ ପ୍ରମୁଖ ସାମିଲ ହୋଇଥିଲେ । ପରିବେଶ ସୁରକ୍ଷା ପାଇଁ ଯୁବ ଗୋଷ୍ଠୀଙ୍କ ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ପୂର୍ବତନ ସାଂସଦଙ୍କ ଶୋକ

**ଖଜୁରିଆକଟା, ୯ ।୬(ସମିସ):** ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବଜ୍ରାଘାତରେ ଦୁଇଟି ଅମୁଲ୍ୟ ଜୀବନ ଚାଲିଯାଇଥିଲା । ହିନ୍ଦୋଳ ଥାନା ବାଉଁଶପୋଖରୀ ପଞ୍ଚାୟତ ବନ୍ଧାଭୂଇଁରେ ବଜ୍ରାଘାତ ଘଟି ଗ୍ରାମର ଗଣେଶ୍ୱର ସାହୁ ୬୪ ଓ ତାଙ୍କ ଭାଉଜ ସୁବାସିନୀ ସାହୁ ୬୨ଙ୍କ ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ପୂର୍ବତନ ସାଂସଦ ମହେଶ ସାହୁ ଗଭୀର ଶୋକ ପ୍ରକା କରିବା ସହିତ ମୃତକଙ୍କ ପରିବାରଙ୍କୁ ଆବଶ୍ୟକ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି । ଉଭୟଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ସରପଞ୍ଚ ରଞ୍ଜିତ ଅମାନ୍ତ ଓ ଅଞ୍ଚଳବାସି ମଧ କ୍ଷତିପୂରଣ ଦାବି କରିଛନ୍ତି ।

### କଳାକାରଙ୍କ ଆର୍ଥିକ ଉନ୍ନତି ପାଇଁ କଳାକ୍ଷେତ୍ରର ପଦକ୍ଷେପ

# ଆରମ୍ଭ ହେଲା ଗଡ଼ଜାତ ମହୋତ୍ସବ

**ଢେଙ୍କାନାଳ, ୯ ।୬(ସମିସ):**







ଲୋକକଳାର ସଂରକ୍ଷଣ ଓ କଳାକାରମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳାକ୍ଷେତ୍ର ଅଣ୍ଟା ଭିଡିଛି । ଏହି ଉଦ୍ଦେଶ୍ୟରେ ସହରସ୍ଥିତ ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରେକ୍ଷାଳୟ ଠାରେ ସୋମବାର ଦିନ କଳାକ୍ଷେତ୍ର ଗଡଜାତ ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି ।

ସକାଳ ୯ ଟାରେ ଜିଲ୍ଲାର ଆରାଧ ପ୍ରଭୁ ସିଦ୍ଧ ବଳରାମ ଜୀଉ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶହଶହ କଳାକାରଙ୍କୁ ନେଇ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ବାହାରି ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହିତ ପହଞ୍ଚିଥିଲା । ପରେ ସଭାକାର୍ଯ୍ୟ ସହ ଜିଲ୍ଲାର ୮ଟି ବ୍ଲକରୁ ଆସିଥିବା ବିଭିନ୍ନ ଲୋକକଳା ଦଳର ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରାରେ କଳାକ୍ଷେତ୍ର ଅନୁଷ୍ଠାନର ରାଜ୍ୟ ସଭାପତି ତଥା ବରିଷ୍ଠ କଳାକାର ଅଶ୍ରୁମୋଚନ ମହାନ୍ତି, ପ୍ରତିଷ୍ଠାତା ଓ ସଦସ୍ୟ ସମ୍ପାଦକ ବାସୁଦେବ ମାଳବିଶୋଇ, ଜିଲ୍ଲା ଉପଦେଷ୍ଟା ଜ୍ଞାନେନ୍ଦ୍ର ସାହୁ, ଜିଲ୍ଲା ସଂଯୋଜକ ବିଜ୍ଞାନ ମହାନ୍ତି ଓ ୮ଟି ବ୍ଲକର ସଂଯୋଜକମାନେ ଉପସ୍ଥିତ ଥିଲେ । ଅନ୍ତର୍ଜାତୀୟ ସ୍ତରେ ପରିଚୟ ସୃଷ୍ଟି କରିଥିବା ନାଟ୍ୟକର୍ମୀ ତଥା କଳାକ୍ଷେତ୍ରର ଉପଦେଷ୍ଟା ଦିନେଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ଅନୁଷ୍ଠାନର ଆୟୋଜନକୁ ପ୍ରଶଂସା କରିବା ସହ କଳାକାରଙ୍କ ସୁଖଦୁଃଖରେ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ରାଜ୍ୟ ସଭାପତି ଅଶ୍ରୁମୋଚନ ମହାନ୍ତି କଳାକାରମାନେ ସବୁବେଳେ କାର୍ଯ୍ୟକ୍ରମ ପାଇପାରିବା ଓ ସେମାନଙ୍କର ଆର୍ଥିକ ସ୍ଥିତି କିଭଳି ସୁଦୃଢ଼ ହେବ ସେ ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିବା ବିସ୍ତୃତ ଭାବେ କହିଥିଲେ । ପ୍ରତିଷ୍ଠାତା ବାସୁଦେବ ମାଳବିଶୋଇ ନିଜ ଅଭିଜ୍ଞତା ବର୍ଣ୍ଣନା କରି କଳାକ୍ଷେତ୍ର ଅନୁଷ୍ଠାନ ବିଷୟରେ ଆଲୋଚନା କରିବା ସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ପ୍ରଚେଷ୍ଟାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଗକୁ କୋଣାର୍କ ସମେତ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ବର୍ଷକୁ ୩୦୦ ଦିନ ଧରି କଳାକାରମାନଙ୍କ ପାଇଁ କାର୍ଯ୍ୟକ୍ରମ ଆୟୋଜନ ହେବ । ଏହା ଦ୍ୱାରା ରାଜ୍ୟର ସମସ୍ତ ଜିଲ୍ଲାର କଳାକାରମାନେ କାର୍ଯ୍ୟକ୍ରମ ଓ ଆର୍ଥିକ ସହାୟତା ପାଇପାରିବେ । ଏଥିପାଇଁ ୩୦ଟି ଜିଲ୍ଲାରେ ଚୟନ ପ୍ରକ୍ରିୟା ଚାଲିଛି ବୋଲି ମତ ରଖିଥିଲେ । ଏହି ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା, ଜିଲ୍ଲା ବିଜେପି ସଭାପତି ରାସ ବିହାରୀ ବେହେରା, ଯୁଗ୍ମ ସମ୍ପାଦକ ସଞ୍ଜୀବ ମିଶ୍ର, ଉପଦେଷ୍ଟା ଜ୍ଞାନେନ୍ଦ୍ର ସାହୁ ଓ ବାଜିରାଉତ ଉତ୍କଳୀୟ ଦଣ୍ଡ ସଂସ୍କୃତି ସଂଘ ସଭାପତି ଉପେନ୍ଦ୍ର କୁମାର ମାହୁନ୍ତ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାର ଦଣ୍ଡ ନୃତ୍ୟ ପାଇଁ ହିନ୍ଦୋଳ ବ୍ଲକର ଉପେନ୍ଦ୍ର କୁମାର ମାହୁନ୍ତ, ସଦର ବ୍ଲକର ସନ୍ତୋଷ କୁମାର ସ୍ୱାଇଁ ଓ ଓଡାପଡା ବ୍ଲକର ନିର୍ମଳ କୁମାର ନାଏକଙ୍କୁ "ଗଡଜାତ କଳାକ୍ଷେତ୍ର ସମ୍ମାନ" ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାର ୮ଟି ବ୍ଲକରୁ ମୋଟ ୩୮ ଗୋଟି ଲୋକକଳା ଦଳ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଶୋକ ସାମଲ, ବିମଳ ବିଶ୍ୱାଳ, ବନ୍ଦନା ରାଉତ, ଶିବାନୀ ସାହୁ, ଦେବରାଜ ବେହେରା, ହରପ୍ରିୟା ସ୍ୱାଇଁ, ପ୍ରତାପ ଚନ୍ଦ୍ର କର, ଦିବ୍ୟଜ୍ୟୋତି ନାୟକ, ରୁନୁବାଳା ସାହୁ, ଶ୍ରୀକାନ୍ତ କୁମାର ସ୍ୱାଇଁ, ଗୋପାଳ କୃଷ୍ଣ ବେହେରା, ଚିତ ରଞ୍ଜନ ମହାନ୍ତି, ଶାନ୍ତି ସ୍ୱରୂପ ପଟ୍ଟନାୟକଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସହଯୋଗ କରିଥିଲେ । ଜିଲ୍ଲା ସଂଯୋଜକ ବିଜ୍ଞାନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଶାନ୍ତ କୁମାର ପାଣୀ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

● ୮ ବ୍ଲକରୁ ୩୮ ଦଳର ଅଂଶଗ୍ରହଣ
● ୩ ଜଣ କଳାକାର ସମ୍ମାନିତ

## କପିଳାସ ମହିମା ତପୋବନ ପୀଠ ପରିଚାଳନା ଟ୍ରଷ୍ଟ ଗଠନ

**ଢେଙ୍କାନାଳ, ୯ ।୬(ସମିସ):** ମହିମା ଧର୍ମର ଏକ୍ତୁଡିଶାଳ କୁହାଯାଉଥିବା କପିଳାସ ମହିମା ତପୋବନ ପୀଠର ସର୍ବାଙ୍ଗୀନ ଉନ୍ନତିକରଣ ପାଇଁ ବହୁ ବର୍ଷର ବ୍ୟବଧାନ ପରେ ଏକ ପରିଚାଳନା ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଛି । ଢେଙ୍କାନାଳ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଏହି ଟ୍ରଷ୍ଟକୁ ବିଧିବଦ୍ଧ ଭାବେ ପଞ୍ଜିକୃତ କରାଯାଇଛି । ଏହାର ଅଧ୍ୟକ୍ଷ ଭାବେ ଶ୍ରୀମଦ୍ ରଘୁନାଥବାବା ରହିଥିବାବେଳେ ଟ୍ରଷ୍ଟବୋର୍ଡ ସଭ୍ୟ ଭାବେ ଅନୁଗୁଳ କୁଲାଡର ପରେଶ ଜେନା ଓ ପ୍ରେମାନନ୍ଦ ସେଠ୍, ଢେଙ୍କାନାଳ ସହରର ପ୍ରଶାନ୍ତ କୁମାର ମହାପାତ୍ର ଓ ପ୍ରଦ୍ୟୁମ୍ନ ରଥ, ଅନୁଗୁଳ ଖଲାରୀର ସନ୍ତୋଷ କୁମାର ଦେହୁରୀ, ହିନ୍ଦୋଳ ବ୍ଲକ୍ ସଞ୍ଜପଡା ପଞ୍ଚାୟତ ଗାଙ୍ଗିଯୋଡି ଗ୍ରାମର ଅଜୟ କୁମାର ଦେହୁରୀ, ଭୁବନ ସୁରପ୍ରତାପପୁର ଗ୍ରାମର ପ୍ରଶାନ୍ତ କୁମାର ରାଉତ, ଓଡାପଡା ବ୍ଲକ୍ ମେରାମଣ୍ଡଳୀର ବସନ୍ତ କୁମାର ସାହୁ ଓ ବଦାଲୋର ଶତ୍ରୁଘ୍ନ ସାହୁ, ଅନୁଗୁଳ ଅଙ୍ଗାରବନ୍ଧର ମହେଶ କୁମାର ସାହୁ, ସଦର ବ୍ଲକ୍ ସୋଗରପଶି ପଞ୍ଚାୟତ ନାଠୁଆ ଗ୍ରାମର ବିଭୁତି ଭୂଷଣ ବିଶ୍ୱାଳ ଓ ସଦର ବ୍ଲକ୍ ଗେଙ୍ଗୁଟିଆ ପଞ୍ଚାୟତ ରଣପଶି ଗ୍ରାମର ଅସିତ୍ ବିଶ୍ୱାଳ ପ୍ରମୁଖ ୧୨ଜଣଙ୍କୁ ନେଇ ଏହି ଟ୍ରଷ୍ଟବୋର୍ଡ ଗଠନ କରାଯାଇଛି । ଭବିଷ୍ୟତରେ ତପୋବନ ପୀଠର ଉନ୍ନତି ଦିଗରେ ଏହି ନବଗଠିତ ଟ୍ରଷ୍ଟ ବୋର୍ଡ କ୍ରିୟାଶୀଳ ହେବ ବୋଲି ମହିମା ଭକ୍ତ ଓ ଶ୍ରଦ୍ଧାଳୁବୃନ୍ଦ ଆଶା ପ୍ରକଟ କରିଛନ୍ତି । ଅନୁଗୁଳର ଆଇନ୍‌ଜୀବୀ ଗୋପାଳ ଚନ୍ଦ୍ର ନାଥ କପିଳାସ ମହିମା ତପୋବନ ପୀଠ ପରିଚାଳନା ଟ୍ରଷ୍ଟ ପଞ୍ଜିକରଣରେ ଆଇନ୍‌ଗତ ସହଯୋଗ କରିଥିଲେ ।



## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଭୁବନ, ୯ ।୬(ସମିସ):** ଭୁବନ ଥାନାଠାରୁ ୪୦୦ ମିଟର ଦୂରରେ ଅଜଣା ଗାଡ଼ି ଧକ୍କାରେ କୀର୍ତ୍ତନପୁର ଗ୍ରାମର ଶ୍ରୀବତ୍ସ ମଲ୍ଲିକଙ୍କ ପୁଅ ସୂର୍ଯ୍ୟକାନ୍ତ ମଲ୍ଲିକ (୧୯)ଙ୍କ ମୃତ୍ୟୁ ହୋଇଛି । ଏ ନେଇ ସୂର୍ଯ୍ୟକାନ୍ତଙ୍କ ମା' ସୁମତି ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି । ସୋମବାର ବିଳମ୍ବିତ ରାତିରେ ସୂର୍ଯ୍ୟକାନ୍ତ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ପଛରୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିତିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି ।

## ଅନ୍ତର୍ଜାତୀୟ ନୃତ୍ୟ ପ୍ରତିଯୋଗିତାରେ ବ୍ରାହ୍ମଣୀ ପବ୍ଲିକ୍ ସ୍କୁଲ୍ ଛାତ୍ରୀଙ୍କ ସଫଳତା

**ଢେଙ୍କନାଳ, ୯ ।୬(ସମିସ):** ଗୋଆ ରାଜଧାନୀ ପଶ୍ଚିମ ସ୍ଥିତ କଳା ଏକାଡେମୀ ଠାରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗୀତାରେ ବ୍ରାହ୍ମଣୀ ପବ୍ଲିକ୍ ସ୍କୁଲର ଛାତ୍ରୀ ସୁଶ୍ରୀ ରୋଜାଲିନ ପଣ୍ଡା ପ୍ରଥମ ରନର୍ସଅପ୍ ହୋଇ ଜିଲ୍ଲା ତଥା ସ୍କୁଲ ପାଇଁ ଗୌରବ ଆଣିଛନ୍ତି । ଚଳିତ ଜୁନ ୧ ତାରିଖରେ ଗୋଆର ରାଜଧାନୀ ଠାରେ ଆନ୍ତର୍ଜାତୀୟ ନୃତ୍ୟ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗୀତାରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୪୦୦ ପ୍ରତିଯୋଗୀ ଭାଗ ଦେଇଥିଲେ । ନୃତ୍ୟ ଗୁରୁ ଜଗନ୍ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ରୋଜାଲିନ ନୃତ୍ୟ ଶିଖିଥିଲେ । ବ୍ରାହ୍ମଣୀ ସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ ରୋଜାଲିନ । ସେ ହନ୍ଦୋଳ ରୋଡର ବାସିନ୍ଦା ଜଗମୋହନ ପଣ୍ଡା ଓ ପ୍ରତିମା ପଣ୍ଡାଙ୍କ କନ୍ୟା ଅଟନ୍ତି । ସେ ମଡର୍ଣ୍ଣ ନୃତ୍ୟରେ ପ୍ରଥମ ରନର୍ସଅପ୍ ହୋଇଛନ୍ତି । ତାଙ୍କ ସଫଳତାରେ ପରିଚଳନା କମିଟି ଅଧ୍ୟକ୍ଷ ଗଙ୍ଗାଧର ସାମଲ, ପ୍ରିନ୍ସିପାଲ ଡାକ୍ତର ନିହାର ରଞ୍ଜନ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ନୃତ୍ୟ ଗୁରୁ ଜଗନ୍ନାଥ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



## ତୈଳିକ ବୈଶ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



**ଢେଙ୍କାନାଳ, ୯ ।୬(ସମିସ):** ଢେଙ୍କାନାଳ ଓ ଅନୁଗୁଳ ସମନ୍ୱୟ ତୈଳିକ ବୈଶ୍ୟ ସମାଜର ସମ୍ବର୍ଦ୍ଧନା ଉତ୍ସବ ନାଧେରାସ୍ଥିତ ଚଣ୍ଡିମା'ଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ୧୫୦୦ରୁ ଅଧିକ ସମନ୍ୱୟ ତୈଳିକ ସମାଜର ସଭ୍ୟବୃନ୍ଦ ଉପସ୍ଥିତ ଥିଲେ । ଏହି ସଭାକୁ ଢେଙ୍କାନାଳ ଅନୁଗୁଳ ସମନ୍ୱୟ ସମିତିର ସଭାପତି ତଥା ସଞ୍ଜୟ କୁମାର ସାହୁ ପରିଚାଳନା କରିଥିଲେ । ଏଥିରେ ଅତିଥି ଭାବେ ଢେଙ୍କାନାଳ ଉପଜିଲ୍ଲାପାଳ ଯୋଗଦେଇ ହୃଦୟସ୍ପର୍ଶୀ ବାଣି ଦ୍ୱାରା ପ୍ରତ୍ୟେକ ଟପ୍ପର ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ଭାବେ ନିଜକୁ ଗଢିବା ଓ ବିଶ୍ୱ ସେବାରେ ନିଜକୁ ନିୟୋଜିତ କରିବା ପାଇଁ କହିବା ସହ ଛାତ୍ରଛାତ୍ରୀମାନଙ୍କୁ ଉପହାର ସହିତ ସମ୍ବର୍ଦ୍ଧନା ରାଶି ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ । ସେଥି ମଧ୍ୟରୁ ସିମିଳିଆ ଗ୍ରାମର ଦୁଷ୍ମନ୍ତ ସାହୁଙ୍କ କନ୍ୟା ଭାଗ୍ୟଲକ୍ଷ୍ମୀ ସାହୁ, ଶିଶୁ ମନ୍ଦିରରୁ ଏ-୧ ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ରାଶିର ଅଧିକାରୀ ହୋଇଛନ୍ତି । ଶେଷରେ ନିର୍ବାଚନ ପ୍ରକ୍ରିୟାରେ ମା' ଭଉଣୀମାନଙ୍କର ନିର୍ବାଚନ ହୋଇ ନିର୍ବାଚିତ ମା'ଭଉଣୀମାନଙ୍କୁ ପଦବୀ ପ୍ରଦାନ କରି ସମାଜର କଲ୍ୟାଣ କରିବା ପାଇଁ ସଭା ତରଫରୁ କୁହାଯାଇଥିଲା । ମହାସଭାର ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

## ଓରସିଂହାରେ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ଗଁଦିଆ, ୯ ।୬(ସମିସ):** ଗଁଦିଆ ବ୍ଲକ ମନ୍ଦାର ପଞ୍ଚାୟତର ଓରସିଂହା ଠାରେ ମା' କାମନେଶ୍ୱରୀ ଓ ବାମନେଶ୍ୱର ମହାଦେବଙ୍କ ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ କଳସ ଶୋଭାଯାତ୍ରା, ହୋମ ଯଜ୍ଞ, ଭଜନ ସମାରୋହ, ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପ୍ରତିଷ୍ଠାତା ଶ୍ରୀକାନ୍ତ କୁମାର ସାହୁଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ଦାର ଉଚ୍ଚ ବିଦ୍ୟାଳୟର ୧୯୯୭ ବ୍ୟାଚର ପୁରାତନ ବିଦ୍ୟାର୍ଥୀ ମାନେ ସକ୍ରିୟ ସହଯୋଗ କରିଥିଲେ । ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ସାହୁ, ବିପିନ ପାତ୍ର ବିଭୁତି ବେହେରା, ରବି ନାରାୟଣ ସାହୁ ଅଭୟ ବୋଇତାଇ, ସୁରେଶ ସାହୁ, ଟୁଗୁଲୀ ଦାସ ସକ୍ରିୟ ସହଯୋଗ କରିଥିଲେ । ଚୈତନ୍ୟ ଦାସ ଓ ମମି ଦାସ କର୍ତା କର୍ତୀ ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବହୁ ମାନ୍ୟ ଗଣ୍ୟ ବକ୍ତି ବିଶେଷଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମନ୍ଦିର କାର୍ଯ୍ୟକର୍ତା ପ୍ରଶାନ୍ତ ସାହୁ, ସୂର୍ଯ୍ୟକାନ୍ତ ସାହୁ, ସୁଜିତ ସାହୁ, ସତ୍ୟଜିତ ସାହୁ ଆର୍ତବନ୍ଧୁ ତରାଇଙ୍କ ସମତେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ଗଁଦିଆ ସଭାପତି ଲକ୍ଷ୍ମୀଧର ରାଉତ ଉପସ୍ଥିତ ରହି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ନନ୍ଦିନୀ ଦେବୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି





**ଢେଙ୍କାନାଳ, ୯ ।୬(ସମିସ):**

ଢେଙ୍କାନାଳ ମାଟିର ଝିଅ ଆମ ପାଇଁ ଗର୍ବ ଓ ଗୌରବ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ସୁଶାସିକା ଓ ସାହିତ୍ୟିକା ସ୍ୱର୍ଗତା ନନ୍ଦୀନ ଶତପଥୀଙ୍କର ୯୫ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ନନ୍ଦିନୀ ଦେବୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ସାଂସଦ ରୁଦ୍ର ନାରାୟଣ ପାଣି ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ଭାରତୀୟ ଜନତା ପାର୍ଟି ଜିଲ୍ଲାର କାର୍ଯ୍ୟକର୍ତାଙ୍କ ସହ ସାମିଲ୍ ହୋଇ ପୁଷ୍ପମାଲ୍ୟ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ନାରୀ ନେତୃତ୍ୱ, ସାହସ ଓ ସମର୍ପଣର ଏକ ଅନନ୍ୟ ପ୍ରତୀକ ସ୍ୱର୍ଗତା ନନ୍ଦିନୀ ଶତପଥୀ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ରାଜନୈତିକ ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସଂରଞ୍ଚନା କରିଥିଲେ । ଢେଙ୍କାନାଳ ମାଟିର ଏହି କୃତୀ ସନ୍ତାନଙ୍କ ଅବଦାନ ଦୂରଦର୍ଶିତା ଓ ଜନସେବା ପ୍ରତି ନିଷ୍ଠା ଆଜି ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଜୟନ୍ତୀ ଅବସରରେ ସାଂସଦ ଶ୍ରୀ ପାଣି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ, ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ୍ ଶର୍ମା, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ମାତୃପ୍ରସାଦ ନନ୍ଦ, ଉପସଭାପତି ଧ୍ରୁବ ଚରଣ ସ୍ୱାଇଁ, ସମ୍ପାଦକ ଅଞ୍ଜନ ପାଣି, ଯୁବମୋର୍ଚ୍ଚା ସଭାପତି ସଞ୍ଜୀବ ପଣ୍ଡା, ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁ, ମନ୍ତ୍ରୀଙ୍କ ପୌର ପ୍ରତିନିଧି ସନ୍ତୋଷ କୁମାର ରାଉତ, ପୂର୍ବତନ ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟରଞ୍ଜନ ଭୂୟାଁ, ବରିଷ୍ଠ ନେତା ଦୀପକ ପ୍ରସାଦ ପଟ୍ଟନାୟକ, ରମେଶ ଚନ୍ଦ୍ର ସାମଲ, ଅଭୟ କୁମାର ଲେଙ୍କା, ଅବନୀ ପଟ୍ଟନାୟକ, ରବିନ୍ଦ୍ର ବେହେରା, ଦୁର୍ଗା ସାହୁ, ସୁଜନ ସିଂ, ପ୍ରକାଶ ପରିଡା, ଉତମ ଦାସ, ସୁଶାନ୍ତ ପୃଷ୍ଟି, ଶଙ୍କର୍ଷଣ ରଥଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

ଅକ୍ଷମ କଲ୍ୟାଣ ସମିତି ପରିଚାଳିତ ଦୃଷ୍ଟିହୀନ ବଧିର ବିଦ୍ୟାଳୟ ପରିସରରେ ନନ୍ଦିନୀ ଦେବୀଙ୍କ ୯୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରର ପୂର୍ବତନ ସୁଚନା ଓ ପ୍ରସାରଣ ମନ୍ତ୍ରୀ ନନ୍ଦିନୀ ଶତପଥୀ ଢେଙ୍କାନାଳ ବିକାଶର ସାରଥୀ ଥିଲେ ବୋଲି ତାଙ୍କର ୯୫ତମ ଜନ୍ମ ଜୟନ୍ତୀରେ ଉଦ୍‌ବୋଧନ ଦେଇ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମତବ୍ୟକ୍ତ କରିଥିଲେ । ନନ୍ଦିନୀ ଦେବୀଙ୍କ ଦ୍ୱାରା ସ୍ଥାପିତ ଅକ୍ଷମ କଲ୍ୟାଣ ସମିତି ପରିଚାଳିତ ଦୃଷ୍ଟିହୀନ ବଧିର ବିଦ୍ୟାଳୟ ପରିସରରେ ଶ୍ରୀମତୀ ଶତପଥୀଙ୍କ ପୂର୍ଣ୍ଣାବୟବ ପ୍ରତିକୃତିରେ ମାଲ୍ୟାର୍ପଣ କରି ସାଂସଦ ଶ୍ରୀ ପାଣି କହିଥିଲେ ଯେ, ଢେଙ୍କାନାଳରେ ଉପଗ୍ରହ ଟିଭି ସଂଯୋଗ ଠାରୁ ଆରମ୍ଭ କରି ଶ୍ରମଭିତିକ ଶିଳ୍ପ ଗୋବିନ୍ଦପୁର କଳିଙ୍ଗ ସମବାୟ ସୂତାକଳ ଓ ସିମିନଇ କଳତନ୍ତ ପ୍ରତିଷ୍ଠା ଆଦି ତାଙ୍କର ଅବଦାନ ଥିଲା । ଜିଲ୍ଲାର ବିକାଶ ସହ ସେ ଓତପ୍ରୋତ ଭାବେ ଜଡିତ ଥିଲେ । ଏହି ଜୟନ୍ତୀ ସମାରୋହରେ ଅକ୍ଷମ କଲ୍ୟାଣ ସମିତିର ସଭାପତି ପ୍ରଦ୍ୟୁମ୍ନ ରଥ ଅଧ୍ୟକ୍ଷତା କରି ନନ୍ଦିନୀ ଦେବୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିବା ସହ ଜିଲ୍ଲାର ବିଧାୟିକା ଭାବେ ୨୦୦୦ ମସିହା ପର୍ଯ୍ୟନ୍ତ ସେ ଅପରାଜିତା ରହିଆସିଥିଲେ । ଏହି ଜୟନ୍ତୀ ସଭାରେ ପରିଚାଳନା କମିଟିର ସହ ସମ୍ପାଦକ ପ୍ରଦୀପ କୁମାର ଧଳ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଏହି ଜୟନ୍ତୀ ସଭାରେ କୋଷାଧ୍ୟକ୍ଷ ସରୋଜ ଶତପଥୀ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଆଇନ୍‌ଜୀବୀ ନରେଶ ଚନ୍ଦ୍ର ମହାପାତ୍ର, ପରିଚାଳନା କମିଟି ସମ୍ପାଦକ ମଳୟ ପାଣିଗ୍ରାହୀ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମରେନ୍ଦ୍ର ସାହୁ, ଶିକ୍ଷକ ସରୋଜ ସାମଲ, ତପୋବନ ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ଅଶୋକ ପ୍ରଧାନ, ଆଇନ୍‌ଜୀବୀ କୃଷ୍ଣଚନ୍ଦ୍ର ସାହୁ ଓ ଗଣେଶ୍ୱର ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ପରିଚାଳନା କମିଟି ଉପସଭାପତି ରାଜୀବ ଲୋଚନ ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାର୍ବଲ ମିସ୍ତ୍ରି ସଂଘ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଢେଙ୍କାନାଳ, ୯ ।୬(ସମିସ):** ଢେଙ୍କାନାଳ ମାର୍ବଲ ମିସ୍ତ୍ରି ନିର୍ମାଣ ଶ୍ରମିକ ସଂଘ ତରଫରୁ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । କୋରିହାଁ ବାଇପାସ୍ ଠାରେ ସମସ୍ତ ମାର୍ବଲ୍ ମିସ୍ତ୍ରି ଭାଇ ମାନଙ୍କ ଉପସ୍ଥିତିରେ ସଭାପତି ମିସ୍ତ୍ରି ମାନଙ୍କର ସମସ୍ୟା ତଥା ଦିନକୁ ଦିନ ସମସ୍ତ ସାମଗ୍ରୀର ଦର ବୃଦ୍ଧି ହେଉଛି ତାହାକୁ ପ୍ରତିହତ କରିବା ପାଇଁ ମାର୍ବଲ୍ ମିସ୍ତ୍ରି ମାନଙ୍କର ମଜୁରୀ ବୃଦ୍ଧିକୁ ଲାଗୁ କରିବା ପାଇଁ ଜିଲ୍ଲାପାଳଙ୍କ ପାଖରେ ଅନୁରୋଧ କରିଛନ୍ତି । ଦର ଦମ୍ ବୃଦ୍ଧି କରିବା ନିମନ୍ତେ ସରକାର ଲେବର ମିସ୍ତ୍ରୀମାନଙ୍କ ମଜୁରୀକୁ ଆଖିଆଗରେ ରଖି ମିସ୍ତ୍ରି ମାନେ ଏହି ନିଷ୍ପତ୍ତି ନେଇଛନ୍ତି । ମାର୍ବଲ ମିସ୍ତ୍ରି ସଂଘର ରେଜିଷ୍ଟ୍ରେସନ ପାଇଁ ପ୍ରଶାସନ ସହଯୋଗ କରିବା ସହିତ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସଭାଗୃହ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି । ଦାବୀପତ୍ର ପ୍ରଦାନ ସମୟରେ ସଭାପତି ବିଦୂର ନାୟକ, ଉପସଭାପତି ରଜୀବ କୁମାର ସାହୁ, ସମ୍ପାଦକ ବରୁଣ କୁମାର ଜେନା, ସହ ସମ୍ପାଦକ ବାରୁନେନ୍ଦ୍ର ବରାଳ, କୋଷାଧ୍ୟକ୍ଷ ଦୀପୁ ଦଳେଇ, ପ୍ରଭାତ ସାହୁ, ମହେଶ୍ୱର ବେହେରାଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ । ଆଗାମୀ ଦିନରେ ଯଦି ଦାବୀ ପୂରଣ ନ ହୁଏ ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଚାଲୁ ରହିବ ବୋଲି କହିଛନ୍ତି ।



## କାଗଜ କଲମରେ ରାସ୍ତା ପ୍ରକଳ୍ପ, ଲୋକେ ହନ୍ତସନ୍ତ

# ଶୁଣିଲାନି ପ୍ରଶାସନ; ନିଜେ ମରାମତି କଲେ ଫକୀରମୋହନ ନଗରବାସୀ

ବାଲେଶ୍ୱର, ୯।୬ (ସମିସ)

ସହର ସହିତ ଲାଗି ରହିଥିବା ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତର ଫକୀରମୋହନ ନଗର ଆଜି ବି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ବାରମ୍ବାର ଗୁହାରି ସତ୍ତ୍ୱେ ରାସ୍ତାଟିଏ ନହେବାରୁ ଶେଷରେ ବର୍ଷାକୁ ଦୃଷ୍ଟିରେ ରଖି ଅଞ୍ଚଳବାସୀ ନିଜେ ରାସ୍ତା ମରାମତି କରିବାକୁ ବାଧ ହୋଇଛନ୍ତି। ଯାତାୟାତ ପାଇଁ ଲୋକେ ହନ୍ତସନ୍ତ, ଶେଷରେ ନିଜ ରାସ୍ତା ନିଜେ ମରାମତି କଲେ ଫକୀରମୋହନ ନଗରବାସୀ। ଫକୀରମୋହନ ନଗରରେ ପ୍ରାୟ ଷୋଳଶହରୁ ଅଧିକ ପରିବାର ବସବାସ କରନ୍ତି। ଏ ଅଞ୍ଚଳର ବିଭିନ୍ନ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଯା'ଆସ କରିଥାନ୍ତି। ହେଲେ ବିଭିନ୍ନ କଲୋନୀର ରାସ୍ତାର ଅବସ୍ଥା ଖୁବ ସଙ୍କଟାପନ୍ନ। ମୁଖ୍ୟ ରାସ୍ତାର ଅବସ୍ଥା କହିଲେ ନସରେ। ଦୀର୍ଘ ବର୍ଷ ଧରି ବିଭିନ୍ନ ସମୟରେ ଅଞ୍ଚଳବାସୀ ସ୍ଥାନୀୟ ଜନପ୍ରତିନିଧି ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଯା'ଆସ କରିବା ପାଇଁ ଭଲ ରାସ୍ତାଟିଏ ହୋଇପାରିଲା ନାହିଁ। ବର୍ଷା ଦିନେ କାଦୁଅ-ପାଣିରେ ଲୋକେ ନାହିଁ ନଥିବା ହନ୍ତସନ୍ତ ହୁଅନ୍ତି। ଆମ୍ବୁଲାନ୍ସ, ସ୍କୁଲ ବସ୍ ଆସିବା ବି କଷ୍ଟକର। ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ। ବର୍ଷ ବର୍ଷ ଧରି ଉପେକ୍ଷା ଯୋଗୁଁ ସାଧାରଣ ଲୋକଙ୍କ ଭିତରେ ଖୁବ ଅସନ୍ତୋଷ ରହିଛି। ସହର ସହ ଲାଗିଥିଲେ ବି ଉନ୍ନୟନର ଛିଟାଟିଏ ବି ଏଠି ପଡୁନି ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ବାସିନ୍ଦା ରମେଶ ଚନ୍ଦ୍ର ସାହୁ ପଞ୍ଚାୟତରୁ ବ୍ଲକ, ବ୍ଲକରୁ ବିଧାୟକ - ସମସ୍ତଙ୍କୁ କହିଲୁ। କେବଳ ପ୍ରତିଶ୍ରୁତି ମିଳେ, କାମ ହୁଏନି। ବର୍ଷା ଦିନେ ପିଲାଙ୍କୁ ସ୍କୁଲ ପଠାଇବା କଷ୍ଟ। ଆମ୍ବୁଲାନ୍ସ ଆସିପାରେନି। ବାଧ ହୋଇ ଆମେ ନିଜେ ମାଟି ପକାଉଛୁ'। ଗୃହିଣୀ ସବିତା ମହାପାତ୍ର



କହିଛନ୍ତି, ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ କାଦୁଅ। ଛୋଟ ପିଲା, ବୁଢ଼ାବୁଢ଼ୀ ଖସି ପଡନ୍ତି। ବଜାରରୁ ଜିନିଷ ଆଣିବାକୁ ହେଲେ ଦୁଇ କିଲୋମିଟର ବୁଲି ଯିବାକୁ ପଡେ। ନେତାମାନେ କେବଳ ଭୋଟ୍ ବେଳେ ଆସନ୍ତି, ହାତ ଯୋଡି ଚାଲିଯାନ୍ତି। ତା'ପରେ କେହି ଦେଖା ଦିଅନ୍ତିନି। ଅଟୋ ଚାଳକ ଅଶୋକ ବେହେରା କହନ୍ତି ଏ ରାସ୍ତା ଦେଇ ଅଟୋ ଚଳାଇଲେ ମାସକୁ ଥରେ ଗ୍ୟାରେଜ। ଗାଡି ଭାଙ୍ଗୁଛି, କମର ବି ଭାଙ୍ଗିଗଲାଣି। ପାସେଞ୍ଜର ବି ଯିବାକୁ ମନା କରିଦେଉଛନ୍ତି। ଆମ ରୋଜଗାର ବନ୍ଦ ହୋଇଗଲା। ବରିଷ୍ଠ ନାଗରିକ ସୁନୀତା ଜେନା କହନ୍ତି ବୟସ ହେଲାଣି। ହସ୍ପିଟାଲ ଯିବାକୁ ହେଲେ ଘରଯାଏଁ ଗାଡି ଆସେନି। ଷ୍ଟ୍ରେଚରରେ ବୋହି ନେବାକୁ ପଡେ'। ଶେଷରେ ସ୍ଥାନୀୟବାସୀ ନିଜେ ଧରିଲେ କୋଦାଳ-ଟୋକେଇ। ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି ଲୋକେ ଆଉ ସରକାରଙ୍କୁ ଅପେକ୍ଷା ନକରି ନିଜ ନିଜର ବ୍ୟବହାର କରୁଥିବା ରାସ୍ତାକୁ ନିଜେ ମରାମତି କରିବା ଆରମ୍ଭ କରିଛନ୍ତି। ଯୁବକରୁ ବୟସ୍କ, ସମସ୍ତେ ମିଶି ଗାତ ଭର୍ତ୍ତି କରୁଛନ୍ତି, ମାଟି ପକାଉଛନ୍ତି। ଦୀର୍ଘ ବର୍ଷ ଧରି ରାସ୍ତା ସମସ୍ୟା ସମାଧାନ ହୋଇନଥିବା ବେଳେ ଏବେ ଲୋକେ ନିଜେ ରାସ୍ତା ମରାମତି କରୁଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଅଞ୍ଚଳବାସୀଙ୍କ ଦାବି, ତୁରନ୍ତ ଏଠି ପକ୍କା ରାସ୍ତା ଓ ଡ୍ରେନ୍ ନିର୍ମାଣ କରାଯାଉ। ଅନ୍ୟପଟେ ଯାହା ଶୁଣିବାକୁ ମିଳୁଛି ଫକୀରମୋହନ ନଗର ଠାରୁ ସତ୍ୟ ନଗର ପର୍ଯ୍ୟନ୍ତ ଏକ ଓସାରିଆ ରାସ୍ତା ପ୍ରକଳ୍ପର ଶିଳାନ୍ୟାସ ଗତ ଫେବୃଆରୀ ମାସରେ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରି ନାହିଁ। ସେହିପରି କରଞ୍ଜିଆ ପଞ୍ଚାୟତ ପାଇଁ ୧୨ କି ମି ରାସ୍ତା ଦୀର୍ଘ ଦିନ ଧରି ଟେଣ୍ଡର ପ୍ରକ୍ରିୟାରେ ରହିଥିବା ଆଉ ଏକ ଜନ ଅସନ୍ତୋଷର କାରଣ ସାଜିଥିବା ଶୁଣିବାକୁ ମିଳୁଛି।

## ଭୋଗରାଇର ୧୧୩୭ ମତ୍ସ୍ୟଜୀବୀ ପାଇବେ ସରକାରୀ ସହାୟତା

ଚନ୍ଦନେଶ୍ୱର, ୯।୬ (ସମିସ): ସମୁଦ୍ରରେ ମାଛଧରା ଉପରେ ଦୁଇ ମାସର କଟକଣା ଅବଧି ଶେଷ ହେବାକୁ ଥିବାବେଳେ ଭୋଗରାଇ ଅଞ୍ଚଳର ପ୍ରମୁଖ ମତ୍ସ୍ୟ ଅବତରଣ କେନ୍ଦ୍ରଗୁଡ଼ିକରେ ମତ୍ସ୍ୟ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉଦୟପୁର, ତାଳସାରୀ, ରଣସିଂହପୁର ଏବଂ କୀର୍ତ୍ତନିଆ ମତ୍ସ୍ୟ ଅବତରଣ କେନ୍ଦ୍ରରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରଯାତ୍ରା ପୂର୍ବରୁ ଆବଶ୍ୟକୀୟ ନିୟମାବଳୀ, ସୁରକ୍ଷା ବ୍ୟବସ୍ଥା ଓ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। କାଳବୈଶାଖୀ ଜନିତ ଘଡ଼ଘଡ଼ି, ବର୍ଷା ଏବଂ ପ୍ରବଳ ପବନକୁ ଦୃଷ୍ଟିରେ ରଖି ଗତ ଦୁଇ ଦିନ ଧରି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଥିଲା। ତେବେ ଆସନ୍ତା ସପ୍ତାହରୁ ସମୁଦ୍ରରେ ମାଛଧରା ଉପରେ ଲାଗିଥିବା କଟକଣା ଉଠିଯିବା ପରେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯିବା ପୂର୍ବରୁ ସମସ୍ତ ଆବଶ୍ୟକ କାଗଜପତ୍ର, ଡଙ୍ଗାର ପଞ୍ଜିକରଣ, ନମ୍ବରିଂ ଓ ନିର୍ଦ୍ଧାରିତ ରଙ୍ଗକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମତ୍ସ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଚନ୍ଦନେଶ୍ୱର ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ କୁମାର ଜେନା ସୂଚନା ଦେଇ କହିଛନ୍ତି ଯେ, ଏପ୍ରିଲ ୧୫ରୁ ଜୁନ ୧୪ ପର୍ଯ୍ୟନ୍ତ ସାମୁଦ୍ରିକ ମାଛଧରା ଉପରେ ଦୁଇ ମାସର କଟକଣା ଲାଗୁ ହୋଇଥିଲା। ଆସନ୍ତା ରବିବାରଠାରୁ କଟକଣା ହଟିଯିବା ପରେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇପାରିବେ। ସଚେତନତା କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀମାନଙ୍କୁ ଡଙ୍ଗାରେ ନାଲି ଓ କଳା ରଙ୍ଗ ବ୍ୟବହାର କରି ନିର୍ଦ୍ଧାରିତ ପରିଚୟ ଚିହ୍ନ ଲଗାଇବା, ପଞ୍ଜିକରଣ ନମ୍ବର ସ୍ପଷ୍ଟ ଭାବେ ଉଲ୍ଲେଖ କରିବା ଏବଂ ଜାତୀୟ ପତାକା ଉତ୍ତୋଳନ କରିବା ସମ୍ପର୍କରେ ଅବଗତ କରାଯାଇଥିଲା। ଏହାସହ କେସିସି (କିଷାନ କ୍ରେଡିଟ କାର୍ଡ), ଏନଏଫଡିପି ଯୋଜନା, ନୂତନ ଡଙ୍ଗା ଓ ଇଞ୍ଜିନ କ୍ରୟ, ମାଛଧରା ଜାଲ, ବୀମା ସୁବିଧା ଏବଂ ଅନ୍ୟାନ୍ୟ ସରକାରୀ ସହାୟତା ଯୋଜନା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ "ସେଭିଂସ୍ କମ୍ ରିଲିଫ୍' ଯୋଜନା ସମ୍ପର୍କରେ ମଧ୍ୟ ମତ୍ସ୍ୟଜୀବୀମାନଙ୍କୁ ଅବଗତ କରାଯାଇଥିଲା। ଚଳିତ ବର୍ଷ ଭୋଗରାଇ ଅଞ୍ଚଳର ମୋଟ ୧୧୩୭ ଜଣ ମତ୍ସ୍ୟଜୀବୀ ଏହି ଯୋଜନାର ଲାଭ ପାଇବେ। ଏଥିମଧ୍ୟରେ ଉଦୟପୁରର ୩୪୫ ଜଣ, ତାଳସାରୀର ୨୮୫ ଜଣ, ରଣସିଂହପୁରର ୧୬୦ ଜଣ, କୀର୍ତ୍ତନିଆର ୧୬୨ ଜଣ, କୃଷ୍ଣନଗରର ୮୫ ଜଣ ଏବଂ ଉଲୁଡ଼ାର ୧୦୦ ଜଣ ମତ୍ସ୍ୟଜୀବୀ ସାମିଲ ଅଛନ୍ତି। ଯୋଜନା ଅନୁସାରେ ହିତାଧିକାରୀମାନେ ୧୫୦୦ ଟଙ୍କା ସଞ୍ଚୟ କରିଥିବାବେଳେ ସରକାରଙ୍କ ପକ୍ଷରୁ ଅତିରିକ୍ତ ସହାୟତା ସହିତ ମୋଟ ୪୫୦୦ ଟଙ୍କା ପାଇବେ। କାର୍ଯ୍ୟକ୍ରମରେ ସାଗର ମିତ୍ର ସଂଗ୍ରାମ କେଶରୀ ନନ୍ଦୀ, ସ୍ନେହାଞ୍ଜଳି ଦାସ, ପାର୍ଥସାରଥୀ ବାଗ, ଅର୍ଜୁନ ଆଚାର୍ଯ୍ୟ, ପ୍ରବୀର ବାରିକ, ସୁପ୍ରଭା ନାୟକ, ବିନ୍ଦୁମତୀ ଗଙ୍ଗାଇ ଓ ହରେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ମତ୍ସ୍ୟଜୀବୀମାନଙ୍କୁ ସରକାରୀ ଯୋଜନାର ସଫଳ ରୂପାୟନ ଏବଂ ସୁରକ୍ଷିତ ସମୁଦ୍ର ଯାତ୍ରା ସମ୍ପର୍କରେ ସଚେତନ କରିଥିଲେ।

## ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ମୃତ୍ୟୁ

ସୋର, ୯।୬ (ସମିସ): ସୋର ଥାନା କେଦାରପୁର ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଯାଇଛି। ଏହି ଗ୍ରାମର ନୃସିଂହ ଲେଙ୍କା (୭୧) ଆଜି ସକାଳେ ଘରେ ବିଦ୍ୟୁତ ସଂଯୋଗ କରୁଥିଲେ। ଏହି ସମୟରେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ୩୮/୨୬ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ସୋର, ୯।୬ (ସମିସ): ସୋର ବ୍ଲକ କେଶରୀପୁର ପଞ୍ଚାୟତ କେଶରୀପୁର ଗ୍ରାମରେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ କଳା କନା ବୁଲାଇ ଦେଇଛନ୍ତି। ଏହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୁଅ ବୋହୂ ବାହାରେ ରହୁଥିବା ବେଳେ ପୂର୍ଣ୍ଣଚନ୍ଦ୍ର ଘରେ ରୁହନ୍ତି। କିନ୍ତୁ ଗତକାଲି ପୂର୍ଣ୍ଣଚନ୍ଦ୍ର ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ଯାଇଥିବା ବେଳେ ଘରେ କେହି ନ ଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଭିତରେ ପଶି ଗଡ଼ରେଜ ଚାବି ଭାଙ୍ଗି ଦଶ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା, ଏକ ବାଇକ ଏବଂ ଟିଭି ଚୋରି କରି ଫେରାର ହୋଇଯାଇଥିଲେ। ଆଜି ସକାଳେ ପଡୋଶୀଙ୍କ ଠାରୁ ଖବର ପାଇ ପୂର୍ଣ୍ଣଚନ୍ଦ୍ର ଘରେ ପହଞ୍ଚି ଚୋରି ହୋଇଥିବା ଜାଣିପାରି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିଲେ। ଏ ବାବଦରେ ପୂର୍ଣ୍ଣଚନ୍ଦ୍ର ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୪୯୧/୨୬ ରେ ଏକ ମାମଲା ରୁଜୁ କରି ଅପରାହ୍ନରେ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହିତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ପୁରାତନ କବିଙ୍କ ରଚନାର ଗାୟନୋତ୍ସବ

ବାଲେଶ୍ୱର, ୯।୬ (ସମିସ): ଭାଷା ବିକାଶ ଆନ୍ଦୋଳନ ଆନୁକୂଲ୍ୟରେ ମାକଲପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟରେ "ପୁରାତନ କବିଙ୍କ ରଚନାର ଗାୟନୋତ୍ସବ' ପାଳିତ ହୋଇଯାଇଛି।



ସଭାପତି ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ ସଭାରେ ପୌରୋହିତ୍ୟ କରିଥିଲେ। ଏହି ଉତ୍ସବରେ କବି ମାର୍କଣ୍ଡ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଅଚ୍ୟୁତାନନ୍ଦ ଦାସ, ଜଗନ୍ନାଥ ଦାସ, ବଳରାମ ଦାସ, ଭୀମଭୋଇ, ମାଧବୀ ଦାସ, ବିଶ୍ୱନାଥ ଖୁଣ୍ଟିଆ, ବନମାଳୀ ଦାସ, ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ସାଲବେଗ, ଭକ୍ତଚରଣ ଦାସ, ଦୀନକୃଷ୍ଣ ଦାସ, ଗୋପାଳକୃଷ୍ଣ ପଟ୍ଟନାୟକଙ୍କ କବିତାକୁ ଯଥାକ୍ରମେ ଚିନ୍ମୟୀ ପ୍ରିୟଦର୍ଶିନୀ ମିଶ୍ର, କୃଷ୍ଣା ପ୍ରଧାନ, ସ୍ନିଗ୍ଧା ସାମନ୍ତରାୟ, ଜ୍ୟୋତ୍ସ୍ନା ରାୟ, ଅର୍ଚ୍ଚନା କର, ସଙ୍ଗୀତା ରଥ, ଅର୍ଚ୍ଚନା ନନ୍ଦୀ, ସଙ୍ଗୀତା ବାରିକ, ମାମିନା ମହାପାତ୍ର, ଅଞ୍ଜଳି ପଣ୍ଡା, ଅବନ୍ତୀ ପ୍ରଧାନ, ଜ୍ରମରନାଥ ପାତ୍ର, ଶାନ୍ତିଲତା ପଣ୍ଡା, ବାସନ୍ତୀ ଦେ, କମଳିନୀ ଦାସ ପ୍ରମୁଖ ଗାୟନ କରିଥିଲେ। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଯୁଗ୍ମସମ୍ପାଦକ ଜ୍ରମରନାଥ ପାତ୍ର, ଶାନ୍ତିଲତା ପଣ୍ଡା ଏବଂ ଡ. ସାରଙ୍ଗଧର ତ୍ରିପାଠୀ। ପ୍ରାକ୍‌କଥା ରଖିଥିଲେ ଉପସଭାପତି ଗାଳ୍ପିକ ନିବାରଣ ଜେନା ଏବଂ ଶେଷକଥା ରଖିଥିଲେ ସଂଗଠନ ସମ୍ପାଦକ ତପନ ରାୟ। ଉତ୍ସବ ଆରମ୍ଭରେ ସଭାପତି ପୁଷ୍ପଗୁଚ୍ଛ ଦେଇ ସୁଶ୍ରୀ ଅର୍ଚ୍ଚନା ନନ୍ଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତଚନ୍ଦ୍ର ମହାପାତ୍ର, ଭାସ୍କର ଚନ୍ଦ୍ର ମିଶ୍ର, ବେଣୁଧର ସାହୁ, ରମାକାନ୍ତ ନାୟକ, କରୁଣାକର ସ, ସଂଗୀତା ରଥ, ଉର୍ମିଳା ନାୟକ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ସୁନାମଣି ଜେନା, ଦୀପକ ଦାସ, ତପନ କୁମାର ପଣ୍ଡା, ଅକ୍ଷୟ କୁମାର ତ୍ରିପାଠୀ, ଦୀନବନ୍ଧୁ ଲେଙ୍କା, ପୁଷ୍ପଲତା ଚକ୍ରବର୍ତ୍ତୀ, ଶାନ୍ତି ବିଶି, ଅନାଦି ଚରଣ ଜେନା, ସୁବ୍ରତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପଡ଼ି ରହୁଛି ଆବର୍ଜନା, ଦୃଷ୍ଟି ଦେଉନାହାନ୍ତି ଏନ୍‌ଏସି କର୍ତ୍ତୃପକ୍ଷ

ନୀଳଗିରି, ୯।୬ (ସମିସ) : ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ସୌନ୍ଦର୍ଯ୍ୟ ଧୀରେ ଧୀରେ ବିଗିଡ଼ିବାରେ ଲାଗିଛି। ପରିମଳ ପରିଚାଳନାରେ ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳୁଥିବା ବେଳେ ପରିମଳ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ନୀଳଗିରି ବିଜ୍ଞାପିତ ଅଞ୍ଚଳ ଅଧୀନରେ ୧୩



ଗୋଟି ୱାଡର୍‌କୁ ନେଇ ଏନ୍.ଏ.ସି ଗଠିତ। ନୀଳଗିରି ଏନ୍.ଏ.ସି ପକ୍ଷରୁ ସଫେଇ ନିମନ୍ତେ ପୂର୍ବରୁ ହୋଇଥିବା ଟେଣ୍ଡର ଭୁବନେଶ୍ୱରର ପ୍ରତ୍ୟୁଷ ନାମକ ସଂସ୍ଥା ନେଇଥିବା ବେଳେ ୧୩ଟି ୱାର୍ଡରୁ ଗୋଟିଏ ଦୁଇଟି ୱାର୍ଡରେ ସରକାରୀ କାର୍ଯ୍ୟାଳୟ ଓ ବ୍ୟବସାୟିକ ପ୍ରତିଷ୍ଠାନ ଥିବାରୁ ସଠିକ ଭାବେ ସଫେଇ ଦେଉଥିବା ବେଳେ ଅନ୍ୟ ୱାଡର୍‌ରେ ଆବର୍ଜନା ଭର୍ତ୍ତିହେବା ସହିତ ଡ୍ରେନ ଗୁଡିକରେ ମଇଳା ଭର୍ତ୍ତି ହୋଇ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ସାହି ରାସ୍ତା ଠାରୁ ଆରମ୍ଭ କରି ସହରର ମୁଖ୍ୟ ରାସ୍ତାରେ ସବୁଠି ଅଳିଆ, ଆବର୍ଜନା ଓ ଗଛ ଲତାରେ ପରିପୂର୍ଣ୍ଣ ଥିବା ଦେଖାଦେଇଛି। ଏପରିକି ତୃତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ସମୟରେ କେବଳ ବଡଦାଣ୍ଡ ଉଭୟ ପାଶ୍ୱର୍ରେ ଥିବା ଡ୍ରେନଗୁଡ଼ିକ ସଫା କରିଥାଏ ନୀଳଗିରି ଏନ୍.ଏ.ସି। ଅନ୍ୟ ସମୟରେ ଡ୍ରେନ ଗୁଡ଼ିକ ସଫା ନହେବାରୁ ଜିଲ୍ଲା ତଥା ବାହାରୁ ରାଜ୍ୟରୁ ଆସୁଥିବା ପର୍ଯ୍ୟଟକ ମାନେ ଦୁର୍ଗନ୍ଧି ପରିବେଶ ପାଇଁ ନାକ ଟେକୁଛନ୍ତି। ସଫେଇ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଥିବା ବେଳେ ଉକ୍ତ ଅର୍ଥ ବାଟମାରଣା ହେଉଥିବା ନେଇ ଅଭିଯୋଗ କରିଛନ୍ତି ନୀଳଗିରି ଏନ୍.ଏ.ସି. ର ବରିଷ୍ଠ ନାଗରିକ, ବୁଦ୍ଧିଜୀବି ଓ ସମାଜସେବୀ। ନାଳନର୍ଦ୍ଦମା ସହିତ ବିଭିନ୍ନ ଅଳିଆ ଆବର୍ଜନା ସ୍ଥାନରେ ବ୍ଲିଚିଂ ପକାଇବା ପାଇଁ ବହୁ ଅର୍ଥ ବ୍ୟୟ ହେଉଥିବା ବେଳେ ଏହା ସମ୍ପୂର୍ଣ୍ଣ ଭାବେ ହରିଲୁଟ ହେଉଛି। ଏପରି ଅର୍ଥ ହରିଲୁଟ ସତ୍ୟତା ଓ ସଠିକ ତଦାରଖ କିପରି ହୋଇପାରିବ ତାହାକୁ ନେଇ ବାଲେଶ୍ୱର ଜିଲ୍ଲାପାଳ ତତ୍ପର ହେବାକୁ ନେଇ ସାଧାରଣରେ ଦାବୀ ହୋଇଛି।

## ବାଲେଶ୍ୱରରେ ରିଲିଜ୍ ହେଲା 'ଛକିଶୂନ'ର ଅଡିଓ

ବାଲେଶ୍ୱର, ୯।୬ (ସମିସ): ରଜରେ ମୁକ୍ତିଲାଭ କରିବ ଚଳଚ୍ଚିତ୍ର ଛକିଶୂନ। ଏହି ଅବସରରେ ବାଲେଶ୍ୱର ସହର ଗାନ୍ଧୀ ସ୍ମୃତି ଭବନ ପରିସରରେ ଏହାର ଅଡିଓ ରିଲିଜ୍ ହୋଇଛି। ଏହି ଅବସରରେ ବାଲେଶ୍ୱରରେ ଫିଲ୍ମର ପ୍ରଚାର କରିଛନ୍ତି ଅନୁଭବ ମହାନ୍ତିଙ୍କ ସହ କଳାକାର, କଣ୍ଠଶିଳ୍ପୀ ଏବଂ କ୍ରିୟୁମେମ୍ବର। ମ୍ୟୁଜିକ ରିଲିଜ୍ ହୋଇଥିବା ବେଳେ ସ୍ୱର୍ଗତ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର ଓ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ପୁରା ଟିମ। ଏହି କାର୍ଯ୍ୟକ୍ରମରେ ଅଭିଜିତ ମଜୁମଦାରଙ୍କ ପତ୍ନୀ ରଂଜିତା ମଜୁମଦାର ଓ ପୁଅ ଆୟୁଷ ମଜୁମଦାର ଉପସ୍ଥିତ ଥିଲେ। ଅନୁଭବ ପ୍ରଶଂସକଙ୍କ ଗହଣରେ ମ୍ୟୁଜିକ ରିଲିଜ କରିବା ସହ ବାଲେଶ୍ୱରବାସୀଙ୍କୁ ନିଜର ସ୍ନେହ ଶ୍ରଦ୍ଧା ଦେବା ସହ ଫିଲ୍ମ ପାଇଁ ଆଶୀର୍ବାଦ କାମନା



କରିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ବ୍ୟାପକ ବିଭ୍ରାଟ ସୃଷ୍ଟି ହୋଇଥିଲା। ଅନୁଭବ ଅନେକ ବିଳମ୍ବରେ ବାଲେଶ୍ୱରରେ ପହଞ୍ଚିବା ପରେ ଅନୁମତି ସମୟ ଗଡିଯାଇଥିଲା। ଫଳରେ ପୁଲିସ ପ୍ରଶାସନ ପହଞ୍ଚି ଲାଇନ୍, ମ୍ୟୁଜିକ ବନ୍ଦ କରିଦେଇଥିଲେ। ଫଳରେ ମୋବାଇଲ ଲାଇଟ୍ ଭିତରେ ଅଭିଭାଷଣ ରଖିଥିଲେ ଅନୁଭବ। ଏହି ଫିଲ୍ମର ନିର୍ଦ୍ଦେଶନା ମାନସ ପଢ଼ିହାରୀ ଦେଇଥିବା ବେଳେ ଜାଗୃତି, ଅନୁଭବ ମହାନ୍ତି, ଶୁଭମ୍ ମହାନ୍ତି ଓ ନବୀନ ଭଣ୍ଡାରୀ ଏହାର ପ୍ରଯୋଜନା ଦାୟିତ୍ୱ ନେଇଛନ୍ତି। ଫିଲ୍ମର ପ୍ରଚାର ପ୍ରସାର ଓ କ୍ରିଏଟିଭ୍ ହେଡ୍ ଅଛନ୍ତି ପ୍ରଣୟଜେଠୀ। ଫିଲ୍ମରେ ଅନୁଭବ ମହାନ୍ତିଙ୍କ ସହ ସମ୍ଭାବନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା ମହାନ୍ତି, ଚୌଧୁରୀ ଜୟପ୍ରକାଶ ଦାସ, ସୁକୁମାର ଟୁଡୁ, ସୁକାନ୍ତ ରଥ, ନିତୁ ସିଂ, ବିଜିନୀ ମିଶ୍ର, ଉଦିତ ଗୁରୁ, ତାପସ ସରଘରିଆ, ଜିତୁ ମଙ୍ଗରାଜ, ବିନ୍ଦୁ, ରାକା, ଦିପୁ ଓ ସୁଜିତ ପ୍ରମୁଖ ଅଭିନୟ କରିଛନ୍ତି।

## ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ପ୍ରଦାନରେ ବିଫଳତା ନେଇ ନୀଳଗିରି ବିଜେଡିର ଗଣଧାରଣା

ନୀଳଗିରି, ୯।୬ (ସମିସ): ଗତ ୨ ମାସରୁ ଅଧିକ ହେବ ବୟସ୍କଙ୍କ ଆକାଉଣ୍ଟକୁ ସରକାର ଭତ୍ତା ପ୍ରଦାନରେ ବିଫଳ ହୋଇଥିବାରୁ ହିତାଧିକାରୀ ମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏବେ ପ୍ରତିଦିନ ବୟସ୍କ ମାନେ ନାହିଁ ନ ଥିବା ଯନ୍ତ୍ରଣାରେ ଜର୍ଜରିତ ହେଉଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ପ୍ରତ୍ୟେକ ମାସ ୧୫ ତାରିଖ ପୂର୍ବରୁ ହିତାଧିକାରୀଙ୍କ ଘରେ ଭତ୍ତା ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିବା ବେଳେ ଏବେ ପଞ୍ଚାୟତ ଏବଂ ବ୍ୟାଙ୍କରେ ଧାଡ଼ିରେ ଛିଡା ହୋଇ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ଅସହାୟ ହନ୍ତସନ୍ତ ହେଉଛନ୍ତି। ଡିଜିଟାଲ ଇଣ୍ଡିଆର ବାଃ ବାଃ ନେଉଥିବା ଡବଲ ଇଞ୍ଜିନ ସରକାର ସଫ୍ଟୱେୟର ସମସ୍ୟା କହି ଏହାକୁ ଏଡାଇ ଦେବାକୁ ବସିଛନ୍ତି। ସରକାର ହିତାକାରୀଙ୍କ ଆକାଉଣ୍ଟକୁ ଭତ୍ତା ପ୍ରଦାନ ରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ ନ କରିବା ପ୍ରତିବାଦରେ ମଙ୍ଗଳବାର ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନୀଳଗିରି ବିଜେଡ଼ି ପକ୍ଷରୁ ଧାରଣା ଦିଆଯାଇଥିଲା। ନୀଳଗିରି ପୂର୍ବତନ ବିଧାୟକ ଙ୍କ ସୁକାନ୍ତ ନାୟକଙ୍କ ନେତୃତ୍ୱ ରେ ସ୍ଥାନୀୟ



ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଉକ୍ତ ଗଣ ଧାରଣରେ ନୀଳଗିରି ବ୍ଲକ ର ଶତାଧିକ ବୃଦ୍ଧ, ବୃଦ୍ଧା ଭତ୍ତା ଧାରୀ ଯୋଗଦେଇ ଥିଲେ। ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ବିଜେଡ଼ି ଦଳର ବିଜେଡ଼ି ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ନୀଳଗିରି ବ୍ଲକ ଅଦ୍ଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ପୂର୍ବତନ ଏନ.ଏ.ସି ସଭାପତି ରବୀନ୍ଦ୍ର ପରିଡ଼ା, ପୂର୍ବତନ ଏନଏସି ଅଧକ୍ଷ ରାଧା ଗୋବିନ୍ଦ ଖଟୁଆ, ସମାଜସେବି ମଦନ ମୋହନ ମାଝୀ, ବିଜେଡ଼ି ନେତା ରମେଶ ଚନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡ଼ି ନେତା ଗଙ୍ଗାଧର ମିଶ୍ର, ଲୋକନାଥ ଦଳେଇ ପ୍ରମୁଖ ଉପସ୍ଥିତ ରହି ଡବଲ ଇଞ୍ଜିନ ସରକାରଙ୍କର ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ଦେବାରେ ବିଫଳତାକୁ ନେଇ ବର୍ଷିଥିଲେ। ତୁରନ୍ତ ତିନି ମାସର ବକେୟା ଭତ୍ତା ପ୍ରଦାନ ପାଇଁ ଦାବି କରିଥିଲେ। ହୁତୁହୁତୁ ଖରାରେ ବାର୍ଦ୍ଧକ୍ୟ ବୃଦ୍ଧ, ବୃଦ୍ଧା ପ୍ରାୟ ୩ ଘଣ୍ଟା ଧାରଣାରେ ବସିବା ପରେ ପୂର୍ବାହ୍ନ ୧୧ ଘଟିକା ବେଳେ ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ ଧାରଣା ସ୍ଥଳୀକୁ ଆସିବା ପରେ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ସିଆଡ଼ିମାଳ ସରପଞ୍ଚ ସୁରଥ ସିଂ ଓ ସମିତି ସଭ୍ୟ ରାଜୀବ ଦାସବାବୁ, ସମାଜସେବୀ ଉପେନ୍ଦ୍ର ଦାସ, ଛତ୍ରପୁର ସରପଞ୍ଚ ମାଳତୀ ମାରାଣ୍ଡି, କେଶିପୁର ସରପଞ୍ଚ ବାସନ୍ତି ହେମ୍ବ୍ରମ, ଶ୍ରୀନିବାସ ବାଗ, ରାମକୃଷ୍ଣ ମହାପାତ୍ର, ଉଦୟଜ୍ୟୋତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିବାବେଳେ ହଜାରେରୁ ଅଧିକ ବୃଦ୍ଧ, ବୃଦ୍ଧା ମହିଳା କର୍ମୀ କାର୍ଯ୍ୟକ୍ରମ ରେ ସାମିଲ ଥିଲେ।

## ଦକ୍ଷିଣ ନରସିଂହପୁର ସରପଞ୍ଚଙ୍କୁ ପ୍ରକୃତି ମିତ୍ର ପୁରସ୍କାର

ନୀଳଗିରି, ୯।୬ (ସମିସ): ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନୀଳଗିରି ଉପଖଣ୍ଡ ଅଧିନ ଦକ୍ଷିଣ ନରସିଂହପୁର ପଞ୍ଚାୟତର ଉଲ୍ଲେଖନୀୟ ଅବଦାନ ପାଇଁ ସରପଞ୍ଚ



ଅଶୋକ କୁମାର ଜେନାଙ୍କୁ ପ୍ରକୃତି ମିତ୍ରର ମାନପତ୍ର ସହିତ କୋଡିଏ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗତ ଶୁକ୍ରବାର ଏହି ସମ୍ମାନ ମିଳିଛି। ବିଶେଷ କରି ଦକ୍ଷିଣ ନରସିଂହପୁର ପଞ୍ଚାୟତରେ ପରିଷ୍କାର ପରିଚ୍ଛନ୍ନ ଓ ସୁସ୍ଥ ସମୃଦ୍ଧ ପରିବେଶ ସୃଷ୍ଟି କରିବା ସହ ରାସ୍ତା ପାଶ୍ୱର୍ରେ ବୃକ୍ଷରୋପଣ, ଜଙ୍ଗଲ,ବନ୍ୟପ୍ରାଣୀ ଏବଂ ପ୍ରାକୃତିକ ସଂସଦର ସଂରକ୍ଷଣ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା, ସ୍ୱଚ୍ଛଭାରତ ଅଭିଯାନ ଉପରେ ଗୁରୁତ୍ୱ ଦେବା, ପଶୁ ପକ୍ଷୀ ମାନଙ୍କ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବା, ପକୃତି ଓ ପରିବେଶ ସଂରକ୍ଷଣ ସମ୍ବନ୍ଧୀୟ ବିଭିନ୍ନ ବିଷୟ ବସ୍ତୁର ବ୍ୟାପକ ସଚେତନତା, ଆଲୋଚନା ଚକ୍ର ଇତ୍ୟାଦି କାର୍ଯ୍ୟକ୍ରମ ନିମନ୍ତେ ସେ ଏହି ପୁରସ୍କାର ପାଇଁ ଦକ୍ଷିଣ ନରସିଂହପୁର ପଞ୍ଚାୟତର ସରପଞ୍ଚ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଥିଲା।

● ଆଞ୍ଚଳିକ ବ୍ରାହ୍ମଣ ସମିତିର ନୂତନ ପରିଚାଳନା କମିଟି ଗଠିତ

## ବୁଦ୍ଧିରାମ ପାଣିଗ୍ରାହୀ ସଭାପତି, ରମାକାନ୍ତ ଶତପଥୀ ସାଧାରଣ ସମ୍ପାଦକ

ଖଇରା, ୯।୬ (ସମିସ): ବାଲେଶ୍ୱର ଜିଲା ଖଇରା ଆଞ୍ଚଳିକ ବ୍ରହ୍ମଣ ସମିତିର ଏକ ବୈଠକ ମଙ୍ଗଳବାର ଦିନ ଖଇରା ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇ



ଯାଇଛି। ରାଜ୍ୟ ବ୍ରାହ୍ମଣ ମହାସଂଘ ଉତ୍ତରାଞ୍ଚଳ ଜୋନର ସଭାପତି କୃଷ୍ଣଚନ୍ଦ୍ର ପତ୍ରୀ ଏଥିରେ ଅଧ୍ୟକ୍ଷତାରେ କରିଥିଲେ। ପ୍ରଥମେ ସମିତିର ଆଗାମୀଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ନିର୍ବାଚନ ଅଧିକାରୀ ଭାବେ ମୁକ୍ତିକାନ୍ତ ଶତପଥୀଙ୍କ ତତ୍ତ୍ୱାବଧାନରେ ନୁତନ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ବୁଦ୍ଧିରାମ ପାଣିଗ୍ରାହୀଙ୍କୁ ସଭାପତି, ରମାକାନ୍ତ ଶତପଥୀଙ୍କୁ ସାଧାରଣ ସମ୍ପାଦକ,ବାସୁଦେବ ପଣ୍ଡାଙ୍କୁ କାର୍ଯ୍ୟକାରୀ ସଭାପତି, ରାମଚନ୍ଦ୍ର ପଣ୍ଡା ଓ ବିଷ୍ଣୁମୋହନ ଶତପଥିଙ୍କୁ ଉପସଭାପତି, ଶ୍ୟାମସୁନ୍ଦର ପଣ୍ଡାଙ୍କୁ ସଙ୍ଗଠନ ସମ୍ପାଦକ, ପିତାମ୍ବର ପତିଙ୍କୁ କୋଷାଧ୍ୟକ୍ଷ, ସଙ୍କୀର୍ତ୍ତନ ପଣ୍ଡା, ଶରତ କୁମାର ପଣ୍ଡା, ବିଭୁତି ଭୁଷଣ ତ୍ରିପାଠୀ ଓ ବାସୁଦେବ ସାହୁଙ୍କୁ ସହ-ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏହା ବ୍ୟତିତ କୃଷ୍ଣଚନ୍ଦ୍ର ପତ୍ରୀ, ଜଳଧର ମିଶ୍ର, ଗୌରଚନ୍ଦ୍ର ପାଠୀ, ଅନାମନନ୍ଦ ଦାଶ, ମୁକ୍ତିକାନ୍ତ ଶତପଥି, ଅନାମ ଚରଣ ପଣ୍ଡା, ବାଞ୍ଛାନିଧି ଦାଶ, ଜଗବନ୍ଧୁ ତ୍ରିପାଠୀ ଓ ନାରାୟଣ ପଣ୍ଡାଙ୍କୁ ଉପଦେଷ୍ଟା ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ୭ ଜୋନରୁ ୭ ଜଣଙ୍କୁ ଜୋନ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି।

# ଫକୀରମୋହନ ଯୁକ୍ତ ୨ କଲେଜରେ ସମ୍ବର୍ଦ୍ଧନା ଉତ୍ସବ

ବାଲେଶ୍ୱର, ୯।୬ (ସମିସ)

ଫକୀରମୋହନ +୨ ଶିକ୍ଷା ଅନୁଷ୍ଠାନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଭାରେ ପୂର୍ବତନ ଅଧକ୍ଷା ଡ. ସୋନାଲିସା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜ୍ଞାନରେ ୧୦୦ ଜଣ ବିଦ୍ୟାର୍ଥୀ ୯୦%ରୁ ଅଧିକ ନମ୍ବର ରଖି ଶିକ୍ଷା ଅନୁଷ୍ଠାନର ଗୌରବକୁ ଅକ୍ଷୁର୍ଣ୍ଣ ରଖିଥିବା କହିଥିବା ବେଳେ କଳାରେ ୧୮ ଜଣ ଓ ବାଣିଜ୍ୟ ରେ ୧୦ ଜଣ ୯୦%ରୁ ଅଧିକ ନମ୍ବର ରଖିବା ସାରା ଓଡ଼ିଶାରେ ଆମ ଅନୁଷ୍ଠାନ କୁ ପୁଣି ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା ମତ ରଖିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ବିଜ୍ଞାନ, କଳା, ବାଣିଜ୍ୟରୁ ଶ୍ରେଷ୍ଠ ୩ ଜଣ ଲେଖାଏ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହା



ସହ ଶତପ୍ରତିଶତ ରେଜଲ୍ଟ ହୋଇଥିବା ସରକାରୀ ଧନ୍ଦାମୂଳକ ଶିକ୍ଷା ଅନୁଷ୍ଠାନର ଶ୍ରେଷ୍ଠ ୩ ଜଣ ବିଦ୍ୟାର୍ଥୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ବିଜ୍ଞାନ ବିଭାଗରୁ ମୋହିତ ପଟ୍ଟନାୟକ (୫୯୫), ହୃଷିକେଶ ସାହୁ, ଆୟୁଷ ରଞ୍ଜନ ସାହୁ, ନିହାର ରଞ୍ଜନ ବେହେରା, ପ୍ରଜ୍ଞା ପାରମିତା ସାହୁ, ପ୍ରଦ୍ୟୁମ୍ନ ଦତ୍ତ ଯୋଗ ଦେଇଥିବା ବେଳେ କଳା ବିଭାଗରୁ ଅନନ୍ୟା ପ୍ରଧାନ (୫୭୪), ଜସ୍ମିନ୍ ମହାକୁଡ଼, ସିପ୍ରା ସୁମନ ପରିଡ଼ା ଓ ବାଣିଜ୍ୟ ବିଭାଗରୁ ଶୁଭମ୍ ନାୟକ(୫୮୬), ଦୀପ୍ତି ଭୁତ୍ରା ଓ ଅମିତ୍ କୁମାର ଜେନାଙ୍କ ସମେତ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ଶିକ୍ଷା ଅନୁଷ୍ଠାନରୁ ସାଇ ସତ୍ୟବ୍ରତ ବେହେରା, ପୀୟୁଷ ପ୍ରବୀଣ ମହାରଣା ଓ ପ୍ରୀତିପଦ୍ମା ବଳ ଯୋଗ ଦେଇଥିଲେ। ଏହି ସଭାରେ ସଭାପତିତ୍ୱ କରୁଥିବା ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ସୁଜିତ୍ କୁମାର ଦାସ ସମସ୍ତ ବିଦ୍ୟାର୍ଥୀଙ୍କ ସଫଳ ଭବିଷ୍ୟତ କାମନା କରିବା ସହ ଅନୁଷ୍ଠାନ ତରଫରୁ ଆଗାମୀ ଦିନ ରେ ଆବଶ୍ୟକ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସନ୍ତୋଷ କୁମାର ରାଉତ ଯୋଗଦେଇ ଉତ୍ତମ ଶିକ୍ଷାର ଆବଶ୍ୟକତା ବିଷୟରେ କହିବା ସହ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷଟେ ହେବା ପାଇଁ ନିଜ ବକ୍ତବ୍ୟ ମାଧ୍ୟମରେ ପ୍ରେରଣା ଦେଇଥିଲେ। ଏହି ସଭାରେ ଅଧାପକ ଅଶୋକ ପ୍ରିୟଦର୍ଶୀ, ଆଦିତ୍ୟ ରଞ୍ଜନ ନାୟକ, ପ୍ରଦୀପ କୁମାର ଗଙ୍ଗାଇ, ମନୋରଞ୍ଜନ ପଣ୍ଡା, ବିନୀତ କୁମାର ପାଢ଼ୀ, ନିରଞ୍ଜନ ତିରିୟା, ଭବାନୀ ଶଙ୍କର ମହାନ୍ତି ଙ୍କ ସମେତ ସେକ୍ସନ ଅଫିସର୍ ବଳରାମ ନାୟକ ଉପସ୍ଥିତ ଥିଲେ। ଏହି ସଭାକୁ ସହ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ପିତାମ୍ବର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

### ମାସକରେ ୩ କଲରା ପତରିଆ ବାଘ ଛାଲ ଜବତ

# ଧରୁଛି ପୁଲିସ; କୁଆଡ଼େ ଯାଉଛି ବନ ବିଭାଗ?

ବ୍ରହ୍ମପୁର, ୯।୬(ସମିସ)

ବ୍ରହ୍ମପୁର ପୁଲିସ ପକ୍ଷରୁ ଜରଡ଼ା ଥାନା ଅଞ୍ଚଳରେ ଗତ ଏକ ମାସ ମଧ୍ୟରେ ତିନୋଟି ବାଘଛାଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ ମଧ୍ୟ କରାଯାଇଛି। ଏହି ଘଟଣା ପରେ ବନ୍ୟଜନ୍ତୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ପୁଲିସ ବାଘଛାଲ ଧରିବାରେ ସଫଳ ଭୂମିକା ଗ୍ରହଣ କରିଛି କିନ୍ତୁ ଏହି ଘଟଣାରେ ବନ ବିଭାଗର ତତ୍ପରତା ନଥିବା ପଶୁପ୍ରେମୀ ମାନେ ଅଭିଯୋଗ କରିଛନ୍ତି। ବାଘଛାଲ ଗୁଡ଼ିକ କେଉଁଠାରୁ ଆସିଲା, କେବେ ଓ କେଉଁଠାରେ ବାଘ ଶିକାର କରାଗଲା, ସେନେଇ ରହସ୍ୟ ଘନୀଭୂତ ହୋଇଛି। ବନ୍ୟଜନ୍ତୁ ଶିକାର ରୋକିବା ଏବଂ ଜୈବ ବିବିଧତା ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ବିଭିନ୍ନ ସଚେତନତା ଓ ନଜରଦାରି କାର୍ଯ୍ୟକ୍ରମ ଚାଲିଥିବା ଦାବି କରାଯାଉଥିଲେ ହେଁ, କ୍ରମାଗତ ଭାବେ ବାଘଛାଲ ଜବତ ହେବା ଘଟଣା ପଶୁପ୍ରେମୀ ଏବଂ ପରିବେଶବିତ୍‌ଙ୍କୁ ବ୍ୟଥିତ କରିଛି।

ବିଶେଷ କରି ପୁଲିସ ଯେଉଁଠାରେ ଗୁପ୍ତ ସୂଚନା ପାଇ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେଉଛି, ସେଠାରେ ବନବିଭାଗ କିପରି ଏଭଳି ଅବୈଧ କାରବାରର ଖବର ପାଇପାରୁନି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଏହାଦ୍ୱାରା ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟଜନ୍ତୁ ଶିକାରୀ ସକ୍ରିୟ ଥିବା ସନ୍ଦେହ ଆହୁରି ବଢିଛି। ଏହି ଅଞ୍ଚଳରେ କେତେ ସଂଖ୍ୟାରେ ଚିତାବାଘ, କଲରାପତରିଆ ବାଘ ରହିଛନ୍ତି, ସେମାନଙ୍କର ବର୍ତ୍ତମାନ ସ୍ଥିତି କ'ଣ, ଏବଂ ବାଘ ଗଣନା କେତେ ନିର୍ଭରଯୋଗ୍ୟ ଭାବେ କରାଯାଉଛି, ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ଅନ୍ୟପଟେ, ମହାବଳ ବାଘ କିମ୍ବା ଅନ୍ୟ



ବନ୍ୟପ୍ରାଣୀ ଲୋକବସତି ମୁହାଁ କଲେ ବନବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଓ ସୁରକ୍ଷା ପଦକ୍ଷେପ ନିଆଯାଉଥିବା ଦେଖାଯାଏ। କିନ୍ତୁ କଲରାପତରିଆ, ଚିତାବାଘ ପରି ସଂରକ୍ଷିତ ପ୍ରଜାତିଙ୍କ ସୁରକ୍ଷା ଏବଂ ଶିକାର ରୋକିବା ଦିଗରେ ସେହି ମାତ୍ରାର ତତ୍ପରତା ପରିଲକ୍ଷିତ ହେଉନଥିବା ଅଭିଯୋଗ ହେଉଛି। କ୍ରମାଗତ ଭାବେ ବାଘଛାଲ ଜବତ ଘଟଣା କେବଳ ବନ୍ୟଜନ୍ତୁ ଚୋରା କାରବାରର ପର୍ଦାଫାସ କରିନାହିଁ, ବରଂ ବନ୍ୟପ୍ରାଣୀ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ପଦାରେ ପକାଇଛି।

ଏହି ଘଟଣାର ମୂଳକୁ ଯାଇ ଶିକାରୀ ଓ ଚୋରାକାରବାରୀ ନେଟୱାର୍କର ପର୍ଦାଫାସ ସହ ବନବିଭାଗର ନଜରଦାରି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦାବି ଜୋର ଧରିଛି। ଏନେଇ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ କହିଛନ୍ତି ଯେ, ସୂଚନା ପାଇବା ମାତ୍ରେ ବ୍ରହ୍ମପୁର ପୁଲିସ ଜରଡ଼ା ଥାନା ଇଲାକାରେ ଚଢାଉ କରି ବାଘଛାଲ ଜବତ କରିଛି। ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ଜାଲରେ ଏମାନେ ଫସୁଥିବା ପୁଲିସ ଅନୁମାନ କରୁଛି। ମଣିଷ ଭଳି ପଶୁପକ୍ଷୀର ମଧ୍ୟ ସମାଜରେ ଗୁରୁତ୍ୱ ରହିଛି। ଏଣୁ ପୁଲିସ ସମସ୍ତଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ସେ କହିଛନ୍ତି।

- ଛାଲ ମିଳିବା ପରେ ବାଘ ଗଣନାକୁ ନେଇ ପ୍ରଶ୍ନ
- ବନ ବିଭାଗ ନିରବତାର ସୁଯୋଗ ନେଉଛନ୍ତି ଶିକାରୀ
- ରିମାଣ୍ଡରେ ଆଣିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ- ବିଭାଗ

ସେହିଭଳି ବ୍ରହ୍ମପୁର ଡ଼ିଏଫଓ ସୋନି ଖୋକର ମଧ୍ୟ ଏହି ଘଟଣା ପରେ ବନ ବିଭାଗ ବେଶ ତତ୍ପରତା ରହିଥିବା କହିଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ତଦନ୍ତ ଆହୁରି ସୁଦୃଢ଼ କରାଯିବା ଉପରେ ସେ ଗୁରୁତ୍ୱାରୋପ ଦେଇଛନ୍ତି। ଶିକାରୀଙ୍କ ଫାସ କେବଳ ବନ୍ୟଜନ୍ତୁ ନୁହେଁ ମଣିଷ ସମାଜ ପାଇଁ ମଧ୍ୟ ବିପଦ ରହିଛି। ଏ ଦିଗରେ ବନ ବିଭାଗ ସଚେତନତା ଜାରି ରଖିଥିବା ସେ ମତ ଦେଇଛନ୍ତି। ସୂଚନା ପ୍ରକାରେ ମେ ମାସ ୧୫ତାରିଖରେ ବ୍ରହ୍ମପୁର ପୁଲିସ ପକ୍ଷରୁ ବାଘଛାଲ ଜବତ ନେଇ ସୂଚନା ଦିଆଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ବ୍ରହ୍ମପୁର ପୁଲିସ ଦ୍ୱାରା ଚିତାବାଘ ଚମଡ଼ା ଜବତ କରାଯାଇ ତିନି ଜଣ ଅଭିଯୁକ୍ତ ଗିରଫ କରାଯାଇଛି। ଜରଡା ଥାନାର ଆଇଆଇସି ବିଶ୍ୱସ୍ତ ସୂଚନା ପାଇ ଧନବାଡା ଆଙ୍କୁଲି ଅଞ୍ଚଳକୁ ଯାଇ ସେଠାରେ ଚାରିଜଣ ବ୍ୟକ୍ତି ପାହାଡ଼ ଉପରେ ଥିବା ଜଙ୍ଗଲ ଆଡକୁ ଦୌଡୁଥିବାର ଦେଖିଥିଲେ। ପୁଲିସ ଦଳ ତୁରନ୍ତ ସେମାନଙ୍କୁ ପିଛା କଲା। ପିଛା କରିବା ସମୟରେ, ଅଭିଯୁକ୍ତମାନେ ପୁଲିସ କର୍ମଚାରୀଙ୍କୁ ଜୋରଜବରଦସ୍ତ ଠେଲାପେଲି କଲେ ଏବଂ ଶାରୀରିକ ବଳ ପ୍ରୟୋଗ କରିଥିଲେ। ବହୁତ କଷ୍ଟ ପରେ, ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା, ଏହି ସମୟରେ ଜଣେ ବ୍ୟକ୍ତି ବନ୍ଧୁକ ସହିତ ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଥିଲା। ଘଟଣାସ୍ଥଳରୁ ଏକ ବ୍ୟାଗ ଉଦ୍ଧାର କରାଯାଇଥିଲା ଯେଉଁଥିରେ ଗୋଟିଏ ଚିତାବାଘର ପୂର୍ଣ୍ଣ ଆକାରର ଚମଡ଼ା ଏବଂ ଦୁଇଟି ଜୀବନ୍ତ ହାତ ତିଆରି ବୋମା ଥିଲା। ସେହିଭଳି ଜୁନ୍ ୬ତାରିଖରେ ମଧ୍ୟ ପୁଲିସ ଦେଇଥିବା ସୂଚନା ପ୍ରକାରେ ଦୁଇଟି ଚିତାବାଘ ଚମଡ଼ା ଜବତ ହୋଇଥିଲା। ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏନେଇ ପୁଲିସ ପକ୍ଷରୁ କୁହାଯାଇଥିଲା ଯେ, ଜରଡା ପୁଲିସ ଷ୍ଟେସନ୍ ବିଶ୍ୱସ୍ତ ସୂଚନା ପାଇ ଉପର ବୁରାତାଲ ଅଞ୍ଚଳକୁ ଯାଇଥିଲା। ପାହାଡ଼ ଉପର ଅଞ୍ଚଳରେ ଜଙ୍ଗଲ ଆଡକୁ ଦୌଡୁଥିବା ଦୁଇଜଣ ବ୍ୟକ୍ତିଙ୍କୁ ଦେଖିଥିଲେ। ଏମାନଙ୍କୁ ପୁଲିସ ଦଳ ପିଛା କରିଥିଲା। ପିଛା କରିବା ସମୟରେ, ଅଭିଯୁକ୍ତମାନେ ପୁଲିସ ଦଳକୁ ଜୋରଜବରଦସ୍ତ ଠେଲାପେଲି ଦେଇଥିଲେ। ଶାରୀରିକ ବଳ ପ୍ରୟୋଗ କରିଥିଲେ। ଜଣେ ଅଭିଯୁକ୍ତ ଖଣ୍ଡା ଦେଖାଇ ପୁଲିସ କର୍ମଚାରୀଙ୍କୁ ଧମକ ଦେଇଥିଲେ। ଉଭୟ ଅଭିଯୁକ୍ତଙ୍କୁ ବହୁତ କଷ୍ଟରେ ଗିରଫ କରାଯାଇଥିଲା। ଖୋଜାଖୋଜି ପରେ ଗୋଟିଏ ଚିତାବାଘର ଦୁଇଟି ପୂର୍ଣ୍ଣ ଆକାରର ଚମଡ଼ା ଥିବା ଦୁଇଟି ବ୍ୟାଗ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତମାନେ ଚିତାବାଘ ଚମଡ଼ା, ଖଣ୍ଡା କିମ୍ବା ବିସ୍ଫୋରକ ସାମଗ୍ରୀ ରଖିବା ପାଇଁ କୌଣସି ଲାଇସେନ୍ସ କିମ୍ବା ପରମିଟ୍ ଦେଖାଇ ପାରି ନଥିଲେ। ପରେ ଏମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା।

### ● ଗୁଣି ଗାରେଡ଼ି ସନ୍ଦେହ

## ମହିଳାକୁ ମାଡ଼ ମାରି ୩ ଗିରଫ

ବ୍ରହ୍ମପୁର, ୯।୬(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ନୁଆଁ ଗୋଳାବନ୍ଧ ଗ୍ରାମରେ ଜଣେ ମହିଳାଙ୍କୁ ଗୁଣି ଗାରେଡି କରୁଥିବା ସନ୍ଦେହରେ ମାରପିଟ କରିଥିବା ମାମଲାରେ ପୁଲିସ ତିନି ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ନୁଆଁ ଗୋଳାବନ୍ଧ ଗ୍ରାମର



ଏସ.ବାଲେୟା, ଏସ.କ୍ରିଷ୍ଣା, ପି.ବାଲେୟା ବୋଲି ପୁଲିସ କହିଛି। ଅଭିଯୁକ୍ତ ଠାରୁ ପୁଲିସ କାଠଫାଳିଆ ଜବତ କରିଛି। ସୂଚନା ପ୍ରକାରେ ଗତମାସ ୧୮ ତାରିଖରେ ଉକ୍ତ ଗ୍ରାମରେ ରହୁଥିବା ଜେ.କାମ୍ମାମା ପିଲା ମାନଙ୍କୁ ଗୁଣି ଗାରେଡି କରୁଥିବା ସନ୍ଦେହରେ ଗ୍ରାମବାସୀ ଅଟକ ରଖି ମାରପିଟ କରି ଏକ କୋଠରୀରେ ବନ୍ଦି କରି ରଖିଥିଲେ। କୌଣସି ସୂତ୍ରରୁ ଗୋପାଳପୁର ପୁଲିସ ଖବର ପାଇ ମହିଳାକୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ଗ୍ରାମରେ ପୁଲିସକୁ ଦେଖି ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ବ୍ରହ୍ମପୁର ଏସ.ପି ଡ଼.ସର୍ବଣା ବିବେକ ଏମ, ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପୁଲିସ ଉପସ୍ଥିତିରେ ମହିଳା ଜଣକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଇଥିଲେ। ମହିଳା ଜଣକ ଚିକିତ୍ସା ହୋଇ ଫେରିବା ପରେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୨୭୫/୨୬ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ ୩ ଜଣ ଅଭିଯୁକ୍ତକୁ କାବୁ କରି କୋର୍ଟଚାଲାଣ କରିଥିବା ବେଳେ ତଦନ୍ତ ଜାରି ରଖିଛି। ସନ୍ଧ୍ୟାରେ ଉକ୍ତ ଗ୍ରାମରେ ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ଓ ପୁଲିସ ଟିମ ପହଞ୍ଚି ଫ୍ଲାଗମାର୍ଚ୍ଚ କରି ଲୋକଙ୍କୁ ସଚେତନ କରିଥିବା ଜଣାପଡ଼ିଛି।

### ● ବନ୍ଦ ଘରୁ ଚୋରି ଘଟଣା

## ଦୁଇ ଗିରଫ; ଚୋରା ସାମଗ୍ରୀ ଜବତ

ବ୍ରହ୍ମପୁର, ୯।୬(ସମିସ): ବଡ଼ବଜାର ଥାନା ଅଞ୍ଚଳର ଆଇନାବନ୍ଧ ସାହିରେ ଘଟିଥିବା ଏକ ଚୋରି ମାମଲାରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୀପକ ଦାସ (୨୪) ଓ ଅଜୁ ବିଷୋୟୀ (୨୭)। ଉଭୟେ



ଆଇନାବନ୍ଧ ସାହିର ବାସିନ୍ଦା ବୋଲି ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଆଇନାବନ୍ଧ ସାହିର ତ୍ରିଲୋଚନ ପଣ୍ଡା ଗତ ମାର୍ଚ୍ଚ ୨ରେ ବଡ଼ବଜାର ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ସେ ବିଭିନ୍ନ ଉତ୍ସବ ଅବସରରେ ରୋଷେୟା ଭାବେ କାମ କରୁଥିବାରୁ ଘରୁ ବାହାରେ ରହୁଥିଲେ। ୨ ମାର୍ଚ୍ଚ ସକାଳେ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗା ଥିବା ଦେଖିଥିଲେ। ଘର ଭିତରୁ ୫୦ ହଜାର ଟଙ୍କା ନଗଦ, ୫୦ କିଲୋ ଚାଉଳ, ଦୁଇଟି ଗ୍ୟାସ ସିଲିଣ୍ଡର ଓ ଏକ ପ୍ଲାଷ୍ଟିକ କୁଲର ଚୋରି ହୋଇଥିବା ବେଳେ ଘରର ସାମଗ୍ରୀ ଏଣେତେଣେ ପଡ଼ିଥିଲା। ଅଭିଯୋଗ ଆଧାରରେ ବଡ଼ବଜାର ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ଗ୍ୟାସ ସିଲିଣ୍ଡର, ଏକ ବଜାଜ ମୋଟର ସାଇକେଲ ଜବତ କରିଥିଲା। ପ୍ରାଥମିକ ପ୍ରମାଣ ଆଧାରରେ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନ କୋର୍ଟଚାଲାଣ କରିଛି। ଯାଞ୍ଚରୁ ଜଣାପଡ଼ିଛି ଯେ ଦୀପକ ଦାସ ପୂର୍ବରୁ ୨୦୨୨ ମସିହାର ଏକ ମାମଲାରେ ସମ୍ପୃକ୍ତ ଥିଲେ। ତେବେ ଅଜୁ ବିଷୋୟୀଙ୍କ ବିରୋଧରେ ଏହି ମାମଲା ବ୍ୟତୀତ ଅନ୍ୟ କୌଣସି ଅପରାଧିକ ରେକର୍ଡ ମିଳିନାହିଁ।

### ● ପୀତବାସ ପଣ୍ଡା ହତ୍ୟା ମାମଲା

## ହାଇକୋର୍ଟରେ ପିଣ୍ଟୁଙ୍କ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି

ବ୍ରହ୍ମପୁର, ୯।୬(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ବ୍ରହ୍ମପୁରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ଆନ୍ତରୀଣ ଜାମିନ ଆବେଦନର ଶୁଣାଣି ଜଷ୍ଟିସ ଗୌରୀ ଶଙ୍କର ଶତପଥୀଙ୍କ କୋର୍ଟରେ ହୋଇଛି। ପତ୍ନୀଙ୍କ ଏକ ଗୁରୁତର ଅସ୍ତ୍ରୋପଚାର ନିମନ୍ତେ ହାଇକୋର୍ଟରେ ଆନ୍ତରୀଣ ଜାମିନ ଆବେଦନ କରିଥିଲେ ପିଣ୍ଟୁ। ଆଜି ଉକ୍ତ ପିଟିସନର ଶୁଣାଣି କରି ପିଣ୍ଟୁଙ୍କ ପତ୍ନୀଙ୍କ ମେଡ଼ିକାଲ କାଗଜପତ୍ର ଯାଞ୍ଚ କରି ରିପୋର୍ଟ ଦେବାକୁ ତଦନ୍ତକାରୀ ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେପଟେ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲାଦୌରା ଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ୪ଜଣ ଅଭିଯୁକ୍ତଙ୍କ ଡିସଚାର୍ଜ ପିଟିସନ ଉପରେ ଶୁଣାଣି ଶେଷ ହୋଇଥିବା ଜଣାପଡିଛି। ପିଣ୍ଟୁ ବର୍ତ୍ତମାନ ସୁରକ୍ଷା ଦୃଷ୍ଟି କୋଣରୁ ଫୁଲବାଣୀ ଜେଲରେ ବନ୍ଦୀ ଅଛନ୍ତି। ଏହି ମାମଲାର ପରବର୍ତ୍ତି ଶୁଣାଣି ପାଇଁ ଆସନ୍ତା ୧୧ତାରିଖ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡିଛି।

**ପତ୍ନୀଙ୍କ ମେଡ଼ିକାଲ ନଥିପତ୍ର ଯାଞ୍ଚ କରି ରିପୋର୍ଟ ଦେବାକୁ ଆଇଓଙ୍କୁ ନିର୍ଦ୍ଦେଶ**

## ପ୍ରଥମ ୧୬ବର୍ଷରୁ କମ୍ 'ସିଏମ୍ ଟ୍ରଫି ୨୦୨୬' କବାଡ଼ି ଚାମ୍ପିଆନ୍‌ସିପ୍ ଫାଇନାଲ ଆଜି



ବ୍ରହ୍ମପୁର, ୯।୬(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିଅମରେ ଚାଲିଥିବା ୧୬ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ପ୍ରଥମ ସିଏମ କପ୍ କବାଡି ଚାମ୍ପିୟନସିପର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚ ବାଳକ ବର୍ଗରେ ଗଞ୍ଜାମ ଓ ସୁନ୍ଦରଗଡ଼ ମଧ୍ୟରେ ଖେଳା ଯାଇଥିଲା। ସୁନ୍ଦରଗଡ଼ ବାଳକ ଦଳ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ (୪୬-୪୦) ପଏଣ୍ଟ ବ୍ୟବଧାନରେ ଗଞ୍ଜାମକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ପ୍ରତିଯୋଗିତାର ବାଳିକା ବର୍ଗରେ ପୁରୀ ଓ ଅନୁଗୁଳ ମଧ୍ୟରେ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଅନୁଗୁଳକୁ ପୁରୀ ଦଳ (୧୮-୫୭) ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ସହଜସାଧ୍ୟ ବିଜୟ ଲାଭ କରିବା ସହ ଫାଇନାଲରେ ପ୍ରବେଶ କରିପାରିଛି। ଉଭୟ ମ୍ୟାଚରେ ଓଡିଶା କବାଡି ସଂଘର ସଦସ୍ୟ ପୃଥ୍ୱୀରାଜ ପଟ୍ଟନାୟକଙ୍କ ସମେତ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ଓ ଓଡିଶା ଅଲମ୍ପିକ ସଙ୍ଘର ଯୁଗ୍ମ ସମ୍ପାଦକ ଜେ. କାମେଶ୍ୱର ରାଓ, କେଦାରନାଥ ଚୌଧୁରୀ, ଦୁର୍ଗା ପଟନାୟକ, ଡ଼ି. ଡ଼ି ଗନ୍ତାୟତ, ଡ଼ି. ବାବୁ ରାଓ, ରାଜ ନାରାୟଣ ପାତ୍ର, ପ୍ରମୋଦ ମହାରଣା, ବିଜୟ କୁମାର ପଟନାୟକ, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡ଼ି. ଆପ୍ପା ରାଓ, ସୀତାରାମ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ବାଳିକା ବର୍ଗରେ ଗଞ୍ଜାମ ଦଳ ଓ ବାଳକ ବର୍ଗରେ ବାଲେଶ୍ୱର ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଆସନ୍ତା କାଲି ପ୍ରତିଯୋଗିତାର ଉଭୟ ବର୍ଗରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବାଳିକାରେ ଆୟୋଜକ ଗଞ୍ଜାମ ଓ ପୁରୀ ଏବଂ ବାଳକ ବର୍ଗରେ ବାଲେଶ୍ୱର ଓ ସୁନ୍ଦରଗଡ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ତଥା ଗଞ୍ଜାମ କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

- ବାଳିକା ବର୍ଗରେ ଗଞ୍ଜାମ ଓ ପୁରୀ, ବାଳକ ବର୍ଗରେ ବାଲେଶ୍ୱର ଓ ସୁନ୍ଦରଗଡ଼ ମଧ୍ୟରେ ମୁକାବିଲା
- ଉଭୟ ବର୍ଗର ସେମିଫାଇନାଲ୍‌ରେ ସୁନ୍ଦରଗଡ଼ ଠାରୁ ଗଞ୍ଜାମ ଏବଂ ପୁରୀ ଠାରୁ ଅନୁଗୁଳ ପରାସ୍ତ

## ନିଷ୍ଟର 'ଇସିଇ' ଏବଂ 'ଏମ୍‌ସିଏ' ପାଠ୍ୟକ୍ରମକୁ ଏନ୍‌ବିଏ ମାନ୍ୟତା



ବ୍ରହ୍ମପୁର, ୯।୬(ସମିସ): ନିଷ୍ଟ ବିଶ୍ୱବିଦ୍ୟାଳୟର ଇସିଇ ଏବଂ ଏମସିଏ ପାଠ୍ୟକ୍ରମକୁ ଜାତୀୟ ମାନ୍ୟତା ବୋର୍ଡ ତଥା (ଏନବିଏ) ଦ୍ୱାରା ୩ବର୍ଷ ପାଇଁ ସ୍ୱୀକୃତି ମିଳିଥିବା ଜଣାପଡିଛି। ବିଶ୍ୱବିଦ୍ୟାଳୟ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ ଇଞ୍ଜିନିୟରିଂ 'ଇସିଇ' ଏବଂ ମାଷ୍ଟର ଅଫ୍ କମ୍ପ୍ୟୁଟର ଆପ୍ଲିକେସନ (ଏମସିଏ) ରେ ସ୍ନାତକ ପାଠ୍ୟକ୍ରମକୁ ନିରୀକ୍ଷଣ କରିବାକୁ 'ଏନବିଏ'ର ଏକ ୫ଜଣିଆ ପ୍ରତିନିଧି ଦଳ ଗତ ମେ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଦିର୍ଘ ୩ଦିନ ଧରି ନିଷ୍ଟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। 'ଏନବିଏ' ପକ୍ଷରୁ ପ୍ରକାଶିତ ରିପୋର୍ଟ ପ୍ରକାରେ ଇସିଇ ଏବଂ ଏମସିଏ ପାଠ୍ୟକ୍ରମର ଡିଗ୍ରୀ ବା ଯୁକ୍ତି ପ୍ରୋଗ୍ରାମଗୁଡିକ ୨୦୨୬ମସିହା ଜାନୁଆରୀ ପହିଲାରୁ ୨୦୨୮ ମସିହା ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ୩ବର୍ଷ ପାଇଁ ମାନ୍ୟତାପ୍ରାପ୍ତ ହୋଇଛି। ଏହି ମାନ୍ୟତା ଫଳରେ ଛାତ୍ରଛାତ୍ରୀ ନିଯୁକ୍ତି, ଶିଳ୍ପ ପ୍ରତିଷ୍ଠାନ ସହିତ ଯୋଗାଯୋଗ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ଅନୁଷ୍ଠାନରେ ଇଣ୍ଟର୍ଣ୍ଣସିପ୍ ଏପରିକି ନାମଲେଖାଇବାରେ ବେଶ ସହାୟକ ହୋଇପାରିବ। ବିଶ୍ୱବିଦ୍ୟାଳୟର ଉଭୟ ବିଭାଗକୁ ବା ପାଠ୍ୟକ୍ରମକୁ ମିଳିଥିବା ମାନ୍ୟତା ବା ପ୍ରତିଷ୍ଠା ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଡ଼. ସୁକାନ୍ତ କିଶୋର ମହାପାତ୍ରଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ଭାରପ୍ରାପ୍ତ କୁଳପତି ଡ. ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁକର ନାୟକ, ଇସିଇ ବିଭାଗୀୟ ମୁଖ୍ୟ ଡକ୍ଟର ରାଜେଶ ପାଟଯୋଶି, ଏମସିଏ ସଂଯୋଜକ ଡକ୍ଟର ପ୍ରଦୀପ କୁମାର ଜେନାଙ୍କ ଉଦ୍ୟମ ଯୋଗୁଁ ସଫଳ ସମ୍ଭବ ହୋଇପାରିଛି।

## ବିଏମ୍‌ସିର ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ବ୍ରହ୍ମପୁର, ୯।୬(ସମିସ)

ଲିଜସୂତ୍ରରେ ଦୋକାନ ଘର ନେଇ ସବଲିଜ ଦେବାକୁ ଏଣିକି ଆଉ ବରଦାସ୍ତ କରାଯିବନାହିଁ। ସହରର ବିଭିନ୍ନ ସ୍ଥାନରେ ଥିବା ବିଏମସିର ସମସ୍ତ ଦୋକାନ ଗୃହର କରାଯିବ ସରଜମୀନ ତଦନ୍ତ।



ଲିଜଧାରୀଙ୍କ ସ୍ଥାନରେ ସବଲିଜ ନେଇଥିବା ବ୍ୟକ୍ତିଙ୍କ ଅକ୍ତିଆରରେ ଦୋକାନ ଗୃହ ଥିବା ଜଣାପଡିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ। ସମ୍ପୃକ୍ତ ଲିଜଧାରୀଙ୍କ ଲିଜକୁ ରଦ୍ଦ କରି ସେହି ସ୍ଥାନରେ ସବଲିଜଧାରୀଙ୍କୁ ନିୟମିତ କରିବାର ବ୍ୟବସ୍ଥା କରାଯିବ। ଏଭଳି କଡା ପଦକ୍ଷେପ ଗ୍ରହଣ କରିବାକୁ ଆଜି ଅନୁଷ୍ଠିତ ବିଏମସିର ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେପଟେ ସୁବାଷ ବୋଷ ଛକରେ ଥିବା ବିଏମସିର ଡାଇମଣ୍ଡ ଜୁବୁଲି ଟାଉନ ହଲ ପରିସରରେ ନିର୍ମାଣାଧିନ ମୋଟ ୪୨ଟି ଦୋକାନ ଗୃହରୁ ୨୮ଟିର କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ଅବଶିଷ୍ଟ ୧୪ଟି ଦୋକାନ ଗୃହକୁ ଖାଲି କରି ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରାଯିବ। ତେବେ ଇତି ମଧ୍ୟରେ ସମସ୍ତ ଦୋକାନ ଗୃହର ଆବଣ୍ଟନ ଲଟେରୀ ମାଧ୍ୟମରେ କରାଯିବ। ପୁରୁଣା ଲିଜଧାରୀଙ୍କୁ ଅଗ୍ରାଧିକାର ଦିଆଯିବ। ଏଥିପାଇଁ ୪ଲକ୍ଷ ଟଙ୍କା ଜମା, ରକ୍ଷଣାବେକ୍ଷଣ ପାଇଁ ୨୦ହଜାର ଓ ମାସିକ ୪ହଜାର ଟଙ୍କା ଭଡା ଆଦାୟ କରିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ସେହିଭଳି ଇଂଜିନିୟରିଂ ସ୍କୁଲ ଛକରେ ଥିବା ମୋଟ ୧୪ଟି ଦୋକାନ ଗୃହ ଆବଣ୍ଟନ ବେଳେ ଗୋଟିଏ ଦମ୍ପତିଙ୍କ ଅକ୍ତିଆରରେ ୪ଟି ଦୋକାନ ଗୃହ ଥିବା ଜଣାପଡିଛି। ଉକ୍ତ ଦମ୍ପତିଙ୍କୁ ଦୁଇଟି ଦୋକାନ ଛାଡିବା ପାଇଁ ନୋଟିସ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଇତି ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସହରର ଅଳକାପୁରୀ ଏବଂ ପଣ୍ଡା କଲୋନୀ ଠାରେ ନିର୍ମିତ ଦୁଇଟି କଲ୍ୟାଣ ମଣ୍ଡପକୁ ବିଏମସିକୁ ହସ୍ତାନ୍ତର କରାଯାଇଛି। ଅନୁରୂପ ଭାବେ ଅମ୍ବପସରା ରୋଡ ଠାରେ ଥିବା ଅନ୍ୟ ଏକ ବହୁମୁଖୀ ଗୋଷ୍ଠୀ ବିକାଶ କେନ୍ଦ୍ରର ମଧ୍ୟ ନିର୍ମାଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଫଳରେ ସମସ୍ତ ୩ଟି ପ୍ରକଳ୍ପକୁ ଗ୍ରାଉଣ୍ଡ ଜିରୋରେ ଆସନ୍ତା କାଲି ଅର୍ଥାତ୍ ବୁଧବାର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଓ କମିସନର ଏ. ସସ୍ୟ ରେଡ୍ଡୀଙ୍କ ନେତୃତ୍ୱରେ ବିଏମସିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପରିଦର୍ଶନ କରି ଏହାର ଲିଜ ଓ କାର୍ଯ୍ୟକାରିତା ସମ୍ପର୍କିତ ନିଷ୍ପତ୍ତି ନେବେ ବୋଲି ଜଣାପଡିଛି। ସବୁଠାରୁ ବଡକଥା ହେଲା ବିଏମସିର ଦୋକାନ ଗୃହ ଗୁଡିକର ଭଡା ବାର୍ଷିକ ଶତକଡା ୧୦ପ୍ରତିଶତ ବୃଦ୍ଧି ପାଉଥିବା ବେଳେ ଏଣିକି ତାହା ବାର୍ଷିକ ପରିବର୍ତ୍ତେ ୩ବର୍ଷକୁ ଥରେ ବୃଦ୍ଧି କରିବା ନେଇ ବୈଠକରେ ଆସିଥିବା ପ୍ରସ୍ତାବ ଉପରେ ସରଗରମ ଆଲୋଚନା ହୋଇଥିଲା। ତେବେ ଏନେଇ କୌଣସି ନିଷ୍ପତ୍ତି ହୋଇନଥିବା ବେଳେ ଆଗାମୀ କର୍ପୋରେସନ ବୈଠକରେ ଏନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଉପସ୍ଥିତିରେ ତଥା ଫାଇନାନ୍ସ କମିଟିର ଅଧ୍ୟକ୍ଷ ଟି. କିଶୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିସନର ଏ. ସସ୍ୟ ରେଡ୍ଡୀ, ଡେପୁଟି କମିସନର କଲ୍ୟାଣୀ ସଂଘମିତ୍ରା ଦେବୀ, ସଦସ୍ୟ କର୍ପୋରେଟର ଏନ. ଆପ୍ପା ରାଓ, ପ୍ରଶାନ୍ତ ପଟ୍ଟନାୟକ, ଧୀରେଶ ସାବତ ଓ ସହକାରୀ କମିସନର ରୋନିତ କୁମାର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

- ● ମାର୍କେଟ କମ୍ପ୍ଲେକ୍ସ ଲିଜ୍ ଓ କଲ୍ୟାଣମଣ୍ଡପ ହସ୍ତାନ୍ତର ନେଇ ସରଗରମ ଆଲୋଚନା
- ● ଏଣିକି ବର୍ଷିକିଆ ପରିବର୍ତ୍ତେ ୩ ବର୍ଷିଆ ଲିଜ୍ ଦେବାକୁ ବୈଠକରେ ପ୍ରସ୍ତାବ ଆଗତ
- ● ସରଜମୀନ ତଦନ୍ତ ପରେ ଲିଜ୍ ରଦ୍ଦ କରି ସବଲିଜ୍‌ଧାରୀଙ୍କୁ କରାଯିବ ନିୟମିତ

# ଖରାଦିନେ 'ରକ୍ତ ଭଣ୍ଡାର'ରେ 'ରକ୍ତ ସଙ୍କଟ'

### ଅଭାବ ପୂରଣ ପାଇଁ ଆଗକୁ ଆସିଲେ ଛାତ୍ରଛାତ୍ରୀ ଓ ବିଭିନ୍ନ ସଂଗଠନ

ବ୍ରହ୍ମପୁର, ୯।୬(ସମିସ)

ସଚେତନତାର ଅଭାବ ହେଉ ଅଥବା ଅନ୍ୟ କୌଣସି କାରଣରୁ ହେଉ ସଦାସର୍ବଦା ଗ୍ରୀଷ୍ମଦିନରେ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖିବାକୁ ମିଳିଥାଏ। ଯାହା ଫଳରେ ଗୁରୁତର ରୋଗୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଏପରିକି ରକ୍ତର ଅଭାବ ଯୋଗୁଁ ଅନେକଙ୍କର ଜୀବନ ମଧ୍ୟ ଚାଲିଯାଇଥାଏ। ଏଭଳି ପରିସ୍ଥିତିରୁ ମୁକୁଳିବାକୁ ହେଲେ ମୁଖ୍ୟତଃ ଜନସଚେତନତା ସେପୁଣି ଯୁବାବର୍ଗଙ୍କ ମଧ୍ୟରେ ସୃଷ୍ଟି କରିବା ଜରୁରୀ। ରକ୍ତର କୌଣସି ବିକଳ୍ପ ନଥିବା ବେଳେ ଏଭଳି ପରିସ୍ଥିତିରେ ସମଗ୍ର ରାଜ୍ୟରେ ରକ୍ତର ଘୋର ଅଭାବ ରହିଛି। ସ୍ଥାନୀୟ ଏମକେସିଜି ମେଡିକାଲର ରକ୍ତ ଭଣ୍ଡାରରେ ଦୈନିକ ୧୨୦ରୁ୧୩୦ଜଣ ରୋଗୀଙ୍କୁ ନିୟମିତ ମାଗଣାରେ ରକ୍ତ ଯୋଗାଇବାକୁ ପଡୁଛି। ସେଥିମଧ୍ୟରେ ଅନ୍ୟୁନ ୩୫ଜଣ ଥାଲାସେମିଆ ରୋଗୀ ଥିବା ବେଳେ ସିକିଲସେଲ ବା ରକ୍ତଶିଙ୍କୁଳି, ହେମୋଫିଲିଆ, ୧୦ରୁ ୧୫ଜଣ ସ୍ତ୍ରୀ ଓ ପ୍ରସୂତି ରୋଗୀ, ଭେଷଜ ବିଭାଗରେ ୩୦ଜଣ, ଦୁର୍ଘଟଣା ଜନିତ ରୋଗୀଙ୍କ ପାଇଁ ୫ରୁ ୧୦ଟି ୟୁନିଟ ରକ୍ତ ଯାଉଥିବା ବେଳେ ଘରୋଇ ନର୍ସିଂ ହୋମକୁ ପ୍ରାୟ ୩୦ରୁ ୪୦ ୟୁନିଟ ରକ୍ତର ଆବଶ୍ୟକତା ପଡୁଛି। ରକ୍ତର ସଙ୍କଟ ଯୋଗୁଁ ରୋଗୀଙ୍କୁ ରକ୍ତ ବଦଳରେ ରକ୍ତ ଦେବାକୁ ପଡୁଛି। ଏମକେସିଜି ମେଡିକାଲ ରକ୍ତଭଣ୍ଡାରର ଯଦିଓ କ୍ଷମତା ୩ହଜାର ୟୁନିଟ ରକ୍ତ ସଂରକ୍ଷଣ କରିବାର ରହିଛି ତେବେ ଏହା କେବେ ମଧ୍ୟ ପୂରଣ ହୋଇପାରିନି। ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ସାଙ୍ଗକୁ ପିଲାଙ୍କ ପରୀକ୍ଷା ଓ ଶିକ୍ଷାନୁଷ୍ଠାନ ଗୁଡିକରେ ଛୁଟି ଯୋଗୁଁ ପରିସ୍ଥିତି ଜଟିଳ ହେଉଛି। ସାଧାରଣତଃ ଜଣେ ସାଧାରଣ ଲୋକ ରକ୍ତ ଦେଇପାରିବେ। ଯଦିଓ ୬୫ବର୍ଷ ବୟସ୍କ ଜଣେ ନିରୋଗୀ ବ୍ୟକ୍ତି ରକ୍ତ ଦାନ କରିବାରେ କୌଣସି ସମସ୍ୟା ନାହିଁ ତେବେ ୧୮ ରୁ ସର୍ବାଧିକ ୪୫ବର୍ଷ ବୟସ୍କଙ୍କ ପାଇଁ ଏହା ପରାମର୍ଶ ଯୋଗ୍ୟ। ସେହିଭଳି ପୁରୁଷ ମାନେ ୩ମାସରେ ଥରେ ଏବଂ ମହିଳା ବା ଯୁବତୀଙ୍କ କ୍ଷେତ୍ରରେ ୬ମାସରେ ଥରେ ରକ୍ତଦାନ କରିବାରେ କୌଣସି ସମସ୍ୟା ନାହିଁ। ରକ୍ତର ଅଭାବକୁ ଦୂର କରିବାକୁ ହେଲେ ଯଦି ଜଣେ ଜଣେ ରକ୍ତଦାତା ଜଣେ ଜଣେ ଥାଲାସେମିଆ ଓ ସିକିଲସେଲ ରୋଗୀଙ୍କୁ ପୋଶ୍ୟ ଭାବେ ଗ୍ରହଣ କରନ୍ତେ ଆଉ ଏଦିଗରେ ସଚେତନତା ସୃଷ୍ଟି ହୋଇପାରନ୍ତା ତେବେ ସମଗ୍ର ରାଜ୍ୟରେ ବହୁ ପରିମାଣରେ ରକ୍ତ ସଙ୍କଟ ଦୂର ହୋଇପାରନ୍ତା ବୋଲି ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ପକ୍ଷରୁ କୁହାଯାଇଛି। ଏଭଳି ପରିସ୍ଥିତିରେ ରକ୍ତର ଅଭାବକୁ ଦୂର କରିବା ପାଇଁ ତଥା ରୋଗୀଙ୍କୁ ସହାୟତା ଯୋଗାଇବାକୁ ଯାଇ ଛାତ୍ରଛାତ୍ରୀ ଓ ବିଭିନ୍ନ ସଂଗଠନ ଅଣ୍ଟା ଭିଡିଛନ୍ତି। ଗଞ୍ଜାମ ଜିଲ୍ଲାରେ ପୃଥକ ପୃଥକ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ ଶିବରର ଆୟୋଜନ କରି ଲୋକଙ୍କ ମଧ୍ୟରେ



ସଚେତନତା ସୃଷ୍ଟି କରିବା ସହ ରକ୍ତ ସଂଗ୍ରହରେ ଲାଗି ପଡିଛନ୍ତି। ଏହି କ୍ରମରେ ନିକଟରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ନେତୃତ୍ୱରେ କୁକୁଡାଖଣ୍ଡି ବ୍ଲକରେ ଆୟୋଜିତ ଶିବିରରେ ୨୯୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିଭଳି ଗତ ୩ଦିନ ଧରି ସ୍ଥାନୀୟ ଅଶୋକ ନଗର ଯୁବକ ସଂଘ ପକ୍ଷରୁ ଯୁବନେତା ତଥା ସମାଜସେବୀ ସନ୍ତୋଷ ପାତ୍ରଙ୍କ ନେତୃତ୍ୱରେ ପ୍ରାୟ ୭୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଆଗକୁ ଆଉ ଦୁଇଦିନ ଶିବର ଆୟୋଜିତ ହେବ ବୋଲି ଜଣାପଡିଛି। ଏହି ପରୀପ୍ରେକ୍ଷୀରେ ବାଦ ପଡିନାହାନ୍ତି ଏମକେସିଜି ମେଡିକାଲର ଡାକ୍ତରୀ ଛାତ୍ରଛାତ୍ରୀ। ସେମାନଙ୍କ ପକ୍ଷରୁ ମଧ୍ୟ ୪ଦିନ ବ୍ୟାପୀ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ପ୍ରଥମ ଦିନରେ ୨୧ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅଧିକ ୟୁନିଟ ରକ୍ତ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି।

## କରାଣ୍ଡିଆ ମାଇନରରେ କଂକ୍ରିଟ ଲାଇନିଂ କାମ

# ହାତ ମାରିଦେଲେ ଝଡ଼ିପଡୁଛି କଂକ୍ରିଟ୍ ଢଳେଇ

ଡେରାବିଶ, ୯।୬(ସମିସ)



ଡେରାବିଶ ବ୍ଲକ ଅନ୍ତର୍ଗତ କରାଣ୍ଡିଆ ମାଇନର କେନାଲରେ ଯଇଁଶାବାରିମୁକ୍ତ ପଞ୍ଚାୟତ ଅନ୍ତର୍ଗତ ଖାନନଗରଠାରୁ ହରିଅଁଳ ପଞ୍ଚାୟତର ପାଣିଓଲା-୨ ଯାଏ କଂକ୍ରିଟ୍ ଲାଇନିଂ କାମ ଚାଲିଛି। ଚାର୍ଯ୍ୟମାସ ହେବ ଏହି କାମ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ଅଦ୍ୟାବଧି ସରକାରଙ୍କ କେଉଁ ବିଭାଗ ଏହି ନିର୍ମାଣ କରୁଛି, କେଉଁ ଠିକାସଂସ୍ଥା ଦ୍ୱାରା ଏହା କରାଯାଉଛି, ଏହି ନିର୍ମାଣର ଡିଜାଇନ, ପ୍ରକଳ୍ପର ବ୍ୟୟ ଅଟକଳ, ଆବଶ୍ୟକ ସାମଗ୍ରୀ, ନିର୍ମାଣ ଆରମ୍ଭ ଓ ଶେଷ ତାରିଖ, ପରବର୍ତ୍ତୀ ରକ୍ଷଣାବେକ୍ଷଣ ସମ୍ପର୍କରେ ସର୍ବସାଧାରଣଙ୍କ ପାଇଁ କୌଣସି ସୂଚନା ଫଳକ ଅଦ୍ୟାବଧି ଲଗାଯାଇନାହିଁ। ଏହି ନିର୍ମାଣ କାମ ଆରମ୍ଭରୁ ଠିକାଦାର ମନମୁଖି କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି। ନିର୍ମାଣ ସମୟରେ କୌଣସି କର୍ମଚାରୀ ଉପସ୍ଥିତ ନ ରହିବା, କଂକ୍ରିଟ ଢ଼ଳେଇ ବ୍ୟବହାର ହେଉଥିବା ବାଲି, ଗୋଡ଼ି ଓ ସିମେଣ୍ଟ ଭାଗ ନିମ୍ନମାନର ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଢଳେଇ ସମୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ଭାଇବ୍ରେଟର ବଦଳରେ ବାଉଁଶ ଖୋବା ବ୍ୟବହାର କରାଯାଉଥିବାରୁ ଢଳେଇର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ହନିକମ୍ବ ଦୃଶ୍ୟମାନ ହେଉଛି। ଏହାକୁ ଲୁଚାଇବା ପାଇଁ ଠିକାଦାର ଜଣକ ବନ୍ଧ ପଟରେ ସଙ୍ଗେ ସଙ୍ଗେ ମାଟି ଭରିଦେଇ ଲୁଚାଉଥିବାବେଳେ କେନାଲ୍‌ର ଭିତର ପଟରେ ଗାତ ପ୍ଲାଷ୍ଟର କରି ଲୁଚାଇ ଦେଉଛନ୍ତି। ପୂର୍ବରୁ କଂକ୍ରିଟ୍ କାନ୍ଥର ବହୁସ୍ଥାନରେ ସିମେଣ୍ଟ ଲାଗି ନ ଥିବା ଗୋଡ଼ି କଂକ୍ରିଟ୍ ଭିତରେ ଦେଖିବାକୁ ମିଳିଥିବାବେଳେ ଏବେ ଏହି କାର୍ଯ୍ୟରେ ଗୁରୁତର ତ୍ରୁଟିକୁ ଗ୍ରାମବାସୀ ଧରିଛନ୍ତି। ବହୁ ସ୍ଥାନରେ ଶୁଖିଯାଇଥିବା କଂକ୍ରିଟକୁ ହାତ ମାରିଦେଲେ ଖଣ୍ଡ ଖଣ୍ଡ ହୋଇ ଛାଡ଼ିଯାଉଛି। ବହୁ ଅଭିଯୋଗ ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଘଟଣାରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତ୍ରରାକୁ ସ୍ପଷ୍ଟ ଇଙ୍ଗିତ କରୁଛି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏହି ଗୁରୁତର ତ୍ରୁଟି ପ୍ରତି ଦୃଷ୍ଟିଦେଇ ସଠିକ୍ ନିର୍ମାଣ କାର୍ଯ୍ୟ କରାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଚୂନଡିହରେ ଅଗ୍ନିକାଣ୍ଡ, ୫ ଲକ୍ଷ ଟଙ୍କା ସମ୍ପତ୍ତି ନଷ୍ଟ

ପଟ୍ଟାମୁଣ୍ଡାଇ, ୯।୬(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୯ ନଂ ୱାର୍ଡ ବେଲତଳ ଚୂନଡିହ ଗ୍ରାମର ଦିଲ୍ଲୀପ ଅଧିକାରୀଙ୍କ ଘରେ ଆଜି ଦିନ ୯ଟାବେଳେ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳ ଛପର ଘର ସମେତ ନଗଦ ଟଙ୍କା, ସୁନା ରୁପା ଅଳଙ୍କାର ଓ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଘର ତିଆରି ପାଇଁ ୨ ଲକ୍ଷ ଋଣ ଟଙ୍କା ଓ ବିବାହ ପାଇଁ ଥିବା ୧. ୫୦ ହଜାର ଟଙ୍କା ମିଶାଇ ୩ ଲକ୍ଷ ୫୦ ହଜାର ଟଙ୍କା, ସୁନା ରୁପା ଅଳଙ୍କାର ପୋଡି ପାଉଁଶ ହୋଇଯାଇଛି। ପଟ୍ଟାମୁଣ୍ଡାଇରୁ ଦମକଳ ଗାଡ଼ି ପହଞ୍ଚିବା ବେଳକୁ ସବୁ ପୋଡ଼ିଯାଇଥିଲା। ଅଗ୍ନିକାଣ୍ଡରେ ୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ଗୃହକର୍ତ୍ତା ଦିଲ୍ଲୀପ ପକ୍ଷାଘାତରେ ପୀଡିତ ଥିବାରୁ ବହୁ କଷ୍ଟରେ ପରିବାର ଲୋକ ତାଙ୍କୁ ଉଦ୍ଧାର କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## କଂଗ୍ରେସ ପକ୍ଷରୁ ଏସ୍ଆଇଆର ପ୍ରଶିକ୍ଷଣ ଶିବିର

ରାଜନଗର, ୯।୬(ସମିସ): ରାଜନଗର ବ୍ଲକ୍ କଂଗ୍ରେସ୍ ପକ୍ଷରୁ ସମସ୍ତ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କୁ ନେଇ ଏସ୍ଆଇଆର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। କେସି ମଣ୍ଡପରେ ଆୟୋଜିତ ଶିବିରରେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ପ୍ରଶାନ୍ତ ରାଉତ ସଭାପତିତ୍ୱ କରିଥିଲେ। ଶିବିରରେ ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ ଆଭାସିରେ ଯୋଡି ହୋଇ ନିଜର ମତ ରଖିଥିବାବେଳେ ଏସଆଇଆରରେ ସମସ୍ତେ ସହଯୋଗ କରିବାକୁ ନିବେଦନ କହିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଡଃ ଦେବସ୍ମିତା ଶର୍ମା ଭିଡିଓ କଲ ମାଧ୍ୟମରେ ଯୋଡି ହୋଇ ମତ ରଖିଥିଲେ। ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ପ୍ରଫୁଲ୍ଲ ଦାସ, ଜିଲ୍ଲା କଂଗ୍ରେସ ଉପସଭାପତି ସତ୍ୟପ୍ରିୟ ସାମଲ, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ପ୍ରକାଶ ମହାନ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ମହିଳା କଂଗ୍ରେସ ସଭାପତି ଉର୍ମିଳା ରାଉତ, ପୂର୍ବତନ ରାଜନଗର ପଞ୍ଚାୟତ ସମିତି ସଭ୍ୟା ରାଜଶ୍ରୀ ନାୟକ, ବ୍ଲକ ସେବା ଦଳ ମୁଖ୍ୟ ବିଦ୍ୟାଧର ଦାସ, ଜିଲ୍ଲା କଂଗ୍ରେସ ସମ୍ପାଦକ ନାଗେଶ୍ୱର ସାହୁ, ଯୁବ କଂଗ୍ରେସ ନେତା ସୁଶୀଲ ପ୍ରଧାନ, ଛାତ୍ର କଂଗ୍ରେସ ନେତା ଅଭିକ ଦାସ, ଗୋପାଳକୃଷ୍ଣ ଦାସ, ଦେବବ୍ରତ ପାଣି, ବରିଷ୍ଠ କଂଗ୍ରେସ ନେତା ମହେଶ୍ୱର ରାଉତ, ବିଘ୍ନେଶ୍ୱର ବଳ ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବେଲେଶ୍ୱର ସାହିତ୍ୟ ସଂସଦର ନିଦାଘ ଆସର



ପଟ୍ଟାମୁଣ୍ଡାଇ, ୯।୬(ସମିସ): ସାହିତ୍ୟ ସର୍ଜନା ଉପର ଋତୁମାନଙ୍କର ପ୍ରଭାବ ରହିଛି। ସ୍ରଷ୍ଟାର ମନୋସ୍ଥିତି ଉପରେ ଭିନ୍ନଭିନ୍ନ ଋତୁର ଅଲଗା ପ୍ରଭାବ ପ୍ରକାଶ ପାଏ। ବର୍ଷା, ବସନ୍ତ, ଶରତ ଓ ଗ୍ରୀଷ୍ମ ପ୍ରଭାବରେ ଲେଖନୀରୁ ଅଲଗା ଭାବେ ଲେଖା ଝରିଆସେ। ଆଜି ବେଲେଶ୍ୱର ସାହିତ୍ୟ ସଂସଦ ପଟ୍ଟାମୁଣ୍ଡାଇର ନିଦାଘ ସାହିତ୍ୟ ଆସରରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଟାଉନ୍ କ୍ଲବ୍ ପରିସରରେ ସଂସଦ ସଭାପତି କବି ବ୍ରଜବନ୍ଧୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରମେଶ ଜେନା, ସମ୍ମାନିତ ଅତିଥି ଭାବେ କଥାକାର ପ୍ରଫେସର କୈଳାସ ପାତ୍ର, କବି ମହନ୍ତ ମଲିକ ଯୋଗ ଦେଇଥିଲେ। ନିଦାଘ ସମୟର ଅନୁଭୂତିକୁ ନେଇ କବିତା ପାଠୋତ୍ସବରେ କବି ପ୍ରସନ୍ନ ବେହୁରା, ବ୍ୟଙ୍ଗକବି ଦେବାଶିଷ ପ୍ରଧାନ, ସୁଚିତ୍ରା ଗୁପ୍ତ, ବୈଷ୍ଣବ ମଲିକ, ସୁଶାନ୍ତ ଦାଶ, ଇ. ତପନ ପାତ୍ର ପ୍ରମୁଖ କବି ସ୍ୱରଚିତ କବିତା ଆବୃତ୍ତି କରିଥଲେ। ଏ ଅବସରର କବି ସୁଚିତ୍ରା ଗୁପ୍ତ ଓ ବୈଷ୍ଣବ ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଥାକାର ପ୍ରଦୀପ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥଲେ। ପ୍ରଫେସର ଭରତ ପାତ୍ର, ଡଃ କେଳୁଚରଣ ସ୍ୱାଇଁ, ପ୍ରଫେସ ପରୀକ୍ଷିତ ପାତ୍ର, ଶିକ୍ଷାବିତ୍ କସ୍ତୁରି ଚରଣ ସ୍ୱାଇଁ, ତ୍ରୈଲୋକ୍ୟ ମିଶ୍ର, ନାଟ୍ୟକାର ଗୋଲକ ମହାରଣା, ଟାଉନ୍ କ୍ଲବ ସଭପତି କେତନ ଦାସ, ସମ୍ପାଦକ ରମେଶ ଦେ ଯୋଗ ଦେଇଥିବାବେଳେ ସମ୍ପାଦକ ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଜେଇଇ ପରୀକ୍ଷାରେ ତ୍ରିବିକ୍ରମଙ୍କ ସଫଳତା



ପଟ୍ଟାମୁଣ୍ଡାଇ, ୯।୬(ସମିସ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ପ୍ରକାଶ ପାଇଛି। ଏଥିରେ ମଣ୍ଡପଡ଼ା ଗ୍ରାମର ଯଯାତି ପ୍ରଧାନଙ୍କ ବଡପୁଅ ତ୍ରିବିକ୍ରମ ପ୍ରଧାନ ଏମବିଏ ପାଠ୍ୟକ୍ରମରେ ସଫଳ ହୋଇଛନ୍ତି। ଭଜନେଶ୍ୱର ହାଇସ୍କୁଲରୁ ମ୍ୟାଟ୍ରିକରେ ପ୍ରଥମ ଶ୍ରେଣୀ ଓ କେନ୍ଦ୍ରାପଡ଼ା କଲେଜରୁ ସ୍ନାତକରେ (ପଦାର୍ଥ ବିଜ୍ଞାନ) ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ପାଇଥିବା ତ୍ରିବିକ୍ରମଙ୍କ ଏହି କୃତିତ୍ୱରେ ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ରାଜନଗର ବିଧାୟକ ଧ୍ରୁବ ସାହୁ, ଭଜନେଶ୍ୱର ଉଚ୍ଚବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଅନନ୍ତ ବେହେରା, ଗୋଲକ ଭୂୟାଁ, ସମାଜସେବୀ ସଂଗ୍ରାମ ସାମଲ, ପ୍ରାକ୍ତନ ସରପଞ୍ଚ ସୁଧାଂଶୁ ସାମଲ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ମିଟୁ ମନୋଜ ପଟ୍ଟାମୁଣ୍ଡାଇ ଯାତ୍ରା କମିଟି ସଭାପତି



ପଟ୍ଟାମୁଣ୍ଡାଇ, ୯।୬(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ଯାତ୍ରା କମିଟିକୁ ନେଇ ଗଠିତ ବ୍ଲକ୍ ଯାତ୍ରା କମିଟି ସଭାପତି ଭାବେ ଯୁବ ସମାଜସେବୀ ମିଟୁ ମନୋଜ ନାୟକଙ୍କୁ ନିଯୁକ୍ତ କରାଯାଇଛି। କେନ୍ଦ୍ରପଡ଼ା ଜିଲ୍ଲା ଯାତ୍ରା କମିଟି ସଭାପତି ମିହିର ସାମଲ ଓ ମୁଖ୍ୟ ଉପଦେଷ୍ଟା ପ୍ରଫେସର ବୈକୁଣ୍ଠ ନାଥ ପରିଡ଼ା ମିଟୁ ମନୋଜଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକ୍ ଯାତ୍ରା କମିଟି ସଭାପତି ଭାବେ ନିଯୁକ୍ତ କରିଥିବା ନେଇ ଏକ ପ୍ରେସ ବିବୃତ୍ତିରେ ପ୍ରକାଶ କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ଯାତ୍ରା କମିଟି ସମ୍ପାଦକ ଭାବେ ପ୍ରବୀର ନାୟକ, ଉପସଭାପତି ଭାବେ ତୀର୍ଥ ପରିଡ଼ା, ସହସମ୍ପାଦକ ତ୍ରିନାଥ ମଲିକ, ମୁଖ୍ୟ ଉପଦେଷ୍ଟା ଭାବେ ପତିତପାବନ ଭଦ୍ର, କୋଷାଧ୍ୟକ୍ଷ ଭାବେ ମିଲନ ଦାଶଙ୍କୁ ନିଯୁକ୍ତି ଦିଆଯାଇଛି।

## ସମାଜସେବୀଙ୍କ ହୃଦ୍‌ଘାତରେ ମୃତ୍ୟୁ



ପଞ୍ଚୁପାଣ୍ଡବ, ୯।୬(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ଗ୍ରାମର ପ୍ରଦୀପ ଦାସଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଚାରିଦିନ ପୂର୍ବେ ଛାତିରେ ଯନ୍ତ୍ରଣା ହୋଇଥିଲା ଓ ପରିବାର ଲୋକ ତାଙ୍କୁ ଜଗତପୁର ସଦଗୁରୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସୋମବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ଦାସ ୩୫ ବର୍ଷରୁ ଅଧିକ ହେବ ବେଣୀପୁର ବଜାରରେ ହୋମିଓପାଥି କ୍ଲିନିକ୍ କରିଥିବାବେଳେ ସମାଜସେବୀ ଭାବେ ଜଣାଶୁଣା ଥିଲେ। ସ୍ଥାନୀୟ ବଜାର କମିଟି ପକ୍ଷରୁ ବଜାର ବନ୍ଦ ରହିଥିଲା। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ପୁଅ ଭାରତ ଭୂଷଣ ଦାସ ମୁଖାଗ୍ନି ଦେଇଥିଲେ।

### ● କୂଅ ସଫା ବେଳେ ଅଘଟଣ

## ଶ୍ୱାସରୁଦ୍ଧ ହୋଇ ଶ୍ରମିକଙ୍କ ମୃତ୍ୟୁ, ବାପପୁଅ ଗୁରୁତର

କେନ୍ଦ୍ରାପଡ଼ା, ୯।୬ (ସମିସ): କୂଅ ସଫା କରିବାକୁ ଯାଇ ଘଟିଛି ଅଘଟଣ। କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଉଦ୍ଧାର କରିବାକୁ ଯାଇଥିବା ବାପପୁଅ ଗୁରୁତର ହୋଇଛନ୍ତି। ଆଳି ଥାନା ଅନ୍ତର୍ଗତ ମାନପୁରପଟଣା ଗ୍ରାମରେ ମଙ୍ଗଳବାର ସକାଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ଗ୍ରାମର ସୁକାନ୍ତ ପରିଡ଼ାଙ୍କ ଘର କୂଅ ସଫା କରିବା ପାଇଁ ତିନିଜଣ ଶ୍ରମିକ ଯାଇଥିଲେ। ପ୍ରଥମେ ଦେମାଳ ଗ୍ରାମର ପରୀକ୍ଷିତ କୂଅ ଭିତରକୁ ଓହ୍ଲାଇ ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ସମୟ ପରେ ସେ ହଠାତ୍ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ମାନପୁର ଗ୍ରାମର ଚିତ୍ତରଞ୍ଜନ କୂଅ ଭିତରକୁ ପଶିଥିଲେ। ସେ ମଧ୍ୟ ଶ୍ୱାସରୁଦ୍ଧ ହୋଇ ଅଚେତ ହୋଇପଡ଼ିଥିଲେ। ଦୁଇଜଣଙ୍କୁ ଅସହାୟ ଅବସ୍ଥାରେ ଦେଖି ଚିତ୍ତରଞ୍ଜନଙ୍କ ପୁଅ ରମେଶ ମଧ୍ୟ ସାହସିକ ଭାବେ କୂଅ ଭିତରକୁ ଯାଇଥିଲେ। ଜଣଙ୍କୁ ଉଦ୍ଧାର କରିବା ସମୟରେ ସେ ମଧ୍ୟ ଅଚେତ ହୋଇପଡ଼ିଥିଲେ। ପରେ ଗ୍ରାମବାସୀ ଏକାଠି ହୋଇ ଦୁଇଜଣଙ୍କୁ ଉଦ୍ଧାର କରିଥିଲେ। ପରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି କୂଅ ଭିତରେ ଫସି ରହିଥିବା ପରୀକ୍ଷିତଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷିତଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତର ଚିତ୍ତରଞ୍ଜନ ଓ ରମେଶଙ୍କୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବାପପୁଅଙ୍କ ଅବସ୍ଥା ଚିନ୍ତାଜନକ ଥିବା ଜଣାପଡ଼ିଛି। କୂଅ ଭିତରେ ଜମି ରହିଥିବା ବିଷାକ୍ତ ଗ୍ୟାସ କିମ୍ବା ଅମ୍ଳଜାନର ଅଭାବ ଯୋଗୁଁ ଏହି ଅଘଟଣ ଘଟିଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି।

## ଓଳାଭର ବଜାର ବ୍ୟବସାୟୀଙ୍କ ପରଲୋକ

ରାଜକନିକା, ୯।୬(ସମିସ): ଆଜି ସକାଳେ ଓଳାଭର ବଜାରର ବ୍ୟବସାୟୀ ମନୋଜ ବିହାରୀଙ୍କ ହୃଦଘାତରେ ପରଲୋକ ହୋଇଛି। ଆଜି ସକାଳେ ତାଙ୍କର ହୃଦଘାତ ହେବାରୁ ସେ ଗୋବିନ୍ଦପୁର ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳିଯାଇଛି। ତାଙ୍କର ଛୋଟ ପୁଅଝିଅ, ପତ୍ନୀ ଥିବାବେଳେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ହୋଇଛି।

## ଅଧ୍ୟାପକ ଅଭୟ ଲେଙ୍କାଙ୍କ ସ୍ମୃତିସଭା

ମାର୍ଶାଘାଇ, ୯ ।୬(ସମିସ): ମାର୍ଶାଘାଇ ବ୍ଲକ ରାମିଆଗଞ୍ଜ ନୟାଗଡ଼ ଜିଲା ଇଟାମାଟି ଶିକ୍ଷା ଓ ବୈଷୟିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମାଜ ବିଜ୍ଞାନ ଅଧ୍ୟାପକ ଅଭୟ ଲେଙ୍କାଙ୍କ ଦ୍ୱାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ହୃଷିକେଶ ଲେଙ୍କାଙ୍କ ସଭାପତିତ୍ୱ ଓ ଓଡ଼ିଆ ଅଧ୍ୟାପକ ସୁକାନ୍ତ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମାର୍ଶାଘାଇ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗୋବିନ୍ଦ ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ଉମାକାନ୍ତ ଦାସ, ଶିଳ୍ପପତି ରନେନ୍ଦ୍ର ସ୍ୱାଇଁ, କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଙ୍ଘ ସମ୍ପାଦକ ନିହାର ମହାପାତ୍ର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ସାମଲ, ଜଗତସିଂହପୁର ଗୁଇନ୍ଦା ବିଭାଗ ଉପଅଧୀକ୍ଷକ ପ୍ରେମାନନ୍ଦ ଲେଙ୍କା, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ହରପ୍ରସାଦ ଲେଙ୍କ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ ନିମାଇଁ ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ।

## ବେଲାରପୁର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କଲେ ସିଡିପିଓ

ପଞ୍ଚୁପାଣ୍ଡବ, ୯।୬(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମସ୍ଥ ଅଙ୍ଗନବାଡି କେନ୍ଦ୍ର (୧)ରେ ବିଭିନ୍ନ ସମସ୍ୟା ଥିବା ଅଭିଯୋଗ ପରେ ଶିଶୁ ବିକାଶ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ କରିଛନ୍ତି। ଏହି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ପାଣି ବ୍ୟବସ୍ଥା ନ ଥିବା ନେଇ ଗ୍ରାମର ଲୋକେ ଚାରିଦିନ ପୂର୍ବେ ହୋହାଲ୍ଲା କରିବା ସହ ଅଧିକାରୀଙ୍କୁ ଅବଗତ କରିଥିଲେ। କର୍ମୀ ଅନୁପମା ଶତପଥୀଙ୍କ ଅବହେଳା ବିରୋଧରେ ଗ୍ରାମର କିଛି ଲୋକ ଅଭିଯୋଗ କରିଥିଲେ। ଏହି ଖବର ୪ ତାରିଖରେ 'ସକାଳ' ଖବରକାଗଜରେ ପ୍ରକାଶ ପାଇଥିଲା। ଏହାକୁ ଗୁରୁତର ସହ ସିଡିପିଓ ହରପ୍ରିୟା ଦେବୀ, ସୁପରଭାଇଜର ବିଜୟଲକ୍ଷ୍ମୀ ମଲ୍ଲିକ ଓ ପୋଷଣ ବିଶି ଅଭିନାଶ ବେହେରା ଅଙ୍ଗନବାଡି କେନ୍ଦ୍ରରେ କାଗଜପତ୍ର ଯାଞ୍ଚ କରିବା ସହ ବିଦ୍ୟୁତ୍ ସଂଯୋଗ ନ ଥିବା ଦେଖିବାକୁ ପାଇଥିଲେ। ଏ ବିଷୟରେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରଥମେ ପରିଚାଳନା କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ସଂଯୋଗ ପାଇଁ ବିଦ୍ୟୁତ୍ ବିଭାଗକୁ ଅବଗତ କରିବା ସହ ଲିଖିତ ଭାବେ ବିଦ୍ୟୁତ୍ ସେକ୍ସନକୁ ଦେବେ ବୋଲି ସିଡିପିଓ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସରପଞ୍ଚ ଭକ୍ତିଲତା ନାୟକ କହିଛନ୍ତି। ତଦନ୍ତ ସମୟରେ ଗ୍ରାମବାସୀ ଉପସ୍ଥିତ ଥିଲେ।

## 'ଅବନୀ ମୋହନ ଥିଲେ ତ୍ୟାଗ ଓ ଆଦର୍ଶର ପ୍ରତୀକ'

ପଟ୍ଟାମୁଣ୍ଡାଇ, ୮।୬(ସମିସ): ବରିଷ୍ଠ ସାମ୍ବାଦିକ ଡା ଅବନୀ ମୋହନ ଦାସ ଥିଲେ ତ୍ୟାଗ ଓ ଆଦର୍ଶର ପ୍ରତୀକ। ସାଲିସ ବିହୀନ ଜୀବନ ସଂଗ୍ରାମରେ ସେ କେବେ ପଛକୁ ହଟି ନ ଥିଲେ। ତାଙ୍କର ତ୍ୟାଗ ଓ ତିତିକ୍ଷା ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି ବରିଷ୍ଠ ସାମ୍ବାଦିକ ସମାଜସେବୀ ସ୍ୱର୍ଗତ ଡା ଅବନୀ ମୋହନ ଦାସଙ୍କ ଦ୍ୱାଦଶାହ ଅବସରରେ




ପୋଖରିଆପଡ଼ାଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ରାଜ୍ୟସ୍ତରୀୟ ବରିଷ୍ଠ ସାମ୍ବାଦିକ ମୁରଲୀ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ଯୋଗଦେଇ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠୀ, ବିଶିଷ୍ଟ ସାହିତ୍ୟିକ ଡ ବାସୁଦେବ ଦାସ, ବାମପନ୍ଥୀ ନେତା ଶୈଳେନ୍ଦ୍ର ମହାନ୍ତି, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ବରିଷ୍ଠ ଆଡଭୋକେଟ ରାମକୃଷ୍ଣ ଦାଶ, ପଟ୍ଟାମୁଣ୍ଡାଇ କୋର୍ଟ ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ, ସଞ୍ଜୟ ସାହୁ, ପ୍ରମୋଦ ସାହୁ, ସତ୍ୟନାରାୟଣ ନାୟକ, ନିଗମାନନ୍ଦ ତ୍ରିପାଠୀ, ଜିତେନ୍ଦ୍ର ନନ୍ଦି, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ଉପେନ୍ଦ୍ର ନାୟକ, ସତ୍ୟରଞ୍ଜନ ବେହେରା, ବିଜେପି ନେତା ମିଟୁ ମନୋଜ ନାୟକ, ପ୍ରାକ୍ତନ ସରପଞ୍ଚ ବାବାଜୀ ଧଳ, ବ୍ରଜେନ୍ଦ୍ର ବର୍ମା, ଦଳିତ ନେତା କଳ୍ପତରୁ ମଲିକ, କୃଷକ ନେତା ଦାଶରଥି ସାହୁ, ଶିକ୍ଷକ ନେତା ଗୋକୁଳ ଚନ୍ଦ୍ର ରାଉତ, ଶ୍ରୀକାନ୍ତ ଲେଙ୍କା, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ସଞ୍ଜୀବ ରାଉତ, ସମାଜସେବୀ ପ୍ରମୋଦ ସାହୁ, କଥାକାର ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସରକାରୀ ଓକିଲ ପ୍ରଣତୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ହିମାଦ୍ରୀ ଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ● ୨ ମାସ ହେବ ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ମଙ୍ଗୁଲି

## ଦୁର୍ଦ୍ଦିନରେ କଟୁଛି ଜୀବନ, ଜିଲ୍ଲାପାଳଙ୍କୁ ଅଭିଯୋଗ



ମହାକାଳପଡ଼ା, ୯।୬(ସମିସ): ଜଣେ ଶତପ୍ରତିଶତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ୨ ମାସ ହେବ ଭତ୍ତା ଟଙ୍କା ମିଳୁନାହିଁ। ଏନେଇ ସେ ବ୍ଲକ୍‌ରେ ବାରମ୍ବାର ପଚାରିବାକୁ ଯିବାରୁ ତାଙ୍କୁ ଅଧିକାରୀ ଦୁର୍ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି। ଭତ୍ତା ଟଙ୍କା ନ ମିଳିବାରୁ ସେ ଦୁର୍ଦ୍ଦିନରେ ଜୀବନ କାଟୁଛନ୍ତି ବୋଲି କହିଛନ୍ତି। ବାଧ୍ୟହୋଇ ସେ ଜିଲ୍ଲାପାଳଙ୍କୁ ଭେଟି ତାଙ୍କର ଅଭିଯୋଗ ଜଣାଇଛନ୍ତି। ମହାକାଳପଡ଼ା ବ୍ଲକ ବଢିହି ପଞ୍ଚାୟତ ଅନ୍ତର୍ଗତ ବଢିହି ଗ୍ରାମର ଶତପ୍ରତିଶତ ଭିନ୍ନକ୍ଷମ (ଦୃଷ୍ଟିବାଧିତ) ବ୍ୟକ୍ତି ମଙ୍ଗୁଲି ବସନ୍ତିଆ (୬୧)। କାମ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ମଙ୍ଗୁଲି ଭିକ୍ଷାବୃତ୍ତି କରିବା ସହିତ ମିଳୁଥିବା ଭତ୍ତା ଟଙ୍କା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିଲେ। ଦୁଇ ମାସ ହେବ ତାଙ୍କୁ ଭତ୍ତା ଟଙ୍କା ମିଳୁନାହିଁ। ସେ ଦୁର୍ଦ୍ଦିନରେ ଜୀବନ ଅତିବାହିତ କରୁଛନ୍ତି। ତାଙ୍କୁ ପଞ୍ଚାୟତରେ ଭତ୍ତା ଟଙ୍କା ହାତରେ ମିଳୁଥିଲା। ହେଲେ ଗୋଟିଏ ମାସ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଭତ୍ତା ଟଙ୍କା ଆସିଲା। ଏବେ ଲଗାତାର ଦୁଇମାସ ହେବ ନା ବ୍ୟାଙ୍କ୍‌ରେ ଟଙ୍କା ଆସୁଛି ନା ହାତରେ ମିଳୁଛି। ଏ ନେଇ ସେ ବାରମ୍ବାର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଛନ୍ତି। ହେଲେ ସମସ୍ୟାର ସମାଧାନ ହୋଇନାହିଁ। ତାଙ୍କୁ ପୋଷ୍ଟାଲରେ ଆକାଉଣ୍ଟ ଖୋଲିବା, ପ୍ୟାନ୍ କାର୍ଡ କରିବା ପାଇଁ ପରାମର୍ଶ ଦିଆଯିବା ସହିତ କାର୍ଯ୍ୟାଳୟକୁ ବାରମ୍ବାର କାହିଁକି ଆସୁଛ ବୋଲି ତାଗିଦ କରାଯାଇଥିବା ମଙ୍ଗୁଲି ଅଭିଯୋଗ କରିଛନ୍ତି। ସେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ତାଙ୍କର ଅଭିଯୋଗ ଜଣାଇଛନ୍ତି। ଆମେ ପଞ୍ଚାୟତର ପିଇଓ ସୁରେନ୍ଦ୍ର ସାମଲଙ୍କୁ ପଚାରିବାରୁ ମଙ୍ଗୁଲି ଜଣେ ଅସହାୟ ବ୍ୟକ୍ତି, ତାଙ୍କ ନାମ ମଧୁବାବୁ ପେନସନ ଯୋଜନାରୁ ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ପେନସନ ଯୋଜନାକୁ ପରିବର୍ତ୍ତିତ ହୋଇଥିବାରୁ ଏମିତି ସମସ୍ୟା ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। କେନ୍ଦ୍ରାପଡା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେଉରା କହିଛନ୍ତି, ଘଟଣାର ତର୍ଜମା କରି ପଦକ୍ଷେପ ଗ୍ରହଣ କରାଯିବ। ତେବେ ଜିଲ୍ଲାପାଳ ଏହି ଘଟଣାରେ ହସ୍ତକ୍ଷେପ କରି ମଙ୍ଗୁଲିଙ୍କୁ ଭତ୍ତା ପ୍ରଦାନରେ ପଦକ୍ଷେପ ଗ୍ରହଣ କରିବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

### ■ ଜିଲ୍ଲାପାଳ କାର୍ଯ୍ୟାଳୟର ସିସିଟିଭିକୁ ନେଇ ଉଠିଛି ପ୍ରଶ୍ନ

## ଯୁବକଙ୍କ ଆତ୍ମହତ୍ୟା ପରେ ଲାଗିଛି ନୂଆ କ୍ୟାମେରା

କେନ୍ଦ୍ରାପଡ଼ା, ୯।୬(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯୁବକ ଶ୍ରୀଚନ୍ଦନ ଦାସଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିବାବେଳେ କାର୍ଯ୍ୟାଳୟ ଭିତରର ଅନେକ ସ୍ଥାନରେ ପୂର୍ବରୁ ଲାଗିଥିବା ସିସିଟିଭି କ୍ୟାମେରା ଅଚଳ ଥିବା ନେଇ ଏବେ ନୂଆ ପ୍ରଶ୍ନ ଉଠିଛି। ଗତ ୫ ତାରିଖରେ ଘଟଣା ଘଟିବା ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟର ବିଭିନ୍ନ ସ୍ଥାନରେ ଲାଗିଥିବା କିଛି ସିସିଟିଭି କ୍ୟାମେରା ଦୀର୍ଘଦିନ ଧରି ଅଚଳ ଥିଲା। ଘଟଣା ପରେ ଗତ ରବିବାର ଛୁଟି ଦିନରେ ତରବରିଆ ଭାବେ ନୂଆ ସିସିଟିଭି କ୍ୟାମେରା ଲଗାଯାଇଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ଟାଉନ ଥାନା ପୁଲିସ

**କେଉଁଠୁ ମିଳିବ ପୁରୁଣା ଫୁଟେଜ୍**

ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିବା ଦାବି କରୁଥିବାବେଳେ ଘଟଣା ସମୟର ପ୍ରକୃତ ଦୃଶ୍ୟ ଯଦି କ୍ୟାମେରାରେ ରେକର୍ଡ ହୋଇ ନ ଥାଏ, ତେବେ ସେହି ଫୁଟେଜ୍ କେଉଁଠୁ ମିଳିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଘଟଣା ପରେ ନୂଆ କ୍ୟାମେରା ଲାଗିବା ଓ ପୂର୍ବରୁ କ୍ୟାମେରା ଅଚଳ ଥିବା ପ୍ରସଙ୍ଗ ତଦନ୍ତର ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ପରିସ୍ଥିତିରେ ଘଟଣା ସମୟରେ କେଉଁ କେଉଁ କ୍ୟାମେରା କାର୍ଯ୍ୟକ୍ଷମ ଥିଲା, କେଉଁ କ୍ୟାମେରା ଅଚଳ ଥିଲା ଓ ପୁଲିସ କେଉଁ ଫୁଟେଜ୍ ଆଧାରରେ ତଦନ୍ତ ଆଗକୁ ନେଉଛି, ସେ ନେଇ ସ୍ପଷ୍ଟୀକରଣ ଦେବାକୁ ବିଭିନ୍ନ ମହଲରୁ ଦାବି ଉଠୁଛି। ଅନ୍ୟପକ୍ଷରେ ଶ୍ରୀଚନ୍ଦନ ଦାସଙ୍କ ଆତ୍ମହତ୍ୟା ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବା ଓ ତଦନ୍ତ ପ୍ରକ୍ରିୟାକୁ ନେଇ ଉଠୁଥିବା ସମସ୍ତ ସନ୍ଦେହର ଅବସାନ ଘଟାଇବା ପାଇଁ ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତର ଆବଶ୍ୟକତା ଥିବା ମତ ପ୍ରକାଶ ପାଉଛି।

## ଜାତୀୟ ମାନବାଧିକାର ସାମ୍ମୁଖ୍ୟର କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ବୈଠକ



ମହାକାଳପଡ଼ା, ୯।୬(ସମିସ): ଜାତୀୟ ମାନବାଧିକାର ସାମ୍ମୁଖ୍ୟ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ମାନବାଧିକାର କର୍ମୀ ବୈଠକ ଓ କର୍ମକର୍ତ୍ତା ଚୟନ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜୟଚନ୍ଦ୍ରପୁର ପଞ୍ଚାୟତର ବଡଦ ତାରିଣୀ ମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ପ୍ରଫୁଲ୍ଲ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ସଂଗଠନର ଜାତୀୟ ଅଧ୍ୟକ୍ଷ ରମେଶ ଭାରତୀ, ରାଷ୍ଟ୍ରୀୟ ଉପସଭାପତି ତପନ ପତି, ରାଷ୍ଟ୍ରୀୟ ସଂଯୋଜକ ରମେଶ ମହାଳିକ, ରାଜ୍ୟ ସଂଯୋଜିକା ଝରଣା ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାନବାଧିକାରର ଗୁରୁତ୍ୱ, ସାଧାରଣ ଜନଜୀବନରେ ଏହାର ପ୍ରୟୋଗ ଓ ସଚେତନତା ସମ୍ପର୍କରେ ମତାମତ ରଖିଥିଲେ। ବୈଠକରେ କର୍ମୀଙ୍କ ବିଭିନ୍ନ ସମସ୍ୟା ଓ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ପରେ ସର୍ବସମ୍ମତିକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ପ୍ରଫୁଲ୍ଲ ପ୍ରଧାନଙ୍କୁ ଜିଲ୍ଲା ସଭାପତି, ଶରତ ପ୍ରଧାନଙ୍କୁ ଉପସଭାପତି, ଭିକାରୀ ବେହେରାଙ୍କୁ ଜିଲ୍ଲା ସମ୍ପାଦକ, ରଞ୍ଜନ ଦାସଙ୍କୁ ଜିଲ୍ଲା ସଂଯୋଜକ, ଅମୀୟ ସାମଲଙ୍କୁ ମହାକାଳପଡ଼ା ବ୍ଲକ ସଭାପତି, ରଶ୍ମୀକାନ୍ତ ବସନ୍ତିଆଙ୍କୁ ମାର୍ଶାଘାଇ ବ୍ଲକ ସଭାପତି ଓ ସତ୍ୟବାନ ବୈରୀବାଳଙ୍କୁ ସଦସ୍ୟ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅନ୍ୟ ଜିଲ୍ଲା ଓ ବ୍ଲକସ୍ତରୀୟ ପଦବୀ ପାଇଁ ପରବର୍ତ୍ତୀ ସମୟରେ ନାମ ଘୋଷଣା କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଥିଲା। ଜିଲ୍ଲା ସଂଯୋଜକ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାକାଳପଡ଼ାରୁ ୫ ପିଇଓଙ୍କ ବଦଳି

କେନ୍ଦ୍ରାପଡ଼ା, ୯।୬ (ସମିସ): ତିନି ବର୍ଷରୁ ଅଧିକ ସମୟ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟରତ ଥିବା ମହାକାଳପଡ଼ା ବ୍ଲକର ପାଞ୍ଚଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଅନ୍ୟ ବ୍ଲକକୁ ବଦଳି କରାଯାଇଛି। ସୁକୁମାର ମଣ୍ଡଳ, ବିଭୁରଞ୍ଜନ ସାହୁ, ପ୍ରକାଶ ମଲ୍ଲିକ, ମୃତ୍ୟୁଞ୍ଜୟ ରାଉତ ଓ ଚନ୍ଦନ କୁମାର ଦାସଙ୍କୁ ବଦଳି କରାଯାଇଛି। ସେମାନଙ୍କ ସ୍ଥାନରେ ସ୍ୱାଗତିକା ବେହେରା, ଧରମାନନ୍ଦ ବେହେରା, ନିରୋଦ ସ୍ୱାଇଁ, ପ୍ରଭାତ ମଲ୍ଲିକ ଓ ସ୍ମୃତିରେଖା ମହାନ୍ତିଙ୍କୁ ମହାକାଳପଡ଼ା ଆସିବାକୁ ନିର୍ଦ୍ଦେଶ ହୋଇଛି।

## ମାର୍ଶାଘାଇ ମାର୍କେଟ୍ କମ୍ପ୍ଲେକ୍ସକୁ ନେଇ ବିବାଦ

# ଗୃହ ଆବଣ୍ଟନରୁ ଉଚ୍ଛେଦ ପର୍ଯ୍ୟନ୍ତ ପ୍ରଶାସନିକ ସ୍ୱଚ୍ଛତା ଉପରେ ଉଠୁଛି ପ୍ରଶ୍ନ

କେନ୍ଦ୍ରାପଡ଼ା, ୯।୬(ସମିସ)

ମାର୍ଶାଘାଇ ମାର୍କେଟ୍ କମ୍ପ୍ଲେକ୍ସକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ବିବାଦ ଏବେ କେବଳ ଗୃହ ଆବଣ୍ଟନ କିମ୍ବା ଉଚ୍ଛେଦରେ ସୀମିତ ରହିନାହିଁ, ବରଂ ସମଗ୍ର ପ୍ରକ୍ରିୟାର ସ୍ୱଚ୍ଛତା ଓ ନିରପେକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପଟେ ନିଲାମ ପ୍ରକ୍ରିୟାରେ ଅନିୟମିତତା ଓ ପକ୍ଷପାତିତାର ଅଭିଯୋଗ ଉଠୁଥିବାବେଳେ ଅନ୍ୟପଟେ ବଳପୂର୍ବକ ଉଚ୍ଛେଦ ଓ ଜଣେ ବୃଦ୍ଧା ମହିଳାଙ୍କ ସହ ଅସଦାଚରଣ ଅଭିଯୋଗ ଘଟଣାକୁ ଅଧିକ ସମ୍ବେଦନଶୀଳ କରିଛି। ଦୀର୍ଘ ବର୍ଷ ଧରି ମାର୍କେଟ୍ କମ୍ପ୍ଲେକ୍ସରେ ଜୀବିକା ନିର୍ବାହ କରୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ନ କରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ଷୋଭ ଦେଖାଦେଇଛି। ଜୀବିକା ସହ ଜଡ଼ିତ ପ୍ରସଙ୍ଗରେ ମାନବିକ ଦୃଷ୍ଟିକୋଣ ପରିବର୍ତ୍ତେ କଠୋର ପ୍ରଶାସନିକ ଆଭିମୁଖ୍ୟ ଗ୍ରହଣ କରାଯାଇଥିବା ନେଇ ମଧ୍ୟ ପ୍ରଶ୍ନ ଉଠୁଛି।

ସବୁଠୁ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି ଗୃହ ଆବଣ୍ଟନ ପ୍ରକ୍ରିୟା। ମାର୍କେଟ୍ କମ୍ପ୍ଲେକ୍ସର ଅଧିକାଂଶ ଗୃହ ପ୍ରଭାବଶାଳୀ ବ୍ୟକ୍ତି ଓ ସେମାନଙ୍କ ନିକଟ ସମ୍ପର୍କୀୟଙ୍କ ନାମରେ ଆବଣ୍ଟନ କରାଯାଇଥିବା ଅଭିଯୋଗ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ନିଲାମ ପ୍ରକ୍ରିୟା କେତେ ଖୋଲା ଓ ପ୍ରତିଯୋଗିତାମୂଳକ ଥିଲା, ତାହାକୁ ନେଇ ମଧ୍ୟ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି। ଏଭଳି ସ୍ଥିତିରେ କ୍ଷୁଦ୍ର ବ୍ୟବସାୟୀ ଓ ସ୍ଥାନୀୟ ଲୋକ ରାଜରାସ୍ତାକୁ ଓହ୍ଲାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିବା ଘଟଣା ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇପଡ଼ିଛି। ଆନ୍ଦୋଳନକାରୀ ନିରପେକ୍ଷ ତଦନ୍ତ, ବର୍ତ୍ତମାନର ନିଲାମ ପ୍ରକ୍ରିୟାକୁ ବାତିଲ ଓ ପ୍ରକୃତ ଯୋଗ୍ୟ ଦାବିଦାରଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି ଉଠାଇଛନ୍ତି। କୌଣସି ଉନ୍ନୟନ ପ୍ରକଳ୍ପ କିମ୍ବା ମାର୍କେଟ୍ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ଲୋକଙ୍କ ଜୀବିକାକୁ ସୁଦୃଢ଼ କରିବା। ଯଦି ସେହି ପ୍ରକ୍ରିୟାକୁ ନେଇ ଅନିୟମିତତା, ପକ୍ଷପାତିତା ଓ ଅସନ୍ତୋଷର ଅଭିଯୋଗ ସାମ୍ନାକୁ ଆସେ, ତେବେ ଏହା କେବଳ ପ୍ରଶାସନିକ ବିଫଳତା ନୁହେଁ, ବରଂ ସାଧାରଣ ଲୋକଙ୍କ ବିଶ୍ୱାସ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ଏବେ ସମସ୍ତଙ୍କ ନଜର ଜିଲ୍ଲା ପ୍ରଶାସନ ଉପରେ ରହିଛି। ଅଭିଯୋଗର ନିରପେକ୍ଷ ତଦନ୍ତ କରାଯାଇ ପ୍ରକୃତ ଘଟଣାକୁ ସାମ୍ନାକୁ ଅଣାଯିବ ନା ଘଟଣାଟି ଆଉ ଏକ ବିବାଦରେ ସୀମିତ ରହିଯିବ, ତାହା ଉପରେ ଆଗାମୀ ଦିନରେ ଚିତ୍ର ସ୍ପଷ୍ଟ ହେବ।

୯/୬/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୪୯,୪୦୫/- ସୁନା: ୦୩.୫୦୦ ଗ୍ରାମ୍ ରୁପା: ୩୮.୭୦୦ ଗ୍ରାମ୍



## ବାଟ ଗାଁ-ମେଡିକାଲ ଛକ ରାସ୍ତା ପ୍ରଶସ୍ତୀକରଣ

# ଅନ୍ତିମ ପର୍ଯ୍ୟାୟ ଉଚ୍ଛେଦ ଆରମ୍ଭ

ପୁରୀ, ୯।୬ (ସମିସ)



୨୦୧୫ ନବକଳେବର ସମୟରୁ ଅଟକିଥିବା ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବାଟ ଗାଁରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅବଶିଷ୍ଟ ଜମି ଅଧିଗ୍ରହଣ ପାଇଁ ମଙ୍ଗଳବାରଠାରୁ ଅଠରନଳା ନିକଟରେ ପୁନର୍ବାର ଉଚ୍ଛେଦ ଆରମ୍ଭ ହୋଇଛି। ମଙ୍ଗଳବାର ସକାଳୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୪ ପ୍ଲାଟୁନ ପୋଲିସ ଫୋର୍ସ, ଅଗ୍ନିଶମ ବିଭାଗ ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହଯୋଗରେ ଉଚ୍ଛେଦ ଆରମ୍ଭ ହୋଇଥିଲା। ଏହି ଉଚ୍ଛେଦ ବେଳେ ଜେସିବି ଉପରେ ଭଙ୍ଗା ଯାଉଥିବା କୋଠାର କିଛି ଅଂଶ ପଡିଯିବାରୁ କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ରହିଥିଲା। ପରେ ଆଉ ଏକ ଜେସିବି ଲଗାଇ କାମ ପୁନଃ ଆରମ୍ଭ ହୋଇଥିଲା। ଉଚ୍ଛେଦ ଯୋଗୁଁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ସାମୟିକ ବନ୍ଦ ରହିଥିଲା।

୨୦୧୫ ନବକଳେବର ସମୟରେ ପୁରୀରୁ ଭୁବନେଶ୍ୱର ଚାରି ଲେନ୍ ରାସ୍ତା ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ହସ୍ପିଟାଲ ଛକରୁ ବାଟ ଗାଁ ଛକ ପର୍ଯ୍ୟନ୍ତ ଅଂଶ ଜମି ଅଧିଗ୍ରହଣ ବିବାଦ ଯୋଗୁଁ ଅଟକି ରହିଥିଲା। ୨୦୨୩ ମସିହାରୁ ଏହି ଅଂଶ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ପୁଣି ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ପାଇଁ ୧୧ଟି ମୌଜାର ମୋଟ ୬ ଏକର ଜମି ଆବଶ୍ୟକ। ସେଥିରୁ ୫ ଏକର ଘରୋଇ ଓ ୧ ଏକର ସରକାରୀ ଜମି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୮ ପ୍ରତିଶତ ଜମି ଅଧିଗ୍ରହଣ ସରିଛି। ଡାକ୍ତରଖାନା ଛକଠାରୁ ଅଠରନଳା ପର୍ଯ୍ୟନ୍ତ ୨୪ ମିଟର ଏବଂ ଅଠରନଳାଠାରୁ ବାଟ ଗାଁ ଛକ ପର୍ଯ୍ୟନ୍ତ ୨୨ ମିଟର ପ୍ରଶସ୍ତ ଚାରି ଲେନ୍ ରାସ୍ତା ନିର୍ମାଣ ହେବ।

ତେବେ କିଛି ଜମି ମାଲିକ ଅଧିଗ୍ରହଣ ବିରୋଧରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କ ସପକ୍ଷରେ ରାୟ ଦେବା ପରେ ଅବଶିଷ୍ଟ ୧୧ଟି ପ୍ଲଟ ଓ ୬ଟି ମନ୍ଦିରର ଉଚ୍ଛେଦ ପାଇଁ ମଙ୍ଗଳବାରଠାରୁ କାର୍ଯ୍ୟ ଆରମ୍ଭ ହୋଇଛି। ଭୂଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ଜେନାଙ୍କ ସୂଚନା ଅନୁଯାୟୀ, ଆସନ୍ତା ୨/୩ ଦିନ ମଧ୍ୟରେ ଉଚ୍ଛେଦ ସାରି ଜମି ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବ। ଉଚ୍ଛେଦ ବେଳେ କିଛି ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚିହ୍ନଟ ସୀମାଠାରୁ ଅଧିକ ଅଢେଇ ଫୁଟ ଜମି ଅଧିଗ୍ରହଣ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ପୁରାତନ ମା' ବସନ୍ତେଇ ମନ୍ଦିର ଉଚ୍ଛେଦ ପାଇଁ କୌଣସି କ୍ଷତିପୂରଣ ଦିଆଯାଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

## ରଥଖଳାରୁ... ଦ୍ୱିତୀୟ ଭୂଇଁ ଫ୍ରେମ ନିର୍ମାଣ ଶେଷ

ପୁରୀ, ୯।୬ (ସମିସ)





ପାଖେଇ ଆସୁଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥ ନିର୍ମାଣ। ତିନିରଥର ମୁଖ୍ୟ ବିଶ୍ୱକର୍ମାଙ୍କ ନେତୃତ୍ୱରେ ଚଳିତବର୍ଷ କାମ ବେଶ୍ ଆଗୁଆ ରହିଛି। ମହାରଣା ସେବକମାନଙ୍କୁ ଉପଯୁକ୍ତ ସହଯୋଗ ଯୋଗାଉଛନ୍ତି ଭୋଇ, କମାର, ରୂପକାରଙ୍କ ସମେତ ରଥ ନିର୍ମାଣରେ ସମ୍ପୃକ୍ତ ଅନ୍ୟ ସେବକ। ତେବେ ମଙ୍ଗଳବାର କାମ ମଧ୍ୟରେ ଚଉଦ ନାହାକା ବୁଲିବା ପାଇଁ ତିନିରଥ ଦଣ୍ଡାରେ ଖଦିଓରା ସଂଯୋଗ ସରିଛି। ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ତିନି ରଥର ମଝି ଭୂଇଁ ବା ଦ୍ୱିତୀୟ ଭୂଇଁ ଫ୍ରେମ ନିର୍ମାଣ ଶେଷ ହୋଇଛି। ଏଥିସହ ଦ୍ୱିତୀୟ ଭୂଇଁର ବିଭିନ୍ନ ଅଂଶ ଗୁଡ଼ିକର ନମ୍ବରିଂ କାର୍ଯ୍ୟ ମଧ୍ୟ ସରିଛି। ତାଳଧ୍ୱଜ ରଥ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ଅଣସର ତାଟି ଘର ପ୍ରସ୍ତୁତି ପାଇଁ ଆବଶ୍ୟକ ୩ଟି ୨୦ ଫୁଟିଆ ଅଣସର ଗୟଳ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି।

ରୂପକାର ସେବକମାନେ ତିନିରଥ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ କରିଛନ୍ତି। ଚାରପରିଛାରେ ୫ଟି ଲେଖାଏଁ ପଦ୍ମ ଫୁଲ ଚିତ୍ର ଖୋଦେଇ ସହ ପଦ୍ମ କଢ଼ି, ଡାଳିଲତା ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନିରଥର ଭୂଇଁ ବିଡିଆ କଣ୍ଟା ସହ ତେର ପରସ୍ତ ପୋଟଳ ପାଇଁ ବାଗିଆ କଣ୍ଟା ନିର୍ମାଣ କରୁଛନ୍ତି। ପାହି ମହାରଣାମାନେ ଅଣସର ଏବଂ ରଥଯାତ୍ରା ସେବା ପୂଜା କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

● ରଥ ନିର୍ମାଣ କାର୍ଯ୍ୟ ମଝିରେ ଦୁଃଖଦ ଖବର

## ତାଳଧ୍ୱଜ ରଥ ଭୋଇ ସେବକଙ୍କ ପରଲୋକ

ପୁରୀ, ୯।୬ (ସମିସ): ରଥଖଳାରେ ଚାଲିଥିବା ରଥ ନିର୍ମାଣ କାର୍ଯ୍ୟ ମଝିରେ ଆସିଛି ଦୁଃଖଦ ଖବର। ତାଳଧ୍ୱଜ ରଥ ନିର୍ମାଣରେ ନିୟୋଜିତ ଥିବା ବରିଷ୍ଠ ଭୋଇ ସେବକ ଧ୍ରୁବ ଭୋଇଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି। ସୂଚନା ଅନୁଯାୟୀ, ସୋମବାର ରାତିରେ ଧ୍ରୁବ ଭୋଇ ହଠାତ୍ ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ମଙ୍ଗଳବାର ଭୋର ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଧ୍ରୁବଙ୍କ ମୃତ୍ୟୁ ଖବର ରଥଖଳାରେ ପହଞ୍ଚିବା ମାତ୍ରେ ସେଠାରେ କାର୍ଯ୍ୟରତ ବିଶ୍ୱକର୍ମା ମହାରଣା, ଭୋଇ, କମାର, ରୂପକାର ଓ ଚିତ୍ରକର ସେବକମାନେ ସ୍ତବ୍ଧ ହୋଇଯାଇଥିଲେ। ଭୁବନେଶ୍ୱରରୁ ତାଙ୍କ ମରଶରୀରକୁ ପୁରୀ ବାସଭବନକୁ ଅଣାଯାଇଥିଲା। ସେଠାରେ ଆତ୍ମୀୟସ୍ୱଜନ ଶେଷ ଦର୍ଶନ କରିଥିଲେ। ଏହାପରେ ଭୋଇ ସେବକ ଓ ସମ୍ପର୍କୀୟମାନେ ଶୋଭାଯାତ୍ରାରେ ମରଶରୀରକୁ ସ୍ୱର୍ଗଦ୍ୱାରକୁ ନେଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଧ୍ରୁବ ଭୋଇ ଜଣେ ଅଭିଜ୍ଞ ଓ ନିଷ୍ଠାପର ସେବକ ଥିଲେ। ନିଜ ଜୀବନ କାଳରେ ସେ ୩୦ରୁ ଅଧିକ ରଥ ନିର୍ମାଣରେ ସକ୍ରିୟ ସହଯୋଗ ରଖିଥିଲେ। ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ କମାର ସେବକ ଓ ପାହି ମହାରଣାମାନେ ଏକତ୍ରିତ ହୋଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟପକ୍ଷରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରଥଖଳା ପରିଦର୍ଶନ କରି ରଥ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରୁଥିବା ବେଳେ ଧ୍ରୁବ ଭୋଇଙ୍କ ମୃତ୍ୟୁକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଥିଲେ। ସେ କହିଛନ୍ତି ଯେ, ମୃତ ସେବକଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ।

## 'ସନ୍ତୋଷ ସାହୁ ଥିଲେ ଦରଦୀ କବି'

ପୁରୀ, ୯।୬ (ସମିସ): ଜଣାଶୁଣା କବି ସନ୍ତୋଷ କୁମାର ସାହୁ ଉଭୟ ସାହିତ୍ୟ ଓ ବାମପନ୍ଥୀ ରାଜନୀତିରେ ସ୍ୱକୀୟ ପଦଚିହ୍ନ ଛାଡ଼ି ଚାଲି ଯାଇଛନ୍ତି ବୋଲି ସ୍ମୃତିଚାରଣ ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନାଙ୍କ ସଂଯୋଜନାରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ପୁରୀ ଜିଲ୍ଲା ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ବକ୍ତାମାନେ କହିଥିଲେ, କବି ଶ୍ରୀ ସାହୁଙ୍କ କବିତାରେ ସାଧାରଣ ମଣିଷର ଦୁଃଖ ଦୈନ୍ୟ ପ୍ରତିଫଳିତ ହୋଇଥିଲା। ସେ ଜଣେ ଦରଦୀ କବି ଥିଲେ। ତାଙ୍କ ରଚିତ ଓ ସମ୍ପାଦିତ "କାଳି ଝିଅ' କବିତା ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିଥିଲା। ଶନିବାର ସାହିତ୍ୟ ସନ୍ଧ୍ୟା ଓ ଅନ୍ୱେଷଣ ଭଳି ଏକାଧିକ ସାହିତ୍ୟ ଅନୁଷ୍ଠାନରେ ସେ ସକ୍ରିୟ ଥିଲେ। ତାଙ୍କର ଅନେକ କବିତା ଓଡ଼ିଶାର ଏକାଧିକ ସମ୍ବାଦପତ୍ର ଓ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଛି। ତାଙ୍କ ନିଜ ସମ୍ପାଦନାରେ 'ନିର୍ଯ୍ୟାସ' ବୋଲି ଏକ ପତ୍ରିକା ପ୍ରକାଶିତ ହୋଇଥିଲା। ୮୦ ଦଶକରେ ସେ ଏସ୍‌ଏଫ୍‌ଆଇର ଜଣେ ସକ୍ରିୟ ସଦସ୍ୟ ଥିଲେ ଓ ପୁରୀ ସହରରେ ବାମପନ୍ଥୀ ରାଜନୀତିର ପ୍ରଚାର ଓ ପ୍ରସାର ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ତାଙ୍କର ଅସମୟରେ ବିୟୋଗ ସାହିତ୍ୟ ଜଗତ ଓ ବାମପନ୍ଥୀ ରାଜନୀତି ପାଇଁ ଅଶେଷ କ୍ଷତି ବୋଲି କବି ବିପିନ କୁମାର ଦଳେଇ, ମମତା ଦାଶ, ଦେବୀ ନନ୍ଦ, ଶ୍ୟାମ ପ୍ରକାଶ ସେନାପତି, ଯୋଗେଶ୍ୱର ପ୍ରହରାଜ, ସାମାଜିକ କର୍ମୀ ସୁରେନ୍ଦ୍ର ତପସ୍ୱୀ, ଶ୍ରୀମନ୍ତ ମହାନ୍ତି, ଅଧ୍ୟାପକ ବିମଳ କୁମାର ମାନସିଂହ, ଶିକ୍ଷକ ନେତା ବସନ୍ତ ଦାସ, ବାମପନ୍ଥୀ ନେତା ଜଗନ୍ନାଥ ଦେଓ, ଆଇନଜୀବୀ ବିଶ୍ୱବନ୍ଧୁ ଦାସ, ଏସ୍‌ଏଫ୍‌ଆଇ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ପ୍ରମୁଖ ମତ ଦେଇଛନ୍ତି।

## ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ରୀଙ୍କ ଅକାଳ ବିୟୋଗ

ପୁରୀ, ୯।୬ (ସମିସ): ଡାକ୍ତର ହୋଇ ଲୋକଙ୍କ ସେବା କରିବାର ସ୍ୱପ୍ନ ଦେଖୁଥିବା ଝିଅଟିର ଆଖି ସବୁଦିନ ପାଇଁ ବନ୍ଦ ହୋଇଗଲା। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ରୀ ସଂଗ୍ରାମିକା ପଣ୍ଡା (୨୨)ଙ୍କ ଅକାଳ ବିୟୋଗ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ସଂଗ୍ରାମିକା ତାଙ୍କ ବାପା-ମା'ଙ୍କ ସହ ପୁରୀରେ ଏକ ଭଡ଼ା ଘରେ ରହୁଥିଲେ। ରବିବାର ରାତି ସାରା ଅନିଦ୍ରା ରହି ସେ ନିଜର ପ୍ରାକ୍ଟିକାଲ୍ ରେକର୍ଡ ଲେଖୁଥିଲେ। ସୋମବାର ସକାଳ ୯ଟାରେ ଶୋଇବାକୁ ଯାଇଥିଲେ। ଦ୍ୱିପହର ସମୟରେ ତାଙ୍କୁ ଡାକିବାରୁ ସେ ଆଉ ଉଠି ନ ଥିଲେ। ତୁରନ୍ତ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସଂଗ୍ରାମିକାଙ୍କ ବାପା-ମା'ଙ୍କ ଛଡ଼ା ଆଉ କେହି ନ ଥିବାରୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ହିଁ ତାଙ୍କ ଶେଷକୃତ୍ୟ କରିଥିଲେ। ଛାତ୍ର ସଂସଦର ସାଧାରଣ ସମ୍ପାଦକ ସୌମ୍ୟଜିତ୍ ପାତ୍ର ମୁଖାଗ୍ନି ଦେଇଥିଲେ। ଜଣେ ସହପାଠୀଙ୍କୁ କାନ୍ଧ ଦେଇ ସ୍ୱର୍ଗଦ୍ୱାରକୁ ନେବା ବେଳେ ସାଙ୍ଗମାନଙ୍କ ଆଖିରୁ ଲୁହ ଶୁଖୁ ନ ଥିଲା। ସଂଗ୍ରାମିକାଙ୍କ ଅକାଳ ବିୟୋଗରେ ସୋମବାର ଅପରାହ୍ନରେ ମହାବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସଂଗ୍ରାମିକାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

### ପୁରୀ ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ

## ଜନକଲ୍ୟାଣକାରୀ ଯୋଜନାର ସମୀକ୍ଷା କଲେ ବିଧାୟକ



ପୁରୀ, ୯।୬ (ସମିସ)

ପୁରୀ ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ନିର୍ବାଚନ ମଣ୍ଡଳୀର ଯେଉଁସବୁ ବିକାଶମୂଳକ କାର୍ଯ୍ୟ ବିଭିନ୍ନ ଯୋଜନା ମାଧ୍ୟମରେ ସମ୍ପାଦିତ ହୋଇଛି ତା' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ପୁରୀ ମହାନଗର ନିଗମର ଯୁଗ୍ମ କମିଶନର, ପୁରୀ ଓ ଗୋପ ବିଡ଼ିଓ, ଜଳ ସମ୍ପଦ ଓ ପରିମଳ ବିଭାଗର ମୁଖ୍ୟ ଯନ୍ତ୍ରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିଜ ନିଜ ବିଭାଗର ବିଭନ୍ନ ଯୋଜନା ଓ ତାହାର ଅଗ୍ରଗତି ବାବଦରେ ବିଶଦ୍ ବିବରଣୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବୈଠକର ସୁପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଧାୟକ ତଥା ପୁରୀ ନିର୍ବାଚନ ମଣ୍ଡଳୀ ଅଧ୍ୟକ୍ଷ ଶ୍ରୀ ମହାନ୍ତି ତୃଣମୂଳ ସ୍ତରରୁ ରାଜ୍ୟ ସରକାରଙ୍କ ବିଭନ୍ନ ଜନକଲ୍ୟାଣକାରୀ ଯୋଜନା ଯଥା ପାନୀୟ ଜଳ, ସଡକ ନିର୍ମାଣ, ପଞ୍ଚଦଶ ଏସ୍‌ଏଫସି ଅନ୍ତର୍ଭୁକ୍ତ ସମସ୍ତ ଅନୁଦାନର ସୁବିନିଯୋଗ, ରାସ୍ତା ଓ ବର୍ଜ୍ୟବସ୍ତୁ ନିଷ୍କାସନର ସୁବନ୍ଦୋବସ୍ତ କିପରି ହୋଇପାରିବ ତାହାର ବିସ୍ତୃତ ସମୀକ୍ଷା କରିଥିଲେ। ଆଗାମୀ ଦିନରେ ନିର୍ବାଚନ ମଣ୍ଡଳୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ବିକାଶମୂଳକ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ମିଳୁଥିବା ଅନୁଦାନ କିପରି ସଠିକ ଭାବରେ ଖର୍ଚ୍ଚ ହୋଇପାରିବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ତଦାରଖ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

## ରଥଖଳା ବୁଲିଲେ ଜିଲ୍ଲାପାଳ

ପୁରୀ, ୯।୬ (ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରଥଖଳା ପରିଦର୍ଶନ କରିଥିଲେ। ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ବିଶ୍ୱକର୍ମା ସେବକମାନଙ୍କ ସହିତ ଆଲୋଚନା କରିଥିଲେ। ରଥ କାମର ସ୍ଥିତି ଏବେ କ'ଣ ପଚାରି ବୁଝିଥିଲେ। ରଥ ନିର୍ମାଣରେ ନିୟୋଜିତ ସେବକମାନେ ଜିଲ୍ଲାପାଳଙ୍କୁ ବୁଝାଇ କହିଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲାପାଳ ଶ୍ରୀ ପରିଡ଼ା ସେମାନଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ତିନିରଥର ମୁଖ୍ୟ ମହାରଣାଙ୍କ ସମେତ ଭୋଇ ସର୍ଦ୍ଦାର ପ୍ରମୁଖ ଜିଲ୍ଲାପାଳଙ୍କୁ ରଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ବୁଝାଇଥିଲେ। ରଥଖଳାରେ ଆବଶ୍ୟକ ପାନୀୟ ଜଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ହେଉଛି କି ନାହିଁ ଜିଲ୍ଲାପାଳ ବୁଝିଥିଲେ।



## ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀ ପାଳିଲେ ଗ୍ରୀଷ୍ମ ସାହିତ୍ୟ ଉତ୍ସବ

ପୁରୀ, ୯।୬ (ସମିସ): ପୁରୀ ଜିଲ୍ଲାର ସମସ୍ତ ବାଳାଶ୍ରମର ଅନ୍ତେବାସୀଙ୍କୁ ନେଇ ଅଙ୍କୁର ସଂଯୋଗ ଗ୍ରୀଷ୍ମ ସାହିତ୍ୟ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ଆୟୋଜିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ଗ୍ରୀଷ୍ମ ଅବକାଶ ଅବସରରେ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମନୋନିବେଶ କରାଯାଉଛି। ଅଙ୍କୁର ସଂଯୋଗ ଗ୍ରୀଷ୍ମ ସାହିତ୍ୟ ଉତ୍ସବ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ। ସଂଯୋଗ, କଟକ ଓ ଅଙ୍କୁର ଫାଉଣ୍ଡେଶନ ଭୁବନେଶ୍ୱରଙ୍କ ସହିତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ପ୍ରୟାସରେ ଏହା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସନ୍ତୋଷ କୁମାର ସେଠୀ ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୋଗଦେଇଥିବା ବେଳେ ଡେପୁଟି କଲେକ୍ଟର ସୌମ୍ୟଶ୍ରୀ ପାଣିଗ୍ରାହୀ, ମହାବୀର ରୁଦ୍ର ନାରାୟଣ ସାହୁ ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସଂଯୋଗର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ, ଅଙ୍କୁର ଫାଉଣ୍ଡେଶନ ପ୍ରତିଷ୍ଠାତା ଚିନ୍ମୟୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମିଳିତ ପ୍ରୟାସ ରୂପେ ଏହି କାର୍ଯ୍ୟକ୍ରମର ୧୫ ଦିନ ପୂର୍ବରୁ ଶିଶୁମାନଙ୍କୁ ପିଲାଙ୍କ ଅଙ୍କୁର ପତ୍ରିକା ବଣ୍ଟନ କରାଯାଇଥିଲା। ପିଲାମାନେ ଏହି ପୁସ୍ତକ ପଠନ କରି କବିତା ଆବୃତ୍ତି, ଗଳ୍ପ କଥନ, କୁଇଜ୍, ବହିରୁ ଶିକ୍ଷା ଆଦି ପ୍ରତିଯୋଗିତାରେ ୬୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୀଳାଚଳ ସେବା ପ୍ରତିଷ୍ଠାନର ଶିଶୁମାନେ ସବୁଠାରୁ ଉତ୍ତମ ପ୍ରଦର୍ଶନ କରିଥିବା ବେଳେ ସେହି ସଂସ୍ଥାର ସମ୍ପୃକ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ଉତ୍ତମ ମାର୍ଗଦର୍ଶକ ଭାବେ ସମ୍ମାନିତ କରାଯାଇଥିଲା। ମୋଟ ୨୪ ଜଣ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁମାନଙ୍କ ମଧ୍ୟରେ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା, ଗଳ୍ପ କଥନ, କବିତା ଆବୃତ୍ତି ଓ ବକ୍ତୃତା ଆଦିରେ ଦକ୍ଷତା ବୃଦ୍ଧି ପାଇଁ ଅବସର ସମୟର ବିନିଯୋଗ ପାଇଁ ପ୍ରୟାସ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ବିଚାରକ ଭାବରେ ଶକ୍ତିପଦ ମିଶ୍ର, ବିଜୟଲକ୍ଷ୍ମୀ ମହାନ୍ତି, ରୁପାଲି ମହାନ୍ତି, ସ୍ନିଗ୍ଧାରାଣୀ ସାହୁ, କମଳା ମହାରଣା ଯୋଗଦେଇଥିଲେ। ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ସାରଙ୍ଗ ମହାପାତ୍ର ଅଧୀକ୍ଷକ ଉତ୍କଳ ବାଳାଶ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।



## ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଯୁବପିଢ଼ିଙ୍କୁ ପରାମର୍ଶ

ପୁରୀ, ୯।୬ (ସମିସ): ସାମାଜିକ ଅନୁଷ୍ଠାନ ସମ୍ପର୍କ ପକ୍ଷରୁ ସୁରଜମଲ୍ଲ ଶାହା ମହାବିଦ୍ୟାଳୟରେ ଚାରି ଦିନିଆ ଗ୍ରୀଷ୍ମକାଳୀନ ସେବା ପ୍ରଶିକ୍ଷଣ ଶିବିର ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ, ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନତା ଏବଂ ସେବା ମନୋଭାବ ବିକାଶ ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଛି। ଏଥିରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବପିଢ଼ୀଙ୍କୁ ସମାଜ ପ୍ରତି ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବା ସହ ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାସେବୀ ଭାବେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଖାଦ୍ୟ ଓ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଏବଂ ପୁରୀ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସୁକାନ୍ତ ଦାଶ, ଓସ୍‌ଡମାର ପ୍ରଶିକ୍ଷକ ତନ୍ମୟ ଚାଟାର୍ଜୀ ଯୋଗଦେଇ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ସାମାଜିକ ସଚେତନତା ଓ ନାଗରିକ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ବେହେରା ଅଧ୍ୟକ୍ଷତା କରି ସମସ୍ତ ଅତିଥି ଓ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ ଜଣାଇଥିଲେ। ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ନଳିନୀକାନ୍ତ ପଟ୍ଟନାୟକ, ଅଜିତ୍ କୁମାର ଦଳାଇ, ରିତେଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଶୁଭ୍ର ସ୍ୱରୂପ ମହାପାତ୍ର ଏବଂ ଶୁଭ ପ୍ରସାଦ ଶର୍ମା, ସ୍ୱନ୍ଦନ ଅଭିଜିତ୍ ପ୍ରିୟଦର୍ଶୀ, ଶୁଭମ୍ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଗ୍ରୀଷ୍ମକାଳୀନ ସେବା ପ୍ରଶିକ୍ଷଣ ୩୫ ଦିନ ଶିବିରରେ ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା, ମକ୍ ଡ୍ରିଲ୍, ଉଦ୍ଧାର ଓ ରିଲିଫ୍ ପ୍ରସ୍ତୁତି ସହ ବିଭିନ୍ନ ସାମାଜିକ ସଚେତନତାମୂଳକ ବିଷୟ ଉପରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷା ଓ ସମ୍ପର୍କର ସମ୍ପାଦକ ସୂଚନା ଦେଇଥିଲେ।

### ଦଳ ସଫା ନାଁରେ ଲକ୍ଷ ଲକ୍ଷ ଖର୍ଚ୍ଚ

# କାହା ପକେଟକୁ ଯାଉଛି ଜନତାଙ୍କ ଟିକସ?

ପୁରୀ, ୯।୬ (ସମିସ)





ଐତିହ୍ୟ ଅଠରନଳା ସେତୁ ତଳେ ବହୁଛି ମୂଷାନଈ। ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ମରହଟ୍ଟାମାନେ ନିର୍ମାଣ କରିଥିବା ଏହି ଐତିହାସିକ ସେତୁ ଆଜି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ସଂରକ୍ଷିତ ସ୍ମାରକ। ହେଲେ ସେତୁ ତଳେ ବହୁଥିବା ମୂଷାନଈର ଅବସ୍ଥା ଆଜି 'କୁଡ଼ କୁଡ଼ ଅଳିଆ'ରେ ଭର୍ତ୍ତି। ପ୍ରତିବର୍ଷ ବର୍ଷା ପୂର୍ବରୁ ପ୍ରଶାସନ ପକ୍ଷରୁ 'ଦଳ ସଫା' ଅଭିଯାନ ହୁଏ, ଜେସିବି ଲାଗେ, ଫଟୋ ଉଠେ, ବିଲ୍ ପାସ୍ ହୁଏ। ହେଲେ ମାସକ ପରେ ନଈ ପୁଣି ସେହି କାଦୁଅ, ପଲିଥିନ୍ ଓ ଦଳରେ ଭର୍ତ୍ତି। ପ୍ରଶ୍ନ ଉଠୁଛି, ଏହି ବାରମ୍ବାର ସଫେଇରେ କାହାର ସ୍ୱାର୍ଥ?

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପ୍ରାୟ ପ୍ରତିବର୍ଷ ଜୁନ୍ ମାସରେ ମୂଷାନଈ ସଫା ହେଉଛି ବୋଲି ପ୍ରଚାର ହୁଏ। ଲକ୍ଷ ଲକ୍ଷ ଟଙ୍କାର ଏଷ୍ଟିମେଟ୍ ହୁଏ। ହେଲେ ନଈକୁ ବେଆଇନ ଜବରଦଖଲ, ଆବର୍ଜନା ପକାଇବା ଉପରେ ରୋକ୍ ନାହିଁ। ଫଳରେ ପୁଣି ନଈର ସ୍ରୋତ ବନ୍ଦ ହୋଇଯାଉଛି। ଅଠରନଳା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ବର୍ଷ ବର୍ଷ ଧରି ଚାଲିଛି, ହେଲେ କେବେ ସରିବ ତାହା କେହି ଜାଣନ୍ତି ନାହିଁ। ପୌର ପ୍ରଶାସନ ଓ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରତିବର୍ଷ ମୂଷାନଈ ଓ ଅନ୍ୟାନ୍ୟ ନାଳ ସଫେଇ ପାଇଁ ଟେଣ୍ଡର ହୁଏ। ଏଥିପାଇଁ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ କାମର ଗୁଣବତ୍ତା ଓ ସ୍ଥାୟିତ୍ୱକୁ ନେଇ ସର୍ବଦା ପ୍ରଶ୍ନବାଚୀ। କେବଳ ଉପରଠାଉରିଆ ଦଳ, କାଦୁଅ କାଢ଼ି ଫଟୋ ଉଠାଇବା ପରେ କାମ ସରିଯାଉଛି। ଠିକାଦାର ବି ଖୁସି। ପ୍ରତିବର୍ଷ ସେମାନେ ବି କାମ ପାଉଛନ୍ତି। ହେଲେ ବଡ଼ କଥା ହେଉଛି ବର୍ଷା ପୂର୍ବରୁ 'ଆମେ ମୂଷା ନଈ ସଫା କଲୁ' ବୋଲି ଅଧିକାରୀ ଶ୍ରେୟ ନେଉଛନ୍ତି। ହେଲେ ଦଳ କିପରି ସବୁଦିନ ପାଇଁ ସଫା ହେବ, ମୂଷାନଈ ସ୍ୱଚ୍ଛ ଓ ପରିଷ୍କାର ରହିବ ସେ ଦିଗରେ କିନ୍ତୁ ଧ୍ୟାନ ଦିଆଯାଉ ନାହିଁ। ଫଳରେ ମଶାଙ୍କ ପ୍ରାଦୁର୍ଭାବ ବଢୁଛି। ମୂଷାନଈ ଭଳି ଅବରୋଧିତ ନାଳ ମଶାଙ୍କ ପ୍ରଜନନ କେନ୍ଦ୍ର ପାଲଟିଛି।

ବୁଦ୍ଧିଜୀବୀଙ୍କ ମତରେ ନଈକୁ କିପରି ଅଳିଆ ଫିଙ୍ଗିବା ବନ୍ଦ କରାଯିବ ଏବଂ ଜବରଦଖଲ ହଟାଯିବ ତାହାକୁ ପ୍ରଶାସନ ଗୁରୁତ୍ୱ ଦେବା କଥା। ସେହିପରି ପ୍ରତି ସଫେଇ କାମର ଖର୍ଚ୍ଚ, କାମ ପୂର୍ବର ଓ ପରର ଜିଓ ଟ୍ୟାଗ୍ ଫଟୋ ସାର୍ବଜନୀନ ହେବା ଦରକାର। ମୂଷାନଈ କେବଳ ଏକ ନାଳ ନୁହେଁ, ଏହା ପୁରୀର ଐତିହ୍ୟ ଓ ପରିବେଶ ସହ ଜଡ଼ିତ। ବାରମ୍ବାର ଦଳ ସଫା ନାମରେ ଟଙ୍କା ଉଡ଼ାଇବା ବଦଳରେ ସ୍ଥାୟୀ ସମାଧାନ ହିଁ ମୂଷାନଈକୁ ପୁଣି ଜୀବନ୍ତ କରିପାରିବ।

## ପଦାକୁ ବାହାରିବା ପାଇଁ ନାହିଁ ରାସ୍ତା

# ବର୍ଷାଦିନେ ୨୫ ପରିବାର ଜଳବନ୍ଦୀ

ବାଲିଚନ୍ଦ୍ରପୁର, ୯।୬(ସମିସ)

ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଗାଁ ମାନଙ୍କରେ ବସବାସ କରୁଥିବା ଗରିବ ଜନସାଧାରଣ କୌଣସି ସୁବିଧା ସୁଯୋଗ ପାଇପାରୁନାହାନ୍ତି। ଏହି ଭଳି ଏକ ଅବହେଳିତ ଗାଁ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତର ଗହରନଗର ଗ୍ରାମରେ। ଏହି ଗ୍ରାମରେ ଦୀର୍ଘ ବର୍ଷରୁ ୨୫ଗୋଟି ଦଳିତ ପରିବାରର ୧୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଏହି ଗ୍ରାମଟି ଏକ ଟାପୁ ସଦୃଶ। ଏହି ଗ୍ରାମର ଚାରିପଟେ ଚାଷଜମି ଅବସ୍ଥିତ। ଗ୍ରାମଠାରୁ ୮୦୦ ମିଟର ଦୂରରେ ଥିବା ମୁଖ୍ୟ ରାସ୍ତାକୁ ଯିବା ପାଇଁ ଚାଷ ଜମିର ଅଣ ଓସାରିଆ ହିଡ଼ ଉପରେ ଯିବା ଆସିବା କରିବାକୁ ପଡେ। ଯେନତେନ ଉପାୟରେ ଖରାଦିନେ ଚଳିଯାଇଥାଏ; କିନ୍ତୁ



ସବୁଠାରୁ ବଡ଼ ସମସ୍ୟା ଦେଖାଦେଇଥାଏ ବର୍ଷାଦିନେ। ବର୍ଷା ହେଲେ ଗ୍ରାମର ଚାରିପଟେ ଥିବା ଚାଷଜମିରେ ପାଣି ଜମି ହିଡ଼ ସବୁ କାଦୁଅ ପଚପଚ ହୋଇଯାଇଥାଏ। ଏହି ସମୟରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ପଢ଼ିବା ପାଇଁ ଯିବା ପାଇଁ ହଇରାଣ ହେଉଥିବା ବେଳେ ରୋଗୀ ଓ ଗର୍ଭବତୀ ମହିଳାମାନେ ଡାକ୍ତରଖାନା ଯିବା ପାଇଁ ବହୁ ସମସ୍ୟାର ସମ୍ମୁଖିନ ହୁଅନ୍ତି। ରାତି ହେଉ ବା ଦିନ ହେଉ ଡାକ୍ତରଖାନା ଯିବା ପାଇଁ ରୋଗୀମାନଙ୍କୁ ଖଟିଆରେ ମୁଣ୍ଡାଇ ମୁଖ୍ୟ ରାସ୍ତାକୁ ଯିବାକୁ ପଡିଥାଏ। ବର୍ଷା ଦିନେ ଗାଁକୁ ଆମ୍ବୁଲାନ୍ସ ନା ଚାରିଚକିଆ କି ଦୁଇଚକିଆ ଯାନ ଯାଇପାରେନାହିଁ। ବୃଦ୍ଧବୃଦ୍ଧାମାନେ ସରକାରୀ ଭତ୍ତା ପାଇଁ ପଞ୍ଚାୟତ ଅଫିସକୁ ଯିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୁଅନ୍ତି। ବର୍ଷା ଋତୁରେ ବର୍ଷା ପାଣି ଚାରି ପଟେ ଜମି ରହୁଥିବାରୁ ପାନୀୟ ଜଳ ସଂକ୍ରମିତ ହୋଇ ଗ୍ରାମରେ ଝାଡ଼ା, ବାନ୍ତି, ଜ୍ୱର ଏବଂ ଅନ୍ୟାନ୍ୟ ବହୁ ରୋଗରେ ଗ୍ରାମବାସୀ ପୀଡ଼ିତ ହୋଇଥିବାର ଦେଖିବାକୁ ମିଳିଥାଏ। ୨୦୨୩ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଗ୍ରାମବାସୀ ଭେଟି ଏକ ସ୍ଥାୟୀ ରାସ୍ତା କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କିଛି ଫଳପ୍ରଦ ହୋଇପାରିନାହିଁ। ଏହି ଗ୍ରାମର ଘନଶ୍ୟାମ ଜେନା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାହିର ଅସୁବିଧା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଜଣାଇଥିଲେ। କିନ୍ତୁ ତାହା ମଧ୍ୟ କିଛି ସୁଫଳ ମିଳିପାରିଲା ନାହିଁ। ପୁଣି ମଧ୍ୟ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଲୋକ ଜିଲ୍ଲାପାଳଙ୍କ ପାଖରେ ନିଜର ଗୁହାରି ଶୁଣାଇବାକୁ ଯାଇଥିଲେ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରେ ପ୍ରବଳ ଭିଡ଼ ହେତୁ ଦେଖାକରିପାରିନଥିଲେ। ଗ୍ରାମରୁ ମୁଖ୍ୟ ରାସ୍ତାକୁ କିପରି ଏକ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇପାରିବ ସେ ବିଷୟରେ ଗ୍ରାମର ସହଦେବ ଜେନା, ଘନଶ୍ୟାମ ଜେନା, ପ୍ରଫୁଲ୍ଲ ଜେନା, ଶ୍ୟାମସୁନ୍ଦର ଜେନା, ମହେଶ୍ୱର ମଳିକ, ବିଜୟ ମଳିକ, ଗୀତା ଜେନା, ମାତାଜୀ ଜେନା ପ୍ରମୁଖ ଦାବି ଜଣାଇଛନ୍ତି।

## ବ୍ୟାଙ୍କ୍ ଖାତାକୁ ଯାଉନି ଭତ୍ତା ଟଙ୍କା

# ୩ ମାସ ହେବ ଲୋକେ ହନ୍ତସନ୍ତ

ଦଶରଥପୁର, ୯।୬(ସମିସ): ୩ମାସ ମାସ ହେବ ଦଶରଥପୁର ବ୍ଲକ ଅଧୀନରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆସୁଥିବା ଭତ୍ତା ଟଙ୍କା ଆସୁନାହିଁ। ଫଳରେ ଭତ୍ତା ହିତାଧିକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଭତ୍ତା ଜମାଖାତା ଯାଞ୍ଚ ପାଇଁ ପ୍ରତିଦିନ ବ୍ୟାଙ୍କ ସମ୍ମୁଖରେ ବୃଦ୍ଧବୃଦ୍ଧାଙ୍କ ସମେତ ଦିବ୍ୟାଙ୍ଗ, ବିଧବା ମହିଳାମାନେ ଲମ୍ବା ଲାଇନ୍‌ରେ ଛିଡ଼ା ହେଉଛନ୍ତି।

ଏହି ଭତ୍ତା ଟଙ୍କାରେ କାହାର ଚୁଲି ଜଳେ ତ କାହାର କାହାର ଚା' ପାଣି ଖର୍ଚ୍ଚ କିମ୍ବା ଆଉ କିଛି ହିତାଧିକାରୀ ଔଷଧ କିଣିଥାନ୍ତି। ତେଣୁ ସେମାନେ ଗତ ୩ ମାସ ହେଲା ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସେଥିପାଇଁ ପ୍ରତିଦିନ ପଞ୍ଚାୟତ ଅଫିସ୍ ଆଗରେ ଶତାଧିକ ହିତାଧିକାରୀଙ୍କ ଭିଡ଼ ଦେଖିବାକୁ ମିଳୁଛି। ସେଣ୍ଟ୍ରାଲ ସ୍କିମ ଅଧୀନରେ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରେରଣ କରାଯାଉଥିବା ବେଳେ ଷ୍ଟେଟ ସ୍କିମରେ ହାତକୁ ହାତ ଭତ୍ତା ଟଙ୍କା ପ୍ରଦାନ କରାଯାଇଥାଏ। ବ୍ଲକର ୯୬୫୪ ଜଣ ସେଣ୍ଟ୍ରାଲ ସ୍କିମ ଭତ୍ତା ପାଇଥାନ୍ତି। ସୂଚନାଅନୁସାରେ ଯାଜପୁର ଜିଲ୍ଲାରେ ବର୍ତ୍ତମାନ ୮୩୪୩୩ ଜଣଙ୍କୁ ବ୍ୟାଙ୍କ ଦ୍ୱାରା ପାଉଥିବା ଭତ୍ତା ହିତାଧିକାରୀଙ୍କୁ ଅଢେଇ ମାସ ହେବ ମିଳିନାହିଁ। ଯାହାକି ସମସ୍ତଙ୍କୁ ଚିନ୍ତାରେ ପକାଇଛି। ପୂର୍ବ ସରକାର ସମୟରେ ଏହି ଭତ୍ତା ଟଙ୍କା ୧୦ରୁ ୧୫ ତାରିଖ ମଧ୍ୟରେ ମିଳୁଥିବା ବେଳେ ତାହା ଏବେ ୨୫ରୁ ୩୦ ତାରିଖରେ ପହଞ୍ଚିଲାଣି। ସେହିପରି ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ମାସେ ଯାଇ ଦୁଇ ମାସ ପୂରିବାକୁ ବସିଲାଣି ହେଲେ ହିତାଧିକାରୀ ପଞ୍ଚାୟତ, ପଞ୍ଚାୟତରୁ ବ୍ଲକ ଏବଂ ପରିଶେଷରେ ବ୍ଲକରୁ ବ୍ୟାଙ୍କ ଯାଏଁ ହିତାଧିକାରୀ ଦୌଡ଼ି ଦୌଡ଼ି ନୟାନ୍ତ ହେଇ ଗଲେଣି। ପ୍ରଥମତଃ ପ୍ରାୟ ଦେଢ଼ ବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ଭତ୍ତା ହିତାଧିକାରୀ ମାନେ ଠିକ୍ ସମୟରେ ବ୍ୟାଙ୍କ ଆକାଉଣ୍ଟରେ ପାଉନାହାନ୍ତି। ଦ୍ୱିତୀୟତଃ ମଧୁବାବୁ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଆଦି ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ଆବେଦନ କରିବା ପରେ ମଧ୍ୟ ଆଜିକୁ ଦୁଇବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଏହାଦ୍ୱାରା ବହୁ ଗରିବ ଯୋଗ୍ୟ ହିତାଧିକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଦଶରଥପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱାଧୀନା କ୍ରିଷ୍ଟାବାଳାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଡିବିଟି ଫେଲ୍ ହେଇଯିବାରୁ ଟଙ୍କା ଆସିପାରିନାହିଁ। ୩ ମାସର ଟଙ୍କା ଏକାଥରକେ ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିବ। ତତ୍‌ସହିତ ସମୟ କ୍ରମେ ଆସୁଥିବା ଟାର୍ଗେଟ ମୁତାବକ ଆବେଦନ କରି ରହିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଭତ୍ତା ଯୋଗାଇ ଦିଆଯାଉଛି। ଉଭୟ ସମସ୍ୟାର ସମାଧାନ ଦିଗରେ ବିଡ଼ିଓ ଆକାଶ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ ଖୁବଶୀଘ୍ର ଏହି ସମସ୍ୟାରେ ସମାଧାନ ହୋଇଯିବା ନେଇ ପ୍ରତିକ୍ରିୟା ଦେଇଛନ୍ତି।

# ସମଗ୍ର ଶିକ୍ଷା ଯୋଜନା ସମ୍ପର୍କିତ ଜନଶୁଣାଣି



ବନ୍ତ/ଆଗରପଡ଼ା, ୯।୬(ସମିସ): ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ବନ୍ତ ଶିକ୍ଷାମଣ୍ଡଳ ଓ ଓଏସଏସଏଏଟି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ସମଗ୍ର ଶିକ୍ଷା ଯୋଜନା ସମ୍ପର୍କିତ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଅଭିଯୋଗ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ବ୍ଲକ ସାମାଜିକ ସମୀକ୍ଷକ ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସମୀକ୍ଷକ ସତ୍ୟଜିତ ପୃଷ୍ଟି ସମେତ ବନ୍ତ ବ୍ଲକ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଏସଏସଜି ଗ୍ରୁପ, ଅଭିଭାବକ, କମିଟି କର୍ମକର୍ତ୍ତା ଯୋଗଦେଇ ଶୌଚାଳୟ, ଶ୍ରେଣୀ ଗୃହ ଅଭାବ, ଶିକ୍ଷକ ଅଭାବ, ରୋଷେଇ ଘର, ଜଳ ସମସ୍ୟା, ବଗିଚା, ଷ୍ଟାଇପେଣ୍ଡ, ମିଡ୍ ଡେ ମିଲ୍‌ରେ ପିଲାଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ,ପାଣି ସମସ୍ୟା ସମେତ ବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇବା ସହିତ କିପରି ସମାଧାନ ହୋଇପାରିବ ଏହି ଜନଶୁଣାଣି ଅଭିଯୋଗରେ ଆଲୋଚନା କରାଯାଇଥିଲା। ୧୮ ଟି ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ୩୨ ଗୋଟି ବିଦ୍ୟାଳୟ ଏହି ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ। ଶିଆଳିଆ ନୋଡାଲ ହାଇସ୍କୁଲ, ସରକାରୀ ଆନନ୍ଦରାମ ପାଟୋଡିଆ ହାଇସ୍କୁଲ, କେସିଡିଏମ୍ ସ୍କୁଲ ଆଗରପଡା, ସତ୍ୟନାରାୟଣ ନୋଡାଲ ସ୍କୁଲ, ଯୁଧିଷ୍ଠିର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାଣ୍ଡବା ନୋଡାଲ ୟୁପି ସ୍କୁଲ୍‌କୁ ସ୍ୱଚ୍ଛତା, ସୁରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ୩୨ ଗୋଟି ବିଦ୍ୟାଳୟ ମଧ୍ୟରୁ ଏହି ୬ ଗୋଟି ବିଦ୍ୟାଳୟ ଆଗରେ ଥିବାରୁ ଶ୍ରେଷ୍ଠ ବିବେଚିତ କରାଯାଇ ସମୀକ୍ଷା ତରଫରୁ ପୁରସ୍କାର କରାଗଲା। ଅଶୋକ କୁମାର ଦାସ, ଗିରିଜା ଶଙ୍କର ଲେଙ୍କା, ଉତ୍ତମ ଦାସ, ନିରଞ୍ଜନ ଖିଲାର, ରାଜେନ୍ଦ୍ର ପାତ୍ର, ପରମେଶ୍ୱର ପୃଷ୍ଟି, ପ୍ରଫୁଲ୍ଲ କୁମାର ଦାସ, ସନ୍ତୋଷ କୁମାର ମଲ୍ଲିକ, ଶୁଭ୍ରପ୍ରକାଶ ରାଉଳ, ସୁଧାଂଶୁ ଶେଖର ଦାସ, ଗୌତମ ଭୂୟାଁ, ପ୍ରଫୁଲ୍ଲ ସାହୁ, ଅକ୍ଷୟ ସାହୁ, ଜଗନ୍ନାଥ ଖୁଣ୍ଟିଆ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମନୋରଞ୍ଜନ ସାରସ୍ୱତ ସମ୍ମାନରେ ସମ୍ମାନିତ




ବନ୍ତ/ଆଗରପଡ଼ା, ୯।୬(ସମିସ): ଗୁରୁବାର ଦିନ ଭୁବନେଶ୍ୱର ସ୍ଥିତ ଗୀତ ଗୋବିନ୍ଦ ଭବନ ଠାରେ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ ୨୦୨୬, ଜାତୀୟ କବି ଓ ଲେଖକ ସାମୂଖ୍ୟ ସଂଗଠନ ଦ୍ୱାରା ଅନୁଷ୍ଠିତ ହୋଇ ଯାଇଛି। ସଂଗଠନ ପ୍ରତିଷ୍ଠାତା ଓ ସମ୍ପାଦକ ଦୀନବନ୍ଧୁ ବେଜ କାର୍ଯ୍ୟକ୍ରମଟିର ସୁପରିଚାଳନା କରିଥିଲେ। ପ୍ରଥମ ଅଧିବେଶନରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କବି ଓ କବୟିତ୍ରୀ ମାନଙ୍କ ଦ୍ୱାରା କବିତା ପାଠୋତ୍ସବ କାର୍ଯ୍ୟକ୍ରମକୁ ସଭାପତି ଶ୍ରୀଯୁକ୍ତ କରୁଣାକର ବାରିକ, ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବିଜୟ ଯେନା ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦ୍ୱାରା ସମ୍ପାଦିତ ହୋଇ ଥିଲା।ଦ୍ୱିତୀୟ ଅଧିବେଶନରେ ନୃତ୍ୟ ପରିବେଷଣ ସହିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇ ଥିଲା। ସଭାପତି ଝଂଙ୍କେଶ୍ୱର ପଣ୍ଡା (ବିଶିଷ୍ଟ କବି), ମୁଖ୍ୟବକ୍ତା ବିଜୟ ଦାସ (ନାଟ୍ୟକାର ଓ ଚଳଚିତ୍ର ନିର୍ଦ୍ଦେଶକ), ସମ୍ମାନିତ ଅତିଥି ତକ୍ଷକ ନାୟକ (ବିଶିଷ୍ଟ କବି ଓ ପ୍ରଶାସକ) ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସି ଥିବା କବି ଓ କବୟିତ୍ରୀ ମାନଙ୍କୁ ବିଭିନ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରା ଯାଇ ଥିବା ବେଳେ, ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ରାମକୃଷ୍ଣପୁର ଗ୍ରାମର ସୁ ଲେଖକ ଓ କବି ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତିଙ୍କୁ ଜାତୀୟ କବି ସାରସ୍ୱତ ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଥିଲା। ହୋମିଓପାଥିକରେ ରୋଗୀ ସେବା ସହିତ, ପ୍ରାୟତଃ କୋଡିଏରୁ ଊର୍ଦ୍ଧ୍ୱ ସାହିତ୍ୟ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇ ମନୋରଞ୍ଜନ ସ୍ଥାନୀୟ ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଜଣାପଡ଼ିଛି।

# କୃଷିବୀମାରୁ ବଞ୍ଚିତ ଚାଷୀଙ୍କ ଗଣଧାରଣା ୨ୟ ଦିନରେ

ଭଦ୍ରକ, ୯।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଯଶୀପୁର ସେବା ସମବାୟ ସମିତିରେ କୃଷିବୀମାରୁ ବଞ୍ଚିତ ଚାଷୀଙ୍କ ଗଣଧାରଣା ୨ୟ ଦିନରେ। ସମବାୟ ସମିତି ଫାଟକରେ ତାଲା ପକାଇ ଧାରଣାରେ ବସିରହିଛନ୍ତି। ସୂଚନା ମୁତାବକ ୨୦୧୯ ମସିହା ଖରିଫ ଋତୁରେ ଉକ୍ତ ସମବାୟ ସମିତି ଅଧିନ ଯଶୀପୁର ପଞ୍ଚାୟତର ବୁଲବୁଲ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କୃଷିବୀମା ବାବଦକୁ ୫୩.୫୭% ବୀମା ରାଶି ମିଳିବାକୁ ଘୋଷଣା କରାଯାଇଥିଲା। ମାତ୍ର ସମବାୟ ସମିତିର ସମ୍ପାଦକ ବଳସାହି ଗ୍ରାମର ୨୫ଜଣ ଚାଷୀଙ୍କ ନାମ ଭୁଲ କ୍ରମେ ଅନ୍ୟ ଏକ ପଞ୍ଚାୟତର ବୋଲି ବୀମା ପୋର୍ଟାଲରେ ଚଢାଇ ଦେଲେ। ଠିକ ସେହି ବର୍ଷ ବୁଲବୁଲ ବାତ୍ୟାରେ ଫସଲ କ୍ଷତି ହେଲା। ବୀମା କମ୍ପାନୀ କୃଷକ ମାନଙ୍କ କ୍ଷତି ପୂରଣ ବିମାରାଶି ପ୍ରଦାନ କଲେ। ଯଶୀପୁର ପଞ୍ଚାୟତର ସମସ୍ତ ଚାଷୀଙ୍କୁ ୫୩.୫୭% ବିମାରାଶି ମିଳିଥିବା ବେଳେ ବଳସାହି ଗ୍ରାମର ୨୫ ଜଣ ଚାଷୀଙ୍କ ନାମ ଅନ୍ୟ ପଞ୍ଚାୟତରେ ଥିବାରୁ ସେମାନଙ୍କୁ ମାତ୍ର ୨୨.୭% ବିମାରାଶି ମିଳିଲା। ସମ୍ପାଦକଙ୍କ ଦାଇତ୍ୱ ହୀନତା ପାଇଁ ୨୫ ଜଣ ଚାଷୀ ଆହୁରି ଅବଶିଷ୍ଟ ବିମାରାଶି ଟଙ୍କା ପାଇବାରୁ ବଞ୍ଚିତ ହେଲେ। ଯାହାକୁ ନେଇ ଚାଷୀମାନେ ଉଚ୍ଚନ୍ୟାୟଳୟର ଦ୍ୱାରସ୍ଥ ହେଲେ। ଉଚ୍ଚନ୍ୟାୟଳୟ ଉକ୍ତ ଭୂଲର ତର୍ଜମା କରି ଚାଷୀଙ୍କୁ ତାଙ୍କର ପ୍ରାପ୍ୟ ଦେବାକୁ ଭଦ୍ରକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଉକ୍ତ ଘଟଣାର ତର୍ଜମା କରି ଚାଷୀଙ୍କୁ ସେମାନଙ୍କର ପ୍ରାପ୍ୟ ଦେବାକୁ ସମବାୟ ସମିତିକୁ ନିର୍ଦ୍ଦେଶ ଦେଇଥିଲେ। ତା ସହିତ ସମବାୟ ସମିତି ସମୁହର ସହକାରୀ ନିବନ୍ଧକ, ବାଲେଶ୍ୱର ଭଦ୍ରକ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ସମ୍ପାଦକ ନିଜର ତ୍ରୁଟିକୁ ଲୁଚାଇବାକୁ ଯାଇ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୋଲି ମିଛ ପ୍ରତିଶ୍ରୁତି ଦେଇ ଚାଷୀ ମାନଙ୍କୁ ଠକୀ ଚାଲିଛନ୍ତି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ସେଥିରେ ମଧ୍ୟ ସମ୍ପାଦକ ବୀମାରାଶି ସହାୟତା ଦେବାରେ ବିଫଳ ହୋଇଛନ୍ତି। ମାତ୍ର ଚାଷୀ ସେମାନଙ୍କର ପ୍ରାପ୍ୟ ଦେବାକୁ କୁଣ୍ଠାବୋଧ ହେଉଛନ୍ତି। କୋର୍ଟ କଚେରି ପ୍ରଶାସନିକ ଅଧିକାରୀ ସମସ୍ତଙ୍କ ପାଖରେ ଗୁହାରି କରିବା ପରେ କିଛି ସୁଫଳ ନ ମିଳିବାରୁ ଶେଷରେ ୨୫ରୁ ଊର୍ଦ୍ଧ୍ୱ ଚାଷୀ ଏକାଠି ହୋଇ ସମବାୟ ସମିତି ଫାଟକରେ ତାଲା ପକାଇ ଧାରଣାରେ ବସି ରହିଛନ୍ତି। ଯେ ପର୍ଯ୍ୟନ୍ତ ସେମାନଙ୍କର ପ୍ରାପ୍ୟ ନ ମିଳିଛି ସେମାନେ ଧାରଣାରୁ ହଟିବେନି ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଏ ଆର ସି ଏସ ପ୍ରାଚୀତା ଜେନା ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନାହିଁ। ଏପଟେ ସମବାୟ ସମ୍ପାଦକ ଚାଷୀ ମାନଙ୍କ ପାଖରେ କୈଣସି କାଗଜପତ୍ର ଦେଖାଇ ପାରୁନାହାଁନ୍ତି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି।

# ଧର୍ମପରାୟଣ ବ୍ୟକ୍ତିଙ୍କ ସ୍ମୃତିଚାରଣ

ସିଂହପୁର, ୯।୬(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଣଛନ୍ଦା ଗ୍ରାମର ଧର୍ମ ପରାୟଣ ବ୍ୟକ୍ତି ଅଗଣି ରାଉଳଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ଗୁରୁଙ୍କ ସଭାପତିତ୍ୱରେ ଏଥିରେ ପ୍ରାକ୍ତନ ପ୍ରଧାପକ ପଦ୍ମଚରଣ ଧଳ, ଅଶୋକ କୁମାର ଧଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ମେଘନାଦ ମହାଳିକ, ନିରଞ୍ଜନ ଦାସ, ପୂର୍ବତନ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ଚନ୍ଦ୍ରମଣି ନାୟକ, ଧନେଶ୍ୱର ଦାସ, ଉଦୟ ନାଥ ବେହେରା, ଶରତ ଚନ୍ଦ୍ର ରାଉଳ, ପର୍ଶୁରାମ ଦାସ, ବଂଶୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ ଚନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

# ଗାଡ଼ି ଯାଞ୍ଚ: ୯୯ ହଜାର ଟଙ୍କା ଜରିମାନା



ଭଦ୍ରକ, ୯।୬(ସମିସ): ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ପାଳନକୁ କଡ଼ାକଡ଼ି କରିବା ଲକ୍ଷ୍ୟରେ ଭଦ୍ରକ ଆରଟିଓ ପକ୍ଷରୁ ସୋମବାର ମଙ୍ଗଳପୁର-ଅସୁରାଳି ଛକ ନିକଟରେ ସ୍ୱତନ୍ତ୍ର ଗାଡ଼ି ଯାଞ୍ଚ ଅଭିଯାନ କରାଯାଇଥିଲା। ଏହି ଯାଞ୍ଚରେ ଯାନବାହନର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ, ବୀମା, ପ୍ରଦୂଷଣ ପ୍ରମାଣପତ୍ର ଓ ଅନ୍ୟାନ୍ୟ ନିୟମାବଳୀ ଯାଞ୍ଚ କରାଯାଇଥିଲା।ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ ଏମ୍‌ଭିଆଇ ପ୍ରିୟଙ୍କା ପ୍ରଧାନ। ତାଙ୍କ ସହ ଏଏସ୍‌ଆଇ ସମସୁନ୍ଦର ନାୟକ, କନେଷ୍ଟବଳ ବିଶ୍ୱନାଥ ବେହେରା ଏବଂ କନେଷ୍ଟବଳ ରଞ୍ଜିତ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।ଯାଞ୍ଚ ବେଳେ ବିଭିନ୍ନ ନିୟମ ଉଲ୍ଲଙ୍ଘନ କରିଥିବା ୧୬ଟି ଗାଡ଼ିକୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ବିରୋଧରେ ମୋଟ ୯୯ହଜାର ଟଙ୍କାର ଜରିମାନା କରାଯାଇଛି କରାଯାଇଛି। ସଡ଼କ ଦୁର୍ଘଟଣା ରୋକିବା ଓ ଯାନ ଚାଳକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଆଗାମୀ ଦିନରେ ମଧ୍ୟ ଏଭଳି ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଓଡ଼ିଶା ପରିବହନ ବିଭାଗ ନିୟମିତ ଭାବେ ଯାନ ଯାଞ୍ଚ ଓ ଇ-ଚାଲାଣ କାର୍ଯ୍ୟକ୍ରମ ଚାଲୁ ରଖିଛି।

# ରଗଡ଼ି ଛକରୁ ୫୦ ଷ୍ଟ୍ରିଟ୍‌ଲାଇଟ ଗାଏବ



ରଗଡ଼ି, ୯।୬(ସମିସ): ଖୁଣ୍ଟ ଅଛି; ହେଲେ ଲାଇଟ ନାହିଁ। କେବଳ ଲାଇଟ ଲାଗିଥିବାର ସୂଚନା ଦେଇ ଖୁଣ୍ଟ ସବୁ ଠିଆ ହୋଇଛି। ୫ ବର୍ଷରେ ୫୦ ଷ୍ଟ୍ରିଟ୍‌ଲାଇଟ ଗାଏବ। ଏଥିପ୍ରତି ପୁଲିସ କି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ କିଛି ବି ନିଘା ନାହିଁ। କୋରେଇ ଥାନା ୨୦ନଂ ଜାତୀୟ ରାଜପଥ ରଗଡ଼ି ଛକ ସରକାରୀ ପଲିଟେକନିକ କଲେଜ ନିକଟରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଲାଗିଥିବା ସମସ୍ତ ୩୦ଟି ଯାକ ଷ୍ଟ୍ରିଟ୍‌ଲାଇଟ ଏବେ ଉଭାନ। ଯାହା ଫଳରେ ସନ୍ଧ୍ୟା ହେଲେ ସମ୍ପୂର୍ଣ୍ଣ ଅଞ୍ଚଳ ଏବେ ଅନ୍ଧାରରେ। ପାଞ୍ଚ ବର୍ଷ ତଳେ ଲାଗିଥିବା ୨୫ଟି ଲାଇଟ୍ ଚୋରି ହୋଇଯିବା ପରେ ଦୀର୍ଘ ଦିନ ବ୍ୟବଧାନ ପରେ ବର୍ଷକ ତଳେ ପୁନର୍ବାର ଲାଇଟ ଲାଗିବାର ବ୍ୟବସ୍ଥା କରାଯାଇଥିଲା। ବର୍ଷକ ଭିତରେ ଗୋଟିଏ ପରେ ଗୋଟିଏ କରି ସମସ୍ତ ଲାଇଟ ଚୋରି ହୋଇ ଯାଇଛି। ଉକ୍ତ ସ୍ଥାନ ନିଛାଟିଆ ଥିବା, ଭାରୀଯାନ ରହଣି ସ୍ଥାନ (ଲେ ବେ) ଓ ପଥଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏଠାରେ ଲାଇଟର ବ୍ୟବସ୍ଥା କରାଯାଇଥିଲା। ଏଠାରେ କେନ୍ଦୁଝରରୁ ଲୁହାପଥର ଗୁଣ୍ଡ ନେଇ ଆସୁଥିବା ଟ୍ରକ୍ ଗୁଡିକ ଦିନରାତି ଠିଆ ହୋଇ ରହୁଥିବା ବେଳେ ଏହାର କର୍ମଚାରୀ ବିଶ୍ରାମ ନେବା ସହିତ ରୋଷେଇ ମଧ୍ୟ କରିଥାନ୍ତି। ଏନ୍‌ଏଚ୍‌ର ପାଟ୍ରୋଲିଂ ଗାଡି ମଧ୍ୟ ଦିନରାତି ଯାତାୟାତ କରୁଛ। କୋରେଇ ପୁଲିସ ପାଟ୍ରୋଲିଂ ଗାଡି ମଧ୍ୟ ରାତିରେ ପଇଁତରା ମାରୁଛି। ଖୁଣ୍ଟରେ ଚଢ଼ି ଲାଇଟ ଚୋରି କରିବା ସମୟ ସାପେକ୍ଷ ହୋଇଥିବା ବେଳେ କିଭଳି ଭାବେ ଚୋର ଏଥିରେ ସକ୍ଷମ ହେଉଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଏନ୍‌ଏଚଏଆଇ ଅଧିକାରୀଙ୍କ ପାଖରେ କୌଣସି ଖବର ମଧ୍ୟ ରହୁନାହିଁ। ସ୍ଥାନୀୟ ଲୋକଙ୍କ ଠାରୁ ଅଭିଯୋଗ ପାଇବା ପରେ ସେମାନେ ଏହାର ତଦନ୍ତ କରୁଛନ୍ତି। ଫଳ କିନ୍ତୁ ଶୂନ। ପାଞ୍ଚ ବର୍ଷ ମଧ୍ୟରେ ୫୦ଟି ଲାଇଟ୍ ଚୋରି ହୋଇ ଯାଇଥିଲେ ମଧ୍ୟ ଗୋଟିଏ ହେଲେ ଲାଇଟଠାବ କରାଯାଇପାରିନାହିଁ। ଏନ୍‌ଏଚ୍‌ଏଇ ପକ୍ଷରୁ ପୁଲିସ ନିକଟରେ ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ଚୋର ଧରିବାରେ କି ଚୋରି ଲାଇଟ ଠାବ କରିବାରେ ପୁଲିସ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉ ନଥିବା ଅଭିଯୋଗ ହୋଇଛି।

## ମାଫିଆଙ୍କୁ ମିଳୁଛି ଅଜ୍ଞାତ ସୁରକ୍ଷା

# ଲୁଟ୍ ଚାଲୁଛି ଲଘୁ ଖଣିଜ

କୋରେଇ, ୯।୬(ସମିସ): କୋରେଇ ଅଞ୍ଚଳରେ ବିଭିନ୍ନ ବାଲି, ମୋରମ ଖାଦାନକୁ ମାଫିଆମାନେ ନିଜ କବଜାକୁ ନେଇ ମନଇଚ୍ଛା ଲୁଟ୍ କରୁଥିବା ଦେଖିବାକୁ ମିଳୁଛି। ଗାଁ ଗାଁରେ ବାଲି ବୋଝେଇ ଗାଡି ଯାତାୟାତ ଫଳରେ ରାସ୍ତା ଘାଟ ନଷ୍ଟ ହେବାକୁ ବସିଲାଣି। ଏଭଳି ବେଆଇନ ଚୋରାଚାଲାଣ ସଂପର୍କରେ ଅଭିଯୋଗ କଲେ ମାଫିଆ ମାନେ ନାନା ଧମକ ଚମକ ଦେଉଛନ୍ତି। ଲଘୁ ଖଣିଜ ବିଭାଗ ପକ୍ଷରୁ ଠିକଣା ଚଢ଼ଉ କରାଯାଉନଥିବାରୁ ମାଫିଆମାନେ ଦିନକୁ ଦିନ ସକ୍ରିୟ ହେବାରେ ଲାଗିଛନ୍ତି। ଏହି ମାଫିଆମାନଙ୍କ ପଛରେ ହେଲେ ଏହାର କୌଣସି ପ୍ରଭାବ ମାଫିଆଙ୍କ ଉପରେ ପଡ଼ିବା ପରି ମନେ ହେଉନାହିଁ। ବୈତରଣୀ ନଦୀରୁ ଖୁଲାମଖୁଲା ଦିନରାତି ବାଲି ଲୁଟ ହେବାରେ ଲାଗିଛି। ଏହାବ୍ୟତୀତ ଏକାଧିକ ସ୍ଥାନରେ ମୋରମ ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ଏପରି ଏକ ଘଟଣା କୋରେଇ ବ୍ଲକ ବ୍ୟାସନଗର ତହସିଲ ପଛିକୋଟ ପଞ୍ଚାୟତ ମଞ୍ଜୁରୀ ମୌଜାରେ ଦେଖିବାକୁ ମିଳିଥିଲା। ଏଠାରେ ଥିବା ଜଙ୍ଗଲ କିସମ ଜମିରୁ ବେଆଇନ ମୋରମ ଉତ୍ତୋଳନ ହେଉଥିବା ଖବର ପାଇ ଯାଜପୁର ରୋଡ ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶରେ ସୋମବାର ସନ୍ଧ୍ୟାରେ



ପ୍ରଭାବଶାଳୀଙ୍କ ହାତ ଥିବାରୁ ଏଭଳି ବେଆଇନ ବାଲି ଓ ମୋରମ ଭଳି ଲଘୁ ଖଣିଜ ଚାଲାଣ ହେଉଥିବା ଚର୍ଚ୍ଚା ହେଉଛି। ମାଫିଆ ମାନେ କେବଳ ସାଧାରଣ ଲୋକଙ୍କୁ ନାଲି ଆଖି ଦେଖାଉଛନ୍ତି ତା' ନୁହେଁ ବରଂ ସରକାରୀ ଅଧିକାରୀଙ୍କୁ ଆକ୍ରମଣ ଏପରିକି ହତ୍ୟା ଉଦ୍ୟମ କରିଥିବା ଦେଖିବାକୁ ମିଳୁଛି। କିଛି ଦିନ ତଳେ ବେଆଇନ ମାଟି ପରିବହନକୁ ବନ୍ଦ କରିବାକୁ ଯାଇ ବ୍ୟାସନଗର ତହସିଲଦାରଙ୍କ ଉପରେ ଗାଡ଼ି ଚଢ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ ମାଫିଆ। ଏହି ଘଟଣା ପରେ ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ବନ ସୁରକ୍ଷା କର୍ମୀ ପହଞ୍ଚି ଏହାକୁ ରୋକିବାକୁ ଉଦ୍ୟମ କରିବା ବେଳେ ମୋରମ ମାଫିଆ ଗୁଣ୍ଡାଙ୍କ ଆକ୍ରମଣର ଶିକାର ହୋଇଥିଲେ। ବନବିଭାଗ ଏହାକୁ ଗୁରୁତର ସହ ନେଇ କୋରାଇ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରାଯାଇଥିଲା। ସୋମବାର ସକାଳେ ବନ ବିଭାଗ ଓ କୋରାଇ ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ଏକ ପ୍ରୋକଲିନକୁ ଜବତ କରାଯାଇଛି। ବନ ବିଭାଗ ଅଧିକାରୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ସତ; କିନ୍ତୁ ସେହି ମାଫିଆଙ୍କୁ ଏଭଳି ଆକ୍ରମଣ କରିବାକୁ କିଏ ବଳ ଦେଉଛି ତାକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ହେଉଛି।

## ବେଆଇନ ବାଲିଘାଟରେ ଚଢ଼ଉ

# ପ୍ରୋକଲିନ୍ ସହ ୨ ଟ୍ରାକ୍ଟର ଜବତ

ଦୋବଲ, ୯।୬(ସମିସ)

ଧାମନଗର ତହସିଲ ଅଞ୍ଚଳରେ ଦୀର୍ଘ ଦିନ ହେବ ଚାଲିଆସିଥିବା ବେଆଇନ ବାଲି ଓ ମାଟି ଲୁଟ୍ ଉପରେ ପ୍ରଶାସନ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆନନ୍ଦପୁର ପଞ୍ଚାୟତର ଉତେଇପୁର ଗାଁ ମଲ୍ଲିମାହାରା

## ନଦୀ ମଝିରୁ କୁଦ ତାଡ଼ି ମାଟି ଚାଲାଣ ହେଉଥିଲା

ଓ ମାନଲାପୁର କଚେରୀ ବାଡ଼ି ନିକଟସ୍ଥ ବୈତରଣୀ ନଦୀ ଗର୍ଭରୁ ଚୋରାରେ ବାଲି ଉତୋଳନ ହେଉଥିବା ଖବର ପାଇ ଭଦ୍ରକ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ ଆଜି ଏକ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରିଛନ୍ତି। ଏହି ଚଢ଼ଉ ସମୟରେ ବେଆଇନ ଖନନରେ ନିୟୋଜିତ ୨ଟି ଟ୍ରାକ୍ଟର ଏବଂ ଗୋଟିଏ ପ୍ରୋକଲିନ୍ ମେସିନ ଜବତ କରାଯାଇଛି। ଜବତ ଟ୍ରାକ୍ଟର ଦ୍ୱୟକୁ କନିଷ୍ଠ



ଖଣି ଅଧିକାରୀ ଥାନାରେ ଜିମା ଦେଇଥିବା ବେଳେ ପୂର୍ବରୁ ମଧ୍ୟ ଗଛିତ ବାଲି ଉପରେ ପ୍ରଶାସନ ଫାଇନ୍ କାଟିଥିଲା।ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଉତେଇପୁର ୧ ଓ ୨ ବାଲିଘାଟର ନିଲାମ ଅବଧି ୨୦୨୨ରୁ ସରିଥିଲେ ବି ସଂପୃକ୍ତ ନିଲାମଧାରୀ ପୋଲିସ ଓ ତହସିଲର କେତେକ ଅସାଧୁ କର୍ମଚାରୀଙ୍କ ସହ ସୁସଂପର୍କ ରଖି ବେଆଇନ କାର୍ଯ୍ୟ ଜାରି ରଖିଛନ୍ତି। ଏନେଇ କୋର୍ଟ ଓ ଜାତୀୟ ସବୁଜ ପ୍ରାଧିକରଣରେ ମାମଲା ବିଚାରାଧୀନ ଥିଲେ ସୁଦ୍ଧା ମାଫିଆଙ୍କ ଦୌରାତ୍ମ୍ୟ କମିନାହିଁ।କେବଳ ବାଲି ନୁହେଁ, ସଂପୃକ୍ତ ବ୍ୟକ୍ତିଜଣକ ବୈତରଣୀ ନଦୀ ମଝିରେ ଥିବା ପ୍ରାୟ ୨୦ ଏକର ଜମିର ଏକ ବିରାଟ କୁଦକୁ ନିଜ ପ୍ରୋକଲିନ୍ ସାହାଯ୍ୟରେ ରାତି ଅଧରେ ତାଡ଼ି ମାଟି ଓ ବାଲିଆ ମାଟି ବିକ୍ରି କରିଦେଇଛନ୍ତି। ଗତ ମାସେ ହେଲା ଦୈନିକ ୧୫ରୁ ୨୦ ବଡ଼ ବଡ଼ ହାଇୱା ଗାଡ଼ିରେ ଏହି ମାଟି ଚୋରା ଚାଲାଣ ହେଉଥିଲା। ଆଜିର ଏହି ପ୍ରଶାସନିକ ଚଢ଼ଉ ପରେ ସ୍ଥାନୀୟ ବାଲି ମାଫିଆଙ୍କ ମହଲରେ ଛନକା ପଶିଥିବା ବେଳେ ନଦୀ ଓ ପରିବେଶର ସୁରକ୍ଷା ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ନିୟମିତ ଜାରି ରଖିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

# ବର୍ଷକୁ ହଜାରେ ଟଙ୍କାର ବୀମା କରି ୨୦ ଲକ୍ଷ ପାଇଲେ





ଭଦ୍ରକ, ୯ ।୬(ସମିସ): ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ବାର୍ଷିକ ୧ ହଜାର ଟଙ୍କାର ଏକ ବ୍ୟକ୍ତିଗତ ଦୁର୍ଘଟଣା ବୀମା କରି ପାଇଲେ ୨୦ ଲକ୍ଷ ଟଙ୍କା । ସୂଚନାଯୋଗ୍ୟ, ଭଦ୍ରକ ବାସୁଦେବପୁର ବ୍ଲକ ମନ୍ଦାରି ଅଞ୍ଚଳର ଜଳନ୍ଧର ଭୋଇଙ୍କ ପୁଅ କୃତିବାସ ଭୋଇ (୫୩) ଗତ ୨୨.୭.୨୪ ତାରିରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ବ୍ୟକ୍ତିଗତ ଦୁର୍ଘଟଣା ବୀମା(ପର୍ଶନାଲ ଏକ୍ସିଡେଟାଂଲ ଇନସୁରାନ୍ସ)କରିଥିଲେ । କୃତିବାସ ମାତ୍ର ଗୋଟିଏ ପ୍ରିମିୟମ ରାଶି ଦେଇଛନ୍ତି । ଗତ ୧୯.୬.୨୫ ତାରିଖରେ ମର୍ଣ୍ଣିଂ ୱାକ ପାଇଁ ବାହାରିଥିଲା ବେଳେ ହଠାତ୍ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ସଙ୍ଗେ ସଙ୍ଗେ ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ପରେ ତାଙ୍କ ସ୍ଥିତି ଭଲ ନହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତି କରିଥିଲେ । ସେଠାରେ ଚିକିତ୍ସା ବାବଦକୁ ପ୍ରାୟ ୪ ଲକ୍ଷ ଟଙ୍କା ବ୍ୟାଙ୍କ୍ ଖର୍ଚ୍ଚ କଲାପରେ ଗତ ୨୭.୬.୨୫ରେ ତାଙ୍କର ମୃତ୍ୟୁ ହୋଇଥିଲା । ସମସ୍ତ ପ୍ରକାର ଯାଞ୍ଚ କରିବା ପରେ ଗତ ୬ତାରିଖ ଭଦ୍ରକ ନୂଆବଜାର ଶାଖାରେ ମୃତ କୃତିବାସଙ୍କ ନୋମିନୀ ତଥା ତାଙ୍କ ପତ୍ନୀଙ୍କୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲେଶ୍ୱର ଜୋନାଲ ମ୍ୟାନେଜର ମଧୁସୂଦନ ରଥ, ନୂଆବଜାର ଶାଖା ମ୍ୟାନେଜର ନିଗମାନନ୍ଦ ନାୟକ, ଫିଲ୍ଡ ଅଫିସର ସଂଘମିତ୍ରା ଆଚାର୍ଯ୍ୟ, ମାନସ ରଞ୍ଜନ ସାହୁ, ଦିପଞ୍ଜଳି ବିନ୍ଧାଣୀ, ତୃଷ୍ଣାରାଣୀ ନାୟକ, ସିଦ୍ଧାର୍ଥ ନାୟକ, ସତ୍ୟଜିତ୍ ମଲ୍ଲିକଙ୍କ ସହ ଶାଖାର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ୨୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଗଲା ।

**ବାବା ଆଖଣ୍ଡଳମଣି ମନ୍ଦିର**

# ଉଚ୍ଛେଦ ବେଳେ ଦୋହଲୁଛି ମୁଖ୍ୟ ମନ୍ଦିର

ଭଦ୍ରକ/ଆରଡ଼ି, ୯ ।୬(ସମିସ)





ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା ମାର୍ଗ ପାଇଁ ପ୍ରଶାସନ ପକ୍ଷରୁ ବିସ୍ଥାପିତ ହେବାକୁ ଥିବା ସେବାୟତ ପରିବାରଙ୍କର ବାସଗୃହ ସହ ଦୋକାନ ଗୃହର ଉଚ୍ଛେଦ କାର୍ଯ୍ୟ ଗତ ମଙ୍ଗଳବାର ଠାରୁ ଜାରି ରହିଛି । ଏପରିକି ବଡ଼ବଡ଼

- ଅବଗତ ଅଛି ତ ପ୍ରତ୍ନତତ୍ତ୍ୱ ବିଭାଗ !
- ପ୍ରବେଶ ଦ୍ୱାର ପାଚେରି ଓ ପୁଷ୍କରିଣୀ ସୁରକ୍ଷା ପାଚେରରେ ୧୫ ଫୁଟ ଲମ୍ବ ଫାଟ
- ଶିବଗଙ୍ଗା ପୁଷ୍କରିଣୀକୁ ଭୁଶୁଡ଼ିବା ଆଶଙ୍କା

କୋଠାଘରକୁ ଉଚ୍ଚ ସମ୍ପନ୍ନ ବୁଲଡୋଜର ଦ୍ୱାରା ଭଙ୍ଗା ଯାଉଥିବାରୁ ବାବାଙ୍କ ଶହ ଶହ ବର୍ଷର ମନ୍ଦିରର ଭିତ୍ତିଭୂମି ଦୋହଲିବା ସହ ବେଢ଼ା ପ୍ରାଚେରୀର ବଡ଼ ଫାଟ ସୃଷ୍ଟି ହୋଇଛି । ତାହାସହ ଶିବଗଙ୍ଗା ପୁଷ୍କରିଣୀ ସୁରକ୍ଷା ପ୍ରାଚେରୀର ୧୫ଫୁଟ ଲମ୍ବର ଫାଟ ସୃଷ୍ଟି ହୋଇଛି । ଏପରିକି ରାଜ୍ୟ ପ୍ରତ୍ନତତ୍ୱ ବିଭାଗର ବିନା ଅନୁମୋଦନରେ ମନ୍ଦିର ଚତୁଃପାର୍ଶ୍ୱରେ ଉଚ୍ଚ ସମ୍ପନ୍ନ ବୁଲଡୋଜର ଶବ୍ଦ ପ୍ରଦୂଷଣ ସହ ୨ମହଲା ଠାରୁ ଆରମ୍ଭ କରି ୪ମହଲା କୋଠାଘରକୁ ଭଙ୍ଗା ଯାଉଥିବାରୁ ଦୁଲୁକୁଛି ମନ୍ଦିର ପ୍ରାଚେରୀ ଓ ମୁଖ୍ୟ ମନ୍ଦିର । ଏପରିକି ପ୍ରତ୍ନତତ୍ୱବିନା ଅନୁମତିରେ ମନ୍ଦିର ପରଧି ଠାରୁ ୧୦-୧୫ ଫୁଟ ବ୍ୟବଧାନରେ ଉଚ୍ଚ ସମ୍ପନ୍ନ ବୁଲଡୋଜର ଭାଙ୍ଗୁଥିବାରୁ ଶହଶହ ବର୍ଷର ବାବାଙ୍କ ମୁଖ୍ୟ ମନ୍ଦିର ସୁରକ୍ଷିତକୁ ନେଇ ସେବାୟତମାନେ ପ୍ରଶ୍ନ କରିଛନ୍ତି । ଅନ୍ୟପଟେ ଶିବଗଙ୍ଗା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ପାଇଁ ପାଣି ଶୁଖା ହୋଇଥିବାରୁ ପଶ୍ଚିମ ପାର୍ଶ୍ୱ ସୁରକ୍ଷା ପ୍ରାଚେରୀର ୧୫ଫୁଟ ଲମ୍ବର ଫାଟ ଦେଖାଦେଇଛି । ତାହାସହ ପୁଷ୍କରିଣୀକୁ ଲାଗି କରି ପ୍ରବେଶ ଦ୍ୱାର ଥିବାରୁ ବୋଲଡୋଜର ପ୍ରଭାବରେ ବଡ଼ ଫାଟ ସୃଷ୍ଟି ହେବା ସହ ପାର୍ଶ୍ୱ ଦେବୀଙ୍କ ମୂର୍ତ୍ତୀ ଭାଙ୍ଗି ଯାଇଛି । ବିଗତ ବର୍ଷରେ ପୁଷ୍କେରିଣୀର ଜଳ ଶୁଖା ଯାଇ ସୁରକ୍ଷା ପ୍ରାଚୀରୀ କାର୍ଯ୍ୟେ ଚାଲୁଥିବା ବେଳେ ଲକ୍ଷାଧିକ ଟଙ୍କାରେ ନିର୍ମିତ କଂକ୍ରିଟ ୱାଲ ଧସୀଯାଇଥିଲା । ଏବେ ମୁଖ୍ୟ ପ୍ରବେଶ ଦ୍ୱାରରେ ଫାଟ ଦେଖା ଦେବା ସହ ଚଟାଣ ଦବୁ ଥିବାରୁ ବିପଦ ଦେଖା ଦେଇଛି ।

# ବାଲ୍ୟବିବାହ ଉଚ୍ଛେଦ ଲାଗି ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୯ ।୬(ସମିସ): ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ନିମନ୍ତେ ଭଦ୍ରକ ଆସିୟାନା, (ସୋସାଇଟୀ ଫର ୱିକର କମ୍ୟୁନିଟି) ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବାଲ୍ୟବିବାହ ଆଇନଗତ ଅପରାଧ ବୋଲି ଉଲ୍ଲେଖ କରିବା ସହିତ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ଗଭୀର ଆଲୋକପାତ



କରିଥିଲେ । ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ସୁବ୍ରତ ବିଶ୍ୱାଳ ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଭାବେ ଶିଶୁ ମଙ୍ଗଳ କମିଟିର ସଦସ୍ୟ, ପ୍ରଦୀପ୍ତ କୁମାର କର, ସଦସ୍ୟ (ଶିଶୁ ବିକାଶ ସୁରକ୍ଷା ଅଧିକାରୀ), ଭଦ୍ରକ, ଉର୍ବଶୀ ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ ଏବଂ ନ୍ୟାୟ ରକ୍ଷକ, ଆସିୟାନା, ଭଦ୍ରକ, ସମ୍ପାଦିକା, ସୋଫିଆ ସେକ, ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଅଧିକାର ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ । ସମସ୍ୟା ଦେଖିଲେ କିମ୍ବା ଅନୁଭବ କଲେ (୧୦୯୮) ନିଃଶୁଳ୍କ ନମ୍ବରରେ ଅଭିଯୋଗ କରିବାକୁ ଏବଂ ନାଲସା ଦ୍ୱାରା ଜାରି ହୋଇଥିବା ୧୫୧୦୦(ଦେୟ ମୁକ୍ତ) ନମ୍ବରରେ ମାଗଣା ଆଇନ ସେବା ସମ୍ବନ୍ଧରେ ଜାଣିବା ନିମିତ ଆହ୍ୱାନ କରାଯାଇଥିଲା । ଏହି ସଚେତନ କାର୍ଯ୍ୟକ୍ରମରେ ପିଲାମାନଙ୍କ ଦ୍ୱାରା ଅଭିନୀତ ଏକ ସୁନ୍ଦର ନାଟକ ପରିବେଷଣ କରାଯାଇଥିଲା ଏବଂ ଏହିଭଳି ସଚେତନତା ଅତ୍ୟନ୍ତ ଆବଶ୍ୟକ ବୋଲି ସମସ୍ତେ ଉଲ୍ଲେଖ କରିଥିଲେ । ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । ପରିଶେଷରେ ଆସିୟାନା ସମ୍ପାଦିକା ସୋଫିଆ ସେକ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩ ବାଲି ବୋଝେଇ ଟ୍ରାକ୍ଟର ଜବତ




ବାରିକପୁର, ୯ ।୬(ସମିସ): ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ରୋଡ ଫାଣ୍ଡି ଅନ୍ତର୍ଗତ ନାଆମୀ ନିକଟରୁ ପୁଲିସ ୩ଟି ବେଆଇନ ବାଲି ଟ୍ରାକ୍ଟର ଜବ୍ତ କରିଛି । ଗାଡିଗୁଡିକ ନିକଟସ୍ଥ ବୈତରଣୀ ନଦୀରୁ ବାଲି ବୋଝେଇ କରି ମୁଖ୍ୟ ରାସ୍ତାକୁ ଆସୁଥିବା ବେଳେ ପୁଲିସ କର୍ମଚାରୀ ମାନେ ଏହାକୁ ଧରିଥିଲେ । ଏଠାରେ ସୂଚିତ ଉକ୍ତ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ନଦୀରୁ ବେଆଇନ ବାଲି ଉତୋଳନ ଓ ପରିବହନ ଜାରି ରହିଛି । ଚୋରା ଚାଲାଣ କୁ ରୋକିବା ପାଇଁ ପ୍ରଶାସନିକ ସ୍ତରରେ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରା ଯାଉନାହିଁ । ଫଳରେ ଦିନକୁ ଦିନ ବେଆଇନ ବାଲି ଚାଲାଣ ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଏଥିଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ଗୋଷ୍ଠୀ ବିବାଦ ମଧ୍ୟ ସୃଷ୍ଟି ହେଉଛି । ତେଣୁ ଏଭଳି ଚୋରା ଚାଲାଣ ଉପରେ ସମ୍ପୂର୍ଣ୍ଣ ରୋକ ଦେବାକୁ ଦୃଢ ଦାବି ହୋଇଛି ।

# ୪୫୦୦ ଗଛ କଟିଲା, ଚଉଡ଼ା ହେଲାନି ରାସ୍ତା





ସହିଦନଗର, ୯ ।୬(ସମିସ): ଭଦ୍ରକ-ଆରଡ଼ି ଛକରୁ ଆରଡ଼ି ପୀଠ ପର୍ଯ୍ୟନ୍ତ ପ୍ରାୟ ୩୬ କିଲୋମିଟର ଦୀର୍ଘ ରାସ୍ତା ଓଡ଼ିଶାର ଅନ୍ୟତମ ପ୍ରମୁଖ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ପୀଠକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ । ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସାଧାରଣ ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । ପୂର୍ବ ସରକାର ସମୟରେ ଏହି ରାସ୍ତାର ସମ୍ପ୍ରସାରଣ ପାଇଁ ପ୍ରାୟ ୪୫୦୦ ଗଛ କଟାଯାଇଥିଲା । ସେତେବେଳେ ଲୋକଙ୍କୁ କୁହାଯାଇଥିଲା ଯେ ରାସ୍ତା ଚଉଡ଼ା ହେବ, ଯାତାୟାତ ସୁବିଧା ବଢ଼ିବ ଏବଂ ଆଖଣ୍ଡଳମଣି ପୀଠକୁ ଯିବା ରାସ୍ତାର ରୂପରେଖ ବଦଳିଯିବ । ମାତ୍ର ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳୁଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଯେଉଁ ଉଦ୍ଦେଶ୍ୟରେ ହଜାର ହଜାର ଗଛ କଟାଗଲା, ସେହି ଅନୁଯାୟୀ ରାସ୍ତା ଆଜି ପର୍ଯ୍ୟନ୍ତ ଚଉଡ଼ା ହୋଇନାହିଁ । ଅନେକ ସ୍ଥାନରେ ପୂର୍ବରୁ ଯେତିକି ରାସ୍ତା ଥିଲା, ବର୍ତ୍ତମାନ ମଧ୍ୟ ପ୍ରାୟ ସେତିକି ରହିଛି । କେବଳ ରାସ୍ତାର ଦୁଇ ପାର୍ଶ୍ୱରେ ଅଳ୍ପ ପକା କାମ ଚାଲିଛି । ତାହା ପୁଣି ଅନେକ ସ୍ଥାନରେ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । କେଉଁଠି କାମ ସରିଛି ତ କେଉଁଠି ଆରମ୍ଭ ମଧ୍ୟ ହୋଇନାହିଁ । ଏଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କ ମନରେ ଏକ ବଡ଼ ପ୍ରଶ୍ନ ଉଠୁଛି, ଯଦି ରାସ୍ତା ଚଉଡ଼ା ହେଲାନାହିଁ, ତେବେ ୪୫୦୦ ଗଛ କାଟିବାର ଆବଶ୍ୟକତା କ'ଣ ଥିଲା? ପରିବେଶର କ୍ଷତି ସହି ଲୋକେ ବିକାଶର ଆଶା ରଖିଥିଲେ, କିନ୍ତୁ ସେହି ବିକାଶ ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳୁନାହିଁ । ଅନ୍ୟପଟେ ସଂକୀର୍ଣ୍ଣ ଓ ଭଙ୍ଗାରୁଜା ରାସ୍ତା ଯୋଗୁଁ ପ୍ରତିଦିନ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ପର୍ବପର୍ବାଣୀ ଓ ସୋମବାର ଭଳି ଦିନରେ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଯାତାୟାତ ସମସ୍ୟା ଭୋଗୁଛନ୍ତି । ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଜନସାଧାରଣ ରାଜ୍ୟ ସରକାର ଏବଂ ପ୍ରଶାସନଙ୍କୁ ତୁରନ୍ତ ଏହି ପ୍ରକଳ୍ପର ସମୀକ୍ଷା କରି ରାସ୍ତା ସମ୍ପ୍ରସାରଣ କାମ ସମ୍ପୂର୍ଣ୍ଣ କରିବା ସହ ଲୋକଙ୍କ ସନ୍ଦେହର ଉତ୍ତର ଦେବାକୁ ଦାବି କରିଛନ୍ତି । ଏନେଇ ଭଦ୍ରକ ରେଞ୍ଜର କାର୍ତ୍ତିକେଶ୍ୱର ଖଣ୍ଡାଇ କହିଛନ୍ତି, ଯେଉଁ ସ୍ଥାନରେ ଗଛ କଟାଯାଇଛି ସେହି ସ୍ଥାନରେ ହିଁ ଗଛ ଲଗାଯିବ ବୋଲି କୌଣସି ନିୟମ ନାହିଁ । ଅନ୍ୟ ସ୍ଥାନରେ ବୃକ୍ଷରୋପଣ କରାଯାଇଛି । ରାସ୍ତା କାମ ସମ୍ପୂର୍ଣ୍ଣ ହେବା ପରେ ଆବଶ୍ୟକ ସ୍ଥାନରେ ଗଛ ଲଗାଯିବ । ସେହିପରି ପୂର୍ତ୍ତ ବିଭାଗର ଯନ୍ତ୍ରୀ ନବଘନ ମାରାଣ୍ଡି କହିଛନ୍ତି, ପୂର୍ବରୁ କ'ଣ ହୋଇଥିଲା ସେ ସମ୍ପର୍କରେ ମୁଁ କିଛି ଜାଣିନାହିଁ । ତାହା ମୋ ସମୟର କଥା ନୁହେଁ । ଏବେ ଯେଉଁ କାମ ଚାଲିଛି ତାହା ଖୁବଶୀଘ୍ର ସମାପ୍ତ କରିବା ପାଇଁ ପ୍ରୟାସ ଚାଲିଛି । ଅସୁରାଳି ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ସାହୁ ଏହି ପ୍ରସଙ୍ଗରେ କହିଛନ୍ତି, ଯେଉଁ ପରିମାଣରେ ଗଛ କଟାଗଲା ସେହି ପରିମାଣରେ ରାସ୍ତା ଚଉଡା କାମ ହୋଇନାହିଁ । ଏଥିପାଇଁ ଜିଲ୍ଲାପାଳ ଦାୟୀ ରହିବେ । ଆମେ ଜିଲ୍ଲା ପରିଷଦ ବୈଠକରେ ବହୁଥର ଏହି ପ୍ରସଙ୍ଗ ଉଠାଇଛୁ, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସନ୍ତୋଷଜନକ ଫଳ ମିଳିନାହିଁ । ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ କହିଛନ୍ତି, ଧାମନଗର ଅଞ୍ଚଳରୁ ରାଜ୍ୟର ଜଣେ ମନ୍ତ୍ରୀ ରହିଛନ୍ତି । ସେ ଏହି ପ୍ରସଙ୍ଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ । ଆଖଣ୍ଡଳମଣି ପୀଠକୁ ଯାଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର କାମ ଶୀଘ୍ର ସରିବା ଦରକାର ।

**ଭଦ୍ରକ-ଆରଡ଼ି ରାସ୍ତା ସମ୍ପ୍ରସାରଣ ନେଇ ଉଠିଲା ପ୍ରଶ୍ନ, ଉତ୍ତରଦାୟୀ କିଏ?**

# ବୈତରଣୀ ନଦୀରେ ବିସର୍ଜନ ହେଲା ୯୫ କୁଇଣ୍ଟାଲ ଗହମ



ଭଦ୍ରକ, ୯ ।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ସମନ୍ୱିତ ଶିଶୁ ବିକାଶ ସେବା-୨ ଅଧୀନରେ ଥିବା ତ୍ରିନାଥ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଦାୟିତ୍ୱହୀନତା ଯୋଗୁଁ ପାଣିରେ ପଡ଼ିଲା ୯୫ କୁଇଟାଂଲ ୩୫କେଜି ୯୧୯ ଗ୍ରାମ ଗହମ । ସରକାରୀ ଖାଦ୍ୟ ଶସ୍ୟର ଏଭଳି ଅପଚୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ବିପୁଳ ପରିମାଣର ଗହମ ନଷ୍ଟ ଘଟଣାର ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରିଛି । ଅନ୍ୟପକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗର ଦାୟିତ୍ୱହୀନତା ପାଇଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିଥିବା ସମ୍ପୃକ୍ତ ଗୋଷ୍ଠୀ ପାଲଟା ଅଭିଯୋଗ କରିଛି । ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସମେତ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଟିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ସାଧାରଣରେ ଦାବି ହୋଇଛି । ସୂଚନାନୁଯାୟୀ, ତ୍ରିନାଥ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କରି ଅଙ୍ଗନୱାଡି କେନ୍ଦ୍ରରେ ବିତରଣ କରୁଥିଲେ । ତେବେ ପରେ ଉକ୍ତ ଗୋଷ୍ଠୀ ନିମ୍ନମାନର ଛତୁଆ ଦେବାରୁ ତାଙ୍କୁ ବିତରଣରୁ ବାଦ ଦିଆଯାଇଥିଲା । ତେବେ ତାଙ୍କ ପାଖରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ୯୫କ୍ୱିଟାଂଲ ୩୫କେଜି ୯୧୯ଗ୍ରାମ ଓଜନର ସେ ଫେରସ୍ତ କରିନଥିଲେ । ବାରମ୍ବାର ଚିଠି ପରେ ଉକ୍ତ ଗୋଷ୍ଠୀ ଗଚ୍ଛିତ ରଖିଥିବା ଗହମକୁ ଫେରସ୍ତ କରିନଥିବା ଚାନ୍ଦବାଲି ସିଡିପିଓ-୨ ମନସ୍ୱିନୀ ବେହେରା କହିବା ସହ ଏହି ଗହମ ବାବଦ କ୍ଷତିକୁ ସମ୍ପୃକ୍ତ ଗୋଷ୍ଠୀ ବହନ କରିବ ବୋଲି କହିଛନ୍ତି । ପ୍ରଶ୍ନ ଉଠୁଛି ଏହି ଗହମ ନଷ୍ଟ ଘଟଣାରେ ଘଟଣାରେ ସରକାର କାହାକୁ ଦୋଷୀ କରିବେ ଓ କିପ୍ରକାର ପଦକ୍ଷେପ ନିଆଯିବ ତାହାକୁ ଦେଖିବାକୁ ବାକି ରହିଲା ।

**ପାଣିରେ ପଡ଼ିଲା ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା**

# 'ଆମ ଗାଁରେ ଆମ ତହସିଲ' କାର୍ଯ୍ୟକ୍ରମ

ଭଦ୍ରକ, ୯ ।୬(ସମିସ): ଆଜି ପୂର୍ବାହ୍ନ ୯ଟାରେ ଚରମ୍ପା ପଞ୍ଚାୟତ ଭବନ ଓ ସୁବିଧା କେନ୍ଦ୍ର ଠାରେ "ଆମ ଗାଁରେ ଆମ ତହସିଲ' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡା, ରାଜସ୍ୱ ନିରୀକ୍ଷକ ମନୋରମା ଧଳ, ଚରମ୍ପା ପଞ୍ଚାୟତର ସରପଞ୍ଚ ଜଳେନ୍ଦ୍ର ଶୁକ୍ଳ, ପି.ଏସ୍. ସଦସ୍ୟ ତପନ ଦାସଙ୍କ ସମେତ ଚରମ୍ପା, ବରାଳପୋଖରୀ, ଶ୍ରୀରାମପୁର, ଥୋରଦା ଓ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଗ୍ରାମବାସୀ, କୃଷକ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସରକାରଙ୍କ ପ୍ରାଥମିକତା ଭିତିକ ପଟ୍ଟାର ଦୁଇ ଖାନାରେ ମୃତ ଆସାମୀଙ୍କ ନାମ ସଂଶୋଧନ ସମ୍ବନ୍ଧୀୟ କାର୍ଯ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ୪୫ ଗୋଟି ସଂଶୋଧିତ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ପଟ୍ଟା ସମ୍ପୃକ୍ତ ହିତାଧିକାରୀମାନଙ୍କୁ ବଂଟନ କରାଯାଇଥିଲା । ଏହା ସହିତ ୩୦ ଗୋଟି ନୂତନ ଆବେଦନପତ୍ର ଗ୍ରହଣ କରାଯାଇଥିଲା ଏବଂ ସେଗୁଡ଼ିକର ତଦନ୍ତ ଓ ଶୀଘ୍ର ନିଷ୍ପତି ପାଇଁ ରାଜସ୍ୱ ନିରୀକ୍ଷକ, ଚରମ୍ପାଙ୍କୁ ପ୍ରେରଣ କରାଯାଇଥିଲା । ତତ୍ ସଙ୍ଗେସଙ୍ଗେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଏବଂ ତହସିଲଦାର ଶ୍ରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ଜନସାଧାରଣଙ୍କ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ଓ ସମସ୍ୟାଗୁଡ଼ିକର ଶୁଣାଣି କରାଯାଇଥିଲା । ଅନେକ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ସମସ୍ୟାଗୁଡ଼ିକର ଯଥାଶୀଘ୍ର ସମାଧାନ ପାଇଁ ଆଶ୍ୱାସନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ତହସିଲଦାର ଶ୍ରୀ ଖୁଣ୍ଟିଆ କହିଥିଲେ ଯେ, ରାଜସ୍ୱ ସେବାକୁ ଗ୍ରାମାଂଚଳର ଲୋକଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇବା ଏବଂ ରାଜସ୍ୱ ସମ୍ବନ୍ଧୀୟ ସମସ୍ୟାର ଶୀଘ୍ର ସମାଧାନ କରିବା ଉଦ୍ଦେଶ୍ୟରେ ଭଦ୍ରକ ତହସିଲ ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରେ "ଆମ ଗାଁରେ ଆମ ତହସିଲ" କାର୍ଯ୍ୟକ୍ରମ କ୍ରମାଗତ ଭାବେ ଅନୁଷ୍ଠିତ ହେବ । ପଞ୍ଚାୟତ ସ୍ତରରେ ଏଭଳି ଜନମୁଖୀ କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଜନସାଧାରଣଙ୍କ ରାଜସ୍ୱ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ ହେବା ସହ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଅଧିକ ସୁଦୃଢ଼ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । କାର୍ଯ୍ୟକ୍ରମଟି ଜନସାଧାରଣଙ୍କ ଉତ୍ସାହପୂର୍ଣ୍ଣ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ମଧ୍ୟରେ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା ।




**ଅସୁରାଳି:** ଧାମନଗର ତହସିଲ ରଇପୁର ରାଜସ୍ୱ ସର୍କଲର କଣ୍ଟକା ଗ୍ରାମସ୍ଥିତ ୟୁ ଜି ଏମ୍ ଇ ସ୍କୁଲରେ ଆଜି ରାଜସ୍ୱ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର "ମୋ ଗାଁରେ ମୋ ତହସିଲ" ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଧାମନଗରର ତହସିଲଦାର ଜ୍ଞାନରଞ୍ଜନ ସାହୁ ମୁଖ୍ୟ ଭାବେ ଯୋଗଦେଇ କ୍ୟାମ୍ପ କୋର୍ଟ ପରିଚାଳନା କରିବା ସହ ଜନସାଧାରଣଙ୍କ ସମସ୍ୟାର ଶୁଣାଣି କରିଥିଲେ । ତାଙ୍କ ସହିତ ଅତିରିକ୍ତ ତହସିଲଦାର ସାଇ ସିଲୋନା, ରଇପୁରର ରାଜସ୍ୱ ନିରୀକ୍ଷକ ଶକ୍ତିରଞ୍ଜନ ମଲ୍ଲିକ ଏବଂ ଧୂଷୁରୀର ରାଜସ୍ୱ ସୁପରଭାଇଜର ଧର୍ମପଦ ସାହୁ ଉପସ୍ଥିତ ରହି ବିଭିନ୍ନ ମାମଲାର ଯାଞ୍ଚ ଓ ସମାଧାନ ପ୍ରକ୍ରିୟାରେ ସହଯୋଗ କରିଥିଲେ । ଏହା ସହିତ ପ୍ରଶାସନିକ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ତହସିଲ କାର୍ଯ୍ୟାଳୟର ୨ ଡାଟା ଏଣ୍ଟ୍ରି ଅପରେଟର ପୁଷ୍ପାରାଣୀ ସାହୁ ଓ ଆଶିଷ ଜେନା ମଧ୍ୟ ଶିବିରରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କଟଂକା ଓ ଏହାର ଆଖପାଖ ଅଞ୍ଚଳର ବହୁ ଗ୍ରାମବାସୀ ଉପସ୍ଥିତ ରହି ସମୁଦାୟ ୭୧ ଅଭିଯୋଗରୁ ୨୧ ଘଟଣାର ସମାଧାନ ହୋଇଥିଲା । ଏହାଛଡ଼ା ଜମିର ଭୁଲ୍ ଖାତା/ପଟ୍ଟା ସଂଶୋଧନ ପାଇଁ ନୂତନ ଦରଖାସ୍ତ ଗ୍ରହଣ କରାଯିବା ସହ ପୂର୍ବରୁ ସଂଶୋଧିତ ହୋଇଥିବା ପଟ୍ଟାଗୁଡ଼ିକୁ ରୟତମାନଙ୍କୁ ବଣ୍ଟନ କରାଯାଇଥିଲା ।

# ସେବା ସମବାୟ ସମିତିରେ ଅନିୟମିତତା ଅଭିଯୋଗ

- ୪ବର୍ଷ ହେଲା ହୋଇନି ସାଧାରଣ ସଭା
- ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ
- ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଅସୁରାଳି, ୯ ।୬(ସମିସ)




ପାଳସାହି ସେବା ସମବାୟ ସମିତିରେ ଦୀର୍ଘ ୪ବର୍ଷ ଧରି ସାଧାରଣ ସଭା(ଜେନେରାଲ ବଡି ମିଟିଂ) ଅନୁଷ୍ଠିତ ହୋଇନଥିବା ଅଭିଯୋଗକୁ ନେଇ ଅଞ୍ଚଳବାସୀ ଓ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପାଳସାହି ଓ ରଇପୁର ପଞ୍ଚାୟତକୁ ନେଇ ଗଠିତ ଏହି ସମିତି ଉପରେ ଅଞ୍ଚଳର ଅଧିକାଂଶ ଚାଷୀ ନିର୍ଭରଶୀଳ ଥିବାବେଳେ, ନିୟମ ଅନୁଯାୟୀ ପ୍ରତିବର୍ଷ ସାଧାରଣ ସଭା ଅନୁଷ୍ଠିତ ହେବା କଥା । କିନ୍ତୁ ଦୀର୍ଘଦିନ ଧରି ଏହା ହୋଇ ନଥିବାରୁ ସମିତିର ସାମଗ୍ରିକ କାର୍ଯ୍ୟକଳାପ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଗତ ଶୁକ୍ରବାର ୨ପଞ୍ଚାୟତର ବହୁ ଚାଷୀ ଓ ବିଶିଷ୍ଟ ବ୍ୟକ୍ତି ସମିତି କାର୍ଯ୍ୟାଳୟରେ ପହଞ୍ଚି ସଭାପତି ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ସମ୍ପାଦକଙ୍କ ଅନୁପସ୍ଥିତିରେ ସଭାପତିଙ୍କ ନିକଟରେ ସାଧାରଣ ସଭା ନ ହେବା, ଅଡିଟ୍ ରିପୋର୍ଟ ପ୍ରକାଶ ନପାଇବା ଏବଂ ସମିତିର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଚାଷୀମାନେ କଡ଼ା ଜବାବ ମାଗିଥିଲେ । ଚାଷୀଙ୍କ ପ୍ରଶ୍ନର ଉତର ଦେଇ ସଭାପତି କହିଛନ୍ତି ଯେ, ଅଡିଟ୍ ପ୍ରକ୍ରିୟା ଶେଷ ହୋଇନଥିବାରୁ ସଭା ଡାକାଯାଇପାରିନାହିଁ । ଆଗାମୀ କିଛି ମାସ ମଧ୍ୟରେ ସଭା କରିବାକୁ ଚେଷ୍ଟା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ସମିତିରେ ଦୀର୍ଘଦିନ ଧରି ବେନିୟମ ଓ ମନମୁଖୀ କାର୍ଯ୍ୟ ଚାଲିଥିବା ନେଇ ଚାଷୀମାନେ ଗୁରୁତର ଅଭିଯୋଗ ଆଣିଛନ୍ତି । ସେମାନଙ୍କ କହିବା ଅନୁସାରେ ଅନେକ ଚାଷୀଙ୍କ ଅଜାଣତରେ ସେମାନଙ୍କ ନାମରେ ହଜାର ହଜାର ଟଙ୍କାର ଋଣ ଦେଖାଇ ଅର୍ଥ ହଡ଼ପ କରାଯାଇଛି । ସମିତିର ସମ୍ପାଦକ ପ୍ରାୟତଃ ଅଫିସରେ ଅନୁପସ୍ଥିତ ରହୁଥିବା ବେଳେ ତାଙ୍କର ଜଣେ ସମ୍ପର୍କୀୟ ସମିତିର ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି, ଯାହା ସମ୍ପୂର୍ଣ୍ଣ ବେଆଇନ । ବର୍ତମାନର ସମ୍ପାଦକ ପୂର୍ବରୁ ଅନ୍ୟ ଏକ ସମବାୟ ସମିତିକୁ ବଦଳି ହୋଇ ଯାଇଥିବା ପରେ, ପୁଣି କେଉଁ ନିୟମ ଆଧାରରେ ଏଠାକୁ ଫେରିଲେ ତାହାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି ।

ଏହି ପ୍ରତିବାଦ ଓ ଆଲୋଚନାରେ ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ବେହେରା, ଚାଷୀ ନେତା କାଶୀନାଥ ମହାନ୍ତି, ବିଜୟ ସୂତାର, ମୃତ୍ୟୁଞ୍ଜୟ ସାହୁ ଏବଂ ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ । ଚାଷୀମାନଙ୍କ କହିବା ଅନୁଯାୟୀ, ଏହି ସମସ୍ୟା ନେଇ ସେମାନେ ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ଥକିପଡ଼ିଲେଣି, କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ସମାଧାନ କରାଯାଉନାହିଁ । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସମସ୍ତ କଳାକାରନାମା ପଦାକୁ ଆସିବ ବୋଲି ସେମାନେ ଦାବି କରିଛନ୍ତି । ଯଦି ଆଗାମୀ ଦିନରେ ଦାବି ପୂରଣ ନହୁଏ, ତେବେ ମଣ୍ଡି ସମ୍ମୁଖରେ ଧାରଣା ଓ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଓ ଚାଷୀ ସଂଘ ଚେତାବନୀ ଦେଇଛନ୍ତି ।

# ୧୦ଗ୍ରାମ ବ୍ରାଉନ୍‌ସୁଗର୍ ଜବତ, ଜଣେ ଗିରଫ



ଦୋବଲ, ୯ ।୬(ସମିସ): ଦୋବଲ ନିକଟସ୍ଥ ଦେହୁଡ଼ିଆନନ୍ଦପୁର ପଞ୍ଚାୟତର ଉତେଇପୁର ଗ୍ରାମରେ ପୁଲିସ ଚଢ଼ାଉ କରି ୧୦ ଗ୍ରାମ ବ୍ରାଉନ ସୁଗର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ହେଲେ ଦୁର୍ଯ୍ୟୋଧନ ପତିଙ୍କ ପୁଅ ମାନସରଞ୍ଜନ ପତି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ବିଶେଷ ସୂଚନା ପାଇ ଧାମନଗର ପୁଲିସ ବୈତରଣୀ ନଦୀବନ୍ଧ ଅଞ୍ଚଳରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ମାନସ ରଞ୍ଜନ ପତିଙ୍କୁ ଅଟକାଇ ତଲାସୀ ନିଆଯାଇଥିଲା । ତାଙ୍କ ନିକଟରୁ ପ୍ରାୟ ୧୦ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିଲା । ଜବତ ବ୍ରାଉନ ସୁଗରର ଆନୁମାନିକ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୁଲିସ କହିଛି । ଘଟଣା ସମ୍ପର୍କରେ ଧାମନଗର ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି । ଥାନା ଅଧିକାରୀ ସୁବ୍ରଜିତ ଦାସଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉରେ ଏସଆଇ ନାରାୟଣ ରାଉତ, ମହେଶ୍ୱର ପ୍ରଧାନ ଓ ଧାମନଗର ଥାନାର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ଥମୁନି ପୋଖରୀ କାମ ବିବାଦ

# ଉନ୍ନତୀକରଣ କାମକୁ ନେଇ ବିଜେଡି-କଂଗ୍ରେସ ଟଣାଓଟରା

ବଲାଙ୍ଗିର, ୯ ।୬(ସମିସ)

ବଲାଙ୍ଗିର ସହରରେ ପୋଖରୀ କାମକୁ ନେଇ ବିବାଦ ଥମିବାର ନାଁ ନେଉନି। ପ୍ରତିଦିନ ଏହି ପୋଖରୀ ବା ଜଳାଶୟ କାମକୁ ନେଇ କିଛି ନା କିଛି ବିବାଦ ଦେଖିବାକୁ ମିଳିଛି। ଏହି କାମରେ ଦୁର୍ନୀତି ଅଭିଯୋଗ କରି କଂଗ୍ରେସ ପକ୍ଷରୁ ଏହାକୁ

- ପ୍ରତିଦିନ ସାମ୍ନାକୁ ଆସୁଛି ନୂଆ ବିବାଦ
- ପ୍ରଥମେ ନେତା ପରେ ସମର୍ଥକ ମୁହାଁମୁହିଁ

ବିରୋଧ କରାଯାଉଛି। କଂଗ୍ରେସ ଏହାର ପ୍ରତିବାଦ କରୁଥିବାବେଳେ ବିଜେଡି ପକ୍ଷରୁ ତାହାକୁ ବିରୋଧ କରାଯାଉଛି। ପୋଖରୀରୁ ବାହାରୁଥିବା ମାଟି ରାସ୍ତାରେ ପଡ଼ିରହୁଥିବାରୁ ଲୋକେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ଲୋକେ ଅସନ୍ତୋଷ ଜାହିର କରୁଥିବାବେଳେ ବିକାଶ ନାମରେ କିଛି ସମସ୍ୟା ହେଲେ ବି ସହିବାକୁ ପୌର ପରିଷଦ ପକ୍ଷରୁ ନିବେଦନ କରାଯାଉଥିବା ଦେଖିବାକୁ ମିଳିଛି। ଏମିତିରେ ସହରରେ





ଚାଲିଥିବା ୧୧ ଜଳାଶୟ କାମକୁ ନେଇ ବିବାଦ ଦେଖାଦେଇଛି।

ବଲାଙ୍ଗିର ସହରରେ ଗତ ପ୍ରାୟେ ଗୋଟିଏ ମାସ ହେଲା ଏକାସାଙ୍ଗରେ ୧୧ଟି ପୋଖରୀ ବା ଜଳାଶୟର ପୁନରୁଦ୍ଧାର କାମ ଆରମ୍ଭ ହୋଇଛି। ସହରରେ ଥିବା ବେହେରାପାଲି, କରଙ୍ଗାକଟା, ନରସିଂହ ବନ୍ଧ, ଘିକୁଡି, ଗେଟ ସରୋବର, ପ୍ରତାପ ସାଗର, ରାଣୀବନ୍ଧ, କନ୍ଦପାଲିପଡ଼ା, ତାଲପାଲିପଡ଼ା. ଲର୍କିପାଲି ପୋଖରୀକାମ ଚାଲିଥିବାବେଳେ ଏହିସବୁ ପୋଖରୀରୁ ଶହ ଶହ ଟ୍ରିପ ମାଟି ଉଠି ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଏହି ସବୁ ମାଟିଭର୍ତ୍ତି ଟ୍ରକ୍ ଗୁଡ଼ିକ ମୁଖ୍ୟ ରାସ୍ତା ଦେଇ ଯାଉଥିବାବେଳେ ମାଟି ସବୁ ପରିବହନ ସମୟରେ ରାସ୍ତାରେ ହିଁ ପଡ଼ିରହୁଥିବା ଦେଖିବାକୁ ମିଳିଛି। ଫଳରେ ରାଜପଥ ହୋଇଥିଲେ ମଧ୍ୟ ତାହା କାଦୁଅ ରାସ୍ତା ଭଳି ମନେ ହେଉଛି। ଯାହାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଖରାହେଲେ ରାସ୍ତା ଧୂଳିମୟ ହେଉଥିବାବେଳେ ସାମାନ୍ୟ ପାଣି ପଡ଼ିଲେ କାଦୁଅ ରାସ୍ତା ଭଳି ଗାଡ଼ିଗୁଡ଼ିକ ସ୍ଲିପ୍ ହେଉଥିବା ଅଭିଯୋଗ ହୋଇଛି। ଏମିତିରେ ସହର ସମସ୍ୟା କୁ ନେଇ କଂଗ୍ରେସ ଦଳ ଓ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ପ୍ରଶ୍ନ ଉଠାଇଥିଲେ। ରାସ୍ତାରେ ପଡୁଥିବା ମାଟିକୁ ଠିକ ଭାବେ ପରିଚାଳନା କରିବାକୁ ନିବେଦନ କରିଥିଲେ। ଏପରିକି ପୋଖରୀ କାମରେ ଅନେକ ଦୁର୍ନୀତି କରାଯାଉଥିବା ବେଳେ ଅଟକଳ ମୁତାବକ ମାଟି ଉଠାଯାଇନଥିବା ଅଭିଯୋଗ କରିଥିଲେ। ସେହିପରି ଏକାସାଙ୍ଗରେ ଏତେ ସଂଖ୍ୟାର ପୋଖରୀ କାମ କରାଯାଉଥିବାରୁ ଭୂତଳ ଜଳସ୍ତର ନିମ୍ନଗାମୀ ହୋଇଥିବା ଅଭିଯୋଗ ଆଣିଥିଲେ। ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଉଭୟ ବରିଷ୍ଠ କଂଗ୍ରେସ ନେତା ଓ ସ୍ଥାନୀୟ ବିଧାୟକଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ସାମ୍ନାକୁ ଆସିଥିଲା। କଂଗ୍ରେସ ପକ୍ଷରୁ ପୋଖରୀକୁ ଯାଇ ପ୍ରତିବାଦ କରାଯାଇଥିବା ବେଳେ ତାହାକୁ ବିଜେଡି ସମର୍ଥକ ପୌରାଧ୍ୟକ୍ଷା ଓ କାଉନସିଲରମାନେ ବିରୋଧ କରିଥିଲେ। ପରେ ପୌରାଧ୍ୟକ୍ଷା ଲିକା ସାହୁ ସାମ୍ବାଦିକ ସମ୍ମିଳନୀ କରି ସହରରେ ହୋଇଥିବା ବିକାଶମୂଳକ କାମର ହିସାବ ଦେଇଥିଲେ। ଯାହାକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ମଧ୍ୟରେ ବିବାଦ ଦେଖାଦେଇଥିବା ବେଳେ ମଙ୍ଗଳବାର ସକାଳୁ ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା। ରାସ୍ତାରେ ପଡ଼ିଥିବା କାଦୁଅରେ ଖସିଯାଇ ଟ୍ରକରେ ଚାପି ହେଇ ମାଆ ଝିଅଙ୍କ ମୃତ୍ୟୁ ଘଟିଥିବା କଂଗ୍ରେସ ଅଭିଯୋଗ କରିଛି। ସେହିପରି ଉଡୁଥିବା ଧୂଳି ଯୋଗୁଁ ସ୍ୱାସ୍ଥ୍ୟ ଖରାପ ହେବା ଆଶଙ୍କାରେ ମାସ୍କ ବାଣ୍ଟି ପ୍ରତିବାଦ କରାଯାଇଛି।

## ପ୍ରଦୂଷଣ ବିରୋଧରେ ନଗର କଂଗ୍ରେସର ପ୍ରତିବାଦ



ବଲାଙ୍ଗିର, ୯ ।୬(ସମିସ): ବଲାଙ୍ଗିର ସହରରେ ବଢ଼ୁଥିବା ଧୂଳିପ୍ରଦୂଷଣ ଏବଂ ରାସ୍ତାର ଅବ୍ୟବସ୍ଥା ବିରୋଧରେ ଆଜି ବିକ୍ରମ ଛକଠାରେ ନଗର କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଓ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଲାଙ୍ଗିର ସହରରେ ବିଭିନ୍ନ ବନ୍ଧର ପୁନଃରୁଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ରାସ୍ତାରେ ବହୁ ପରିମାଣର ମାଟି ଓ ଧୂଳି ପଡ଼ି ରହିଥିବାରୁ ସାଧାରଣ ଜନତା ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ପାଣି ପଡ଼ିବା ପରେ ଏହି ଧୂଳି ଓ ମାଟି କାଦୁଅରେ ପରିଣତ ହୋଇ ରାସ୍ତାକୁ ପିଚ୍ଛିଳା କରିଦେଉଛି। ଆଜି ସ୍ଥାନୀୟ ଗାନ୍ଧୀନଗର ପଡ଼ାରେ ଘଟିଥିବା ଏକ ସଡକ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନଗର କଂଗ୍ରେସ ପକ୍ଷରୁ ଏହି ଘଟଣା ପାଇଁ ଦାୟୀ ଥିବା ଅଭିଯୋଗରେ ବଲାଙ୍ଗିର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅଧ୍ୟକ୍ଷାଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ କରି ତଦନ୍ତ କରିବାକୁ ଦାବି କରାଯାଇଛି। ନଗର କଂଗ୍ରେସ ସଭାପତି ବୁଲୁ ଦାନୀ କହିଛନ୍ତି ଯେ ଜନସାଧାରଣଙ୍କ ଜୀବନ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ଏହି ଅବ୍ୟବସ୍ଥା ବିରୋଧରେ ଆନ୍ଦୋଳନ ଜାରି ରହିବ ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ପର୍ଯ୍ୟନ୍ତ ସଂଗଠନ ଚୁପ ରହିବ ନାହିଁ। ନଗର କଂଗ୍ରେସ ପକ୍ଷରୁ ଆୟୋଜିତ ଆଜିର ବିକ୍ଷୋଭ ସଭାରେ ହିମାଂଶୁ ନାୟକ, କୈଳାସ ମିଶ୍ର, ସମିର କୁମ୍ଭାର, ବ୍ରଜ ସେଠି, ଅଙ୍କିତ ସାହୁ, କିଶୋର ଦଣ୍ଡସେନା, ନୀତିଶ ପଧାନ, କିରଣ ସେଠ, ଚିନ୍ମୟ ବେହେରା, ସୋହନ ନାଏକ ପ୍ରଭୃତି ଉପସ୍ଥିତ ଥିଲେ।

# ଖଇର କାଠ ବୋଝେଇ ଟ୍ରକ୍ ଜବତ

ମୁରିବାହାଲ, ୯ ।୬(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ସଦର ସେକ୍ସନ ଗରଗଡ଼ବାହାଲ ପଞ୍ଚାୟତ କନ୍ଧାଖାଲ -ଡୁମେରମୁଣ୍ଡା ଗ୍ରାମ ନିକଟରୁ ବେଆଇନ ଚାଲାଣ ପାଇଁ ରଖାଯାଇଥିବା ଟ୍ରକ୍ ସହ ୨୦ କୁଇଣ୍ଟାଲ ଖଇର କାଠକୁ ବନବିଭାଗ ପକ୍ଷରୁ ଜବତ କରାଯାଇଛି। ଏକ ୧୨ ଚକିଆ ଟ୍ରକ୍‌ରେ ଖଇର କାଠ ଚୋରାଚାଲାଣ ହେଉଥିବା ସମୟରେ ମୁରିବାହାଲ ବନବିଭାଗକୁ ମିଳିଛି ଏକ ବଡ଼ ସଫଳତା। ଏହିକାଠ ଚୋରା ଚାଲାଣ ହେଉଥିବା ନେଇ ବନବିଭାଗକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାକୁ ଆଧାର କରି ମୁରିବାହାଲ ବନବିଭାଗ ପକ୍ଷରୁ ଫରେଷ୍ଟଗାର୍ଡ ଅଜିତ ବେହେରା, ଆକାଶ ପ୍ରଧାନଙ୍କ ସମେତ ଆଇପିସିଇଏ ସ୍କ୍ୱାଡ୍ ବରୁଣ ସାହୁ, ଶିବ ନାଗ, ମଧୁ ବାଗ, ଗୁଣ ପୁଟେଲ, ଲିଙ୍ଗ ମହାନନ୍ଦ, ସୁନୀଲ ତାଣ୍ଡି ଓ ତନ୍ମୟ ନାଏକ ମିଳିତ ଭାବେ ସେଠାରେ ଚଢ଼ଉ କରିଥିଲେ।



ଟ୍ରକଟି ସେହି ବାଟଦେଇ ଯାଉଥିବା ସମୟରେ ବନ ବିଭାଗ ଟିମ୍ ଏହାକୁ ଅଟକାଇ ଥିଲେ। ତେବେ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ମାଫିଆ ଏବଂ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଜବତ ହୋଇଥିବା ଖଇର କାଠର ଆନୁମାନିକ ବଜାର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବବୋଲି ଆକଳନ କରାଯାଇଛି।

- ସଡ଼କ ଦୁର୍ଘଟଣାରେ ମାଆ ଓ ଝିଅଙ୍କ ମୃତ୍ୟୁ ଘଟଣା

# ପରିବାରକୁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କଳିକେଶ

ବଲାଙ୍ଗିର, ୯ ।୬(ସମିସ): ବଲାଙ୍ଗିର ଜିଲ୍ଲାରେ ମଙ୍ଗଳବାର ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୱାର୍ଡ ନଂ୩ର ବାସିନ୍ଦା ସ୍ୱର୍ଗତା ସୁନିତା ନାଗ ଓ ତାଙ୍କ କନ୍ୟା ଶ୍ରୁତି ନାଗଙ୍କ ଅକାଳ ବିୟୋଗ ଘଟିଥିବାବେଳେ ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଏହି ଦୁଃଖଦ ଘଟଣା ପରେ ଶୋକସନ୍ତପ୍ତ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଛନ୍ତି। ପତ୍ରରେ ସେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ପ୍ରଭାବିତ ପରିବାରକୁ ଉପଯୁକ୍ତ ଆର୍ଥିକ ସହାୟତା ମଞ୍ଜୁର କରିବାକୁ ଅନୁରୋଧ କରିଛନ୍ତି। ଏହା ସହିତ, ପରିବାରକୁ ତୁରନ୍ତ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତୀୟ ରେଡକ୍ରସ୍



ସୋସାଇଟି ମାଧ୍ୟମରେ ରିଲିଫ୍ ସହାୟତା ଯୋଗାଇ ଦେବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି। ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ନିର୍ଦ୍ଦେଶ ଦେଇ ମାମଲାର ଶୀଘ୍ର ବିଚାର କରିବା ସହ ଶୋକସନ୍ତପ୍ତ ପରିବାରକୁ ସମ୍ଭବ ସମସ୍ତ ସହାୟତା ପ୍ରଦାନ କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। ବିଧାୟକ ଶ୍ରୀ ସିଂହଦେଓ ଜିଲ୍ଲାପାଳଙ୍କୁ ମଧ୍ୟ ଏହି ପତ୍ରର ଅନୁଲିପି ପ୍ରଦାନ କରି ମୃତକଙ୍କ ପରିବାରକୁ ଜିଲ୍ଲା ରେଡକ୍ରସ ଫଣ୍ଡ ସମେତ ଅନ୍ୟାନ୍ୟ ଉପଯୁକ୍ତ ସହାୟତା ଯଥାଶୀଘ୍ର ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ସ୍ଥାନୀୟ ଲୋକମାନେ ମଧ୍ୟ ଏହି ଦୁଃଖଦ ଘଟଣାରେ ଶୋକ ପ୍ରକାଶ କରିବା ସହ ପ୍ରଭାବିତ ପରିବାରକୁ ସରକାରୀ ସହାୟତା ଯଥାଶୀଘ୍ର ମିଳିବ ବୋଲି ଆଶା ପ୍ରକାଶ କରିଛନ୍ତି।

## ରେଳ ଲାଇନ୍‌ରୁ ଯୁବକଙ୍କ ମୃତଦେହ ଠାବ

ମୁରିବାହାଲ, ୯ ।୬(ସମିସ): ବଲାଙ୍ଗିର ଜିଲ୍ଲାର ମୁରିବାହାଲ ଗାଁସ୍ଥିତ ରେଳୱେ ଷ୍ଟେସନ ନିକଟ ଫାଟକ ପାଖ ରେଳଟ୍ରାକରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସ୍ଥାନୀୟଲୋକେ ଟ୍ରାକ ଉପରେ ମୃତଦେହ ପଡ଼ିଥିବା ଦେଖି ଜିଆରପି ପୁଲିସକୁ ଖବର ଦେଇଥିଲେ। ମୃତ ଯୁବକ ଜଣକ ହେଲେ କଣ୍ଟାବାଞ୍ଜି ଆନନ୍ଦନଗର ପଡ଼ାର ସଞ୍ଜୟ ନାଏକ (୩୨)। ବିବାହ ପରେ ସେ ମୁରିବାହାଲ ଗାଁର ଶ୍ୱଶୁର ଘରେ ରହୁଥିଲେ ଏବଂ କାଠ ମିସ୍ତ୍ରୀ ଭାବେ କାମ କରୁଥିଲେ। ସେ ଯାତ୍ରୀବାହୀ ଟ୍ରେନ ସମ୍ମୁଖକୁ ଯାଇ ଜୀବନ ହାରିଥିବା ସନ୍ଦେହ କରାଯାଉଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ଥିବାବେଳେ ପୁଲିସ ପକ୍ଷରୁ କୌଣସି ଚୂଡ଼ାନ୍ତ ସୂଚନା ମିଳିନାହିଁ। ଘଟଣାସ୍ଥଳରେ ଜିଆରପି ପୁଲିସ ପହଞ୍ଚି ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛି।

## ବନ୍ଧଉନ୍ନତୀକରଣ ପାଇଁ ବିଡିଓଙ୍କୁ ଫେରାଦ ଗ୍ରାମବାସୀ

- ସିଂହାମୁଣ୍ଡାରେ ଉତ୍କଟ ଜଳସମସ୍ୟା

ଦେଓଗାଁ, ୯।୬(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ମୁଖ୍ୟାଳୟରେ ଏବେ ଜଳସମସ୍ୟା ଉତ୍କଟରୂପ ଧାରଣ କରିଛି। ସ୍ଥାନୀୟ ଖଲିଆକଟାର ଗଚ୍ଛିତ ପାଣି ସୁଖିଯିବା ପରେ ଏବେ ଗାଁବାସୀ ଗାଧୋଇବା,



ଶୌଚ କରିବାପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ତୁରନ୍ତ ଉକ୍ତ ବନ୍ଧର ମାଟି ଉନ୍ନତୀକରଣ କରିବାପାଇଁ ଗାଁର ଯୁବନେତା ଦୀପକ ବେହେରାଙ୍କ ନେତୃତ୍ୱରେ ଅଜିତ କୁମାର ବଗର୍ତ୍ତି, ସୁନ୍ଦର ବଗର୍ତ୍ତି, ଅଶୋକ କୁମାର ଶତପଥୀ, ଭୋଲା ସାହୁ, ବିଶିକେଶନ ବଗର୍ତ୍ତି, ମଣ୍ଟୁ ଚନ୍ଦନ, ଫାଲଗୁନି ଭାଟି, ବ୍ୟାସଦେବ ସାହୁ, ରାଜେନ୍ଦ୍ର ବଗର୍ତ୍ତି, ମନ୍ମଥ ବାଗ ତଥା ଅନ୍ୟମାନେ ବିଡିଓ ପ୍ରିୟରଞ୍ଜନ କୁମାର ଓ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ।

# କଣ୍ଟାବାଞ୍ଜିର ବିକାଶ ନେଇ ଆଲୋଚନା

କଣ୍ଟାବାଞ୍ଜି ୯।୬(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀକୁ ବିଭିନ୍ନ ସମୟରେ ସରକାର ସରକାରୀ ଯୋଜନାରୁ ବାଦ୍ ଦେଇଛନ୍ତି। କଣ୍ଟାବାଞ୍ଜିର ବିକାଶ ପ୍ରତି କୌଣସି ପଦକ୍ଷେପ ନେଉନାହାନ୍ତି, ଯଦ୍ୱାରା ଆଜିବି କଣ୍ଟାବାଞ୍ଜି ଅଞ୍ଚଳ ପଛୁଆ, ଦାଦନ ଗଡ଼, କଳକାରଖାନା ବିହିନ ଓ ଅଣ ଜଳସେଚିତ ହୋଇ ରହିଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀକୁ ସରକାର ବୈମାତୃକ୍ ମନୋଭାବ ପୋଷଣ କରୁଥିବାରୁ ଆଜି ଅବହେଳିତ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଓଡ଼ିଶା ସରକାର ବଲାଙ୍ଗିର ଜିଲ୍ଲାରେ ଏକ କୃଷି ମହା ବିଦ୍ୟାଳୟ ଓ ଇଞ୍ଜିନିୟରିଂ ମହାବିଦ୍ୟାଳୟ ସ୍ଥାପନ ପାଇଁ ଘୋଷଣା କରିଛନ୍ତି। କଣ୍ଟାବାଞ୍ଜି ଯେହେତୁ ଏକ ଅବହେଳିତ ନିର୍ବାଚନ ମଣ୍ଡଳୀ ଏହି ନିର୍ବାଚନ ମଣ୍ଡଳୀରେ ଏକ ଯେକୌଣସି ସରକାରୀ ମହାବିଦ୍ୟାଳୟ ସ୍ଥାପନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ଯେ କୌଣସି ସ୍ଥାନରେ ଏକ ମହାବିଦ୍ୟାଳୟ ସ୍ଥାପନ ନେଇ ଟ୍ରକ୍ ମାଲିକ ସଂଘ ସଭାପତି ପ୍ରବିଜିତ ସିଂହ ସାଲୁଜାଙ୍କ ଆହ୍ୱାନରେ ମଙ୍ଗଳବାର ସନ୍ଧ୍ୟାରେ ହରିଭାନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି





### ବିଭିନ୍ନ ଅନୁଷ୍ଠାନ ସାମିଲ

ବୈଠକ ଓକିଲ ସଂଘ ସଭାପତି ପ୍ରଫୁଲ୍ଲ କୁମାର ନାୟକଙ୍କ ସଭାପତିତ୍ୱରେ ହୋଇଥିଲା। ସଭାରେ ଏନ୍‌ଏସି ନଗରପାଳ ବାରୀୟମ ସିଂହ ସାଲୁଜା, ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ହେମାଳ ସଂଘ ସଭାପତି ଶେଷଦେବ ପୁଟେଲ୍, ବଣିକ ସଂଘ ସଭାପତି ଅନୀଲ ଅଗ୍ରୱାଲ, ଅଶୋକ ଛପଡ଼ିଆ, ପର୍ଶୁରାମ ସଗରିଆ, ଅଟୋ ଚାଳକ ସଂଘ ସଭାପତିଙ୍କ ସହ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅଞ୍ଚଳରେ ସରକାରୀସ୍ତରରେ କୌଣସି ଶିକ୍ଷା ଅନୁଷ୍ଠାନ ନ ଥିବାରୁ ଅନେକ ଛାତ୍ରୀ ଛାତ୍ର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। କଣ୍ଟାବାଞ୍ଜିରେ କୌଣସି ଉଚ୍ଚ ଶିକ୍ଷାର ସାଧନନ ଥିଲେ ମଧ୍ୟ ଅନେକ ଭାରତୀୟ ପ୍ରଶାସନିକ, ଓଡ଼ିଶା ପ୍ରଶାସନିକ, ସିଏ, କମ୍ପାନୀ ସେକ୍ରେଟାରୀ, ହଜାର ହଜାର ଇଞ୍ଜିନିୟର, ଡାକ୍ତର ରହିଛନ୍ତି। ଆଗାମୀ ଦିନରେ ଯଦି ସରକାର କଣ୍ଟାବାଞ୍ଜି ଭଳି ପଛୁଆ ଅଞ୍ଚଳର ବିକାଶ ନ କରନ୍ତି ତେବେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ, ଯାହା ପାଇଁ ସରକାର ଦାୟୀ ରହିବେ ବୋଲି ଉପସ୍ଥିତ ବ୍ୟକ୍ତି ବିଶେଷ ନିଜ ନିଜ ମତ ଦେଇଥିଲେ। ଆଗାମୀ ଦିନରେ ଏହାର ରୂପରେଖ ପ୍ରସ୍ତୁତି ପାଇଁ ଏକ ସର୍ବଦଳୀୟ କୋର୍ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ଉଡିଙ୍ଗ ଗାଁର ବିଶାଲ ବାଗ୍ ନିଖୋଜ

କଣ୍ଟାବାଞ୍ଜି, ୯ ।୬(ସମିସ): ଜନ୍ମରୁ ସେ କଥା କହି ପାରନ୍ତି ନାହିଁ କି ଶୁଣି ମଧ୍ୟ ପାରନ୍ତି ନାହିଁ ବାପା ମାଆଙ୍କ ଲାଳନ ପାଳନରେ ବଡ଼ ହୋଇଥିଲେ। କିନ୍ତୁ ଗତ ୭ ତାରିଖ ଠାରୁ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଙ୍କ ହେଲେ ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଅଧୀନ ଉଡିଙ୍ଗ ଗାଁର ବିଶାଲ ବାଗ (୨୦)। ସେ କଣ୍ଟାବାଞ୍ଜି ଅଭିମୁଖେ ଯାଇଥିବା କିଛି ଲୋକ



କହୁଥିବା ବେଳେ ଏଯାଏଁ ତାଙ୍କ କୌଣସି ପତ୍ତା ମିଳିନାହିଁ। ଏନେଇ ପରିବାର ପକ୍ଷରୁ ବେଲପଡ଼ା ଥାନାରେ ଏକ ନିଖୋଜ ଅଭିଯୋଗ ମାମଲା ଦାୟର କରାଯାଇଥିବା ଜଣାପଡ଼ିଛି। ଯଦି ଏହି ଯୁବକଙ୍କୁ କୌଣସି ବ୍ୟକ୍ତି ଦେଖିଲେ ମୋ ନଂ ୯୯୩୮୨୦୧୫୦୪ ରେ ସୂଚନା ଦେବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

# ଲୋଇସିଂହାରେ ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ

ଲୋଇସିଂହା, ୯ ।୬(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହାଠାରେ ବିଜୁ ଜନତା ଦଳ ପକ୍ଷରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଗ୍ରସେନ ଭବନଠାରେ ଅନୁଷ୍ଠିତ ହୋଇଥିଲା।





ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ବୀଣାପାଣି ଦାସ, ସଂଯୁକ୍ତା ବରିହା, ବବିତା ପଟେଲ ଯୋଗଦେଇ ରାଜ୍ୟରେ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ନେଇ ସରକାରଙ୍କୁ ନିନ୍ଦା କରିବା ସହ ନିର୍ବାଚନରେ ସଂରକ୍ଷଣ ପ୍ରଦାନ କରିବାକୁ ଦାବି କରିଥିଲେ। ଏହି ଅବସରରେ ନିର୍ବାଚନମଣ୍ଡଳୀର ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକ ରୁ ଆସିଥିବା ମହିଳାମାନେ ଏକ ଶୋଭାଯାତ୍ରା ରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ଯୁବ ସଭାପତି ଯତୀନ୍ଦ୍ର ପଟେଲ, ବିଷ୍ଣୁ ପଟେଲ, ବିଜୟ ଦାସ, ପ୍ରବୀଣ ମିଶ୍ର, ଉତ୍ତମ ଭୋଇଙ୍କ ସମେତ ବହୁ ବିଜେଡି ମହିଳା, ଯୁବ ଓ ଛାତ୍ରଦଳର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ସରକାରଙ୍କ ବିଫଳତାକୁ ନେଇ କଂଗ୍ରେସର ଦେଓଗାଁ ବ୍ଲକ୍ ଘେରାଉ

ଦେଓଗାଁ, ୯।୬(ସମିସ)

ରାଜ୍ୟରେ କ୍ଷମତାରେ ଥିବା ବିଜେପି ସରକାର ବର୍ତ୍ତମାନ ସାଧାରଣ ଜନତାଙ୍କୁ ନ୍ୟାୟ ଦେଇପାରୁ ନ ଥିବାବେଳେ ସମସ୍ତ କ୍ଷେତ୍ରରେ ବିଫଳ ରହୁଥିବାନେଇ ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଘେରାଉ କରିଛି ବ୍ଲକ କଂଗ୍ରେସ। ବ୍ଲକ କଂଗ୍ରେସ କମିଟି ସଭାପତି ରାମଜୀ ଚୌଧୁରୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ତଥା ବ୍ଲକ ମହିଳା ସଭାନେତ୍ରୀ ସୂର୍ଯ୍ୟକାନ୍ତୀ ଛତ୍ରିଆ, ବନ୍ଧପଡ଼ା ସମିତି ସଭ୍ୟ କାନ୍ତେଶ୍ୱର ପଧାନ,



ଡୁମେରପିଟା ସମିତିସଭ୍ୟ ସଂକୀର୍ତ୍ତନ ବାଗ, ଆଦିବାସୀ ନେତା ମୟ ପ୍ରଧାନୀ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ହାତିସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର, ବଡ଼ବନ୍ଧ ସରପଞ୍ଚ ଜଗବନ୍ଧୁ ମେହେର, ସାରସମାଲ ସରପଞ୍ଚ ଗୋପାଳ ବାଗ, ମନବୋଧ ହରପାଲ ପ୍ରମୁଖ ଯୋଗଦେଇ ଥିଲେ। ଲୋକଙ୍କୁ ମୌଳିକ ସୁବିଧା ମିଳିପାରୁ ନାହିଁ। ବୃଦ୍ଧାବୃଦ୍ଧ, ବିଧବା ତଥା ଭିନ୍ନକ୍ଷମମାନେ ଆଜକୁ ୩ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଏମ୍‌ଜିଏନଆରଇଜିଏ ଯୋଜନାରେ କାମକରିଥିବା ଶ୍ରମିକମାନେ କାମକରି ମାସମାସ ଧରି ପାଉଣା ପାଇବାରୁ ବଞ୍ଚିତ ରହୁଛନ୍ତି। ଅଘୋଷିତ ଭାବେ ବିଦ୍ୟୁତ୍ କାଟ ହୋଉଛି। ପାନୀୟଜଳ ପାଇଁ ପ୍ରତ୍ୟେକ ଗାଁରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଣୁ ସରକାର ରାଜ୍ୟ ଚଳାଇବାରେ ସମ୍ପୂର୍ଣ୍ଣରୂପେ ବିଫଳ ରହିଛନ୍ତି ବୋଲି ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରିବା ସହ ସରକାର ତୁରନ୍ତ ଉକ୍ତ ସମସ୍ୟା ଗୁଡିକର ସମାଧାନ କରନ୍ତୁ ନଚେତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ। ଏନେଇ ଏକ ଦାବିପତ୍ର ବିଡିଓ ପ୍ରୀୟ ରଞ୍ଜନ କୁମାରଙ୍କୁ ପ୍ରଦାନ କରାଯାଇଥିଲା।

● ମଦ ଉଜାଡି ଦେଉଛି ସଂସାର

# ନିଶାମୁକ୍ତ ଗାଁ ପାଇଁ ପୁଲିସକୁ ମହିଳାଙ୍କ ଗୁହାରି

କୁନ୍ଦୁରା, ୯।୬(ସମିସ): ମଦ ବନ୍ଦ ପାଇଁ ବାରମ୍ବାର ଗୁହାରୀ ପରେ ବି ପ୍ରଶାସନ ଶୁଣିଲାନି । ଶେଷରେ ନିଜ ପରିବାରକୁ ନିଜେ ବଞ୍ଚାଇବାକୁ ଏକାଠି ହୋଇଛନ୍ତି ମହିଳା । କୋରାପୁଟ ଜିଲ୍ଲା କୁନ୍ଦୁରା ଠାରେ ଏଭଳି



ଚିତ୍ର ଦେଖିବାକୁ ମିଳିଛି । କୁନ୍ଦୁରା ବ୍ଲକର ଡଙ୍ଗର ପାଉଁଶି, ଲିମା, ଗୁଣ୍ଡଳ, ଫୁପୁଗାଁ ଓ ବାଣୁଆଗୁଡା ଗ୍ରାମର ଶତାଧିକ ମହିଳା ଏକାଠି ହେଲେ । ପ୍ରଥମେ ଶାସ୍ତ୍ରୀ ମୋଇଦାନରେ ଆଲୋଚନା କଲେ ପରେ କୁନ୍ଦୁରା ଥାନାରେ ପହଞ୍ଚି ବିକ୍ଷୋଭ ପଦର୍ଶନ କରିଥିଲେ । ମହିଳାଙ୍କ କହିବା କଥା, ଆଜି ଅଧିକାଂଶ ପରିବାର ମୁରବିଶୂନ୍ୟ । ଅନେକ ସ୍ତ୍ରୀଙ୍କ ମଥାରୁ ପୋଛି ହୋଇଯାଇଛି ସିନ୍ଦୁର । ଅନେକ ମା' ନିଜ ପୁଅକୁ ହରାଇଛନ୍ତି । ଉକ୍ତ ଅଞ୍ଚଳରେ ପ୍ରତିଦିନ ଘଟୁଛି ଦୁର୍ଘଟଣା । ଏହାର ମୁଖ୍ୟ କାରଣ ସାଜିଛି "ମଦ' । ମଦ ପିଇ ଅନେକ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ଏନେଇ ବାରମ୍ବାର ଅଭିଯୋଗ ପରେ ବି କେହି ଶୁଣିଲେନି । ଏଣୁ ଏଥର ମଦ ମୁକ୍ତି ପାଇଁ ଅଣ୍ଟା ଭିଡ଼ିଛନ୍ତି ଶତାଧିକ ମହିଳା ମହିଳା । ତୁରନ୍ତ ଏହି ଚୋରା ମଦ କାରବାର ବନ୍ଦ କରିବା ଏବଂ ମଦ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଯଦି ଆଗାମୀ ଦିନରେ ଏହି ୪ଟି ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରାନଯାଏ, ତେବେ ମହିଳା ସଂଗଠନ ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ସହ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ପୋଲିସ ପ୍ରଶାସନ ପକ୍ଷରୁ ଅଭିଯୋଗର ଯାଞ୍ଚ କରି ଖୁବ୍ ଶୀଘ୍ର ବେଆଇନ ମଦ ଆ‡ାଗୁଡ଼ିକ ଉପରେ ଚଢ଼ଉ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମହିଳାମାନେ ଧାରଣାରୁ ହଟିଥିଲେ ।

# କାଳବୈଶାଖୀ ରଚିଲା ତାଣ୍ଡବ; ଭାଙ୍ଗିଲା ଘର



ଉମରକୋଟ, ୯।୬ (ସମିସ): ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଜାରି ରହିଛି । ମଙ୍ଗଳବାର ଅପରାହ୍ନରେ ଏହାର ପ୍ରଭାବରେ ବଡଭରଣ୍ଡି ପଞ୍ଚାୟତର ଗାଇଝରୀ ଗ୍ରାମଠାରେ ଆକାଶ ଘନ କଳା ମେଘରେ ଆଚ୍ଛାଦିତ ହୋଇ ଅପରାହ୍ନରୁ ପାଗରେ ହଠାତ୍ ପରିବର୍ତ୍ତନ ଦେଖାଯାଇଥିଲା । ପ୍ରବଳ ପବନ ବହିବା ସହ ଅନେକ ସ୍ଥାନରେ ଘଡ଼ଘଡ଼ି ଓ ବିଜୁଳି ମାରିବା ସହ ବର୍ଷା ଆରମ୍ଭ ହୋଇଥିଲା । ଉମରକୋଟ ବ୍ଲକର ବଡଭରଣ୍ଡି ପଞ୍ଚାୟତର ଗାଇଝରୀ ଗ୍ରାମ ଠାରେ ବର୍ଷା ହୋଇଥିବା ବେଳେ କାଳବୈଶାଖୀର ପ୍ରଭାବରେ ତ୍ରିନାଥ ହନ୍ତାଳଙ୍କ ପରିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି । ତ୍ରିନାଥ ହନ୍ତାଳଙ୍କ ଘର ଛପର, ବିଦ୍ୟାଳୟର ଟିଣ ଉଡି ବିଦ୍ୟୁତ ତା'ର ଉପରେ ପଡି ବିଦ୍ୟୁତ ସରବରାହ ବନ୍ଦ ରହିଛି । ବର୍ଷା ଯୋଗୁ ଗରମ ଓ ଗୁଳୁଗୁଳିରୁ ଲୋକେ ଆଶ୍ୱସ୍ତି ପାଇଛନ୍ତି । ତେବେ କେତେକ ସ୍ଥାନରେ ପ୍ରବଳ ପବନ ଯୋଗୁ ଯାତାୟାତ ପ୍ରଭାବିତ ହୋଇଥିବା ଏବଂ ରାସ୍ତାରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି ।

## ଗଛପଡ଼ି ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲା ପରିବାର

ପାପଡାହାଣ୍ଡି, ୯।୬(ସମିସ): ଅପରାହ୍ନର କାଳବୈଶାଖୀ ବର୍ଷାରେ ପାପଡାହାଣ୍ଡି ଭୀମାସାହିର ଗୋପୀନାଥ ମାଝୀଙ୍କ ଇଶ୍ୱର ମାଝୀଙ୍କ ଆଜବେଷ୍ଟସ୍ ଘର ଉପରେ ଆମ୍ବ ଗଛ ପଡି ଯିବାରୁ ଘରର କାନ୍ଥ ଏବଂ ଆଜବେଷ୍ଟ ସମ୍ପୂର୍ଣ ଭାବେ ଭାଙ୍ଗି ଯାଇଛି । ଅଳ୍ପକେ ବର୍ତି ଯାଇଛନ୍ତି ପରିବାର ଲୋକେ । ଗୋପୀନାଥ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି । ସେ କୁଲି ମଜୁରୀ କରି ପରିବାର ଚଳାନ୍ତି । ଏବେ ରହିବାକୁ ତାଙ୍କର ଘର ନାହିଁ । ପ୍ରଶାସନ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଏହି ଗରିବ ଅସହାୟ ପରିବାରକୁ ଆବାସ ଯୋଜନାରେ ସାମିଲ କରି ବାସଗୃହ ଟିଏ ପ୍ରଦାନ କରିବାକୁ ଦାବି କରିଛନ୍ତି ।



# ବାରମ୍ବାର ଗୁହାରି ପରେ ବି ମିଳୁନି ଭତ୍ତା

ସୁନାବେଡ଼ା, ୯।୬(ସମିସ): କୋରାପୁଟ ଜିଲ୍ଲା ସଦର ମହକୁମା ଅନ୍ତର୍ଗତ ଡୁମୁରିପୁଟ ନିକଟସ୍ଥ ନିଘାମାନିଗୁଡ଼ା ଗ୍ରାମର ବୁଦ୍ଧୁରା ରୁଡ଼ାଇଙ୍କୁ (୬୩) ବର୍ଷ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି । ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ



ନଥିବା ବେଳେ ତାଙ୍କ ପୁଅ କୁଲି ମଜୁରି କରି ପରିବାର ଚଳାଉଛନ୍ତି । ଝିଅମାନେ ବିବାହ ପରେ ଅନ୍ୟତ୍ର ରହୁଛନ୍ତି । ବୁଦ୍ଧୁରା ରୁଡ଼ାଇ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବାରମ୍ବାର ସ୍ଥାନୀୟ ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗର ଦ୍ୱାରସ୍ଥ ହୋଇଥିଲେ ମଧ ତାଙ୍କ ଆବେଦନ ଉପରେ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ବିଭିନ୍ନ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସେ ଶେଷରେ ନିରାଶ ହୋଇପଡ଼ିଥିବା ଜଣାପଡ଼ିଛି । ସରକାର ବୃଦ୍ଧ ଓ ବୃଦ୍ଧାମାନଙ୍କ ସାମାଜିକ ସୁରକ୍ଷା ପାଇଁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେଉଥିବା ବେଳେ କେତେକ ସରକାରୀ ଅଧିକାରୀଙ୍କ ଅବହେଳା ଓ ଆନ୍ତରିକତାର ଅଭାବ ଯୋଗୁଁ ଯୋଗ୍ୟ ହିତାଧିକାରୀ ଏହି ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ତଦନ୍ତ କରି ବୁଦ୍ଧୁରା ରୁଡ଼ାଇଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ସହ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି ।

# ଦାଦାକୁ ମୃତ ଦର୍ଶାଇ ପୁତୁରାର ଜମି ହଡ଼ପ ଅଭିଯୋଗ

ରାୟଗଡ, ୯।୬(ସମିସ): ନିଜ ବୃଦ୍ଧ ଦାଦାଙ୍କୁ ମୃତ ଦର୍ଶାଇ ଜମି ହଡପ କରିଛି ପୁତୁରା । ଏପରି ଘଟଣା ରାୟଗଡ ଜିଲ୍ଲାର କାଶୀପୁର ବ୍ଲକ ତଳପାଡିଖାଲ ଗ୍ରାମରେ ଘଟିଛି । ରାଜସ୍ୱ ନୀରିକ୍ଷକଙ୍କୁ ହାତ କରି ପୁତୁରା ସାନୀ ମାଝୀ ଦାଦା ଦିଉତୁ ମାଝୀଙ୍କ ୪୯ ସେଣ୍ଟ୍ ଜମିକୁ ହଡପ କରିଥିବା ଅଭିଯୋଗ ହୋଇଛି । କାଗଜପତ୍ରରେ ଦିଉତୁକୁ ମୃତ ଦର୍ଶାଇ ଜମିକୁ ହଡପ କରାଯାଇଥିବା ବେଳେ ଦିଉତୁ ଏବେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । କାଶୀପୁର ତଦସିଲଦାରଙ୍କୁ ଦିଉତୁ ଏକ ଲିଖିତ ଅଭିଯୋଗ କରିବା ପରେ ରାୟଗଡ ଉପଜିଲ୍ଲାପାଳଙ୍କୁ ଜମି ଫେରାଇବା ପାଇଁ ଦାବି କରିଛନ୍ତି । ଅନ୍ୟପଟେ ଜୀବିତ ଲୋକଙ୍କୁ ମୃତ ଦର୍ଶାଇଥିବା ରାଜସ୍ୱ ନୀରିକ୍ଷକଙ୍କ ବିରୋଧରେ ତଦନ୍ତ



କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ରମେଶ କୁମାର ଜେନା କହିଛନ୍ତି । ତଳପାଡିଖାଲ ଗ୍ରାମରେ ବୃଦ୍ଧ ଦିଉତୁ ମାଝୀଙ୍କ ପ୍ଲଟ୍ ନଂ.୯୯ ଓ ପ୍ଲଟ୍ ନଂମ୍ବର ୧୦୦ ରେ ୪୯ ସେଣ୍ଟ୍ ଜମି ରହିଛି । ହେଲେ ଉକ୍ତ ଜମିକୁ ଦିଉତୁର ପୁତୁରା ସାନୀ ମାଝି ଚକ୍ରାନ୍ତ କରି ୨୦୨୪ ମସିହାରେ ହଡ଼ପ କରିଛି । ଦିଉତୁଙ୍କ ବଡ଼ ଭାଇ ଡିରିବି ମାଝୀ ମୃତ୍ୟୁବରଣ କରିଥିବା ବେଳେ ଦାଦା ଦିଉତୁ ଏବେ ବି ଜୀବିତ ଅଛନ୍ତି । ଏହି ଦୁଇ ଭାଇଙ୍କ ନାମରେ ଜମି ରହିଥିବା ବେଳେ ସାନୀ ମାଝୀ ନିଜ ନାମରେ ଉତ୍ତରାଧିକାରୀ ସତ୍ତ୍ୱ ରିପୋର୍ଟ ଦେଇ ନିଜ ନାମରେ ପଟ୍ଟା କରାଇ ନେଇଛନ୍ତି । ଏନେଇ ଦିଉତୁ ମାଝୀ କାଶୀପୁର ତହସିଲଦାରଙ୍କ ନିକଟରେ

### ସନ୍ଦେହରେ ରାଜସ୍ୱ ନିରୀକ୍ଷକ ଭୂମିକା

ଏକ ପିଟିସନ୍ ଦାଖଲ କରିଥିବା ବେଳେ ରାୟଗଡ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଛନ୍ତି ।

# ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ବର୍ଷ ପୂର୍ତ୍ତି

ନବରଙ୍ଗପୁର, ୯।୬(ସମିସ):

ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ୧୦ ବର୍ଷ ପୂର୍ତ୍ତି ଅବସରରେ ନବରଙ୍ଗପୁର ଜିଲ୍ଲାର ୪୧ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଭିଜ୍ଞ ଚିକିତ୍ସକମାନଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା । ଏହି ଅବସରରେ ଜିଲ୍ଲାର ମୋଟ ୨,୯୧୮ ଜଣ ଗର୍ଭବତୀ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସମସ୍ତ ଗର୍ଭବତୀ ମା'ଙ୍କୁ ମାଗଣା ରକ୍ତ ପରୀକ୍ଷା, ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ଔଷଧ ବଣ୍ଟନ କରାଯାଇଥିଲା । ଏହା ସହିତ ୧,୧୧୯ ଜଣ ଗର୍ଭବତୀ ମହିଳାଙ୍କର ମାଗଣା ଅଲ୍ଟ୍ରାସାଉଣ୍ଡ ପରୀକ୍ଷା ମଧ କରାଯାଇଥିଲା । ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ୨,୯୧୮ ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୧,୦୨୩ ଜଣ ବିପଦ ସଙ୍କୁଳ ବର୍ଗର ମା'ଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ସେବା ଓ ନିୟମିତ ଅନୁସରଣମୂଳକ ଯତ୍ନ ଯୋଗାଇ ଦିଆଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ, ସହକାରୀ ଚିକିତ୍ସା ଅଧିକାରୀ ଡାକ୍ତର ମଲୟ କୁମାର ତ୍ରିପାଠୀ, ସଂକର ଆଚାର୍ଯ୍ୟ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ମସନସ କୁମାର ପଣ୍ଡା ଉପ ପରିଚାଳକ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ଓ ତଦାରଖ କରିଥିଲେ । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

# ପ୍ରଧାନମନ୍ତ୍ରୀ, ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ



ନବରଙ୍ଗପୁର, ୯।୬(ସମିସ): ନବରଙ୍ଗପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ନିଟ ପ୍ରଶ୍ନ ପତ୍ର ଲିକ କେଲେଙ୍କାରୀ, ପେଟ୍ରୋଲ ଡିଜେଲ୍, ଇନ୍ଧନ ଗ୍ୟାସ ଦର ବୃଦ୍ଧି ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧିକୁ ବିରୋଧ କରି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲା କଂଗ୍ରେସ କମିଟି ସଭାନେତ୍ରୀ ଲିପିକା ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ମୁନା ତ୍ରିପାଠୀ, ମହିଳା ସଭାନେତ୍ରୀ ପି ନାଗାରାତ୍ନମା, ବୃନ୍ଦାବନ ତ୍ରିପାଠୀ, ପ୍ରଦୀପ ସାହୁ, ହୁସନା ବାନୋ, ହାଇସା ବାନୋ, ଗୋପାଳ ତ୍ରିପାଠୀ, ଭବାନୀ ସାହୁ ପ୍ରମୁଖ ନେତୃ ମଣ୍ଡଳୀ ଉପସ୍ଥିତ ରହିଥିଲେ ।

# ଅତ୍ୟାବଶ୍ୟକ ସୁବିଧା ନାହିଁ; ବିରଖମ୍ବ ପୀଠରେ ଶ୍ରଦ୍ଧାଳୁ ହନ୍ତସନ୍ତ

ବୈପାରୀଗୁଡା, ୯।୬(ସମିସ): ବିରଖମ୍ବ ପୀଠରେ ମୌଳିକ ସୁବିଧା ନ ପାଇ ହନ୍ତସନ୍ତ ହେଉଛନ୍ତି ଶ୍ରଦ୍ଧାଳୁ । ପାଣି, ବିଜୁଳି ଏବଂ ଆଶ୍ରୟ ସ୍ଥଳୀ ଭଳି ବିଭିନ୍ନ ସମସ୍ୟାରେ ବୁଡି ରହିଛି ପୀଠ । ନାହିଁ ନାହିଁରେ ଚାଲିଛି ବିରଖମ୍ବ ପୀଠ । ପ୍ରତି ମଙ୍ଗଳ ଏବଂ ଶୁକ୍ରବାର ପୀଠରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶହ ଶହ ଭକ୍ତଙ୍କ ଭିଡ଼ ଲାଗିରହିଥିବା ବେଳେ ବିଶୁଦ୍ଧ ପାନୀୟ ଜଳ, ରାତିଯାପନ ପାଇଁ ଆଶ୍ରୟସ୍ଥଳୀ ସହ ଆଲୋକୀକରଣ ବ୍ୟବସ୍ଥା ନାହିଁ । ଏଠାରେ ଫେଲ ମାରିଛି ଡବଲ ଇଞ୍ଜିନ ସରକାର । କୋରାପୁଟ ବିଧାୟକ ରଘୁରାମ ମାଛ ନିଜ ବିଧାୟକ ପାଣ୍ଠିରୁ ଚିଠି ନମ୍ବର ୧୩୪/୨୫ ଅନୁଯାୟୀ ଗତ ୯.୪.୨୦୨୫ରେ ବିରଖମ୍ବ ପୀଠରେ ଆଲୋକୀକରଣ ପାଇଁ ବ୍ୟବସ୍ଥା କରାଯାଇଥିଲା । ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ହାଇମାକ୍ସ ଏବଂ ବିରଖମ୍ବ ପୀଠ ପିକନିକ ସ୍ଥଳୀରେ ସୋଲାର ଲାଇଟ ଲଗାଇବା ପାଇଁ ପାଞ୍ଚ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ଆଲୋକୀକରଣ



ପାଇଁ ମାଆ ଇଣ୍ଟରପ୍ରାଇଜସ ନାମକ ସଂସ୍ଥାକୁ ଦାୟିତ୍ୱ ଲଗାଯାଇଛି । କିନ୍ତୁ କୌଣସି ଲାଇଟ୍ ଜଳୁନି । ଯା' ଦ୍ୱାରା କି

### ରାତି ଅନ୍ଧାରରେ ରାସ୍ତାରେ ଆଶ୍ରୟ

ଦିଆଯାଇଥିବା ବେଳେ ବିରଖମ୍ବ ପୀଠରେ ସୋଲାର ସ୍ଟ୍ରିଟ୍ ଲାଇଟ୍ ଅନ୍ଧାରରେ ହନ୍ତସନ୍ତ ହେଉଛନ୍ତି ଶ୍ରଦ୍ଧାଳୁ । ସେହିପରି ପୀଠର ଉନ୍ନତି କରଣ ପାଇଁ ତତ୍କାଳୀନ ବିଜେଡି ସରକାର ଦଶ ଲକ୍ଷ ଟଙ୍କା ମଞ୍ଜୁରୀ କରିଥିଲା । ଏହି ଅର୍ଥରେ ଆଶ୍ରୟ ସ୍ଥଳୀ ନିର୍ମାଣ ହୋଇଥିଲେ ସୁଦ୍ଧା ସାଧାରଣ ଭକ୍ତଙ୍କ ବ୍ୟବହାରରେ ଆସୁନି । ବାଧ ହୋଇ ଶ୍ରଦ୍ଧାଳୁ ମାନେ ରାସ୍ତା କଡ଼ରେ ଆଶ୍ରୟ ନେଉଛନ୍ତି । ପୀଠରେ ପାଣି, ବିଜୁଳି ଏବଂ ଆଶ୍ରୟ ସ୍ଥଳୀ ବ୍ୟବସ୍ଥା କରିବାକୁ ଝରୀଗାଁରୁ ଆସିଥିବା ଶ୍ରଦ୍ଧାଳୁ ମଙ୍ଗୁଲୁ ସାନ୍ତା, ଦିଲୀପ ସାନ୍ତା ଓ ପଦ୍ମନ ନାୟକ ପ୍ରମୁଖ ଦାବି କରିଛନ୍ତି ।

# ବଜ୍ରାଘାତରେ ବୃଦ୍ଧ ମୃତ

ପାପଡାହାଣ୍ଡି, ୯।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଘାଟଗୁଡା ଗ୍ରାମପଞ୍ଚାୟତ ସଦର ମହକୁମା ଠାରେ ବଜ୍ରାଘାତରେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତ ବୃଦ୍ଧ ଜଣକ ଗୋରାଚାନ୍ଦ ଦଳେଇ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ଘାଟଗୁଡା ଗ୍ରାମର ଗୋରାଚାନ୍ଦ ଦଳେଇ (୮୧) ନିଜ ଚାଷ ଜମିରେ ଚାଷ କାମ କରୁଥିଲେ । ସନ୍ଧ୍ୟା ୪ ଘଣ୍ଟା ସମୟରେ ଅଚାନକ କୁଆପଥର ବର୍ଷା ସହ ବିଜୁଳି ଘଡ଼ଘଡ଼ି ହୋଇଥିଲା । ଏହି ସମୟରେ ଗୋରାଚାନ୍ଦ ଉପରେ ବଜ୍ରାଘାତ ହେବାରୁ ସେ ଜମିରେ ଟଳି ପଡିଥିଲେ । ପରିବାର ସଦସ୍ୟ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# କୁନ୍ଦୁରାରେ ରବିମଣ୍ଡି ଶୁଭାରମ୍ଭ




କୁନ୍ଦୁରା, ୯।୬ (ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗର ପାଉଁଶି ଏବଂ ଦିଗାପୁର ଠାରେ ରବି ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି । ବ୍ଲକରେ ମୋଟ ୯ଟି ମଣ୍ଡିରୁ ଧାନ ଉଠିବ । ମେ ମାସରୁ ଚାଷୀଙ୍କ ମୋବାଇଲରେ ଧାନ ବିକ୍ରି ନେଇ ଟୋକନ ମେସେଜ ଆସିଥିବା ବେଳେ ମଣ୍ଡି ଶୁଭାରମ୍ଭ ନେଇ ଚିନ୍ତିତ ଥିବା ଚାଷୀ ଆଶ୍ୱସ୍ତ ହୋଇଥିବା ଦେଖିବାକୁ ମିଳିଛି । କୋରାପୁଟ ଜିଲ୍ଲା ମିଲର୍ସ ସଙ୍ଘ ସମେତ ଯୋଗାଣ ନିରୀକ୍ଷକ ପ୍ରଦୀପ କୁମାର ସେଠୀ ଉପସ୍ଥିତ ରହି ଆରମ୍ଭ କରିଛନ୍ତି । ଡଙ୍ଗର ପାଉଁଶି ଧାନ ମଣ୍ଡିର୨୮ ମେସୁଦ୍ଧା ଟୋକାନ ଆସିଥିବା ୧୮୫ ଜଣ ଚାଷୀଙ୍କ ୮୦୧୬ ଏବଂ ଦିଗାପୁର ଠାରେ ୨୪୬ ଚାଷୀଙ୍କର ୯୪୧୪ କ୍ୟୁଣ୍ଟାଲ ଧାନ କ୍ରୟ ଆସନ୍ତାକାଲି ଠାରୁ ଅନ୍‌ଲାଇନ ମାଧ୍ୟମରେ କ୍ରୟ କରାଯିବ ।

# ଚାଷୀଙ୍କୁ ସାର ଯୋଗାଣରେ ସରକାର ବିଫଳ:ବିଜେଡି

ଉମରକୋଟ, ୯।୬(ସମିସ): ସ୍ଥାନୀୟ ଏକ ହୋଟେଲରେ ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଚାଷୀ କିପରି ସୁରୁଖୁରୁରେ ସାର ପାଇ ପାରିବେ ସେ ବିଷୟରେ ଆଲେଚନା କରାଯାଇଥିଲା । ମୌସୁମୀ ଆସି ଗଲାଣି । ଚାଷୀ ଜମି ଚାଷ କରି ବିହନ ମଧ ବୁଣି ସାରିଲେଣି । କିନ୍ତୁ ରାଜ୍ୟ ସରକାରଙ୍କ ଚାଷି ମାରଣା ନିତି ଯୋଗୁଁ ଆଜି ପର୍ଯ୍ୟନ୍ତ ଚାଷୀ ସାର ପାଇ ପାରୁ ନାହାନ୍ତି ବୋଲି ବିଜେଡି ଅଭିଯୋଗ କରି ରାଜ୍ୟ ସରକାର ଓ ରାଜ୍ୟ ପ୍ରଶାସନକୁ ସମାଲୋଚନା କରିଛି । ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ କହିଛନ୍ତି ଯେ ନବରଙ୍ଗପୁର ଜିଲ୍ଲା ଏକ କୃଷି ଭିତ୍ତିକ ଜିଲ୍ଲା । ବର୍ତ୍ତମାନ ରାଜ୍ୟ ସରକାର ପଟ୍ଟା ଥିବା ଓ ଆଇଡି ଥିବା ପଞ୍ଜୀକରଣ କରିଥିବା ଚାଷୀଙ୍କୁ ସାର ମିଳିବ ବୋଲି ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ନିନ୍ଦନୀୟ । ସେହିପରି ପ୍ରଦୀପ ମାଝୀ କହିଛନ୍ତି ଦୀର୍ଘ ୩୦ ବର୍ଷ ଅପାର ଉଦ୍ୟମ ଯୋଗୁଁ ନବରଙ୍ଗପୁର ଜିଲ୍ଲା ସମଗ୍ର ଭାରତ ବର୍ଷରେ ସୁନାମ ଆଣିଥିବା ବେଳେ ସରକାରଙ୍କ ତୃଟିପୂର୍ଣ୍ଣ ପରିଚାଳନା ଯୋଗୁଁ ଚାଷୀଙ୍କ ଖରିଫ ଧାନ ଉଠି ପାରିଲା ନାହିଁ ।



ଚାଷୀ ଡିଜେଲ ପାଇଲେ ନାହିଁ । ସରକାରଙ୍କ ତୃଟିପୂର୍ଣ୍ଣ ନୀତି ଯୋଗୁଁ ୧ ଲକ୍ଷ ୨୮ ହଜାର ଚାଷୀ ଓ ୩ ଲକ୍ଷ ୮୦ ହଜାର କୃଷୀ ଶ୍ରମିକ ପ୍ରଭାବିତ ହେଲେ ଓ ସେମାନଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ ବୋଲି କହିବା ସହ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ଓ ଅନ୍ୟାନ୍ୟ ସାର ମହଜୁଦ ଥିବା ବେଳେ କାହିଁକି ବଣ୍ଟନ କରାଯାଉନାହିଁ ବୋଲି ପ୍ରଶ୍ନ କରିବା ସହ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏପରି କୃତ୍ରିମ ଅଭାବ ସୃଷ୍ଟି କରିବାପାଇଁ ଚାହୁଁଛନ୍ତି ବୋଲି କହିଛନ୍ତି । ଆଗାମୀ ୧୫ ଦିନ ମଧ୍ୟରେ ଯଦି ସାର ସମସ୍ୟାର ସମାଧାନ ନ ହୁଏ ତାହେଲେ, ବିଜେଡ଼ି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ରମେଶ ମାଝି, ବରିଷ୍ଠ ବିଜେଡି ନେତା ପ୍ରଦୀପ ମାଝୀ, ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଉମରକୋଟ ପୌର ଅଧ୍ୟକ୍ଷା ରାଧା ଭତରା, ନଗର ସଭାପତି ଚନ୍ଦନ ବେହେରା, କାଲୁ ପଣ୍ଡା, ଭିକି ନାୟକ, ତପନ ଦେବନାଥ ଓ ଅଜିତ ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬

# ସେମିଫାଇନାଲରେ ନବରଙ୍ଗପୁର ବାଳକ, ବାଳିକା ଦଳ

ନବରଙ୍ଗପୁର, ୯।୬(ସମିସ): ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିଅମ ଠାରେ ଚାଲିଥିବା ଜୋନାଲ ସ୍ତରୀୟ ୧୪ ବର୍ଷରୁ କମ୍ ଅନ୍ତଃ ଜିଲ୍ଲା ମୁଖ୍ୟ ମନ୍ତ୍ରୀ ଟ୍ରଫି-୨୬ ଚାମ୍ପିଅନ୍‌ସିପରେ ଉଭୟ ନବରଙ୍ଗପୁର ଜିଲ୍ଲା ବାଳକ ଏବଂ ବାଳିକା ଦଳ ଜୋନାଲ ଚାମ୍ପିୟନ୍ ହୋଇ ସେମି ଫାଇନାଲରେ ପ୍ରବେଶ କରିଛନ୍ତି । ଜୋନାଲ ସ୍ତରୀୟ ଫାଇନାଲ ମ୍ୟାଚରେ ବାଳକ ଦଳ କନ୍ଧମାଳ ଦଳକୁ ୨-୦ ଗୋଲରେ ପରାସ୍ତ କରିଥିବା ବେଳେ ବାଳିକା ଦଳ ଗଜପତି ଦଳକୁ ୬-୦ ଗୋଲରେ ପରାସ୍ତ କରିଥିଲେ । ସେମି ଫାଇନାଲ ଖେଳିବା ନିମନ୍ତେ ଦଳ ରାଉରକେଲା ଗସ୍ତ କରିଛି । ଦଳର କୋଚ ଭାବେ ସପନ



ବୈରାଗି, ଫିରୋଜ ହିଆଲ ଓ ଲାଲୁ ହରିଜନ ଦାଇତ୍ୱ ନେଉଥିବା ବେଳେ ମେନେଜର ଭାବେ ଶଶାଙ୍କ ଶେଖର ବେହେରା ଏବଂ ଦୁର୍ଯ୍ୟ ହରିଜନ ଦାଇତ୍ୱ ନିର୍ବାହ କରୁଛନ୍ତି । ନବରଙ୍ଗପୁର ଉଭୟ ବାଳକ ଓ ବାଳିକା ଦଳର ଏହି ସଫଳତା ନବରଙ୍ଗପୁର ମାଟିକୁ ରାଜ୍ୟ ସ୍ତରରେ ଗର୍ବିତ କରିଛି । ଏହି ଖବର ପାଇବା ପରେ ନବରଙ୍ଗପୁର କ୍ରୀଡା ସଂଘର ସଭାପତି ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ, କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ.ବାଲା କୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରୀଡା ସମ୍ପାଦକ ଜ୍ୟୋତି ପରିଛା, ଇଣ୍ଡୋର ସମ୍ପାଦକ କୃଷ୍ଣ ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ୍, ମହିଳା ସମ୍ପାଦିକା ଇଁ. ଚନ୍ଦନା ମଲ୍ଲିକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ ସମେତ କ୍ରୀଡା ସଂଘର ଅନ୍ୟ ସମସ୍ତ ସଦସ୍ୟ ମାନେ ବାଳକ ଦଳକୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ ଯେ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲରେ ନବରଙ୍ଗପୁର ଜିଲ୍ଲା ବାଳକ ଦଳ ଯାଜପୁର ସହ ଏବଂ ବାଳିକା ଦଳ ଭୁବନେଶ୍ୱର ଦଳକୁ ଭେଟିବ ।

# ବୈପାରୀଗୁଡ଼ାରେ ଉଦ୍‌ଘାଟନ ହେଲା ରବି ମଣ୍ଡି

କୁନ୍ଦୁରା, ୯।୬ (ସମିସ): ବୈପାରୀଗୁଡା ସଦର ମହକୁମା ସ୍ଥିତ ସାପ୍ତାହିକ ହାଟପଦା ଠାରେ ରବି ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି । ଚଳିତ ବର୍ଷ ମୋଟ ୧୭୮ ଚାଷୀଙ୍କ ନାମ ପୁଞ୍ଜିକରଣ ହୋଇଥିବା ବେଳେ ୧୪୦ ଚାଷୀଙ୍କ ଠାରୁ ପ୍ରାୟ ପାଞ୍ଚ ହଜାର ପାଞ୍ଚ ସହ ଧାନ କ୍ରୟ କରାଯିବ ବୋଲି ସୂଚନା ରହିଛି । କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ବୋଲି ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ କହିଛନ୍ତି । ବୈପାରୀଗୁଡା ବ୍ଲକବାସୀଙ୍କ ଧାନ କେବଳ ଗୋଟିଏ ମଣ୍ଡରୁ ଉଠିବ । ଏଥିପାଇଁ ଏସକେ ଇଣ୍ଡଷ୍ଟ୍ରି ଏବଂ ଗୋଲଡେନ ରାଇସ ମିଲ ଏହି ଧାନ କ୍ରୟ କରିବେ ବୋଲି ସୂଚନା ରହିଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ସରପଞ୍ଚ ସୂର୍ଯ୍ୟମଣି ନାୟକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ଆନା ଅଧ୍ୟକ୍ଷ ପବିତ୍ର କାନ୍ଦିଲିଆ, ସାଂସଦ ପ୍ରତିନିଧି ନରେନ୍ଦ୍ର କାନ୍ଦିଲିଆ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଚାନ୍ଦ ଶେଖର ରଥ, ବିଧାୟକ ପ୍ରତିନିଧି ଉମେଶ ପଟ୍ଟନାୟକ, ମନୋଜ ନାୟକ, ଚକ୍ର ବୌରାଗୀ, ବରିଷ୍ଠ ଚାଷୀ ହରିହର ହରିହର ରଗଡି, ଲ୍ୟାମ୍ପସ ଏମଡି ଏବଂ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।



## ମଦ ଭାଟି ଉପରେ ଚଢ଼ଉ



**କୁଆମରା, ୯।୬(ସମିସ):** ବେଆଇନ ମଦ ଭାଟି ଉପରେ ଚଢ଼ଉ କରିଛି ଖୁଣ୍ଟା ଅବକାରୀ ବିଭାଗ। ଖୁଣ୍ଟା ଥାନା ଅନ୍ତର୍ଗତ ବହଳଦା ଗ୍ରାମର ଏକ ନିଛାଟିଆ ସ୍ଥାନରେ ଦେଶୀ ମଦ ଭାଟି ଥିବା ଓ ସେଠାରେ ପ୍ରସ୍ତୁତି ଚାଲିଥିବା ଖବର ପାଇ ଚଢ଼ଉ କରାଯାଇଥିଲା। ତେବେ ଅଭିଯୁକ୍ତ କୌଶଳକ୍ରମେ ଖସି ପଳାଇବାରେ ସମର୍ଥ ହୋଇଥିବାବେଳେ ସେଠାରେ ଥିବା ୨୨୦୦ କେଜି ପୋଚ ନଷ୍ଟ କରାଯାଇଥିବାବେଳେ ୧୮୦ ଲିଟର ଦେଶୀ ମଦ ଓ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ସେହିପରି ତୁଳସୀବଣୀ ଗ୍ରାମର ରାଜୁ ହେମ୍ବ୍ରମ ବେଆଇନ ମଦ ବିକ୍ରି କରୁଥିବାବେଳେ ଧରାପଡ଼ିଥିଲେ। ଅଭିଯୁକ୍ତଠାରୁ ୧୮ ଲିଟର ମଦ ଜବତ ହୋଇଛି। ଏ ନେଇ ପୃଥକ ମାମଲା ରୁଜୁ ହୋଇଛି। ଏଏସଆଇ କୃଷ୍ଣଚନ୍ଦ୍ର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ସୋରେନ, ପାର୍ବତୀ ମାରାଣ୍ଡି ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

## ମାଛ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



**ବାରିପଦା, ୯।୬(ସମିସ):** ବାରିପଦା ଟାଉନ ଥାନା ଅନ୍ତର୍ଗତ ପୋଡ଼ାଅସ୍ତିଆରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ନାମ ବାବୁ ଓରଫ କୃଷ୍ଣଚନ୍ଦ୍ର ନାୟକ। ସେ ମଧୁବନ ଖେଳ ପଡ଼ିଆ ପାର୍ଶ୍ୱରେ ମାଛ ବିକ୍ରି କରୁଥିଲେ। ଯୁବକ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। କାରଣ ଜଣାପଡ଼ିନି। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଯୁବକଙ୍କ ମୃତ୍ୟୁ, ଅଂଶୁଘାତ ସନ୍ଦେହ

**ମୋରଡ଼ା, ୯।୬(ସମିସ):** ପାଞ୍ଚଗୋଛିଆ ଗ୍ରାମର ଶଙ୍କର ଧଣିକଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରାଯାଉଛି। ସେ ଗତକାଲି ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ର ପଛ ପଟେ ପଡ଼ିଥିବା ଦେଖି ଲୋକେ ଭୟଭୀତ ହୋଇପଡ଼ିଥିଲେ। ତାଙ୍କୁ ଉଠାଇବାକୁ କେହି ଚେଷ୍ଟା କରି ନ ଥିଲେ। ଗ୍ରାମର କିଛି ସହୃଦୟ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତାଙ୍କ ଝିଅଙ୍କୁ ଖବର ଦେଇଥିଲେ। ଗତକାଲି ପ୍ରବଳ ଗ୍ରୀଷ୍ମପ୍ରବାହ ହେଉଥିବାରୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତାଙ୍କ ପରିବାରକୁ ଅଂଶୁଘାତଜନିତ ସହାୟତା ରାଶି ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ନିଚୁଆପଦା ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ରକି ଏକାଦଶ ଚାମ୍ପିଅନ୍



**ମୋରଡ଼ା, ୯।୬(ସମିସ):** ନିଚୁଆପଦା ଛଉ ପଡ଼ିଆରେ ଚଳିତ ମାସ ୬ ତାରିଖରେ ଆରମ୍ଭ ହୋଇଥିବା ନିଚୁଆପଦା ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲର ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ ସ୍ୱରୂପ ସୋରେନ ଓ ଯୋଗେଶ୍ୱର ମହାନ୍ତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳକୁ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚ୍ ଆନବିଟଏବୁଲ ଏକାଦଶ ଓ ରକି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆନବିଟଏବୁଲ ଏକାଦଶ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆମନ୍ତ୍ରଣ ପାଇ ରକି ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦୮ ରନ କରିଥିବାବେଳେ ଜବାବରେ ଆନବିଟଏବୁଲ ଏକାଦଶ ୯୫ ରନରେ ଅଲଆଉଟ୍ ହୋଇଯାଇଥିଲା। ମୁକେଶ ମହାନ୍ତ ଓ ଶୁଭେନ୍ଦୁ ମହାନ୍ତ ଖେଳ ପରିଚାଳନା କରିଥିଲେ। ଚାମ୍ପିଅନ ଦଳକୁ ୧୪୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ୧୦ ହଜାର ଟଙ୍କା ମୁଖ୍ୟଅତିଥି ପ୍ରଦାନ କରିଥିଲେ। ସଭାପତି ପ୍ରଶାନ୍ତ ମହାନ୍ତ, ଉପସଭାପତି ବଳରାମ ବିନ୍ଧାଣୀ, ସମ୍ପାଦକ ମୁକେଶ ମହାନ୍ତ, ସହସମ୍ପାଦକ ଶୁଭେନ୍ଦୁ ମହାନ୍ତ, ସଦସ୍ୟ ବିକାଶ ରାଜ, ସଞ୍ଜୟ କୁମାର ମହାନ୍ତ, ବାବୁରାମ ମହାନ୍ତ, ସୁକାନ୍ତ ମହାନ୍ତ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ଆଚାର୍ଯ୍ୟ ଦେବଙ୍କ ଜନ୍ମୋତ୍ସବ



**ବାରିପଦା, ୯।୬(ସମିସ):** ସ୍ଥାନୀୟ ଚିପଟଅସ୍ତିଆସ୍ଥ ପରମପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସ୍ଥାନୀୟ ଚିପଟଅସ୍ତିଆସ୍ଥ ବାରିପଦା ସତସଙ୍ଗ ବିହାରରେ ସୋମବାର ଦିନ ଅଧୁନା ଆଚାର୍ଯ୍ୟ ଦେବ ଅର୍କଦ୍ୟୁତି ଚକ୍ରବର୍ତ୍ତୀଙ୍କ ୫୯ତମ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସହପ୍ରତିଋତ୍ୱିକ ରବୀନ୍ଦ୍ର ନାଥ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବହୁ ଆଲୋଚକ ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରା ଓ ଆଚାର୍ଯ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିନତି ପ୍ରାର୍ଥନାନ୍ତେ ଯାଜକ ମହେନ୍ଦ୍ର ସାହୁ ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀହସ୍ତ ଲିଖିତ ସତ୍ୟାନୁ ସରଣଗ୍ରନ୍ଥ ପାଠ କରିଥିଲେ। ସେହିପରି ଅଧ୍ୱର୍ଯ୍ୟୁ କର୍ମୀ ଦୀପକ କୁମାର ଦାସ ନାରୀର ନୀତି ଗ୍ରନ୍ଥ ପାଠ କରିଥିଲେ। ସହପ୍ରତିଋତ୍ୱିକ କାର୍ଯ୍ୟ ମୁକ୍ତିକାନ୍ତ ନାୟକ ଓ ଗୁରୁଭ୍ରାତା ରାଧାକୃଷ୍ଣ ପ୍ରଧାନ ଭଜନ ପରିବେଷଣ କରିଥିଲେ। ଗୁରୁଭ୍ରାତା ଯତୀନ ଦାସ କୋରସ ଗାନ କରିବା ପରେ ସହପ୍ରତିଋତ୍ୱିକ ବିଜ୍ଞାନ ଭୂଷଣ ମହାପାତ୍ର ଉଦଣ୍ଡ କୀର୍ତ୍ତନ ପରିବେଷଣ କରିଥିଲେ। ସତସଙ୍ଗ ବିହାରର ପରିଚାଳକ ସୁବାସ ଚନ୍ଦ୍ର ପାଲ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୱର୍ଯ୍ୟୁ କର୍ମୀ ବଟକୃଷ୍ଣ ସାହୁ ଓ ସହପ୍ରତିଋତ୍ୱିକ ଜଗଦୀଶ ସାହୁ ଆଚାର୍ଯ୍ୟ ପରମ୍ପରାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସହପ୍ରତିଋତ୍ୱିକ୍ ଶଙ୍କର୍ଷଣ ସାହୁ ସମାଜର ସାମ୍ପ୍ରତିକ ସ୍ଥିତିରେ ଶ୍ରୀଶ୍ରୀ ଠାକୁରଙ୍କ ଭାବାଦର୍ଶର ପ୍ରୟୋଗାତ୍ମକ ଦିଗ ଓ ଆଚାର୍ଯ୍ୟାନୁସରଣର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା ରଖିଥିଲେ। ସାମ୍ପ୍ରତିକ ବସ୍ତୁବାଦୀ ନୈତିକ ଅଧୋପତିତ ସମାଜକୁ ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରାର ଅନୁଶୀଳନ ରକ୍ଷା କରିପାରିବ ବୋଲି ସେ ଦୃଢ଼ମତ ପୋଷଣ କରିଥିଲେ।

## ମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା

**ମୋରଡ଼ା, ୯।୬(ସମିସ):** ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଅସୁସ୍ଥ ହେବାରୁ ଗତକାଲି ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଅବସ୍ଥାରେ ଥିବାବେଳେ ଆଜି ମୋରଡା ବ୍ଲକ ଅଧୀନ ଚିତ୍ରଡ଼ା ମଣ୍ଡଳ ବିଜେପି ନେତା ଜଗଦୀଶ ସାହୁ ଓ ରାକେଶ ଦାସଙ୍କ ନେତୃତ୍ୱରେ ବିଜେପି କର୍ମୀ ସ୍ଥାନୀୟ ଚିତ୍ରଡ଼ା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆଜି ପୂର୍ବାହ୍ନ ୯ଟା ସମୟରେ ବିଜେପି କର୍ମୀ ଏକତ୍ରିତ ହୋଇ ଜଗନ୍ନାଥ ମନ୍ଦିର ଯାଇ ପୂଜା କରିଥିଲେ। ମନ୍ଦିର ଚତୁପାର୍ଶ୍ୱରେ ଥିବା ବିଭିନ୍ନ ବିଭିନ୍ନ ଦେବାଦେବୀଙ୍କ ନିକଟରେ ଧୂପଦୀପ ଲଗାଇଥିଲେ। ସେହିପରି ରାସଗୋବିନ୍ଦପୁର ବ୍ଲକରେ ମଧ୍ୟ ମନ୍ତ୍ରୀଙ୍କ ପାଇଁ କର୍ମୀ ଏକତ୍ରିତ ହୋଇ ପୂଜା କରିଛନ୍ତି।

### ପ୍ରଶାସନିକ ଅବ୍ୟବସ୍ଥା ଓ ଦୁର୍ନୀତି ଅଭିଯୋଗ

# ବାରିପଦା ବିଡିଓଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲା ବିଜେଡି

ବାରିପଦା, ୯।୬(ସମିସ)



ବାରିପଦା ସଦର ବ୍ଲକରେ ଚାଲିଥିବା ପ୍ରଶାସନିକ ଅବ୍ୟବସ୍ଥା, ଜନପ୍ରତିନିଧିଙ୍କ ପ୍ରତି ଅସହଯୋଗୀ ମନୋଭାବ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ଓ ଅନିୟମିତତା ଅଭିଯୋଗକୁ ନେଇ ବାରିପଦା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ଉପବାଚସ୍ପତି ତଥା ବିଜେଡିର ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ବାରିପଦା ବ୍ଲକ ବିଡିଓଙ୍କ ବିରୋଧରେ ଉଠିଥିବା ବିଭିନ୍ନ ଅଭିଯୋଗର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବାରିପଦା ବ୍ଲକରେ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତାର ଅଭାବ ରହିଥିବାବେଳେ ପଞ୍ଚାୟତ ସମିତି ସଦସ୍ୟ, ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷଙ୍କ ଜନପ୍ରତିନିଧିଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉନାହିଁ। ଅନେକ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା, ନିୟମ ଉଲ୍ଲଙ୍ଘନ ଓ ପ୍ରଶାସନିକ ଦୁର୍ବଳତା ଯୋଗୁଁ ସାଧାରଣ ଜନତା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ବ୍ଲକର ବିକାଶ ପ୍ରକ୍ରିୟା ପ୍ରଭାବିତ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଛି। ଏ ଅବସରରେ ସାନନ୍ଦ ମାରାଣ୍ଡି କହିଛନ୍ତି, ବାରିପଦା ବ୍ଲକରେ ଚାଲିଥିବା ଅନିୟମିତତା ଓ ନିମ୍ନମାନର କାମ ଓ ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟକଳାପକୁ ଆଉ ସହ୍ୟ କରାଯିବନାହିଁ। ବ୍ଲକ ଅଧ୍ୟକ୍ଷ ସୁନ୍ଦର ସିଂଙ୍କ ଅଭିଯୋଗ ଅନୁସାରେ ନିର୍ବାଚିତ ପ୍ରତିନିଧିଙ୍କୁ ଗୁରୁତ୍ୱ ନ ଦେଇ କେବଳ ସୋସିଆଲ ମିଡ଼ିଆରେ ମିଛ ପ୍ରଚାର ପ୍ରସାରରେ ବ୍ୟସ୍ତ ଅଛନ୍ତି ବିଡିଓ ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ପ୍ରଶାସନ ନିଜ ଦାୟିତ୍ୱରୁ ଦୂରେଇ ରହୁଥିବା ଅଭିଯୋଗ କରି ସେ ଜିଲ୍ଲା ପ୍ରଶାସନଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଥିଲେ। ବିଜେଡି ପକ୍ଷରୁ ବାରିପଦା ବ୍ଲକ ବିଡିଓଙ୍କ ବିରୋଧରେ ଆସିଥିବା ଅଭିଯୋଗର ୭ ଦିନ ମଧ୍ୟରେ ନିରପେକ୍ଷ ତଦନ୍ତ କରି ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି। ନଚେତ୍ ବିଜୁ ଜନତା ଦଳ ଜନସାଧାରଣଙ୍କୁ ସାଙ୍ଗରେ ନେଇ ବାରିପଦା ବ୍ଲକ କାର୍ଯ୍ୟାଳୟ ଘେରଉ କରିବା ସହ ଦୁର୍ବାର ଗଣଆନ୍ଦୋଳନ ଆରମ୍ଭ କରିବ ବୋଲି ସାନନ୍ଦ ମାରାଣ୍ଡି କଡ଼ା ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ମହାନ୍ତି, ବାରିପଦା ବ୍ଲକ ଅଧ୍ୟକ୍ଷ ସୁନ୍ଦର ସିଂ, ବରିଷ୍ଠ ନେତା ପ୍ରଭାତ ନାୟକ, ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ଓ ପିଆରଆଇ ମେମ୍ବର, ସରପଞ୍ଚଙ୍କ ସହିତ ବିଜୁ ଜନତା ଦଳ ବାରିପଦା ବ୍ଲକ ସଭାପତି ସୁଜିତ ମହାନ୍ତ, ବରିଷ୍ଠ ନେତା ବୈଦ୍ୟନାଥ ସାହୁ, ଦିଲ୍ଲୀପ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ପାର୍ବତୀ ହେମ୍ବ୍ରମ, ଖଦି ବୋର୍ଡର ପ୍ରାକ୍ତନ ସଦସ୍ୟ ସରୋଜ ବୋଷ, ରବି ସିଂ, ଜିଲ୍ଲା ଛାତ୍ର ସଭାପତି ସୁନୀଲ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଯୁବ ଜନତା ରାଜୀବ ପାତ୍ର, ବାରିପଦା ନିର୍ବାଚନମଣ୍ଡଳୀ ଛାତ୍ର ସଭାପତି ଆଭାସ ଦେ, ରାଜ୍ୟ ସାଧାରଣ ସମ୍ପାଦକ ଜିତ ପଟ୍ଟନାୟକ, ପୂର୍ବତନ ଛାତ୍ର ସଭାପତି ଅଭୟ ସିଂ, ସମ୍ପାଦକ ତରୁଣ ନାୟକ, ମନବୋଧ ନାୟକ, କିଟୁ ସିଂ, ଜଗନ୍ନାଥ ବେସ୍ରା, ମନ୍ମଥ ମହାନ୍ତ, କୃଷ୍ଣ କୁମାର ଟୁଡୁ, ରେଙ୍ଗ ମହାନ୍ତ, ଗଣେଶ ନାୟକ, ସାଲାଇ ମାରାଣ୍ଡି, ନିରଞ୍ଜନ ନାୟକ, ବିଶ୍ୱନାଥ ଟୁଡୁ, ପ୍ରସନ୍ନ ଦେହୁରୀ, ବାବାଜୀ ନାୟକ, ରେପ ମୁର୍ମୁ, ରବି ସିଂ, ଲାବଣ୍ୟବତୀ ମହାନ୍ତ, ରୀନା ଦେହୁରୀ, ମୁନି ସିଂ, ମମତା ସେଠୀ, ସୁହାଗି ମୁର୍ମୁ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଚାକିରି ନିୟମିତ ଦାବିରେ ମାଟ୍ରନ ସଂଘର ବିକ୍ଷୋଭ

**ବାରିପଦା, ୯।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସରକାରୀ ହଷ୍ଟେଲ ଓ ସେବାଶ୍ରମରେ କାର୍ଯ୍ୟରତ ଲେଡି ମାଟ୍ରନ ଚାକିରି ସ୍ଥାୟୀକରଣ ସହ ବିଭିନ୍ନ ନ୍ୟାର୍ଯ୍ୟ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ନିଖିଳ ଓଡ଼ିଶା ଲେଡି ମାଟ୍ରନ ସଂଘ ଜିଲ୍ଲା ଶାଖା ପକ୍ଷରୁ ଏକ ବିଶାଳ ପ୍ରତିବାଦ ରାଲି ମଙ୍ଗଳବାର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ (ଡିଡବ୍ଲୁଓ) କାର୍ଯ୍ୟାଳୟଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ଓ ଏସଟି-ଏସସି ବିଭାଗ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।




ସେମାନଙ୍କ ଦାବି ମୁତାବକ, ବିଗତ ୧୦ ବର୍ଷରୁ ଅଧିକ ସମୟ ଧରି ସେବା ଯୋଗାଉଥିଲେ ସୁଦ୍ଧା ଚାକିରି ସ୍ଥାୟୀ କରାଯାଉନାହିଁ। ଦିନରାତି ୨୪ ଘଣ୍ଟା ଡ୍ୟୁଟି ଓ ବର୍ଷକୁ ମାତ୍ର ୧୫ଟି ଛୁଟି ମିଳୁଥିବାବେଳେ ୧୫, ୦୦୦ ଟଙ୍କା ଦରମାରେ ପରିବାର ଚଳାଇବା କଷ୍ଟକର ହେଉଛି। ନିର୍ଦ୍ଦିଷ୍ଟ ଜବ୍ ଚାର୍ଟ ବାହାରେ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ବାଧ କରାଯାଉଛି। ପ୍ରତିବାଦ କଲେ ଅଧିକାରୀ ନାଲିଆଖି ଦେଖାଉଛନ୍ତି। ହଷ୍ଟେଲରେ କୌଣସି ପ୍ରକାର ସମସ୍ୟା ବା ଦେହ ଖରାପଜନିତ ଅଘଟଣ ଘଟିଲେ କେବଳ ମାଟ୍ରନଙ୍କୁ ଦାୟୀ କରି ଚାକିରିରୁ ବହିଷ୍କାର କରାଯାଉଛି। ଯାହା ତୁରନ୍ତ ବନ୍ଦ ହେବା ଆବଶ୍ୟକ। ଏ ନେଇ ସଂଘର ଜିଲ୍ଲା ସଭାନେତ୍ରୀ ଅସୀମା ଭାରତୀ ସିଂ ଓ ଉପସଭାନେତ୍ରୀ ମଞ୍ଜୁଲତା ମହାନ୍ତି କହିଛନ୍ତି, ରାତି ସମୟରେ ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ହେଲେ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ସେମାନଙ୍କୁ ମେଡିକାଲ ସୁବିଧା ଓ ସ୍ୱତନ୍ତ୍ର କ୍ଷମତା ଦିଆଯାଉ। ଯଦି ସରକାର ଏହି ଦାବି ପ୍ରତି କର୍ଣ୍ଣପାତ ନ କରନ୍ତି, ତେବେ ଆଗାମୀ ଦିନରେ ସମଗ୍ର ଓଡ଼ିଶାର ଶତାଧିକ ମାଟ୍ରନ ହଷ୍ଟେଲ କାର୍ଯ୍ୟ ବନ୍ଦ କରି ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ମହାଆନ୍ଦୋଳନ କରିବେ ବୋଲି ସଂଘ ଚେତାବନୀ ଦେଇଛି।

### ଥାନାବାବୁ ନାବାଳିକାଙ୍କୁ ଧମକ ଦେବା ଅଭିଯୋଗ

## ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**ମୋରଡ଼ା, ୯।୬(ସମିସ):** ଓଡ଼ିଶା ପୁଲିସ ଜୁଭେନଟିକା ନାମରେ ଗତ କିଛିଦିନ ତଳେ ନାବାଳିକାମାନେ କିପରି ଥାନାକୁ ଆସି ନିର୍ଭୟରେ ଅଭିଯୋଗ କରିପାରିବେ, ସେଥିପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ସମସ୍ତ ଥାନାରେ ଆଭାସି ମାଧ୍ୟମରେ ପୁଲିସ ଡିଜି ସଚେତନ କରାଇଥିଲେ। ତେବେ ଉକ୍ତ କାର୍ଯ୍ୟକ୍ରମର ଧଜିଆ ଉଡ଼ାଇଛନ୍ତି ମୋରଡା ଥାନା ଅଧିକାରୀ ସୁମିତ କୁମାର ସରେନ। ସେ ନିଜ ପଦର ଅପବ୍ୟବହାର କରିବା ସହ ପାୱାରର ଦୁରୁପଯୋଗ କରିଥିବା ନେଇ ଜଣେ ପୀଡିତା ବାରମ୍ବାର ସମସ୍ତଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ନ୍ୟାୟ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଶେଷରେ ବାଧ ହୋଇ ପୀଡ଼ିତା ଜାତୀୟ ମାନବାଧିକାର କମିଶନ ଓ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ନ୍ୟାସନାଲ ହ୍ୟୁମାନ ରାଇଟ୍ସ କମିଶନଙ୍କ ଡାଏରି ନମ୍ବର ୧୨୩୦୩/ ଆଇଏନ/୨୦୨୬ ଓ ଷ୍ଟେଟ ହ୍ୟୁମାନ ରାଇଟ୍ସ କମିଶନଙ୍କ ଡାଏରି ନମ୍ବର ୩୫୯/ ଆଇଏନ/୨୦୨୬ ଲିଖିତ ଅଭିଯୋଗ ମୁତାବକ ପୀଡ଼ିତା ନାବାଳିକା ଜଣେ ଯୁବକ ତାଙ୍କୁ ବାରମ୍ବାର ହଇରାଣ କରୁଥିବାବେଳେ ସେ ଶେଷରେ ବାଧ ହୋଇ ନିଜ ବାପାମାଆଙ୍କ ସହିତ ଥାନାକୁ ଅଭିଯୋଗ କରିବା ପାଇଁ ମେ ୧୬ ତାରିଖ ସନ୍ଧ୍ୟାରେ ଯାଇଥିଲେ। ଥାନା ଅଧିକାରୀ ତାଙ୍କୁ ନ୍ୟାୟ ଦେବା ବଦଳରେ ଅଭିଯୁକ୍ତ ଓ ରାଜନେତାଙ୍କ ସମ୍ମୁଖରେ କୌଣସି ମହିଳା ପୁଲିସ କିମ୍ବା ପିତାମାତାଙ୍କ ଅନୁପସ୍ଥିତରେ ଧମକ ଦେଇ କେଶ ନ କରିବା ପାଇଁ କହିଥିଲେ ଓ ଯଦି କେଶ କର, ତେବେ ତୁମକୁ ୭ ବର୍ଷ ଜେଲ ପଠାଇଦେବି କହିବାରୁ ନାବାଳିକା ଜଣକ ତାଙ୍କ ବାପାଙ୍କୁ ଆସି ସମସ୍ତ ଘଟଣା କହି ଚେତାଶୂନ୍ୟ ହୋଇଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ସେ ଆଗାମୀ ଦିନରେ ନ୍ୟାୟ ନ ମିଳିଲେ କୋର୍ଟର ଦ୍ୱାରସ୍ଥ ହେବା କଥା ପ୍ରକାଶ କରିଛନ୍ତି।

## ସହିଦ ବିର୍ସା ମୁଣ୍ଡାଙ୍କ ୧୨୬ତମ ତିରୋଧାନ ଦିବସ

**ଖୁଣ୍ଟ, ୯।୬(ସମିସ):** ଶୁକ୍ରୁଳି ବ୍ଲକର ବିଭିନ୍ନ ଗ୍ରାମରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ସହଭାଗିତାରେ ସହିଦ ବିର୍ସା ମୁଣ୍ଡାଙ୍କ ୧୨୬ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଆଜି ପ୍ରଭାତରେ ଭାଲିଆଡ଼ିହା ଗ୍ରାମରେ ଶତାଧିକ ପୁରୁଷ, ମହିଳା ଓ ପିଲାଙ୍କ ଉପସ୍ଥିତିରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ତେରେଣ୍ଟି ପଞ୍ଚାୟତର ସରପଞ୍ଚ ଚନ୍ଦ୍ରମୋହନ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସ୍‌ୟୁସିଆଇର ରାଜ୍ୟ କମିଟି ସଦସ୍ୟ ରାଜେନ୍ଦ୍ର ବର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନ ସମ୍ପର୍କରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଆଜି ଯେପରି ଭାବେ ଗରୀବ ଆଦିବାସୀ ଜଙ୍ଗଲ ଓ ପ୍ରକୃତି ଉପରେ ନିର୍ଭର କରି ଜୀବନ ଜିଉଥିବା ମଣିଷଙ୍କ ସ୍ୱାର୍ଥକୁ ବଳି ଦେଇ କର୍ପୋରେଟଙ୍କ ହାତରେ ଜଙ୍ଗଲ, ଖଣି, ପାଣି ଇତ୍ୟାଦିକୁ ଟେକି ଦିଆଯାଉଛି ତାହା ବିରୋଧରେ ଚାଲିଥିବା ସଂଗ୍ରାମକୁ ଶକ୍ତିଶାଳୀ କରିବାକୁ ବିର୍ସା ମୁଣ୍ଡାଙ୍କ ଜୀବନରୁ ଶିକ୍ଷା ନେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ସଦସ୍ୟ ଦୁଲାଲ ମହାକୁଡ, ଭୀମ ଟାଇସମ୍, ମୋଚିରାମ୍ ନାଏକ, ମଞ୍ଜୁ ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅପରାହ୍ନରେ ହାତିବନ୍ଧାଠାରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସଂଗଠକ ମନୋରଞ୍ଜନ ତିରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଏସ୍‌ୟୁସିଆଇର ରାଜ୍ୟ କମିଟି ସଦସ୍ୟ ରାଜେନ୍ଦ୍ର ବର୍ମା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଗ୍ରାମର ବୁଦ୍ଧିଜୀବୀ ରାହୁଲ ତିରିଆ ଓ ଏସ୍‌ୟୁସିଆଇର ସ୍ଥାନୀୟ ସଂଗଠକ କନ୍ଦର୍ପ ବେହେରା, ଦୁଲାଲ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।




## ୩ ବର୍ଷ ପରେ ଖୋଲିଲା ଖିଚିଂ ସଂଗ୍ରହାଳୟ

**ଖିଚିଂ, ୯।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଆଧ୍ୟାତ୍ମିକ ପୀଠ ଖିଚିଂସ୍ଥ ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ମନ୍ଦିର ବେଢ଼ାରେ ଅବସ୍ଥିତ ଜିଲ୍ଲା ତଥା ରାଜ୍ୟର ଦ୍ୱିତୀୟ ପୁରାତନ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ୪ ତାରିଖରୁ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲାଯାଇଛି। '୫-ଟି' ଯୋଜନାରେ ଏହି ଶତାୟୁ ସଂଗ୍ରହାଳୟର ଆବଶ୍ୟକୀୟ ମରାମତି ଓ ପୁନରୁଦ୍ଧାର ନିମନ୍ତେ ୧, ୧୪, ୩୫୦୦୦ ଟଙ୍କା ବ୍ୟୟ ଅଟକଳରେ ୨୦୨୩-୨୪ରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରକଳ୍ପ କାର୍ଯ୍ୟ ଆଳରେ ଅହେତୁକ ବିଳମ୍ବ ଯୋଗୁଁ ଦୀର୍ଘଦିନ ମ୍ୟୁଜିୟମ୍ ବନ୍ଦ ରହିଥିବାରୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଏଥିରେ ସଂରକ୍ଷିତ କଳା ମୁଗୁନି ପ୍ରସ୍ତରରେ ନିର୍ମିତ ବିଭିନ୍ନ ଦେବଦେବୀ ପ୍ରତିମା, କାରୁକାର୍ଯ୍ୟ ବିମଣ୍ଡିତ ପ୍ରସ୍ତର ଖଣ୍ଡ, ପ୍ରବେଶ ଦ୍ୱାର, ମନ୍ଦିରର ଖଣ୍ଡିତ ଅଂଶ ସମେତ ଭଞ୍ଜ ରାଜା ମହାରାଜାଙ୍କ ପ୍ରଦତ୍ତ ତାମ୍ରପଟ୍ଟା, ମୃଣ୍ମୟ ପାତ୍ର, ପ୍ରାଗ ଐତିହାସିକ ଯୁଗର ଅସ୍ତ୍ରଶସ୍ତ୍ର ଆଦି ପରିଦର୍ଶନରୁ ବଞ୍ଚିତ ହୋଇଆସୁଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ଉଦାସୀନତା ଯୋଗୁଁ ମ୍ୟୁଜିୟମର ସୁପରିଚାଳନା ପାଇଁ ଦଶନ୍ଧି ଦଶନ୍ଧି ଧରି ଖାଲିଥିବା ପଦବୀ ପୂରଣ କରା ନ ଯାଇ ମାତ୍ର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ (ରାତ୍ର ଜଗୁଆଳୀ)ଙ୍କ ହସ୍ତରେ ଏହାର ସମସ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାରୁ ବୁଦ୍ଧିଜୀବୀ ମହଲରେ ଗଭୀର ଉଦବେଗ ପ୍ରକାଶ ପାଇଛି।




### ଉଦ୍ୟୋଗ ଓ ଖଣି ମାଲିକ ପମ୍ପରୁ ନେଉଛନ୍ତି ତେଲ

# ସୃଷ୍ଟି ହେଉଛି ତେଲର କୃତ୍ରିମ ଅଭାବ

ରାଇରଙ୍ଗପୁର, ୯।୬(ସମିସ)



- ଅଧିକ ଲାଭ ପାଇଁ ସିଧାସଳଖ କମ୍ପାନୀରୁ ତେଲ ନ ଆଣି ପମ୍ପରୁ ନେଉଛନ୍ତି
- ରାଇରଙ୍ଗପୁରର ବିଭିନ୍ନ ପମ୍ପରେ ତେଲ ପାଇଁ ଲମ୍ବା ଲାଇନ୍
- ଉଦ୍ୟୋଗ ଓ ଖଣି ମାଲିକଙ୍କ ସହ ପେଟ୍ରୋଲ ପମ୍ପର ମଧୁଚନ୍ଦ୍ରିକା ପ୍ରମୁଖ କାରଣ
- ଲୋକଙ୍କୁ ମିଳୁନି ପର୍ଯ୍ୟାପ୍ତ ପେଟ୍ରୋଲ ଓ ଡିଜେଲ

ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଥିବା ନେଇ ସରକାରୀ ସ୍ତରରେ କୁହାଯାଉଥିବାବେଳେ ରାଇରଙ୍ଗପୁର କୃତ୍ରିମ ତେଲ ଅଭାବ ପରିସ୍ଥିତି ସୃଷ୍ଟି କରାଯାଉଛି। ଯାହାକୁ ନେଇ ରାଇରଙ୍ଗପୁର ସହରର ବିଭିନ୍ନ ପମ୍ପରେ ତେଲ ପାଇଁ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ପେଟ୍ରୋଲ ଓ ଡିଜେଲ ଦରଦାମ ବୃଦ୍ଧି ପାଇବା ପରେ ମଧ୍ୟ ରାଇରଙ୍ଗପୁର ସହରରେ ବିଭିନ୍ନ ପମ୍ପରେ ତେଲ ପାଇଁ ଲୋକମାନେ ଧନ୍ଦୀ ହେଉଛନ୍ତି। ବାମନଘାଟି ଉପଖଣ୍ଡର ବଡ଼ ଉଦ୍ୟୋଗ ଓ ଖଣି ଖାଦାନ ମାଲିକଙ୍କ ସହ ପେଟ୍ରୋଲ ପମ୍ପର ମଧୁଚନ୍ଦ୍ରିକା ଏହାର ପ୍ରମୁଖ କାରଣ ସାଜିଛି।

ରାଇରଙ୍ଗପୁରରେ ଗତ ଦୁଇଦିନ ଧରି ବିଭିନ୍ନ ପମ୍ପରେ ପେଟ୍ରୋଲ ସମେତ ମୁଖ୍ୟତଃ ଡିଜେଲର ଅଭାବ ପରିଲକ୍ଷିତ ହୋଇଥିଲା। ଅନେକ ଲୋକ ତେଲ ନ ପାଇ ପମ୍ପରୁ ଫେରିଥିଲେ। ତେବେ ମଙ୍ଗଳବାର ସକାଳୁ ପମ୍ପରେ ତେଲ ଥିବା ଖବର ପାଇ ଅଧିକାଂଶ ପେଟ୍ରୋଲ ପମ୍ପରେ ସକାଳୁ ଲମ୍ବା ଲାଇନ ଲଗାଇଥିଲେ। ତେଲ ପାଇଁ ପମ୍ପ ସମେତ ରାସ୍ତାରେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଦୁଇଦିନ ପମ୍ପରେ ତେଲ ମିଳୁ ନ ଥିଲା, ଯାହାକୁ ନେଇ ଲୋକେ ବିଶେଷ କରି ଚାଷୀ, ବ୍ୟାବସାୟିକ ଯାନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଲ ସଙ୍କଟ ନେଇ ଫାଇଦା ପାଇଁ ଯୋଜନା କରାଯାଇଛି। ରାଇରଙ୍ଗପୁରର ପମ୍ପମାନଙ୍କରୁ ଉଦ୍ୟୋଗ ଓ ଖଣି ଖାଦାନ ମାଲିକ ଅଧିକ ପରିମାଣ ତେଲ ନେଉଛନ୍ତି। ଫଳରେ ପେଟ୍ରୋଲ ଓ ଡିଜେଲର କୃତ୍ରିମ ଅଭାବ ସୃଷ୍ଟି ହୋଇ ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଡିଜେଲ ମିଳୁନାହିଁ। ନିୟମ ଅନୁଯାୟୀ ବାମନଘାଟି ଉପଖଣ୍ଡରେ ଥିବା ମାଇନ୍ସ, ଉଦ୍ୟୋଗ, କ୍ରସର, ଖଣି ଖାଦାନ ଚଳାଇବା ନିମନ୍ତେ ପ୍ରଚୁର ପରିମାଣର ତେଲର ନିୟମିତ ଆବଶ୍ୟକତା ପଡ଼ିଥାଏ। ଯାହାକୁ ନେଇ ସେମାନେ ସିଧାସଳଖ ତୈଳ କମ୍ପାନୀରୁ ନିଜସ୍ୱ ଟ୍ୟାଙ୍କର ଯୋଗେ ତେଲ ଆଣିପାରିବେ। ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର ହେଉଥିବା ଯୋଗୁଁ ତାଙ୍କୁ ଲିଟର ପିଛା ଅଧିକ ଟଙ୍କା ପଡ଼ିଥାଏ। କିନ୍ତୁ ଉକ୍ତ ଉଦ୍ୟୋଗପତି ଅଧିକ ମୁନାଫା ପାଇଁ ପମ୍ପ ମାଲିକଙ୍କ ସହ ମିଶି ଅନେକ ପରିମାଣରେ ତେଲ ନେଉଛନ୍ତି। ଉଦ୍ୟୋଗ ଓ ଖଣି ମାଲିକଙ୍କ ସହ ପେଟ୍ରୋଲ ପମ୍ପର ମଧୁଚନ୍ଦ୍ରିକା ଯୋଗୁଁ କୃତ୍ରିମ ତେଲ ଅଭାବ ପରିସ୍ଥିତି ସୃଷ୍ଟି କରାଯାଇଛି। ରାତିରେ ବଡ଼ ଟ୍ୟାଙ୍କର ଯୋଗେ ଉଦ୍ୟୋଗପତି ଓ ଖଣି ଖାଦାନ ମାଲିକ ତେଲ ନେଉଥିବାବେଳେ ପମ୍ପରୁ ତେଲ ସରିଯାଉଛି। ଫଳରେ ସକାଳୁ ଲୋକେ ଗାଡ଼ିରେ ତେଲ ପକାଇବାକୁ ପାଉନାହାନ୍ତି। କୃଷି କାର୍ଯ୍ୟ ସମେତ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ ବ୍ୟବହୃତ ଟ୍ରାକ୍ଟର, ଟ୍ରେଲର, ହଳ ମେସିନ, ଜେସିବି ଆଦି ପାଇଁ ତେଲ ରହୁନାହିଁ। ୨/୩ ଦିନରେ ଥରେ ତେଲ ମିଳିବା ଯୋଗୁଁ ଅନେକ ଲୋକ ତେଲ ଅଭାବ ସନ୍ଦେହ କରି ବଡ ବଡ଼ ଜାରକିନ ଧରି ଲାଇନ୍ ଲଗାଇ ତେଲ ନେଉଥିବା ଦେଖିବାକୁ ମିଳିଛି। ତେଲ ଅଭାବ ନ ଥିବା ସରକାର କହୁଥିବାବେଳେ ପମ୍ପ ମାଲିକ ଓ ଉଦ୍ୟୋଗପତିଙ୍କ ସଲାସୁତୁରା ପାଇଁ ଲୋକେ ତେଲ ନ ପାଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପେଟ୍ରୋଲ ଓ ଡିଜେଲ ସଙ୍କଟ ନେଇ ତେଲ ପକାଇବା ପାଇଁ ଜନସାଧାରଣ ପମ୍ପରେ ଲମ୍ବା ଲାଇନ ଲଗାଇଛନ୍ତି। ତେବେ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ଥିବା ନେଇ ସରକାରୀ ସ୍ତରରେ ବୟାନ ବାଜି ଲାଗିଥିବାବେଳେ ଅଭାବୀ ବିକ୍ରି ନେଇ ଯୋଜନା ଆରମ୍ଭ ହୋଇଛି। ଏ ନେଇ ଜିଲ୍ଲା ପ୍ରଶାସନ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ଅଟେ।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

ଯୋଡ଼ା, ୯।୬(ସମିସ)

ଖଣି ଅଞ୍ଚଳରେ ପୁଣି ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟଣା ସାମ୍ନାକୁ ଆସିଛି। ବଡ଼ବିଲ ଥାନା ଅନ୍ତର୍ଗତ ଭାଦ୍ରାସାହି ଛକ ନିକଟରେ ଥିବା ଇଣ୍ଡିଆନ୍ ଗ୍ୟାସ ପ୍ଲାଣ୍ଟ ପଛପଟ ଜଙ୍ଗଲରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ପ୍ରାଥମିକ ତଦନ୍ତରୁ ମୃତକଙ୍କୁ ପଥରରେ ଆକ୍ରମଣ କରି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଭାଦ୍ରାସାହି ଛକଠାରୁ ପ୍ରାୟ ୫୦୦ ମିଟର ଏବଂ ଜାତୀୟ ରାଜପଥ ୨୨୦ ଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ଜଙ୍ଗଲ ମଧ୍ୟରେ ଗତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସୋମବାର ସକାଳେ କିଛି ସ୍ଥାନୀୟ ଲୋକ ଜଙ୍ଗଲ ମଧ୍ୟରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ବଡ଼ବିଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ



କରିଥିଲା। ଘଟଣାର ଛାନଭିନ୍ କରିବା ସହ ଅପରାଧୀଙ୍କ ଚିହ୍ନଟ ଉଦ୍ଦେଶ୍ୟରେ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ବଡ଼ବିଲ ଆଇଆଇସି ଅଶୋକ ନାୟକ, ଯୋଡ଼ା ଇନ୍‌ଚାର୍ଜ ଇନ୍ସପେକ୍ଟର ସୁଶାନ୍ତ ପ୍ରଧାନ, ଚମ୍ପୁଆ ଏସ୍‌ଡିପିଓ ରଶ୍ମୀରଞ୍ଜନ ସାହୁଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ ପୁଲିସ ବଳ ଉପସ୍ଥିତ ରହିଥିଲେ। ମୃତକଙ୍କ ପରିଚୟ ଏ ପର୍ଯ୍ୟନ୍ତ ଜଣାପଡ଼ି ନ ଥିବାବେଳେ ହତ୍ୟା ପଛର କାରଣ ମଧ୍ୟ ଅସ୍ପଷ୍ଟ ରହିଛି। ପୁଲିସ ବଡ଼ବିଲ ଥାନା କେସ୍ ନଂ୨୪୫/୨୦୨୬ ଅନୁଯାୟୀ ଧାରା ୧୦୩(୧) ଓ ୨୩୮ ବିଏନଏସ୍‌ରେ ମାମଲା ରୁଜୁ କରି ତଦନ୍ତକୁ ଆଗକୁ ନେଇଛି। ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଯୋଡ଼ା-ବଡ଼ବିଲ ଖଣି ଅଞ୍ଚଳରେ ଆଇନ-ଶୃଙ୍ଖଳା ପରିସ୍ଥିତିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅପରାଧୀଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବା ସହ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ପୁଲିସ ପକ୍ଷରୁ ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଥିବା କୁହାଯାଇଛି।

## ରାଗସଂଗୀତ ପ୍ରବେଶିକା ପୁସ୍ତକ ଉନ୍ମୋଚିତ



ଘଟଗାଁ, ୯।୬(ସମିସ): ଭାରତୀୟ ସଂଗୀତ ନିଳୟର ସଂଗୀତ ଗୁରୁ ଯାମିନୀ ରଞ୍ଜନ ଦାଶଙ୍କ ଲିଖିତ ପୁସ୍ତକ ରାଗସଂଗୀତ ପ୍ରଥମ ଭାଗ ଆଜି ଲୋକାର୍ପିତ ହୋଇଛି। ଘଟଗାଁ ମା' ତାରିଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ପୁସ୍ତକକୁ ସମର୍ପଣ କରାଯାଇଥିଲା। ପରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ପୁସ୍ତକର ପ୍ରକାଶିକା ସବିତା ଧୀରଙ୍କ ସଂଯୋଜନାରେ ଲେଖକ ଗୁରୁ ଶ୍ରୀ ଦାଶ ସା ନି ଧା ପା ଶାସ୍ତ୍ରୀୟ ସଂଗୀତ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଦନ ପାଣି, ସଂଗୀତ ଗୁରୁ ହରିହର ଜେନା, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଗୁରୁ ଆରନ ଦାଶ, ଡଲିରାଣୀ ଜେନା, କୁନାଲ ସାହୁ ପ୍ରମୁଖ ଯୋଗଦେଇ ପୁସ୍ତକ ସମୀକ୍ଷା କରିଥିଲେ। ଏହି ଉତ୍ସବରେ ଆଖପାଖ ଅଞ୍ଚଳର ବହୁ କଳାକାର ଯୋଗଦେଇଥିଲେ।

## ବିଦେଶୀ ମଦ ସହ ଜଣେ ଗିରଫ




ହାଟଡ଼ିହୀ, ୯।୬(ସମିସ): ଆନନ୍ଦପୁର ଥାନା ପୁରୁଣାଘାଟି ଗ୍ରାମରୁ ବେଆଇନ ମଦ ବିକ୍ରି ଅଭିଯୋଗରେ ଆନନ୍ଦପୁର ପୁଲିସ ଜଣକୁ ଗିରଫ କରିଛି। ସୂଚନା ଅନୁସାରେ ଗ୍ରାମର ସନାତନ ହୋଙ୍କ ପୁଅ ତପନ ହୋ ବେଆଇନ୍ ଭାବେ ରୀତିମତ ବିଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ସୋମବାର ଆନନ୍ଦପୁର ପୁଲିସ ଚଢ଼ଉ କରିଥବଲା। ଚଢ଼ଉବେଳେ ୧୫ଲିଟର ଲିଟର ମଦ ଜବତ କରିବା ସହ ଅଭିଯୁକ୍ତ ତପନ ହୋକୁ ଗିରଫ୍ କରିଛି। ଆନନ୍ଦପୁର ଥାନା କେସ ନଂ ୧୭୪/୨୬ ଅନୁସାରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ପ୍ରତାପପୋଷି ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଚମ୍ପୁଆ, ୯।୬(ସମିସ): ଦୀର୍ଘ ୨୩ ବର୍ଷରୁ ଅଧିକ ଶିକ୍ଷକତା ଜୀବନ ପରେ ପ୍ରତାପପୋଷି ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମନୋରମା ସାମଲ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଆୟୋଜିତ ସଭାରେ ସଭାପତି ଭାବେ ଦେବବ୍ରତ ରାଉତ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଏବିଇଓ ମୁକୁନ୍ଦ ଚରଣ ସାହୁ ଯୋଗଦେଇ ମନୋରମା ସାମଲଙ୍କ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଆତ୍ମୀୟତାର ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭିକାରୀ ଚରଣ ମହାନ୍ତ ତାଙ୍କ ଶିକ୍ଷକତା ଜୀବନର ସ୍ମୃତିଚାରଣ କରିଥିଲେ। ସିଆର୍‌ସିସି କୈଳାସ ଜେନା, ମନୋରମା ସାମଲଙ୍କ ଶିକ୍ଷା କ୍ଷେତ୍ରର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାର ପରିଚାଳନା ଓ ନେତୃତ୍ୱ ନେଇଥିଲେ ପ୍ରତାପପୋଷି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁକେଶୀ ସେଠୀ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ, ଶିକ୍ଷାର୍ଥୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ରହି ତାଙ୍କର ଦୀର୍ଘ ଶିକ୍ଷା ସେବାକୁ ସ୍ମରଣ କରିଥିଲେ। ମନୋରମା ସାମଲ ୨୮ ନଭେମ୍ବର ୨୦୦୩ ରେ ପର୍ଶଳା ପ୍ରାଥମିକ ବିଦ୍ୟାଳୟରେ ଯୋଗଦାନ କରିଥିଲେ। ପରେ ୯ ଜୁଲାଇ ୨୦୧୩ ରୁ ପ୍ରତାପପୋଷି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ରହି ୩୧ ମଇ ୨୦୨୬ ରେ ଅବସର ଗ୍ରହଣ କରିଛନ୍ତି।

## ଜାଲରେ ପଡ଼ି ଆହତ ହରିଣର ମୃତ୍ୟୁ



ତୁରୁମୁଙ୍ଗା, ୯।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ସେକ୍ସନ ଅନ୍ତର୍ଗତ ଗୋଜାପଥର ଗାଁକୁ ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥିବା ଏକ ଅଣ୍ଡିରା ହରିଣ ବାଡ଼ିରେ ଲାଗିଥିବା ଜାଲରେ ଫସି ଆହତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ପାଇ ବନବିଭାଗ କର୍ମଚାରୀ ପହଞ୍ଚି ହରିଣଟିକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବଡ଼ବିଲ ପଶୁ ଡାକ୍ତରଖାନାକୁ ନେଉଥିବା ସମୟରେ ହରିଣର ମୃତ୍ୟୁ ଘଟିଛି। ସାହାରପଡ଼ା ବ୍ଲକ୍ ପଶୁ ଚିକିତ୍ସକ ଲିନା କଲହା ମୃତ ହରିଣକୁ ବ୍ୟବଚ୍ଛେଦ କରିବା ପରେ ସେକ୍ସନ କାର୍ଯ୍ୟାଳୟରେ ପୋତି ଦିଆଯାଇଥିବା ସାହାରପଡ଼ା ବନପାଳ ଶ୍ରୀମନ୍ତ ବେହେରା କହିଛନ୍ତି।

## ଉପଭୋକ୍ତାଙ୍କୁ ଅତିଷ୍ଠ କରୁଛି ଲୋ ଭୋଲଟେଜ୍ ସାଙ୍ଗକୁ ଘନଘନ ବିଦ୍ୟୁତ୍ କାଟ୍

ହାଟଡ଼ିହୀ, ୯ ।୬(ସମିସ): ହାଟଡ଼ିହୀ ଅଞ୍ଚଳରେ ଦିନକୁ ଦିନ ଘନ ଘନ ବିଦ୍ୟୁତ୍ କାଟ୍ ଓ ଲୋ-ଭୋଲ୍ଟେଜ୍ ଉପଭୋକ୍ତାଙ୍କୁ ଅତିଷ୍ଠ କରୁଛି। ଏଥିଯୋଗୁଁ ଲୋକମାନେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ସୂଚନାଯୋଗ୍ୟ ବର୍ତ୍ତମାନ ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁଁ ଲୋକମାନେ ବିଦ୍ୟୁତ୍ ଉପରେ ନିର୍ଭର କରୁଥିବା ବେଳେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ବିଭିନ୍ନ ସମୟରେ ବିଦ୍ୟୁତ୍ କାଟ୍ ହେବା ସହ ବିଭିନ୍ନ ସାହିରେ ଲୋ-ଭୋଲଟେଜ୍ ଫଳରେ ଫ୍ୟାନ୍ ଓ ଏସି ଚାଲିବା ଅସମ୍ଭବ ହୋଇପଡୁଛି। ଅତ୍ୟଧିକ ରହୁଥିବାରୁ ଲୋକମାନେ ଅସୁସ୍ଥ ହୋଇପଡ଼ୁଛନ୍ତି। ସରକାରଙ୍କ ପକ୍ଷରୁ ୨୪ଘଣ୍ଟିଆ ବିଦ୍ୟୁତ୍ ସରବରାହ ଠିକ୍ ରଖିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ଏହାକୁ ଅମାନ୍ୟ କରାଯାଉଥିବା ଦେଖାଯାଇଛି। ଲୋ-ଭୋଲଟେଜ୍ ଯୋଗୁଁ ରାତିରେ ଫ୍ୟାନ୍ ଗୁଡ଼ିକ ମନ୍ଥର ଗତିରେ ବୁଲୁଥିବାରୁ ଗରମ ଦାଉରୁ ରକ୍ଷା ପାଇବା କାଠିକର ପାଠ ହୋଇପଡୁଛି। ଉପଭୋକ୍ତା ମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ବିଭାଗ ଘନ ଘନ ବିଦ୍ୟୁତ କାଟ୍ ବନ୍ଦ କରିବା ସହ ଲୋ-ଭୋଲଟେଜ୍ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ସରକାରୀ ଅର୍ଥର ଅପଚୟ; କାମରେ ଲାଗୁନି ଏଲ୍‌ଇଡି ସ୍କ୍ରିନ୍

ଚମ୍ପୁଆ, ୯।୬(ସମିସ): ସରକାରୀ ଅର୍ଥ ବ୍ୟୟରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ କେତେକ କ୍ଷେତ୍ରରେ ସରକାରୀ ଅର୍ଥ ଅପଚୟ ହେଉଥିବା ଦେଖିବାକୁ ମିଳୁଛି। ସହାଞ୍ଚଳର ପ୍ରମୁଖ ଜନଗହଳି ସ୍ଥାନମାନଙ୍କରେ ଏଲ୍‌ଇଡି ସ୍କ୍ରିନ୍ ଦ୍ୱାରା ବିଭିନ୍ନ ସରକାରୀ ଯୋଜନା ଓ ସଚେତନତାମୂଳକ ବାର୍ତ୍ତା ପ୍ରସାର ଲାଗି ବିପୁଳ ଅର୍ଥ ବ୍ୟୟ ଖର୍ଚ୍ଚ କରାଯାଇ ବ୍ୟବସ୍ଥା ହୋଇଛି। ମାତ୍ର ଚମ୍ପୁଆରେ ଏହି ଏଲ୍‌ଇଡି ସ୍କ୍ରିନ୍ ଦୀର୍ଘଦିନ ହେଲା କାର୍ଯ୍ୟ କରୁନାହିଁ। ଫଳରେ ସରକାରୀ ଅର୍ଥ କେବଳ ଅପଚୟ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଚମ୍ପୁଆ ଏନ୍‌ଏସି ଅଞ୍ଚଳରେ ଏଭଳି ବିପରିତ ପ୍ରତିଫଳନ ଦେଖିବାକୁ ମିଳିଛି। ଚମ୍ପୁଆ ଏନଏସି ମୁଖ୍ୟାଳୟର ବସଷ୍ଟାଣ୍ଡ ଓ ମହାବୀର ଛକଠାରେ ୨ଟି ଏଲ୍‌ଇଡି ଲଗାଯାଇଥିଲା। ଲକ୍ଷ୍ୟ ଥିଲା ସରକାରଙ୍କ ଯୋଜନା ସହିତ ଏନ୍‌ଏସିର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସ୍ଥାନୀୟ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କର ପ୍ରଚାର ପ୍ରସାର ଧାର୍ଯ୍ୟଦରରେ କରାଯିବ। ଏହି ଏଲ୍‌ଇଡି ସ୍କ୍ରିନ୍ ମଧ୍ୟରୁ ବସ୍‌ଷ୍ଟାଣ୍ଡ ନିକଟରେ ଲାଗିବାର ୬ ମାସ ପରେ ଖରାପ ହୋଇଯାଇଛି। ସେହିପରି ମହାବୀର ଛକ ଠାରେ ଥିବା ଏଲ୍‌ଇଡି ସ୍କ୍ରିନ୍ ପ୍ରାୟ ବର୍ଷ ହେବ ସ୍ୱଚ୍ଛ ଚିତ୍ର ଦେଖାଯାଉନାହିଁ। ବର୍ତ୍ତମାନ ରାଜ୍ୟରେ ଏସ୍‌ଆଇଆର କାର୍ଯ୍ୟ ଚାଲୁଥିବାବେଳେ ଭୋଟରଙ୍କୁ ସଚେତନ କରିବାକୁ ଏହି ଏଲ୍‌ଇଡି ପ୍ରଚାରର ପ୍ରମୁଖ ମାଧ୍ୟମ ପାଲଟିବା ବଦଳରେ ଏହା ଆଦୌ କାମରେ ଆସୁନି। ଏହାର ମରାମତି ପ୍ରତି ମଧ୍ୟ ବିଭାଗର ଆଗ୍ରହ ନାହିଁ। ଏପରିକି ବିଭାଗର ଆନ୍ତରିକତାର ଅଭାବ ପାଇଁ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଏ ନେଇ ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ ତାହା ମରାମତି କରାଯିବ ବୋଲି କହିଛନ୍ତି।



## ଭିନ୍ନକ୍ଷମଙ୍କୁ ମିଳୁନି ଘର

ହାଟଡ଼ିହୀ, ୯।୬(ସମିସ): ସରକାର ବିଭିନ୍ନ ବର୍ଗର ଲୋକଙ୍କୁ ଆବାସ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରୁଥିବା ବେଳେ, କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ସୋସୋ ଗ୍ରାମର ସୁକାନ୍ତ ନାୟକ ଓ ବୁଟୁ ବେହେରା ନାମକ ଦୁଇଜଣ ଭିନ୍ନକ୍ଷମ ଆବାସ ଗୃହ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସେମାନେ ବାରମ୍ବାର ଆବେଦନ କରିବା ପରେ ମଧ୍ୟ ପକ୍କାଘର ନପାଇ ଉଭୟ ସୁକାନ୍ତ ଓ ବୁଟୁ ନିରାଶ ହୋଇଛନ୍ତି। ଉଭୟଙ୍କ ବୟସ ଗଡ଼ି ଚାଲିଥିବାବେଳେ ପକ୍କାଘରେ ରହିବା ସ୍ୱପ୍ନ ପାଲଟିଛି। ପ୍ରକାଶ ଥାଉକି, ଚଳିତବର୍ଷ ଜାନୁଆରୀ ୧୨ତାରିଖରେ ହାଟଡ଼ିହୀ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ପ୍ରକୋଷ୍ଠରେ ଏ ସଂକ୍ରାନ୍ତରେ ଉଭୟ ସୁକାନ୍ତ ଓ ବୁଟୁ ଅଭିଯୋଗ କରିଥିଲେ ହେଁ, ଏଯାଏଁ ତାଙ୍କୁ ଗୃହ ଯୋଜନାରେ ସାମିଲ କରାଗଲା ନାହିଁ। ଅଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଜନାରେ ସାମିଲ କରାଯାଉଥିଲା ବେଳେ ଯୋଗ୍ୟ ହିତାଧିକାରୀ ବାଦ୍ ପଡୁଛନ୍ତି। ଏ ନେଇ ଜନପ୍ରତିନିଧି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉଦାସୀନତା ସେମାନଙ୍କୁ ହତୋତ୍ସାହିତ କରିଛି। ଭିନ୍ନକ୍ଷମ ସୁକାନ୍ତ ଓ ବୁଟୁଙ୍କ ଅଭିଯୋଗକୁ ତୁରନ୍ତ ବିଚାର କରି ସେମାନଙ୍କୁ ଆଗାମୀ ଦିନରେ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବାକୁ ଆନନ୍ଦପୁର ଉପଜିଲ୍ଲାପାଳ ଏବଂ କେନ୍ଦୁଝର ଜିଲ୍ଲାପାଳଙ୍କୁ ଉଭୟ ସୁକାନ୍ତ ନାୟକ ଓ ବୁଟୁ ବେହେରା ବିନମ୍ର ଗୁହାରି ଜଣାଇଛନ୍ତି।


ବୁଟୁ ବେହେରା


ସୁକାନ୍ତ ନାୟକ

## ପୁନର୍ବାର 'ଅପରେସନ୍ ବୈତରଣୀ' ଅଭିଯାନ ଦାବି

ହାଟଡ଼ିହୀ, ୯।୬(ସମିସ): ବାଲି ମାଫିଆଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ ପାଇଁ କେନ୍ଦୁଝର ପୁଲିସ ପକ୍ଷରୁ ଆରମ୍ଭ ହୋଇଥିଲା। 'ଅପରେସନ୍ ବୈତରଣୀ' ଅଭିଯାନ ମେ' ୧୮ ରେ କେନ୍ଦୁଝର ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ବିଜେଡି ରାଜ୍ୟ ସମ୍ପାଦକ ରତିକାନ୍ତ ରାଉତଙ୍କ ସମେତ ୯ ଜଣଙ୍କୁ ଗିରଫ କରିଥିଲା। ୨୭ ଲକ୍ଷ ଟଙ୍କା, ସୁନାରୁପା ଅଳଙ୍କାର ଓ ୫୦ଗାଡ଼ି ଜବତ କରାଯାଇଥିଲା। ଏହାପରେ ଅପରେସନ୍ କିଛି ମାତ୍ରାରେ ଅଙ୍କୁଶ ଲାଗିଥିବା ବେଳେ "ଅପରେସନ ବୈତରଣୀ' ଅଟକିଯାଇଛି। ହାଟଡ଼ିହୀ ଅଞ୍ଚଳରେ ପ୍ରବାହିତ ବୈତରଣୀ ନଦୀରୁ ଉଠାଣ ହୋଇଥିବା କିଛି ବାଲି ଡମ୍ପ ସରକାରୀ ସ୍ତରରେ ନିଲାମ ହୋଇସାରିଥିବା ବେଳେ ଏକାଧିକ ବେଆଇନ ବାଲି ଡମ୍ପ ସହ ନଦୀରୁ ବାଲି ଉଠାଣ ହୋଇ ରାତିଅଧିଆ ରୀତିମତ ଚୋରା ଚାଲାଣ ହେଉଛି। ଆଗକୁ ମୌସୁମୀ ଆସୁଥିବାରୁ ମାଫିଆମାନେ ଦିନରାତି ଏକ କରି ବିନା କାଗଜପତ୍ରରେ ବାଲି ଉତ୍ତୋଳନ ଜାରି ରଖିଛନ୍ତି। ବେଆଇନ୍ ବାଲି ଚାଲାଣରେ ରୋକ୍ ଲଗାଇବା ପାଇଁ ପୁଣିଥରେ 'ଅପରେସନ୍ ବୈତରଣୀ'ର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

■ ଯୋଡ଼ା ଖଣି ଅଞ୍ଚଳରେ ଡିଜେଲ ସମସ୍ୟା

## ଖଣିଜ ପରିବହନ ଗୁରୁତର ପ୍ରଭାବିତ

ଯୋଡ଼ା, ୯।୬(ସମିସ): ଖଣିଜ ସମୃଦ୍ଧ ଯୋଡ଼ା ଅଞ୍ଚଳରେ ଡିଜେଲ ଅଭାବ ଓ ଯୋଗାଣ ଅସୁବିଧା ଯୋଗୁଁ ଖଣିଜ ପରିବହନ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଖଣି ଅଞ୍ଚଳ ଯୋଡ଼ା ସହର ମଧ୍ୟ ରେ ୬/୭ ଟି ଡିଜେଲ ଟାଙ୍କି ଥିବା ବେଳେ ମାତ୍ର ଗୋଟିଏ ଦୁଇଟା ଟାଙ୍କିରେ ଡିଜେଲ ରହିଥିବା ବେଳେ ଗାଡି ମାଲିକ ମାନେ ପର୍ଯ୍ୟାପ୍ତ ଡିଜେଲ ପାଇ ପାରୁ ନାହାନ୍ତି। ଯାହାଦ୍ୱାରା ଖଣିଜ ପରିବହନ ରେ ବାଧା ଉପୁଜୁଛି। ଟ୍ରକ ଓ ଡମ୍ପର ଚଳାଚଳ ହ୍ରାସ ପାଇଥିବାରୁ ଖଣିରୁ ଷ୍ଟିଲ ପ୍ଲାଣ୍ଟ ଓ ପୋର୍ଟକୁ ହେଉଥିବା ଖଣିଜ ପରିବହନ ଧୀରଗତିରେ ଚାଲୁଛି। ସ୍ଥାନୀୟ ଟ୍ରକ ମାଲିକ ସଂଘ, ପରିବହନ ସଂସ୍ଥା ଓ ଡ୍ରାଇଭରମାନେ କହିଛନ୍ତି ଯେ, ପେଟ୍ରୋଲ ପମ୍ପରେ ଡିଜେଲ ସମୟରେ ମିଳୁନାହିଁ ଓ କେତେକ ସ୍ଥାନରେ ଦୀର୍ଘ ଲାଇନ ଦେଖାଯାଉଛି। ଏହାର ପ୍ରଭାବରେ ଅନେକ ଗାଡ଼ି ଚଳାଚଳ ବନ୍ଦ ହୋଇ ରାସ୍ତା କଡରେ ଛିଡା ହେଉଛି। ଡିଜେଲ ଅଭାବ ସହିତ ଦର ବୃଦ୍ଧି ହେବାରୁ ଟ୍ରାନ୍ସପୋର୍ଟ ଖର୍ଚ୍ଚ ମଧ୍ୟ ବଢ଼ିଛି। ଫଳରେ ଖଣି କମ୍ପାନୀ ଓ ଟ୍ରାନ୍ସପୋର୍ଟର ମଧ୍ୟରେ ଚାପ ବଢ଼ିଛି। ଯୋଡ଼ାବଡ଼ବିଲ ଖଣି ବେଲ୍ଟରେ ଦିନକୁ ହଜାର ହଜାର ଟନ ଖଣିଜ ପରିବହନ ହୁଏ। କିନ୍ତୁ ବର୍ତ୍ତମାନ ଡିଜେଲ ସମସ୍ୟା ଯୋଗୁଁ ସପ୍ଲାଇ ଚେନ୍ ଭାଙ୍ଗି ପଡ଼ିବା ଆଶଙ୍କା ତିବ୍ର ହୋଇଛି। ଯଦ୍ୱାରା ରାଜସ୍ୱ ହାନୀ ହେବାର ମଧ୍ୟ ସମ୍ଭାବନା ଦେଖା ଦେଇଛି। ପ୍ରଶାସନ ଏହି ସମସ୍ୟାକୁ ଅସ୍ଥାୟୀ ବୋଲି କହିଛି ଓ ଶୀଘ୍ର ଡିଜେଲ ଯୋଗାଣ ସାଧାରଣ ହେବ ବୋଲି ଆଶ୍ୱାସନ ଦେଇଛି।



## ସାଇଁକୁଳ ବଜାର ୬ ଦିନ ହେଲା ଅନ୍ଧାର

ଆନନ୍ଦପୁର, ୯।୬(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ସାଇଁକୁଳ ବଜାରରେ ଗତ ୬ ଦିନ ଧରି ୨୦ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ୍ ଉପରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ବନ୍ଦ ରହିଥିବାରୁ ସମଗ୍ର ଅଞ୍ଚଳ ଅନ୍ଧାରରେ ବୁଡ଼ି ରହିଛି। ବିଶେଷ କରି ସନ୍ଧ୍ୟା ପରେ ଟିଉସନ୍ ଯିବା ଓ ଫେରିବା ସମୟରେ ଛାତ୍ରଛାତ୍ରୀ ନିଜକୁ ସୁରକ୍ଷିତ ମନେ କରୁ ନଥିବା ଅଭିଯୋଗ ହୋଇଛି। ଫଳରେ ରାତି ସମୟରେ ଯାତାୟାତ କରିବାରେ ସାଧାରଣ ଲୋକଙ୍କୁ ଅସୁବିଧା ହେଉଥିବା ବେଳେ ଛାତ୍ରଛାତ୍ରୀ ଓ ମହିଳାମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ଧାର ସୁଯୋଗ ନେଇ ଅସାମାଜିକ ତତ୍ତ୍ୱ ସକ୍ରିୟ ହେବାର ଆଶଙ୍କା ମଧ୍ୟ ସ୍ଥାନୀୟ ଅଞ୍ଚଳରେ ପ୍ରକାଶ ପାଇଛି। ବଜାରକୁ ଲାଗି ରହିଥିବା ଦେଶୀ ଆଉ ବିଦେଶୀ ମଦ ଦୋକାନରୁ ମଦ୍ୟପାନ କରି ସନ୍ଧ୍ୟାରେ ଟ୍ୟୁସନ ଯାଉଥିବା କୋମଳମତି ଛୁଆଙ୍କ ପାଇଁ ବିପଦ। ବହୁବାର ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ତେଣୁ ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ମରାମତି କରି ସାଇଁକୁଳ ବଜାରରେ ପୁନର୍ବାର ଆଲୋକ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ବାରମ୍ବାର ଏପରି ଲାଇଟ କାଟି ଅନ୍ଧାର କରିବା ପଛରେ କାହାର ସ୍ୱାର୍ଥ ରହିଛି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ବିନମ୍ର ନିବେଦନ କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ କେବେ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉଛି।

ଆଦିବାସୀ ଇଲାକାରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର

# ପ୍ରହସନ ପାଲଟିଛି ଡିଏମ୍‌ଏଫ୍‌ର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

ଆନନ୍ଦପୁର, ୯।୬(ସମିସ)





କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ଘସିପୁରା ଓ ହାଟଡିହୀ ବ୍ଲକ୍‌ର ଆଦିବାସୀ ଇଲାକାରେ ସ୍ୱାସ୍ଥ୍ୟ ସେବାର ବିକଳଚିତ୍ର ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି। ଅପରପକ୍ଷରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ନାଁରେ ହରିଲୁଟ୍ ହେଉଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ହେଉଥିବା ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାରେ ମାର୍ଗଦର୍ଶିକାକୁ ଖାତିର ନ କରି ନିୟୋଜିତ କର୍ମଚାରୀମାନେ ଲୋକଙ୍କୁ ସରକାରୀ ସୁବିଧା ନ ଦେଇ ସେ ବାବଦକୁ ମିଳୁଥିବା ଅର୍ଥ ହେରଫେର କରୁଛନ୍ତି। ଔଷଧ ବଦଳରେ ନିରାମୟ ଔଷଧ ବଣ୍ଟନ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ବିଭିନ୍ନ ମହଲରେ ଅଭିଯୋଗ ହେବାରୁ ଯେଉଁମାନେ ଏହି ବାଟମାରଣାରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ତଦନ୍ତ କରିବା ବଦଳରେ ଜଣେ ଡ୍ରାଇଭରଙ୍କୁ ଚାକିରିରୁ ବାହାର କରିଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଭ୍ରାମ୍ୟମାଣ ଗାଡ଼ି ଗାଁକୁ ଗାଁ ଯାଇ ସ୍ୱାସ୍ଥ୍ୟସେବା ଓ ଔଷଧ ବିତରଣ କରିବାକୁ ନିର୍ଦ୍ଦେଶ ଅଛି। ମିଳୁଥିବା ଉନ୍ନତମାନର କମ୍ପାନୀ ଔଷଧକୁ ବାହାରେ ବିକ୍ରି କରାଯାଇ ସରକାରୀ ଔଷଧକୁ ରୋଗୀଙ୍କୁ ଦିଆଯାଉଛି। ଡାକ୍ତରଙ୍କ ବଦଳରେ ଫାର୍ମାସିଷ୍ଟ ରୋଗୀ ଦେଖି ଔଷଧ ଦେଉଥିବା ଦେଖିବାକୁ ମିଳୁଛି। ଇସିଜି ମେସିନ ଆଜି ପର୍ଯ୍ୟନ୍ତ ବ୍ୟବହାର ହୋଇ ନ ଥିବା ଅଭିଯୋଗ ହୋଇଛି। କର୍ମୀଙ୍କୁ କେତେକ ଅଙ୍ଗନବାଡ଼ି ହାତବାରିସି କରି ଗାଁଲୋକଙ୍କ ନାମ ସଂଗ୍ରହ କରି ସେମାନଙ୍କ ନାଁରେ ବିଲ୍ କରି ଉପରୁ ତଳ କର୍ମଚାରୀ ପର୍ଯ୍ୟନ୍ତ କିପରି ହଡ଼ପ କରାଯାଉଛି ତାହା ନକହିବା ଭଲ। ସେ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କର୍ମଚାରୀଙ୍କ ମଧ୍ୟରେ ଛନ୍‌କା ପଶିଛି। କେନ୍ଦୁଝର ଡିଏମ୍‌ଏଫ୍ ଫଣ୍ଡରୁ ଟଙ୍କା କିପରି ହରିଲୁଟ୍ ହେଉଛି ତାହାର ଅସଲ କଥା ଏବେ ପଦାରେ ପଡ଼ିଛି। କେନ୍ଦୁଝର ଜିଲ୍ଲାପାଳ ଏହି ଅଭିଯୋଗ ଉପରେ ତଦନ୍ତ କରି ମେଡିକାଲ କର୍ମଚାରୀଙ୍କ ହରିଲୁଟ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରୋଗୀଙ୍କୁ ସଠିକ ଚିକିତ୍ସା ମିଳିବା ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଜେପି ନେତା ସନ୍ତୋଷ ଜେନା ଦାବି କରିଛନ୍ତି।

## କଣ୍ଟିପାଳରେ ପ୍ରଧାନଶିକ୍ଷକଙ୍କ ଯୋଗଦାନ



ଆନନ୍ଦପୁର, ୯।୬(ସମିସ): ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲରେ ରାଜ୍ୟ ସରକାରଙ୍କ ପ୍ରଧାନ ଶିକ୍ଷକ ପଦୋନ୍ନତି ନୀତି କାର୍ଯ୍ୟ କାରି ପରେ ନୂତନ ଭାବରେ ପ୍ରଧାନ ଶିକ୍ଷକ ଭାବରେ ବାବୁଲି ଚରଣ ସଏ ଯୋଗଦାନ କରିଛନ୍ତି। ବିଦ୍ୟାଳୟ କମିଟି, ପୁରାତନ ଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ ଶ୍ରୀ ସଏଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରାଯାଇ ବିଦ୍ୟାଳୟ ପରିସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ବିକାଶ, ଉନ୍ନତ ମାନର ପାଠପଢ଼ା ଓ ଶୃଙ୍ଖଳା ପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଏଥିପାଇଁ ସମସ୍ତ ଅଭିଭାବକ ଓ କର୍ମଚାରୀଙ୍କର ସହଯୋଗ ଆବଶ୍ୟକ ବୋଲି କହିଛନ୍ତି। ପୁରାତନ ପ୍ରଧାନ ଶିକ୍ଷକ ବିଜୟ କୁମାର ସୁର, ଦାମୋଦର ସାହୁ, ସୁବାସ ଚନ୍ଦ୍ର ଜେନା, ବିଦ୍ୟାଳୟ କମିଟି ଅଧ୍ୟକ୍ଷ ମହେନ୍ଦ୍ର କୁମାର ବେହେରା, ନିରଞ୍ଜନ ସାହୁ, ଅଜୟ କୁମାର ଦେହୁରୀ, ରାମଚନ୍ଦ୍ର ବେହେରା, ଦିଲୀପ କୁମାର ଦାସ, ରବିନାରାୟଣ ଷଡ଼ଙ୍ଗୀ, ନୃସିଂହ ଚରଣ ଷଡ଼ଙ୍ଗୀ, ଅନନ୍ତ ନାହାକ, ମାନସ, ବଦ୍ରି, ଅଂଶୁମାନ, ରଶ୍ମିତା, ଶୁଭଶ୍ରୀ, ଶୁଭଲକ୍ଷ୍ମୀ ପ୍ରମୁଖ କମିଟି ସଦସ୍ୟ ସଦସ୍ୟା, ଶିକ୍ଷକ ଓ କର୍ମଚାରୀ ଗଣ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# କଟକ ସିଟି



## 'କଟକ ଇନ୍ କଟକ'ରେ ସିଏମ୍‌ସିର ୩ ଦିନିଆ ରଜ ମହୋତ୍ସବ

# ମହିଳା ସମ୍ମାନ ପାଇଁ ଆରମ୍ଭ ହେବ 'ଲାଲ୍ ବାକ୍ସ' ଅଭିଯାନ

**କଟକ, ୯।୬(ସମିସ)**

ଓଡ଼ିଶାର ଗଣପର୍ବ ରଜକୁ ଚଳିତ ବର୍ଷ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଅତ୍ୟନ୍ତ ଧୁମଧାମରେ ପାଳନ କରାଯିବ। ଆସନ୍ତା ଜୁନ୍ ୧୪ ତାରିଖରୁ ସ୍ଥାନୀୟ 'କଟକ ଇନ୍ କଟକ' ପରିସରରେ ୩ ଦିନିଆ ସ୍ୱତନ୍ତ୍ର ରଜ ମହୋତ୍ସବ ଆୟୋଜନ କରାଯିବା ନେଇ ସିଏମସି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ମହୋତ୍ସବରେ ସହରର ୫୯ଟି ୱାର୍ଡର ପ୍ରାୟ ୨୦୦ରୁ ଅଧିକ ବସ୍ତିର ଝିଅ ଓ ମହିଳାମାନେ ସାମିଲ ହେବେ। ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଟକର ମେୟର ସୁବାସ ସିଂହ ଏବଂ କମିଶନର ସୁଶ୍ରୀ କିରନଦୀପ କୌର ସହୋତା ଏହି ମହୋତ୍ସବ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଏଥର ପାରମ୍ପରିକ ପର୍ବ ପାଳନ ସହିତ ସିଏମସି ସହରର ସ୍ୱାସ୍ଥ୍ୟ ଓ ମହିଳା ସମ୍ମାନକୁ ଆଖିରେ ରଖି ଏକ ବଡ଼ ସଚେତନତା ଅଭିଯାନ 'ଲାଲ୍ ବାକ୍ସ' ଆରମ୍ଭ କରିବାକୁ ଯାଉଛି। ଏହି ଅଭିଯାନର ମୂଳ ମନ୍ତ୍ର ରହିଛି 'ବଦଳାଅ ନଜର, ବଦଳାଅ ପ୍ରଥା, ମଇଳା ନୁହେଁ ମହିଳା ସମ୍ମାନର କଥା'। ଏହି ବ୍ୟବସ୍ଥା ଅନୁଯାୟୀ, ପ୍ରତିଦିନ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଥିବା ଗାଡ଼ିଗୁଡ଼ିକରେ ଏକ ସ୍ୱତନ୍ତ୍ର ଲାଲ୍ ବାକ୍ସ ରହିବ, ଯେଉଁଥିରେ ମହିଳାମାନେ ସେମାନଙ୍କର ବ୍ୟବହୃତ ସାନିଟାରୀ ପ୍ୟାଡ୍ ଅଲଗା କରି ରଖିପାରିବେ। ଏହି ବର୍ଜ୍ୟବସ୍ତୁକୁ ସିଏମସି ବୈଜ୍ଞାନିକ ପଦ୍ଧତିରେ ଇନସିନିରେସନ୍ କରି ନଷ୍ଟ କରିବ, ଯାହାଦ୍ୱାରା ସଫେଇ କର୍ମଚାରୀମାନେ ମାରାତ୍ମକ ସଂକ୍ରମଣରୁ ରକ୍ଷା ପାଇପାରିବେ। ଏହି ସଚେତନତା ପାଇଁ ସିଏମସି ପକ୍ଷରୁ ଏକ ସ୍ୱତନ୍ତ୍ର ଭିଡିଓ ମଧ୍ୟ ଜାରି କରାଯାଇଛି। ଏହି ରଜ ମହୋତ୍ସବ ଜୁନ୍ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୧୦ଟାରୁ ରାତି ୮ଟା ଯାଏଁ ଚାଲିବ। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରାଙ୍ଗଣକୁ ୫ଟି ସ୍ୱତନ୍ତ୍ର ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରଥମ 'ରଜ ସଜବାଜ' ଜୋନ୍‌ରେ ଝିଅମାନଙ୍କ ପାଇଁ ମାଗଣାରେ ଅଳତା, ମେହେନ୍ଦୀ, ଫେସ୍ ଆର୍ଟ ଓ ମେକଅପ୍ କର୍ମଶାଳାର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ଜୋନ୍‌ରେ ଭଳିକି ଭଳି ପାରମ୍ପରିକ ପିଠା, ପାନ ଏବଂ ୨୦ଟି ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ୍ ରହିବ, ଯେଉଁଠାରେ ଲୋକଙ୍କୁ ମାଗଣାରେ ପୋଡ଼ପିଠା ଓ ପାନ ବଣ୍ଟନ କରାଯିବ। ତୃତୀୟ ପ୍ରଦର୍ଶନୀ ଜୋନ୍‌ରେ ଓଡ଼ିଶାର ଗୌରବ ବଢ଼ାଇଥିବା ପ୍ରେରଣାଦାୟୀ ମହିଳା ଯଥା ରମାଦେବୀ, ନନ୍ଦିନୀ ଶତପଥି, ମାଳତୀ ଚୌଧୁରୀ, କୁନ୍ତଳା କୁମାରୀ ସାବତ, ତୁଳସୀ ମୁଣ୍ଡା, ପାର୍ବତୀ ଘୋଷ, କଳ୍ପନା ଦାସ, ସଂଯୁକ୍ତା ପାଣିଗ୍ରାହୀ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଓ ଫଟୋ ପ୍ରଦର୍ଶିତ ହେବ। ଚତୁର୍ଥ 'ସାରସ୍ୱତ ଜୋନ୍'ରେ ମହିଳା ଲେଖିକାମାନଙ୍କ ପୁସ୍ତକ ପ୍ରଦର୍ଶନୀ ସହ ପ୍ରତିଦିନ କବିତା ପାଠ ଓ ଶିଶୁ ସାହିତ୍ୟ ଆଲୋଚନା ଚାଲିବ ଏବଂ ପଞ୍ଚମ 'ଆର୍ଟ ଗ୍ୟାଲେରୀ' ଜୋନ୍‌ରେ ଶିଶୁମାନଙ୍କ ପାଇଁ ଲାଇଭ୍ ପେଣ୍ଟିଂ ଓ ଟୋଟ୍ ବ୍ୟାଗ୍ ପେଣ୍ଟିଂ ଭଳି ଆର୍ଟ ଆଣ୍ଡ କ୍ରାଫ୍ଟ ତାଲିମର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ପ୍ରତିଦିନ ସାଇବର ସିକ୍ୟୁରିଟି, ମାନସିକ




### ଜମିବ ଦୋଳି, ପାନ ଓ ପିଠାର ସମ୍ଭାର

ସ୍ୱାସ୍ଥ୍ୟ, ଆର୍ଥିକ ସଚେତନତା ଏବଂ ଏଆଇ ଓ ରୋବୋଟିକ୍ସ ଉପରେ ବିଶେଷଜ୍ଞମାନଙ୍କ ଦ୍ୱାରା କର୍ମଶାଳା ଅନୁଷ୍ଠିତ ହେବ। ପ୍ରତିଦିନ ସକାଳେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ମହିଳାଙ୍କୁ ସମ୍ମାନିତ କରାଯିବା ସହ ଅପରାହ୍ନରୁ ସ୍ଥାନୀୟ କଳାକାର ଓ ପ୍ରତିଭାବାନ ଟ୍ରୁପ୍‌ଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସିଏମସି ସାନିଟେସନ୍ ବିଭାଗର ଡେପୁଟି କମିଶନର ଜୁବୁଲି ଚରଣ ବେହେରା ଓ ଆସିଷ୍ଟାଣ୍ଟ କମିଶନର ସ୍ୱାତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମୀଣ ଶିଳ୍ପ ଉଦ୍ୟାନ କ୍ଲଷ୍ଟର୍ ଉଦ୍‌ଘାଟିତ

**କଟକ, ୯।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଇଶାଣୀ ବେରହମ୍ପୁର ଗ୍ରାମ ପଞ୍ଚାୟତର ଖେଣ୍ଟାଳଠାରେ ଏକ ଗ୍ରାମୀଣ ଶିଳ୍ପ ଉଦ୍ୟାନ କ୍ଲଷ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ଲଷ୍ଟରକୁ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଏବଂ କଟକ ସଦର ବିଧାୟକ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ମୁଖ୍ୟ ଉନ୍ନୟନ ଅଧିକାରୀ-ସହ-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ବ୍ଲକ ଉନ୍ନୟନ ଅଧିକାରୀ ଦିବେନ୍ଦୁ କୁମାର ଦାସ, ସୁଶ୍ରୀ ନିରୂପମା, ଚିତ୍ତ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗ୍ରାମୀଣ ଶିଳ୍ପ ଉଦ୍ୟାନ କ୍ଲଷ୍ଟରଟି ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ କଟକ ଜିଲ୍ଲା ପ୍ରଶାସନର ମିଳିତ ପ୍ରୟାସରେ ପ୍ରତିଷ୍ଠା କରାଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା, ସ୍ଥାୟୀ ଜୀବିକା ସୃଷ୍ଟି କରିବା ଏବଂ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ସଶକ୍ତ କରିବା। ଏହି କ୍ଲଷ୍ଟରରେ ୨୦ଟି ସ୍ୱୟଂଚାଳିତ ଅଗରବତୀ ତିଆରି ଯନ୍ତ୍ର, ୧ଟି ଅଗରବତୀ ମସଲା ପ୍ରସ୍ତୁତି ମେସିନ ଏବଂ ୧ଟି ଇଲେକ୍ଟ୍ରିକ ଡ୍ରାୟର ମେସିନ ସ୍ଥାପନ କରାଯାଇଛି। ଏହା ମାଧ୍ୟମରେ ପ୍ରାୟ ୧୦୦ ଜଣ ଗ୍ରାମୀଣ ମହିଳାଙ୍କୁ ସିଧାସଳଖ ଜୀବିକା ସୁଯୋଗ ମିଳିବାର ଆଶା ରହିଛି। ଏହି ୟୁନିଟ୍‌ରେ ବାର୍ଷିକ ପ୍ରାୟ ୩୦ ମେଟ୍ରିକ ଟନ୍ ପ୍ରସ୍ତୁତ ଅଗରବତୀ ଉତ୍ପାଦନ କରାଯିବ, ଯାହା ହିତାଧିକାରୀମାନଙ୍କ ପାଇଁ ଏକ ସ୍ଥାୟୀ ଆୟର ଉତ୍ସ ସୃଷ୍ଟି କରିବ। ଏହା ମାଧ୍ୟମରେ ପ୍ରାୟ ୧୦୦ ଜଣ ଗ୍ରାମୀଣ ମହିଳାଙ୍କୁ ସିଧାସଳଖ ଜୀବିକା ସୁଯୋଗ ମିଳିବାର ଆଶା ରହିଛି। ଏହି ୟୁନିଟ୍‌ରେ ବାର୍ଷିକ ପ୍ରାୟ ୩୦ ମେଟ୍ରିକ ଟନ୍ ପ୍ରସ୍ତୁତ ଅଗରବତୀ ଉତ୍ପାଦନ କରାଯିବ, ଯାହା ହିତାଧିକାରୀମାନଙ୍କ ପାଇଁ ଏକ ସ୍ଥାୟୀ ଆୟର ଉତ୍ସ ହେବ।

## ଏଲ୍ ଆଣ୍ଡ ଟି ପକ୍ଷରୁ ରକ୍ତଦାନ ଶିବିର

**କଟକ, ୯।୬(ସମିସ):** କଟକ ଏସସିବି ମେଡିକାଲ ବିସ୍ତାର ପ୍ରକଳ୍ପ ପରିସରରେ ଏଲ୍ ଆଣ୍ଡ ଟି କନଷ୍ଟ୍ରକ୍ସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ଏବଂ ସେଣ୍ଟ୍ରାଲ ରେଡ୍ କ୍ରସ୍ ବ୍ଲଡ୍ ସେଣ୍ଟର ସହଯୋଗରେ ଆୟୋଜିତ ଏହି ଶିବିରକୁ ଡା. କିଶୋର ଚନ୍ଦ୍ର ବେହେରା ଓ ଡା. ରାମପ୍ରସାଦ ରାୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରକଳ୍ପ ନିର୍ଦ୍ଦେଶକ ସୁଦୀପ୍ତ କୁମାର ବସୁ, ନନ୍ଦରାଜ ଯୋଶୀ, ଏମ୍.ଆର୍. ଦାସ, ବି.ବି. ରାୟ, କମଲେଶ ମିଶ୍ର ଓ ଏଚ୍‌ଆର୍ ମୁଖ୍ୟ ରୋଜି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଲିଆଜନ୍ ଅଫିସର ଅଭିମନ୍ୟୁ ପଣ୍ଡାଙ୍କ ଦ୍ୱାରା ପରିଚାଳିତ ଏହି ଶିବିରରୁ ସମୁଦାୟ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

## ସ୍ୱାସ୍ଥ୍ୟସେବାରେ ଆମୂଳଚୂଳ ପରିବର୍ତ୍ତନ ଦାବି

କଟକ, ୯।୬(ସମିସ): ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ଦାୟିତ୍ୱବାନ, କ୍ରିୟାଶୀଳ, ସ୍ୱଚ୍ଛ ଏବଂ ଶୋଷଣମୁକ୍ତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ମଞ୍ଚର ସଭାପତି ତଥା ବିଶିଷ୍ଟ ଆଇନଜୀବୀ ଅମୀୟ ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ପ୍ରତିନିଧି ଦଳ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରମା ଦେଇଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ମୁଖ୍ୟ ସଚିବ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ରାଜ୍ୟର ସ୍ୱାସ୍ଥ୍ୟସେବାରେ ବ୍ୟାପକ ସଂସ୍କାର ଆଣିବା ପାଇଁ ୧୪ ଦଫା ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ମଞ୍ଚ ପକ୍ଷରୁ ସରକାରୀ ଓ ବେସରକାରୀ ଚିକିତ୍ସାଳୟଗୁଡ଼ିକରେ ରୋଗୀ ସେବାର ମାନ ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଅନୁଷ୍ଠାନଗୁଡ଼ିକର ତଦାରଖ ଦାୟିତ୍ୱ 'ନାଗରିକ ସମାଜ'କୁ ହସ୍ତାନ୍ତର କରିବାକୁ ପ୍ରସ୍ତାବ ଦିଆଯାଇଛି। ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ସଦ୍‌ଉପଯୋଗ କରି ହସ୍ପିଟାଲଗୁଡ଼ିକରେ ଆଇସିୟୁ ସଂଖ୍ୟା ତୁରନ୍ତ ୫୦ ପ୍ରତିଶତ ବୃଦ୍ଧି କରିବା ସହ ଆଇସିୟୁରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ବାହାରେ ରହି ସେମାନଙ୍କ ସମ୍ପର୍କୀୟମାନେ ଯେପରି ସ୍ୱଚ୍ଛ ଭାବେ ନିରୀକ୍ଷଣ/ ଦେଖିପାରିବେ, ସେଭଳି ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏହାଛଡ଼ା ଡିଜିଟାଲ ବ୍ୟବସ୍ଥାକୁ ସୁଦୃଢ଼ କରି ରୋଗୀଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ମଞ୍ଚ ମତବ୍ୟକ୍ତ କରିଛି। ଶୋଷଣମୁକ୍ତ ସ୍ୱାସ୍ଥ୍ୟସେବା ପାଇଁ ବେସରକାରୀ ନର୍ସିଂହୋମଗୁଡ଼ିକର ଉଚିତ ବର୍ଗୀକରଣ କରାଯାଇ ସେଠାରେ ଉପଲବ୍ଧ ବିଭିନ୍ନ ସେବା ପାଇଁ ସରକାରୀ ଦର ନିର୍ଦ୍ଧାରଣ କରିବାକୁ ଦାବି କରାଯାଇଛି। ରୋଗୀମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଏମଆରଆଇ, ସିଟି ସ୍କାନ୍ ଏବଂ ଅଲଟ୍ରାସାଉଣ୍ଡ ଭଳି ଜରୁରୀ ପରୀକ୍ଷା ଯୋଗାଇଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ପ୍ରତି ୬ ମାସରେ ଏକ ସ୍ୱତନ୍ତ୍ର ଉତ୍ସର୍ଗୀକୃତ ଟିମ୍ ଦ୍ୱାରା ହସ୍ପିଟାଲ ସେବାର ନିୟମିତ ଅଡିଟ୍ କରିବାକୁ ପ୍ରସ୍ତାବ ଦିଆଯାଇଛି। ରୋଗୀଙ୍କ ଅଧିକାର ସୁରକ୍ଷିତ କରିବା ପାଇଁ ପ୍ରତ୍ୟେକ ଚିକିତ୍ସାଳୟ ସମ୍ମୁଖରେ ରୋଗୀମାନଙ୍କୁ ପ୍ରଦତ୍ତ ସମସ୍ତ ଅଧିକାର ସୂଚନା ସଫଳତାର ସହ ପ୍ରଦର୍ଶନ କରାଯାଉ ବୋଲି ମଞ୍ଚ ଦର୍ଶାଇଛି। ସରକାର ଏହି ପ୍ରସ୍ତାବଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ରାଜ୍ୟର ସ୍ୱାସ୍ଥ୍ୟସେବାକୁ ଆହୁରି ଲୋକାଭିମୁଖୀ କରିବେ ବୋଲି ମଞ୍ଚ ଆଶା ପୋଷଣ କରିଛି।



## ବିଜୁପଟ୍ଟନାୟକ ପାର୍କ ରାସ୍ତାରେ ବ୍ୟାରିକେଡ୍‌କୁ ନେଇ ତେଜୁଛି ବିବାଦ




**କଟକ, ୯।୬(ସମିସ):** ସିଡ଼ିଏ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖ ପ୍ରମୁଖ ରାସ୍ତାରେ ବ୍ୟାରିକେଡ ଲଗାଯିବାକୁ ନେଇ ବିବାଦ ତେଜିବାରେ ଲାଗିଛି। ବ୍ୟାରିକେଡ ଲଗାଯିବା ଦ୍ୱାରା 'ଆମ ବସ' ଚଳାଚଳ ବନ୍ଦ ହୋଇଯାଇଛି। ଏହା ପ୍ରତିବାଦରେ ସେକ୍ଟର ୬ ରୁ ସେକ୍ଟର ୧୩ ପର୍ଯ୍ୟନ୍ତ ସମସ୍ତ ସିଡ଼ିଏ ବାସୀଙ୍କୁ ନେଇ ବିଶାଳ ଜନ ଆକ୍ରୋଶ ସଭା ସେକ୍ଟର ୮ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମର୍କତନଗର ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରଭାକର ପତ୍ରୀ ସଭାପତିତ୍ୱ କରିଥିଲେ। ପ୍ରତ୍ୟେକ ସେକ୍ଟରର ଆବାସିକ ସଂଘ, ପୂଜା କମିଟି ଓ ଅନ୍ୟାନ୍ୟ ସାମାଜିକ ସଂଗଠନ ଗୁଡିକର ସଭାପତି, ସମ୍ପାଦକ ତଥା ସେମାନଙ୍କର ପ୍ରତିନଧିମାନେ ଯୋଗଦେଇ ବ୍ୟାରିକେଡ ଯୋଗୁଁ ଅଞ୍ଚଳବାସୀଙ୍କ ଯାତାୟାତରେ ଘୋର ସମସ୍ୟା ଉପୁଜୁଥିବାର ଅଭିଯୋଗ କରି ଏହାର ଆଶୁ ସମାଧାନ ପାଇଁ ଦାବି କରିଥିଲେ। ସରକାରଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉକ୍ତ ରାସ୍ତାରେ ଆମ ବସ ଓ ଦମକଳ ଆଦି ସ୍ୱାଭାବିକ ଚଳାଚଳ କରୁଥିବାର ମିଥ୍ୟା ତଥ୍ୟ ପ୍ରଦାନକୁ ସଭାରେ ଦୃଢ଼ ନିନ୍ଦା କରାଯାଇଥିଲା। ବ୍ୟାରିକେଡ ଯୋଗୁଁ ସୃଷ୍ଟି ଉକ୍ରଟ ସମସ୍ୟାର ସମାଧାନ ପାଇଁ ସମଗ୍ର ସିଡ଼ିଏବାସୀ ଏକାଠି ହୋଇ ଲଢ଼ିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଲକ୍ଷ୍ମୀ ନାରାୟଣ ଦାସ, ଦ୍ୱାରିକାନାଥ ମହାନ୍ତି, ମନୋଜ ପତି, ଗୌତମ ପଣ୍ଡା, ମନୋରଞ୍ଜନ ଦାଶ, ଖଗେଶ୍ୱର ସେଠୀ, ବାସୁଦେବ ମିଶ୍ର, ନିତ୍ୟାନନ୍ଦ ବେହୁରିଆ, ଗୌତମ ସିଦ୍ଦିକ, ଜୟଶଙ୍କର ମହାରଣା, ଅମ୍ବିକା ପ୍ରସାଦ ଦାସ, ଅରୁଣ ଷଡ଼ଙ୍ଗୀ ପ୍ରମୁଖ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

**▸▸ ମର୍କତନଗର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜନ ଆକ୍ରୋଶ ସଭା**

**▸▸ ଆମ ବସ ଚଳାଚଳ ସ୍ୱାଭାବିକ ପାଇଁ ଦାବି**

### ଦିବ୍ୟାଙ୍ଗ ବରିଷ୍ଠ ନାଗରିକ ଦମ୍ପତିଙ୍କୁ ଆକ୍ରମଣ ଓ ଲୁଟ୍

## ପୁଲିସର ନିଷ୍କ୍ରିୟତା ବିରୋଧରେ ଡିଜିପିଙ୍କୁ ଫେରାଦ

**କଟକ, ୯।୬(ସମିସ):** ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ପୁଲିସର ନିଷ୍କ୍ରିୟତା ବିରୋଧରେ ନ୍ୟାୟ ପାଇଁ ରାଜ୍ୟ ପୁଲିସ ଡିଜିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜଣେ ଦିବ୍ୟାଙ୍ଗ ବରିଷ୍ଠ ନାଗରିକ। ଡେଲାଙ୍ଗ ଥାନା କୁମୁଣ୍ଡାଳ ଗ୍ରାମର ପକ୍ଷାଘାତ ପୀଡ଼ିତ କସ୍ତୁରୀ ମଙ୍ଗରାଜ (୬୭)ଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅର ଶ୍ୱଶୁର ଘର ଲୋକେ (ଭଗବାନ ଜେନା ଓ ପରିବାର) ବିଗତ ୩ ବର୍ଷ ହେବ ତାଙ୍କୁ ଓ ତାଙ୍କ ରୋଗୀଣା ପତ୍ନୀଙ୍କୁ ମରଣାନ୍ତକ ଆକ୍ରମଣ ଓ ଲୁଟପାଟ କରି ଆସୁଛନ୍ତି। ଗତ ମେ ୨୬ରେ ଏ ନେଇ ଥାନାରେ ଏତଲା ଦେଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ, ଓଲଟା ତାଙ୍କୁ ସକାଳୁ ସଞ୍ଜ ଥାନାରେ ବସାଇ ହଇରାଣ କରୁଛି। ପୁରୀ ଏସପିଙ୍କ ପକ୍ଷରୁ କୌଣସି ସହଯୋଗ ନ ମିଳିବାରୁ ସେ ଡିଜିପିଙ୍କ ସହ ରାଜ୍ୟପାଳ ଓ ଗୃହ ସଚିବଙ୍କୁ ଲିଖିତ ଭାବେ ଜଣାଇ ନ୍ୟାୟ ଭିକ୍ଷା କରିଛନ୍ତି।

## ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ନିଶ୍ଚିନ୍ତକୋଇଲି, ୯।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଗୋପପୁର ଗ୍ରାମର ସ୍ୱର୍ଗତ ସୁବାଷ ଚନ୍ଦ୍ର ସାହୁଙ୍କ ପତ୍ନୀ କୁନ୍ତଳା ସାହୁ (୫୨) ମଙ୍ଗଳବାର ଅପରାହ୍ନରେ ନିଜ ଘରେ ବୈଦ୍ୟୁତିକ ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଘରେ କେହି ନ ଥିବା ସମୟରେ ସେ ଏଭଳି ପଦକ୍ଷେପ ନେଇଥିବା ବେଳେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ, ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ନିଶ୍ଚିନ୍ତକୋଇଲି ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇବା ସହ ଘଟଣାର ତଦନ୍ତ କରୁଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।

## ଅଜଣା ଗାଡ଼ି ଧକ୍କାରେ ଛାତ୍ର ଗୁରୁତର

**ନିଶ୍ଚିନ୍ତକୋଇଲି, ୯।୬(ସମିସ):** କଟକ-ଚାନ୍ଦବାଲି ରାସ୍ତାର ବାହାବଳପୁର ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଆଇଟିଆଇ ଛାତ୍ର ଲକ୍ଷ୍ମୀଧର ବେହେରା (୧୯) ଗୁରୁତର ଭାବେ ଆହତ ହୋଇଛନ୍ତି। ସାଲେପୁର ଥାନା କୁସମ୍ବୀ ଗ୍ରାମର ଲକ୍ଷ୍ମୀଧର ଆଜି ସକାଳେ ସାଇକଲ ଯୋଗେ ନିଶ୍ଚିନ୍ତକୋଇଲି ଆସମାକ୍ସ ଆଇଟିଆଇକୁ ଯାଉଥିବା ବେଳେ ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ ରସାୟନ ବିଭାଗର ସଫଳତା

**କଟକ, ୯।୬(ସମିସ):** ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ରସାୟନ ବିଭାଗ ଚଳିତ ଶିକ୍ଷାବର୍ଷରେ ଏକ ଅଭୁତପୂର୍ବ ସଫଳତା ହାସଲ କରି ଶିକ୍ଷା ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସ୍ନାତକର ଶେଷବର୍ଷରେ, ବିଭାଗର ଅର୍ଦ୍ଧାଧିକ ଛାତ୍ରଛାତ୍ରୀ ୯.୦ରୁ ଅଧିକ ସିଜିପିଏ ହାସଲ କରି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। କେବଳ ପରୀକ୍ଷା ଫଳାଫଳରେ ନୁହେଁ, ଅନେକ ଛାତ୍ରଛାତ୍ରୀ ଜାତୀୟସ୍ତରର ପ୍ରତିଷ୍ଠିତ ଆଇଆଇଟି-ଜେଏଏମ ପରୀକ୍ଷାରେ ମଧ୍ୟ ସଫଳତାର ସହ ଯୋଗ୍ୟ ବିବେଚିତ ହୋଇ ଦେଶର ସର୍ବୋଚ୍ଚ ଶିକ୍ଷାନୁଷ୍ଠାନ ଆଇଆଇଟିରେ ଉଚ୍ଚଶିକ୍ଷା ଗ୍ରହଣ ପାଇଁ ସମ୍ଭାବନା ସୃଷ୍ଟି କରିଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ପଛରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ଦୀପା ନାଗଙ୍କ ଦୂରଦର୍ଶୀ ନେତୃତ୍ୱ, ରସାୟନ ବିଭାଗର ମୁଖ୍ୟ ଡ଼. ଅବନୀ କୁମାର ସାହୁଙ୍କ ସୁଦକ୍ଷ ମାର୍ଗଦର୍ଶନ ଏବଂ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ନିଷ୍ଠାପର ତତ୍ତ୍ୱାବଧାନ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଶ୍ରେଣୀକକ୍ଷରେ ଗୁଣାତ୍ମକ ଶିକ୍ଷାଦାନ, ନିୟମିତ ପରାମର୍ଶ, ଅଧ୍ୟୟନ ପ୍ରତି ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଓ ଗବେଷଣାମୁଖୀ ପରିବେଶ ସୃଷ୍ଟି ଏହି ସଫଳତାର ମୂଳ ଆଧାର ବୋଲି ମତ ପ୍ରକାଶ ପାଇଛି। ରସାୟନ ବିଭାଗର ଏହି ଅସାଧାରଣ ସଫଳତା କେବଳ ମହାବିଦ୍ୟାଳୟ ପାଇଁ ନୁହେଁ, ସମଗ୍ର ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ଗର୍ବର ବିଷୟ। ଆଗାମୀ ଦିନରେ ମଧ୍ୟ ବିଭାଗ ଏଭଳି ସଫଳତାର ଧାରାକୁ ଅବ୍ୟାହତ ରଖିବ ବୋଲି ଅଧ୍ୟକ୍ଷା ମହୋଦୟା ଆଶା ପ୍ରକାଶ କରିଛନ୍ତି।

## ପ୍ରାଦେଶିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




**ଫୁଲନଖରା, ୯।୬(ସମିସ):** ଫୁଲନଖରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରାଷ୍ଟ୍ରୀୟ ଶିକ୍ଷା ମୈତ୍ରୀ ସଂଗଠନ ପକ୍ଷରୁ ପ୍ରାଦେଶିକ ଦ୍ୱି-ଦିବସୀୟ ଆଚାର୍ଯ୍ୟ/ଆଚାର୍ଯ୍ୟା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସଂଗଠନର ପ୍ରାନ୍ତ ନିରୀକ୍ଷକ ବିଜୟ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଶିକ୍ଷାବିତ୍ ଉମାକାନ୍ତ ମିଶ୍ର ମୁଖ୍ୟଅତିଥି, ଶରତ ପରିଡ଼ା ଓ କାନନ ବିହାରୀ ନାୟକ ଅତିଥି ଭାବେ ଯୋଗଦେଇ ଶିକ୍ଷାଦାନର ବିଭିନ୍ନ ଶୈଳୀ ଉପରେ ମତ ରଖିଥିଲେ। ଏହି ଶିବିରରେ ବିଭିନ୍ନ ଜିଲ୍ଲାର ୧୦ଟି ବିଦ୍ୟାଳୟରୁ ୫୦ରୁ ଅଧିକ ଗୁରୁଜୀ ଓ ଗୁରୁମା ପ୍ରଶିକ୍ଷଣ ନେଉଛନ୍ତି। ପ୍ରଶାସନିକ ଅଧିକାରୀ ସଙ୍ଗୀତା ଦାଶ ଅତିଥି ପରିଚୟ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ସାଗରିକା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ମାହାଙ୍ଗା ମହୋତ୍ସବ ଓ ରଜ ଜୟନ୍ତୀ ପ୍ରସ୍ତୁତି



**ଭଦ୍ରେଶ୍ୱର, ୯।୬(ସମିସ):** କେନ୍ଦ୍ରୀୟ ସାଂସ୍କୃତିକ ସଂସଦ, ଗୋକନ-ମାହାଙ୍ଗା ଆନୁକୂଲ୍ୟରେ ମଣିଜୋରି ସହିଦ ଭବନଠାରେ ବିଦ୍ୟାଳୟ ଓ ଆଞ୍ଚଳିକ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୩ ତାରିଖରେ ହେବାକୁ ଥିବା ଭଞ୍ଜ ଜୟନ୍ତୀ, ରଜ ଉତ୍ସବ ଓ ମାହାଙ୍ଗା ମହୋତ୍ସବ ପାଇଁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଭଞ୍ଜ ସଙ୍ଗୀତ, ରଜଦୋଳି ଗୀତ, ପୁଚି, ଶଙ୍ଖ ବାଦନ, ହୁଳହୁଳି ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅନୁଷ୍ଠାନର ସଭାପତି ଅରକ୍ଷିତ ପ୍ରଧାନ ଓ ପୃଷ୍ଠପୋଷକ ଶେଖ ମାସୁଦ ଅଲ୍ଲୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୩ ତାରିଖ ଦିନ ଭଞ୍ଜ ମଣ୍ଡପଠାରେ ପୁରସ୍କୃତ କରାଯିବ।

# ୧୮ ଲକ୍ଷ ଟଙ୍କାର ସୁନା ଗହଣା ଚୋରି

**କଟକ, ୯।୬(ସମିସ)**

କଟକ ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଭଦିମୂଳ ଗ୍ରାମରେ ଏକ ଚାଞ୍ଚଲ୍ୟକର ଚୋରି ଘଟଣା ସାମ୍ନାକୁ ଆସିଛି। ଜଣଙ୍କ ଘରୁ ୧୮ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର ସମେତ ନଗଦ ଟଙ୍କା ଚୋରି କରିବା ଅଭିଯୋଗରେ ପୁଲିସ ସ୍ଥାନୀୟ ଅଞ୍ଚଳର ଜଣେ ଟିଉସନ୍ ଦିଦିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କହ୍ନେଇପୁରରେ ରହୁଥିବା ଶିଖରପୁର ଅଞ୍ଚଳର ସଙ୍ଗୀତା ଦାସ (୨୨)। ଏହା ସହିତ ଚୋରି ଗହଣା କିଣିବା ଅଭିଯୋଗରେ ଷ୍ଟେସନ ବଜାର ମଠସାହିର ଅଳଙ୍କାର ଦୋକାନୀ ଦେବାନନ୍ଦ ସାହା (୫୨)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୮୬ ଗ୍ରାମର ସୁନା ଗହଣା, ନଗଦ ୧୭ ହଜାର ଟଙ୍କା, ଗୋଟିଏ ମୋବାଇଲ୍ ଏବଂ ସୁନା କିଣାବିକା ସମ୍ପର୍କିତ ଏକ ରାଜିନାମାପତ୍ର ପୁଲିସ ଜବତ କରିଛି। ପୁଲିସ ସୂଚନା ମୁତାବକ, ଭଦିମୂଳ ଗ୍ରାମର ଅଶୋକ ବେହେରାଙ୍କ ପତ୍ନୀ ଭାରତୀ ବେହେରା ଗତ ୮ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କ ଆଲମିରାରେ ରଖାଯାଇଥିବା ୧୮ ଲକ୍ଷ ଟଙ୍କାର ସୁନା-ରୂପା ଗହଣା ଓ ନଗଦ ଟଙ୍କା କେହି ଚୋରାଇ ନେଇଛି। ପୁଲିସ ମାମଲା ରୁଜୁ କରି ଘରର ସମସ୍ତ ସଦସ୍ୟଙ୍କୁ ପଚରାଉଚରା କରିଥିଲେ ମଧ୍ୟ ପ୍ରାଥମିକ ପର୍ଯ୍ୟାୟରେ କୌଣସି ସୂଚନା ମିଳି ନ ଥିଲା। ତେବେ ଘରକୁ ପିଲାମାନଙ୍କୁ ପଢ଼ାଇବାକୁ ଆସୁଥିବା ଟିଉସନ୍ ଦିଦି ସଙ୍ଗୀତା ଘଟଣା ଦିନଠାରୁ ହଠାତ୍ ଆସିବା ବନ୍ଦ କରିଦେଇଥିବା ନେଇ ଭାରତୀ ପୁଲିସକୁ ଜଣାଇଥିଲେ। ଏହାପରେ ପୁଲିସର ସନ୍ଦେହ ସଙ୍ଗୀତାଙ୍କ ଉପରେ ଘନୀଭୂତ ହୋଇଥିଲା। ପୁଲିସ ସଙ୍ଗୀତାଙ୍କୁ ଅଟକ ରଖି ଜେରା କରିବା ପରେ ସେ ନିଜର ଅପରାଧ ସ୍ୱୀକାର କରିଥିଲେ। ଘର ମାଲିକାଣୀଙ୍କ ଅନୁପସ୍ଥିତିରେ ବିଶ୍ୱାସର ସୁଯୋଗ ନେଇ ତକିଆ ତଳେ ଲୁଚାଇ ରଖାଯାଇଥିବା ଆଲମିରା ଚାବି ଆଣି ସେ ସମସ୍ତ ଗହଣା ଓ ଟଙ୍କା ଚୋରି କରିଥିଲେ। ପରେ ସେହି ଚୋରି ସୁନାକୁ ଷ୍ଟେସନ ବଜାରର ବ୍ୟବସାୟୀ ଦେବାନନ୍ଦଙ୍କୁ ବିକ୍ରି କରିଥିବା ପ୍ରକାଶ କରିଥିଲେ। ପୁଲିସ ତୁରନ୍ତ ଦେବାନନ୍ଦଙ୍କ ଦୋକାନରେ ଚଢ଼ଉ କରି ସେଠାରୁ ଚୋରି ହୋଇଥିବା ଗହଣା ମଧ୍ୟରୁ ୮୩ ଗ୍ରାମର ସୁନା ଜବତ କରିଥିଲା। ଏହି ସମ୍ବେଦନଶୀଳ ମାମଲାରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ପିଟି ଗଣେଶ ସାହୁ ସୂଚନା ଦେଇଛନ୍ତି।

**▸▸ ଟିଉସନ୍ ଦିଦି ଓ ସୁନା ବ୍ୟବସାୟୀ ଗିରଫ**

**▸▸ ୮୬ ଗ୍ରାମର ସୁନା ଅଳଙ୍କାର, ନଗଦ ଟଙ୍କା ଜବତ**

## ପାଣି ପାଇଁ ମହିଳାଙ୍କ ପ୍ରତିବାଦ

# ଗରା, ବାଲ୍‌ଟି ଧରି ବ୍ଲକ୍ ଆଗରେ ଧାରଣା

**କୋରେଇ, ୯।୬(ସମିସ)**

କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ଉପୁଳାଇ ଗ୍ରାମ ୩ ନଂ ୱାର୍ଡର ଠାକୁରାଣୀ ସାହି ଦଳିତ ବସ୍ତିର ମହିଳାମାନେ ପିଇବା ପାଣି ପାଇଁ ଦୀର୍ଘ ଦିନ ହେଲା ଦହଗଞ୍ଜ ହେଉଥିବା ପ୍ରତିବାଦରେ ଗରା ବାଲ୍ଟି ଧରି କୋରେଇ ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ଦୀର୍ଘ ସମୟ ବସି ଏହାର ପ୍ରତିବାଦ ଜଣାଇଥିଲେ। ସେମାନେ କାର୍ଯ୍ୟାଳୟ ମଧ୍ୟକୁ କାହାକୁ ଛାଡ଼ିବାକୁ ଦେଇ ନଥିଲେ। ବର୍ତ୍ତମାନ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହିତ ପାଣି ପାଇଁ ହାହାକାର ପରିସ୍ଥିତି ସେମାନଙ୍କୁ ଅସହ୍ୟ କରିଛି ବୋଲି ଅଭିଯୋଗ କରିଥିଲେ। ସେମାନଙ୍କ ପିଇବା ପାଣିର ସୁବିଧା ପାଇଁ ଗ୍ରାମର ପ୍ରଥମ ନଳକୂଅ ଭାବେ ପ୍ରାୟ ୫୦ ବର୍ଷ ତଳେ ବସ୍ତି ନିକଟରେ ଏକ ନଳକୂଅ ଖୋଳା ଯାଇଥିଲା। ସବୁ ସମୟରେ ଉକ୍ତ ନଳକୂଅ ସେମାନଙ୍କ ପିଇବା ପାଣିର ଭରସା ଥିଲା। କିଛି ମାସ ତଳେ ନଳକୂଅ ନିକଟରେ ଥିବା ଅଙ୍ଗନବାଡିର ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। ବସ୍ତି ଲୋକଙ୍କ ବାରଣ ସତ୍ତ୍ୱେ ଏହି ନଳକୂଅର ହେଡ଼ ହେଣ୍ଡେଲ ଖୋଲି ମଟର ମାଧ୍ୟମରେ ଅଙ୍ଗନବାଡିକୁ ପାଣି ଯୋଗାଣ କରାଯାଇଥିଲା। ଯାହା ଫଳରେ ବସ୍ତି ଲୋକେ ପିଇବା ପାଣିରୁ ବଞ୍ଚିତ ହେଲେ। ଏ ନେଇ ସେମାନେ ବିଭିନ୍ନ ସ୍ତରରେ ପ୍ରତିବାଦ କରିଥିଲେ ମଧ୍ୟ ଏହାର ଫଳ କିଛି ହୋଇ ନଥିଲେ। ପରେ ଏ ସମ୍ପର୍କରେ ସେମାନେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବା ପରେ ବ୍ଲକ ପ୍ରଶାସନର ନିର୍ଦ୍ଦେଶରେ ଏକ ପାଣି ଟ୍ୟାପର ବ୍ୟବସ୍ଥା କରାଯାଇଥିଲା। ଖୁବ ଶୀଘ୍ର ଏକ ନଳକୂଅ ଖନନ ପାଇଁ ବିଡିଓ ପ୍ରତିଶ୍ରୁତି ଦେବା ସହ ଏକ ପାଣି ଟ୍ୟାଙ୍କରର ବ୍ୟବସ୍ଥା କରାଯିବାକୁ କହିଥିଲେ। ତେବେ ଗୋଟିଏ ପଟେ ବସିଥିବା ଟ୍ୟାପରୁ ପାଣି ବାହାରୁନଥିବା ଓ ପ୍ରତିଶ୍ରୁତିକୁ ମାସେ ବିତିଯାଇଥିଲେ ମଧ୍ୟ ଟ୍ୟାଙ୍କର କି ନଳକୂଅର ବ୍ୟବସ୍ଥା କରାଯାଇ ନଥିବା ଯୋଗୁଁ ବାଧ୍ୟ ହୋଇ ବସ୍ତିର ମହିଳା ଗରା ବାଲ୍ଟି ଧରି ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ଏହାର ପ୍ରତିବାଦ କରିଥିଲେ। ବିଡ଼ିଓଙ୍କ ନିର୍ଦ୍ଦେଶରେ ବ୍ଲକ ସହକାରୀ ଯନ୍ତ୍ରୀ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ପ୍ରତିବାଦକାରୀ ଏଥିରେ ସନ୍ତୁଷ୍ଟ ହୋଇ ନଥିଲେ। ପରେ ଖବର ପାଇ କୋରାଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ପହଞ୍ଚି ମହିଳାମାନଙ୍କୁ ଛାଇରେ ବସିବାକୁ ପରାମର୍ଶ ଦେବା ସହ ସମସ୍ତଙ୍କୁ ଓଆର୍‌ଏସ୍ ଦେଇ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ କୋରେଇ ବିଡିଓ ଅବନୀକାନ୍ତ ସାହୁ ପହଞ୍ଚି ନଳକୂଅ ଖୋଳା ଯିବା ପର୍ଯ୍ୟନ୍ତ ଟ୍ୟାଙ୍କର ପାଣି ଯୋଗାଇ ଦିଆ ଯିବାର ବ୍ୟବସ୍ଥା କରାଯିବ ବୋଲି କହିବା ପରେ ମହିଳାମାନେ ପ୍ରତିବାଦରୁ ଓହରିଥିଲେ। ପାଣି ସମସ୍ୟା ସମ୍ପର୍କରେ ପ୍ରତିବାଦକାରୀ ଙ୍କ ପକ୍ଷରୁ ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ମଧ୍ୟ ଦିଆଯାଇଥିଲା।



## ସତ୍‌ସଙ୍ଗ ବିହାରରେ ଆଚାର୍ଯ୍ୟଦେବଙ୍କ ଜନ୍ମୋତ୍ସବ



**ପ୍ରୀତିପୁର, ୯।୬(ସମିସ):** ବିଞ୍ଝାରପୁର ସତ୍‌ସଙ୍ଗ ବିହାରରେ ପରମ ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ୫୯ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଉଷାକୀର୍ତ୍ତନ, ପ୍ରାତଃକାଳୀନ ବିନତୀ ପ୍ରାର୍ଥନା, ସଦଗ୍ରନ୍ଥାଦି ପାଠ ସହିତ ସାନ୍ଧ୍ୟକାଳୀନ ପ୍ରାର୍ଥନା, ସଦଗ୍ରନ୍ଥାଦି ପାଠ, ବେଢ଼ା ପରିକ୍ରମା ପରେ ସନ୍ଧ୍ୟା ୭.୩୦ମିନିଟ ସମୟରେ ସତ୍‌ସଙ୍ଗ ସଦାଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସହପ୍ରତିଋତ୍ୱିକ ପ୍ରାଧ୍ୟାପକ ଡ.ବିଜୟ କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ବକ୍ତା ଭାବରେ ସହପ୍ରତିଋତ୍ୱିକ ରତନଲାଲ ଭୂୟାଁ ଯୋଗଦେଇ ଶ୍ରୀଶ୍ରୀ ଠାକୁରଙ୍କର ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଯାଜକ କର୍ମୀ ସ୍ୱାଧୀନ କୁମାର ଦାଶ, ମୁଖ୍ୟବକ୍ତା ଭାବେ ସହପ୍ରତିଋତ୍ୱିକ ରାଜେନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ରାଉଳ ସତ୍ୟାନୁସରଣ ଓ ନାରୀରନୀତି ଗ୍ରନ୍ଥ ପାଠ କରିଥିଲେ। ସହପ୍ରତିଋତ୍ୱିକ ଅଜୟ ନାୟକ, ଅଜିତେଶ ଧଳ, ଗୟତ୍ରୀ ସାହୁ, ସହପ୍ରତିଋତ୍ୱିକ ଶୁଭଙ୍କର ସାହୁ, ହିରଣ୍ମୟ ସାହୁ ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ସତସଙ୍ଗ ବିହାର ପରିସରରେ ନବନିର୍ମିତ ପାଠାଗାର ଓ ଇଷ୍ଟଭୃତି ଗ୍ରହଣ କେନ୍ଦ୍ରର ଶୁଭ ଲୋକାର୍ପଣ ସହପ୍ରତିଋତ୍ୱିକ ଅଶୋକ କୁମାର ଧଳ, ସହପ୍ରତିଋତ୍ୱିକ ଭିକାରୀ ଚରଣ ନାୟକ, ବଳରାମ ସାହୁ, ବିଦ୍ୟୁତ କୁମାର ସାହୁ, ଦ୍ୟୁତିଦିବ୍ୟ ଦାସ, ଦାଶରଥୀ ଜେନା, ଅଭିମନ୍ୟୁ ସାମଲ, ପ୍ରଦୀପ୍ତ କୁମାର ଦଳେଇ, ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁ ମଙ୍ଗଳ କମିଟିର ଶିବିର

## ଉପସ୍ଥାପିତ ହେଲେ ୨୪୭ ଏକକ ଅଭିଭାବକ ଶିଶୁ

**କୁଆଖିଆ, ୯।୬(ସମିସ):** ରସୁଲପୁର ବ୍ଲକରେ ଆଜି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଯାଜପୁର ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ରସୁଲପୁରର ମିଳିତ ସହଯୋଗରେ ଏକକ ଅଭିଭାବକ ଓ ପିତୃ-ମାତୃ ହୀନ ଶିଶୁମାନଙ୍କ ଉପସ୍ଥାପନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ୨୫୪ ଜଣ ଶିଶୁମାନଙ୍କୁ ସେମାନଙ୍କ ଅଭିଭାବକ, ନିକଟ ସ୍ୱଜନ ଓ ସମ୍ପର୍କୀୟ ମାନେ ଉପସ୍ଥିତ ରହି ଉପସ୍ଥାପନ କରିଥିଲେ। ରସୁଲପୁର ବ୍ଲକରେ ସମୁଦାୟ ୪୭୭ ଜଣ ଯତ୍ନ ଓ ସୁରକ୍ଷା ଲୋଡୁଥିବା ପିଲା କିଛି ଦିନତଳେ ହୋଇଥିବା ସର୍ବେକ୍ଷଣରୁ ସୂଚନା ମିଳିଥିଲା। ଆଜିର କାର୍ଯ୍ୟକ୍ରମକୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୀତା ଗାୟତ୍ରୀ ରଥ ଆୟୋଜନ କରିଥିବା ବେଳେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି, ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ ଓ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ନିକଟରେ ଉପସ୍ଥାପିତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କାଳୀପ୍ରସାଦ ସାହୁ, ଶିଶିର କୁମାର ମଲ୍ଲିକ, ପ୍ରମିଳା ସାହୁ ଓ ରବୀନ୍ଦ୍ରନାଥ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆବଶ୍ୟକତା ଅନୁଯାଇ ପିଲାମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଆଜି ଆସିପାରିନଥିବା ପିଲାମାନଙ୍କୁ ପୁଣିଥରେ ଡକାଯାଇ ରସୁଲପୁର ବ୍ଲକରେ ଶିଶୁ ମଙ୍ଗଳ କମିଟି ନିକଟରେ ଉପସ୍ଥାପିତ କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର କହିଛନ୍ତି।

## ବାଲି ଖାଦାନ ଉପରେ ଚଢ଼ଉ

**ବରୀ, ୯।୬(ସମିସ):** ବରୀ ତହସିଲ ଅଧୀନରେ ମୋଟ ୧୩ ଗୋଟି ସୈରାତ ଥିବାବେଳେ ବେଆଇନ ଭାବେ ବାଲିମାଫିଆ ମାନେ ବାଲି ଉତ୍ତୋଳନ କରି ସରକାରଙ୍କ ରାଜସ୍ୱ ହାନି କରୁଥିଲେ। ଏହି ମର୍ମରେ ସ୍ଥାନୀୟ ଲୋକମାନଙ୍କର ଅଭିଯୋଗ କ୍ରମେ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଆସୁଥିଲା। ଖବର ପ୍ରକାଶିତ ପରେ ବରୀ ତହସିଲ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଆଜି ବରୀ ତହସିଲଦାର ଦିପ୍ତିମୟୀ ବେହେରା ଅଚାନକ ଏହି ବ୍ଲକ ଅଧିନସ୍ଥ ମଧୁସୂଦନପୁର ପଞ୍ଚାୟତର ବଗମରା ବାଲି ଘାଟ ଉପରେ ଅଚାନକ ଚଢ଼ଉ କରିଥିବାବେଳେ ସେହି ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ବେଳେ ୪ ଗୋଟି ଟ୍ରାକ୍ଟରକୁ ଜବତ କରି ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏତଦ ବ୍ୟତୀତ ଗ୍ରୀଷ୍ମ ଋତୁ ସମୟରେ ବେଆଇନ ଭାବେ ଇଟା ଭାଟି ନିଆଁ ଲଗାଉଥିବା ଘଟଣା ତହସିଲଦାରଙ୍କ ନଜରକୁ ଆସିବା ପରେ ତତ୍‌କ୍ଷଣାତ ଏହି ଇଟା ଭାଟିକୁ ଲିଭାଇବା ପାଇଁ ପଦକ୍ଷେପ ନେଇଥିଲେ। ପ୍ରକାଶ ଥାଉକି ଦୀର୍ଘ ଦିନ ଧରି ବେଆଇନ ଭାବେ ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ବାଲି ମାଫିଆ ଓ ଇଟା ବ୍ୟବସାୟୀମାନେ ଖୁଲମଖୁଲା ଭାବେ ଏଭଳି କାର୍ଯ୍ୟ କରିବା ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଆସୁଥିଲା। ବରୀ ତହସିଲଦାରଙ୍କ ଏଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକମାନେ ପ୍ରଶଂସା କରିଛନ୍ତି। ଏଠାରେ ପ୍ରଶ୍ନ ଉଠେ ବରୀ ତହସିଲ ଅଧୀନରେ ଥିବା ଅନ୍ୟ ରାଜସ୍ୱ ନିରୀକ୍ଷକ ଅଧୀନରେ ବେଆଇନ ବାଲି ଉଠାଣ ଓ ବେଆଇନ ଇଟା ପକା ଘଟଣା ଉପରେ କେବେ ରୋକ ଲାଗିବ ତାହା ସମୟ ହିଁ କହିବ। ଏ ବିଷୟରେ ବରୀ ତହସିଲଦାର ଦୀପ୍ତିମୟୀ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ବରୀ ତହସିଲ ର ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ସରକାରୀ ନିୟମ ପାଳନ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି ଯଦି କୌଣସି ରାଜସ୍ୱ ନିରୀକ୍ଷକ ଏ କ୍ଷେତ୍ରରେ ସରକାରୀ ନିୟମ ଉଲ୍ଲଙ୍ଘନ କରନ୍ତି ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପୂର୍ବତନ ପ୍ରଧାନଶିକ୍ଷକ ଅଶୋକ କୁମାର ବିହାରୀଙ୍କ ସ୍ମୃତିସଭା




**ଯାଜପୁର, ୯।୬(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ତଥା ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଅଶୋକ କୁମାର ବିହାରୀଙ୍କ ମୃତ୍ୟୁ ବାର୍ଷିକ ଉପଲକ୍ଷେ ଏକ ସ୍ମୃତି ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କର ଶିକ୍ଷାଦାନ ଶୈଳୀ ନିଷ୍ଠା ଏବଂ ସମାଜ ପ୍ରତି ତାଙ୍କର ଅବଦାନ ପାଇଁ ଏହି ଅଞ୍ଚଳରେ ସେ ସବୁଦିନ ପାଇଁ ସ୍ମରଣୀୟ ହୋଇରହିବ ବୋଲି ମତପ୍ରକାଶ ପାଇଛି। ପ୍ରଧାନଶିକ୍ଷୟିତ୍ରୀ ଗୀତାରାଣୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ମିର୍ଜା ଆଲ୍ଲାଉଦିନ, ରମେଶ ଚନ୍ଦ୍ର ପଣ୍ଡା, ପୂର୍ବତନ ଶିକ୍ଷକ ରବିନାରାୟଣ ସାହୁ, ସ୍କୁଲ ପରିଚାଳନା କମିଟିର ସଭାପତି ସୁରେଶ କୁମାର ସାହୁ, ଶିକ୍ଷକ ମୀର୍ ମୁର୍ଷିଦ୍ ଅଲ୍ଲୀ, ରଞ୍ଜିତା ଘଡ଼ାଇ, ଲିପ୍ସିତା ସାହୁ, ଅବିନାଶ ତରାଇ, ସବ୍ୟସାଚୀ ପଟ୍ଟନାୟକ, ରବୀନ୍ଦ୍ର ସେଠୀ, ରାଜକିଶୋର କିସ୍କୁ ଏବଂ ପୁରାତନ ଛାତ୍ର ଡା. ନିର୍ମଳ ରଥ, ସୁରେଶ ସାହୁ, ନରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବିହାରୀଙ୍କ ସ୍ମୃତିଚାରଣ କରିଥିଲେ। ସଭା ଶେଷରେ ଶିକ୍ଷକ ରତିକାନ୍ତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ସଭାରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ବିଦ୍ୟୁତ୍ କାର୍ଯ୍ୟାଳୟରେ ଧାରଣା ଘଟଣା

## ୧୫ ଦିନରେ ସମସ୍ତ ଅଭିଯୋଗର ହେବ ସମାଧାନ



**ଦଶରଥପୁର, ୯।୬(ସମିସ):** ଟାଟା ପାୱାର ବିଭାଗର ମନମୁଖୀ କାର୍ଯ୍ୟର ପ୍ରତିବାଦରେ ଉପଭୋକ୍ତାମାନେ ଗତ ୫ ତାରିଖରେ ଦଶରଥପୁର ବ୍ଲକ ମଙ୍ଗଳପୁର ଜେଇଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ଘଟଣାରେ ଆଜି ଏକ ଆଲୋଚନା କରାଯାଇଥିଲା। ଏଥିରେ ମଙ୍ଗଳପୁର ଆଇଆଇସି ରଞ୍ଜନ କୁମାର ବେହେରା, ଏସ୍‌ଡିଓ ମନୋଜ କୁମାର ସ୍ୱାଇଁ, ଜେଇ ସୌଭାଗ୍ୟ ରଞ୍ଜନ ବେହେରା, ସରପଞ୍ଚ ଲିପିକା ମଲିକ, ଯୁବ ନେତା ଚନ୍ଦ୍ରଶେଖର ସାହୁଙ୍କ ସମେତ ୨୦ରୁ ଅଧିକ ଉପଭୋକ୍ତା ଆଲୋଚନାରେ ଭାଗ ନେଇଥିଲେ। ସମସ୍ତ ଅଭିଯୋଗ ଆଲୋଚନା ହେବା ପରେ ଆସନ୍ତା ୧୫ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ଏସ୍‌ଡିଓ ମନୋଜ କୁମାର ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଥାଉକି ଅଭିଯୋଗ ଅନୁସାରେ ଗତ ୬ ମାସ ଧରୀ ମଙ୍ଗଳପୁର ଜେଇ, ଦଶରଥପୁର ଏସ୍‌ଡିଓ, ଯାଜପୁର ଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ। ମାତ୍ର ବାରମ୍ବାର ଅଭିଯୋଗ ପରେ କେହି ଶୁଣୁନଥିବା ଅଭିଯୋଗ ହୋଇଥିଲା। ସୂଚନାଅନୁସାରେ ପାଲଟପୁର ପଞ୍ଚାୟତ ପାଲଟପୁର ଗ୍ରାମର କେଶବ ମଲିକ, ମୁରାରୀପୁର ଗ୍ରାମର ଅକ୍ଷୟ କୁମାର ପତି, ବିନ୍ଧାନନ୍ଦିପୁର ଗ୍ରାମର କମଳିନୀ ନାୟକଙ୍କ ଘରକୁ ଲାଗି ବିଦ୍ୟୁତ ଖୁଣ୍ଟ ଏବଂ ତାର ଲାଗି ରହିଛି। ସେହିପରି ପାଲଟପୁର ଗ୍ରାମର ଶ୍ରୀଧର ମଲିକଙ୍କ ଘରୁ ବିଦ୍ୟୁତ ସଂଯୋଗ କାଟିଦେବା, ସୁଲୋଚନା ଜେନାଙ୍କ ଘର ଉପରେ ତାର ଲାଗିକି ରହିବା, ବିନ୍ଧାନନ୍ଦିପୁର ଗ୍ରାମର ଭିନ୍ନକ୍ଷମ ଉମେଶ ଦାସଙ୍କ ବିଲ ଆଦାୟ କରୁଥିବା ରାଜକିଶୋର ପଣ୍ଡା ଟଙ୍କା ନେଇ ପୈଠ କରିନଥିବାରୁ ୨୨ ହଜାର ଟଙ୍କା ବାକି ରହିଛି। ଏଣୁ ବାରମ୍ବାର ବିଦ୍ୟୁତ ସଂଯୋଗ କାଟିବାକୁ ଧମକ ମିଳୁଥିବା, ପାଲଟପୁର ଦଳିତ ସାହିରେ ୧୬ କିଲୋୱାଟ ମେସିନରୁ ୪୫ ଜଣ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯିବାରୁ ଲୋ ଭଲ୍ଟେଜ ହେବା, ଗାଁ ମଝିରେ ଟ୍ରାନ୍ସଫର ରହିଥିବାରୁ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଭଳି ଅଭିଯୋଗ ରହିଛି। ଏଣୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର କୌଣସି ସମାଧାନ ନହେବା ବାବଦରେ ଯନ୍ତ୍ରୀ ସୌଭାଗ୍ୟ ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ ନାଲିଆଖି ଦେଖାଇବା ପ୍ରତିବାଦରେ ଧାରଣାରେ ବସିଥିଲେ।

## ସାର ସଙ୍କଟ ଆଶଙ୍କା, ଚିନ୍ତାରେ ଚାଷୀ

**କବାଟବନ୍ଧ, ୯।୬(ସମିସ):** ଚଳିତ ଖରିଫ ଋତୁରେ ଧାନ ଫସଲ ପାଇଁ ସାର ସଙ୍କଟକୁ ନେଇ ଏବେ ଠାରୁ ଚିନ୍ତାରେ ଶହ ଶହ ଚାଷୀ। ଆଉ ମାତ୍ର ଅଳ୍ପ ଦିନରେ ଧାନ ଚାଷ ଆରମ୍ଭ ହୋଇଯିବ। ଧାନ ଚାଷରେ ବିଭିନ୍ନ ସମୟରେ ସାର ଆବଶ୍ୟକ ହେବ। ୟୁରିଆ, ପଟାସ, ଡିଏପି, ଗ୍ରୋମୋର, ଆଦି ସାର ଆବଶ୍ୟକ ହେବ। କିନ୍ତୁ ବର୍ତ୍ତମାନର ବଜାରରେ ସାର ସ୍ଥିତି କିଛି ଅଲଗା ଆକଳନ କରୁଛି। ଯୁଦ୍ଧ ପ୍ରଭାବରେ କଞ୍ଚା ମାଲ ଆସି ପାରୁ ନ ଥିବାରୁ ସାର କାରଖାନାରେ ଉତ୍ପାଦନ କ୍ଷମତା ହ୍ରାସଲ ପାଇଛି। ତେବେ ଆବଶ୍ୟକ ଅନୁସାରେ ସାର ବଜାରରେ ମହଜୁଦ ନ ରହିଲେ ସାର ସଙ୍କଟ ଏବଂ କଳାବଜାରୀର ସମ୍ଭାବନା ଯଥେଷ୍ଟ ଅଧିକ। ଅନ୍ୟ ପକ୍ଷରେ ବ୍ଲକର ମର୍ଜିତାପୁର, ମଧୁସୂଦନପୁର, କବାଟବନ୍ଧ, ରାଇଛନ୍ଦା, ରେଖିଦେଇପୁର, ତାଳଜଙ୍ଗ, ଏଣ୍ଡଲବା, ଜେନାପୁର, ବୃନ୍ଦାଦେଇପୁର, ଚକ୍ରଧରପୁର, ଅଞ୍ଜିରା ସମେତ ଅନ୍ୟାନ୍ୟ ପଞ୍ଚାୟତରେ ଚାଷୀମାନେ ଧାନ ବୁଣାବୁଣି କରୁଛନ୍ତି; ମାତ୍ର ବେଉଷଣ ପାଇଁ ସାର ଆବଶ୍ୟକତାକୁ ନେଇ ବହୁ ଚିନ୍ତାରେ ରହିଥିବା ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ସରକାର ମାର୍ଫେଟ ଜରିଆରେ ବିଭିନ୍ନ ସମବାୟ ସମିତି ମାଧ୍ୟମରେ ଚାଷୀ ମାନଙ୍କୁ ସାର ଯୋଗାଇଥାନ୍ତି। ପ୍ରାୟ ୫୦ ପ୍ରତିଶତ ସାର ଚାଷୀମାନେ ସୋସାଇଟରୁ ସାର ନେଇଥାନ୍ତି। ଏହା ବାଦ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ମଧ୍ୟ ଉପଲବ୍ଧ ହୋଇଥାଏ। ବିଭିନ୍ନ ସୋସାଇଟ ସରକାର ଦେଉଥିବା ସାର ପ୍ରାୟ ଆଣିବାକୁ ଅନିଚ୍ଛା ପ୍ରକାଶ କରିଥାନ୍ତି। ତେଣୁ ଏଭଳି ଆଶଙ୍କା ଥିବାରୁ ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀ ଏଥିପ୍ରତି ସଚେତନ ହୋଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ମାନେ ଦାବି କରିଛନ୍ତି।

### ଧର୍ମଶାଳା ଡିଫା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ସେମିରେ ପପୁଲାର କ୍ଲବ୍ ଢେଙ୍କାନାଳ



**ଧର୍ମଶାଳା, ୯।୬(ସମିସ):** ଧର୍ମଶାଳା ଫୁଟବଲ ଆସୋସିଏସନ ପକ୍ଷରୁ ବାଣୀପୀଠ ପଡ଼ିଆରେ ଚାଲିଥିବା ୨୮ତମ ଓ ଅଷ୍ଟମ ରଞ୍ଜିତ ସ୍ୱାଇଁ ଡିଫା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଚତୁର୍ଥ କ୍ୱାଟର ଫାଇନାଲରେ ପପୁଲାର କ୍ଲବ ଢେଙ୍କାନାଳ ୨-୧ ଗୋଲରେ ବିଜୟୀ ହୋଇଛି। ଆଜି ପପୁଲାର କ୍ଲବ ଢେଙ୍କାନାଳ ଓ କେସିସି କଲିକତା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ପପୁଲାର କ୍ଲବ ୨-୧ ଗୋଲରେ କେସିସିକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ଢେଙ୍କାନାଳ ଟିମର ବୁଦ୍ଧିଆ ସୋରେନ ପ୍ରଥମ ଗୋଲ ଦେଇଥିଲା ବେଳେ ପ୍ରଥମାର୍ଦ୍ଧରେ କଲିକତାର ଜୟ ଚାଟାର୍ଜୀ ଗୋଟିଏ ଗୋଲ ଦେଇ ଖେଳକୁ ସମାନ ସ୍ତରକୁ ନେଇ ଅସିଥିଲେ। ହେଲେ ଖେଳର ଦ୍ୱିତୀୟାର୍ଦ୍ଧରେ ଢେଙ୍କାନାଳ ଟିମର ଟିକି ହେମ୍ବ୍ରମ ଗୋଟିଏ ଗୋଲ କରି ଟିମକୁ ବିଜୟୀ କରାଇଥିଲେ। ଢେଙ୍କାନାଳ ଟିମର ଜଳଧର ନାୟକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିବା ବେଳେ ଆଜିର ମ୍ୟାଚରେ ଓଡ଼ିଶା ଷ୍ଟେଟ୍ ବିଗ୍ରେଡେ ଧର୍ମଶାଳା ସ୍କୁଲର ପ୍ରତିଷ୍ଠାତା ଇତିଶ୍ରୀ ବେହେରା ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ଚିତ୍ତରଞ୍ଜନ ଓଝା ରେଫରୀ ଭାବେ ପରିଚାଳନା କରିଥିବା ବେଳେ ସେକ୍ ସଲିମ୍ ଅହମ୍ମଦ ଓ ପ୍ରବୋଧ ପାତ୍ର ଲାଇନ୍‌ମ୍ୟାନ ଭାବେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ବସିର ଅହମ୍ମଦ ଉପସ୍ଥିତ ରହିଥିଲେ। ଆସନ୍ତାକାଲି ପ୍ରଥମ ସେମିଫାଇନାଲ ମ୍ୟାଚ ୟଙ୍ଗ ଉତ୍କଳ କ୍ଲବ କଟକ ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ଡିଫାର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

## ବିଞ୍ଝାରପୁରର ଗୌରବ ବଢ଼ାଇଥିବା ପ୍ରତିଭାଙ୍କୁ ସମ୍ମାନ

**ବିଞ୍ଝାରପୁର, ୯।୬(ସମିସ):** ବିଞ୍ଝାରପୁର ବ୍ଲକ ନବ ଅନ୍ୱେଷ ପ୍ରତିଭା ଅନ୍ୱେଷଣ ସଂସଦ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଓ ଯୁକ୍ତଦୁଇ ପରୀକ୍ଷାରେ ସଫଳତା ହାସଲ କରି ବିଞ୍ଝାରପୁର ଅଞ୍ଚଳକୁ ଗୌରବାନ୍ୱିତ କରିଥିବା ପ୍ରତିଭାମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅରେଇସ୍ଥିତ ବାବା ବରୁଣେଶ୍ୱର କଲ୍ୟାଣ ମଣ୍ଡପରେ ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଫଳ ପ୍ରତିଭାମାନଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେଖ ଏରସାଦ, ସମାଜସେବୀ ରବୀନ୍ଦ୍ର ପରିଡ଼ା ଓ ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସୂଚନା ଅନୁଯାୟୀ, ଚଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସ୍ୱାଗତିକା ଧଳ, ଅନ୍ୱେଷା ରାଉତ ଓପିଆର୍ ପ୍ରୟାସ ସଫଳତା ହାସଲ କରିଥିବାବେଳେ, କ୍ରୀଡ଼ା କ୍ଷେତ୍ରରେ ସତ୍ୟଜିତ୍ ସାହୁ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରି ବିଞ୍ଝାରପୁର ପାଇଁ ଗୌରବ ଆଣିଛନ୍ତି। ଅନ୍ୟପକ୍ଷରେ, ଚଳିତ ବର୍ଷ ଯୁକ୍ତଦୁଇ ପରୀକ୍ଷାରେ ବିଞ୍ଝାରପୁର ଅଞ୍ଚଳର ପ୍ରାୟ ୧୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରେ ଶୁଭଶ୍ରୀ ଦାସ, ସ୍ୱାତୀ ସୁମନ ମଲ୍ଲିକ, ପ୍ରିୟମ୍ବଦା ସାହୁ, ସତ୍ୟଜିତ ଦାସ, ସ୍ନେହା ପ୍ରିୟଦର୍ଶିନୀ ବାରିକ, ଦୀପ୍ତିପ୍ରଭା ପାତ୍ର, ଅନିତେଶ ରାଉଳ, ମୌସୁମୀ ପ୍ରିୟଦର୍ଶିନୀ, ଆଦ୍ୟାଶା ଭୂୟାଁ ଓ ସାଇ ପ୍ରକାଶ ବେଉରିଆ ପ୍ରମୁଖ ରହିଛନ୍ତି। ଏହି ସମସ୍ତ ସଫଳ ପ୍ରତିଭାଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମଟି ବିଞ୍ଝାରପୁର ଅଞ୍ଚଳର ଶିକ୍ଷା, ପ୍ରଶାସନିକ ସେବା ଓ କ୍ରୀଡ଼ା କ୍ଷେତ୍ରରେ ଉଦୀୟମାନ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ସହ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲା।



## ବଦଳୁଛି ମହିଳାଙ୍କ ଭାଗ୍ୟ

# ବଡ଼ି ବିକ୍ରିରୁ ସ୍ୱାବଲମ୍ବୀ ଏସ୍‌ଏଚ୍‌ଜି ମହିଳା

**କଯାଁଗୋଲା, ୯।୬(ସମିସ)**

ଓଡ଼ିଶା ଜୀବିକା ମିଶନ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଗ୍ରାମାଞ୍ଚଳ ମହିଳାଙ୍କୁ ଆର୍ଥିକ ଓ ସାମାଜିକ ସ୍ତରରେ ସ୍ୱାବଲମ୍ବୀ କରିବାରେ ବଡ଼ ସଫଳତା ହାସଲ କରିଛି। ମହିଳାମାନେ ବର୍ତ୍ତମାନ ନିଜ ପାଦରେ ଠିଆ ହୋଇ ପରିବାର ଖର୍ଚ୍ଚରେ ସହଯୋଗ କରିବା ସହ ସମ୍ମାନର ସହ ଜୀବନ ବିତାଉଛନ୍ତି। ଦଶରଥପୁର ବ୍ଲକ ଅନ୍ତର୍ଗତ ଥାଲକୁଡି ପଞ୍ଚାୟତର ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଏହାର ଏକ ଜ୍ୱଳନ୍ତ ଉଦାହରଣ। ୨୦୧୫ ମସିହା ଜୁଲାଇ ୧୦ ତାରିଖରେ ୧୦ ଜଣ ମହିଳାଙ୍କୁ ନେଇ ଏହି ଗୋଷ୍ଠୀ ଗଠନ ହୋଇଥିଲା। ପ୍ରାରମ୍ଭରେ ସଦସ୍ୟାମାନେ ୧ ଲକ୍ଷ ଟଙ୍କା ନିଜେ ବିନିଯୋଗ କରିଥିଲେ। ଓଡ଼ିଶା ଜୀବିକା ମିଶନ ପକ୍ଷରୁ ନିୟମିତ ତାଲିମ ଓ ପରାମର୍ଶ ମିଳିବା ପରେ ଗୋଷ୍ଠୀ ବଡ଼ି, ଗାଇ କିଣି କ୍ଷୀର, ଦହି, ଛେନା ତିଆରି ଆରମ୍ଭ କରିଥିଲା। ବର୍ତ୍ତମାନ ଏହି ଗୋଷ୍ଠୀର ୧୦ ଜଣ ସଦସ୍ୟା ମିଶି ଦୈନିକ ୫୦ରୁ ଅଧିକ ବଡ଼ି ପ୍ରସ୍ତୁତ କରି ନିକଟସ୍ଥ ମଙ୍ଗଳପୁର ବଜାରରେ ବିକ୍ରି କରୁଛନ୍ତି। ମାସକୁ ୬୦-୭୦ କିଲୋ ବଡ଼ି ବିକ୍ରି ହେଉଥିବା ବେଳେ କେଜି ପିଛା ୧୨୦ରୁ ୧୬୦ ଟଙ୍କା ଦରରେ ବିକ୍ରି ହେଉଛି। ଓଡ଼ିଶା ଜୀବିକା ମିଶନର ସୁପାରିସକ୍ରମେ ମହାସଂଘ ପକ୍ଷରୁ ୩ ପର୍ଯ୍ୟାୟରେ ସହାୟତା ଓ ବ୍ୟାଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ଋଣ ମିଳିଥିଲା। ଏହାର ସଫଳତା ଦେଖି ସେହି ପଞ୍ଚାୟତର ଦାମୋଦରଜୀଉ ସ୍ୱୟଂ ସହାୟକ ଗୋଷ୍ଠୀର ୧୨ ଜଣ ମହିଳା ମଧ୍ୟ ବଡ଼ି ତିଆରି ବ୍ୟବସାୟରେ ଯୋଡ଼ି ହୋଇଛନ୍ତି। ଲକ୍ଷ୍ମୀ ଏସ୍‌ଏଚ୍‌ଜିର ସଭାନେତ୍ରୀ ରଞ୍ଜିତା ସାହୁ ଓ ସମ୍ପାଦିକା ଶୋଭାରାଣୀ ସାହୁ କହିଛନ୍ତି, ବିପଣନ ସମସ୍ୟାର ସମାଧାନ ହେଲେ ଆମେ ଆହୁରି ଅଧିକ ଲାଭ କରିପାରିବୁ। ସରକାର ଯଦି ଉନ୍ନତ ମେସିନ ପାଇଁ ଅର୍ଥ ଯୋଗାଇ ଦିଅନ୍ତି, ତେବେ ଉତ୍ପାଦନ ଆହୁରି ବଢ଼ିବ। ଦାମୋଦରଜୀଉ ଏସ୍‌ଏଚ୍‌ଜିର ସଭାନେତ୍ରୀ ପ୍ରତିମା ସାହୁ କହିଛନ୍ତି, ଓଡ଼ିଶା ଜୀବିକା ମିଶନର ସହଯୋଗ ନ ଥିଲେ ଆମେ ଏତେଦୂର ଆସି ପାରିନଥାନ୍ତୁ। ଦଶରଥପୁର ବ୍ଲକ ପ୍ରକଳ୍ପ ସଂଯୋଜକ ହିମାଂଶୁ ଶେଖର ଭଦ୍ର କହିଛନ୍ତି ବ୍ଲକ ଓଡ଼ିଶା ଜୀବିକା ମିଶନର ଅଧିକାରୀମାନେ ନିୟମିତ ଭାବେ ବିଭିନ୍ନ ପଞ୍ଚାୟତର ଏସ୍‌ଏଚ୍‌ଜି ପରିଦର୍ଶନ କରି ସେମାନଙ୍କୁ ମାର୍ଗଦର୍ଶନ ଦେଉଛନ୍ତି। ଲକ୍ଷ୍ମୀ ଏସଏଚଜି ବ୍ଲକ ସ୍ତରରେ ଲକ୍ଷ୍ୟପତି ଦିଦି ପୁରସ୍କାର ମଧ୍ୟ ପାଇଛି। ଓଡ଼ିଶା ଜୀବିକା ମିଶନ ଏପରି ଶହ ଶହ ମହିଳାଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିଛି। ଗୋଷ୍ଠୀ ମାଧ୍ୟମରେ ମହିଳାମାନେ କେବଳ ଦୁଇ ପଇସା ରୋଜଗାର କରୁନାହାନ୍ତି, ସେମାନେ ସମାଜରେ ନିଜର ସ୍ଥାନ ମଧ୍ୟ ଦୃଢ଼ କରୁଛନ୍ତି।



## ଭାଇଜାଗ୍ ଇସ୍ପାତ କାରଖାନା ଦୁର୍ଘଟଣାରେ ଆର୍‌ଏମ୍‌ଏସ୍‌ର ଉଦ୍‌ବେଗ

ରାଉରକେଲା, ୯।୬(ସମିସ): ରାଷ୍ଟ୍ରାୟତ୍ତ ଇସ୍ପାତ ଉଦ୍ୟୋଗ ଭାଇଜାଗ ଷ୍ଟିଲ ପ୍ଲାଣ୍ଟର ଏସ୍‌ଏମ୍‌ଏସ -୧ ବିଭାଗରେ ଗତକାଲି ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ୮ ଜଣ ଶ୍ରମିକ କର୍ମଚାରୀଙ୍କର ଅକାଳ ବିୟୋଗ ଘଟିଥିବାବେଳେ ବହୁ ଶ୍ରମିକ ପୋଡ଼ିଯାଇ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହି ଦୁର୍ଘଟଣା ପାଇଁ ଗଭୀର ଉଦବେଗ ପ୍ରକାଶ କରିଛି ରାଉରକେଲା ମଜଦୂର ସଂଘ (ଆରଏମଏସ)। ସଂଘ ପକ୍ଷରୁ କୁହାଯାଉଛି ଯେ, ତରଳ ଲୌହ ଢାଳି ହୋଇ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ ପାଇଁ ମୃତ୍ୟୁର କାରଣ ହେଲା ଓ ବହୁ ଶ୍ରମିକ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପ୍ରତିକୂଳ ପରିସ୍ଥିତିରେ ଓ କେନ୍ଦ୍ର ସରକାରଙ୍କ ଭାଇଜାଗ ପ୍ଲାଣ୍ଟକୁ ଘରୋଇକରଣ ଉଦ୍ୟମକୁ ପ୍ରତିହତ କରି ଉତ୍ପାଦନ କରିବା ସହ ନିଜର ଜୀବନ ଜୀବିକାକୁ ବଜାୟ ରଖିବା ପାଇଁ ଅହରହ ସଂଘର୍ଷ କରୁଥିବା ଶ୍ରମିକ କାରଖାନା କର୍ତ୍ତୃପକ୍ଷଙ୍କର ଉଦାସୀନ ଓ ତ୍ରୁଟିପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାର ଫଳସ୍ୱରୂପ ଏକ ଭୟଙ୍କର ଦୁର୍ଘଟଣାର ଶିକାର ହେଲେ ବୋଲି ରାଉରକେଲା ମଜଦୂର ସଭାର ସଭାପତି ଶଶଧର ନାୟକ ଅଭିଯୋଗ କରି ଏନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ରାଷ୍ଟ୍ରାୟତ୍ତ ଇସ୍ପାତ ଶିଳ୍ପରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିଲେ ହେଁ ଉତ୍ପାଦନ ଓ ଲାଭାର୍ଜନ ନେଇ ଇସ୍ପାତ କାରଖାନାର କର୍ତ୍ତୃପକ୍ଷଙ୍କ ସୁରକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ହେଉନାହିଁ। ଏଭଳି ଦୁର୍ଘଟଣା ଅନ୍ୟତମ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସେଲ୍ ପାଇଁ ଏକ ସତର୍କ ଘଣ୍ଟି। ସ୍ୱଳ୍ପ ଲୋକ ଶକ୍ତିରେ ଠିକାଦାରୀକରଣକୁ ପ୍ରୋତ୍ସାହନ ଦେଇ ଉତ୍ପାଦନ ଲକ୍ଷ୍ୟ ହାସଲ କରିବାର ଚେଷ୍ଟା, ସୁରକ୍ଷା ନେଇ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଉଦ୍ଦିଷ୍ଟ ଯୁଗ୍ମ କମିଟି ବୈଠକ ନ ଡାକିବା ଆଭିମୁଖ୍ୟକୁ ପରିହାର କରି ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ନେଇ ସୁରକ୍ଷା ନୀତି ପ୍ରବର୍ତ୍ତନ କରିବାକୁ ମଜଦୂର ସଭା ପକ୍ଷରୁ କୁହାଯାଇଛି। ପୁଣି ଭାଇଜାଗ୍ ଇସ୍ପାତ କାରଖାନାରେ ଘଟିଥିବା ଏହି ଦୁର୍ଘଟଣାର କାରଣ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ଓ ଏଥିନେଇ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି।

## ସେଲ୍ ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ)ଙ୍କ ଆର୍‌ଏସ୍‌ପି ଗସ୍ତ

ରାଉରକେଲା, ୯।୬(ସମିସ)

ସେଲ୍‌ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ) ଦିଲୀପ କୁମାର ରାଉରକେଲା ଇସ୍ପାତ କାରଖାନାକୁ ଏକ ୩ ଦିନିଆ ସରକାରୀ ଗସ୍ତରେ ଆସି ଜୁନ୍ ୮ ତାରିଖରେ ପହଞ୍ଚିଛନ୍ତି। ତାଙ୍କ ସହିତ ସେଲ୍‌ର କାର୍ଯ୍ୟକାରୀ ଇଡି (ସତର୍କତା) ଜ୍ଞାନେଶ ଝା ମଧ୍ୟ ଉପସ୍ଥିତ ଥିଲେ। ରାଉରକେଲା ହାଉସ୍‌ଠାରେ ମୁଖ୍ୟ ମହାପ୍ରବନ୍ଧକ(ଏଚ୍‌ଆର୍) ମାନସ ରଞ୍ଜନ ରଥ ତାଙ୍କୁ

### ବିଭିନ୍ନ ବିଭାଗରେ ସମୀକ୍ଷା ସହ ଯୁବ ଅଧିକାରୀଙ୍କ ସହ ମତବିନିମୟ






ସ୍ୱାଗତ କରିଥିଲେ। ଏହି ଅବସରରେ ମହାପ୍ରବନ୍ଧକ (ଭିଜିଲାନ୍ସ) ଏବଂ ଅତିରିକ୍ତ ମୁଖ୍ୟ ଭିଜିଲାନ୍ସ ଅଫିସର (ଆର୍‌ଏସ୍‌ପି) ରଞ୍ଜନ ଭାରତୀ ମଧ୍ୟ ଉପସ୍ଥିତ ଥିଲେ।

ଶ୍ରୀ କୁମାର ଆରଏସପିର କାର୍ଯ୍ୟକଳାପ, ଆଧୁନିକୀକରଣ ପଦକ୍ଷେପ ଏବଂ ଉତ୍ପାଦନ ସୁବିଧାଗୁଡ଼ିକର ଏକ ସମୀକ୍ଷା କରିବାକୁ କାରଖାନାର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟରର ମଡେଲ୍ ରୁମ୍‌ରେ ଏକ ସଂକ୍ଷିପ୍ତ ସୂଚନା ପ୍ରଦାନ ସହ ଏହି ଗସ୍ତ ଆରମ୍ଭ ହୋଇଥିଲା, ଯେଉଁଠାରେ ମୁଖ୍ୟ ମହାପ୍ରବନ୍ଧକ (ଏଲ୍‌ଆଣ୍ଡଡି) ପି. କେ. ସାହୁ କାରଖାନାର ସୁବିଧା ସୁଯୋଗ, ଅଭିବୃଦ୍ଧିର ଧାରା ଏବଂ ଭବିଷ୍ୟତ ଯୋଜନା ବିଷୟରେ ଉପସ୍ଥାପନ କରିଥିଲେ।

ଏହାପରେ ଶ୍ରୀ କୁମାର କାରଖାନାର ପ୍ରମୁଖ କାର୍ଯ୍ୟ ୟୁନିଟ୍ ଗୁଡ଼ିକ ପରିଦର୍ଶନ କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ ତାଙ୍କ ସହ ଉପସ୍ଥିତ ଥିଲେ। ଗସ୍ତ ସମୟରେ ସିଭିଓଙ୍କୁ ସମ୍ପୃକ୍ତ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଏବଂ ବିଭାଗୀୟ ମୁଖ୍ୟମାନେ ସ୍ୱାଗତ କରିଥିଲେ। ସେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ବିଭିନ୍ନ ୟୁନିଟ୍‌ରେ ଅନୁସରଣ କରାଯାଉଥିବା ବିଭିନ୍ନ କାର୍ଯ୍ୟ ଓ ପରିଚାଳନାଗତ ପଦ୍ଧତିର ସମୀକ୍ଷା କରିଥିଲେ। ଶ୍ରୀ କୁମାର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ)ଙ୍କ ସଚିବାଳୟର ସମ୍ମିଳନୀ କକ୍ଷ 'ସମାଗମ' ଠାରେ ବ୍ଲାଷ୍ଟ ଫର୍ଣ୍ଣେସ ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ର ମୁଖ୍ୟ ମହାପ୍ରବନ୍ଧକ ମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏହାସହିତ, ସିଭିଓ ରାଉରକେଲା ହାଉସ୍ ଠାରେ ଖଣି ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଖଣି କାର୍ଯ୍ୟ ଓ ଏହା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା ମଧ୍ୟ କରିଥିଲେ। ସେ ଯୁବ ଅଧିକାରୀଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମରେ ସେମାନଙ୍କୁ ନିଜ କ୍ୟାରିୟରରେ ସାଧୁତା, ସ୍ୱଚ୍ଛତା ଏବଂ ବୃତ୍ତିଗତ ଉତ୍କର୍ଷର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ।

ପରେ କାରଖାନାର ନିର୍ବାହୀ ନିର୍ଦ୍ଦେଶକ ଓ ମୁଖ୍ୟ ମହାପ୍ରବନ୍ଧକମାନଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷ 'ମନ୍ଥନ' ଠାରେ ଆୟୋଜିତ ହୋଇଥିଲା। ଅତିରିକ୍ତ ମୁଖ୍ୟ ଭିଜିଲାନ୍ସ ଅଫିସର (ଆରଏସପି) ଏବଂ ସତର୍କତା ବିଭାଗର ଟିମ୍ ସମ୍ପୂର୍ଣ୍ଣ ଗସ୍ତ କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରିଥିଲେ।

## ଜେଲ୍ ଗଲା ନାବାଳିକା ଦୁଷ୍କର୍ମକାରୀ

ରାଉରକେଲା, ୯।୬(ସମିସ): ସୁନ୍ଦରଗଡ଼ ଜିଲ୍ଲାର କିଞ୍ଜିରକେଲା ଥାନା ଅନ୍ତର୍ଗତ ଲେଫ୍ରିପଡ଼ା ବ୍ଲକ୍ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଦୀନବନ୍ଧୁ କପାଟ(୨୦) ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ରବିବାର ଅପରାହ୍ନ ପ୍ରାୟ ୪ଟା ବେଳେ ଜଣେ ୧୫ ବର୍ଷୀୟା ନାବାଳିକା ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବାବେଳେ ପୂର୍ବରୁ ସେଠାରେ ଥିବା ଅଭିଯୁକ୍ତ ଦୀନବନ୍ଧୁ ତାଙ୍କୁ ଏକୁଟିଆ ଦେଖି ଆମ୍ବ ତୋଳି ଦେବାର ପ୍ରଲୋଭନ ଦେଖାଇଥିଲା। ପରେ ଜୋରଜବରଦସ୍ତ ପାଖ ଅଙ୍ଗନବାଡ଼ି କେନ୍ଦ୍ର ବାରଣ୍ଡାକୁ ନେଇ ଦୁଷ୍କର୍ମ କରି ଛାଡ଼ି ପଳାଇଥିଲା। ଘରକୁ ଫେରି ନାବାଳିକା ପରିବାର ଲୋକଙ୍କୁ ସମସ୍ତ ଘଟଣା କହିବା ପରେ ପରିବାର ପକ୍ଷରୁ କିଞ୍ଜିରକେଲା ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ଅଭିଯୁକ୍ତ ଦୀନବନ୍ଧୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସବଡେଗା ବ୍ଲକ୍ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ରାଉରକେଲା, ୯।୬(ସମିସ): ସବଡେଗା ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ ୬୧ଟି ଅଭିଯୋଗ ଆସିଥିବାବେଳେ ସେଥିରୁ ୩୭ଟି ବ୍ୟକ୍ତିଗତ ଓ ୨୪ଟି ସାମୂହିକ ଥିଲା। ଗୋଟିଏ ଅଭିଯୋଗ ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

● କିନ୍ନର ସମାଜରେ ନୂତନ ସଦସ୍ୟଙ୍କ ସାମିଲ

## ବିଶାଳ ଶୋଭାଯାତ୍ରା ଓ ପୂଜାର୍ଚ୍ଚନା

ଧର୍ମଗଡ଼, ୯।୬(ସମିସ): କିନ୍ନର (ତୃତୀୟ ଲିଙ୍ଗୀ) ସମାଜର ନିଜସ୍ୱ ସାମାଜିକ ପରମ୍ପରା, ରୀତିନୀତି ଓ ଆଧ୍ୟାତିକ ବିଶ୍ୱାସ ରହିଛି। ଏହି ପରମ୍ପରା ଅନୁଯାୟୀ ଜଣେ ନୂତନ ସଦସ୍ୟ ସମାଜରେ ଯୋଗ ଦେଲେ ତାଙ୍କୁ ତୁରନ୍ତ ମୁଖ୍ୟ ସ୍ରୋତରେ ସାମିଲ କରାଯାଏ ନାହିଁ। ପ୍ରଥମେ ସମାଜର ନିୟମ ଅନୁସାରେ ୨୧ ଦିନ ପର୍ଯ୍ୟନ୍ତ ତାଙ୍କୁ ଏକ ସ୍ୱତନ୍ତ୍ର କୋଠରୀରେ ରଖାଯାଇଥାଏ ଏବଂ ଏହି ସମୟ ମଧ୍ୟରେ ସେମାନଙ୍କ ଆରାଧ୍ୟ ଦେବୀ ମା' ମଙ୍ଗଳମୁଖୀଙ୍କ ନିକଟରେ ନିରନ୍ତର ପୂଜାର୍ଚ୍ଚନା କରାଯାଇଥାଏ। ୨୧ ଦିନର ଏହି ଧାର୍ମିକ ଓ ସାମାଜିକ ପ୍ରକ୍ରିୟା ସମାପ୍ତ ହେବା ପରେ ଅଞ୍ଚଳର ବିଭିନ୍ନ ସ୍ଥାନର କିନ୍ନର ସମ୍ପ୍ରଦାୟର ସଦସ୍ୟମାନେ ଏକତ୍ରିତ ହୋଇ ମହାପୂଜା ଓ ସ୍ୱାଗତ ଉତ୍ସବର ଆୟୋଜନ କରିଥାନ୍ତି। ଏହାପରେ ନୂତନ ସଦସ୍ୟଙ୍କୁ ଆନୁଷ୍ଠାନିକ ଭାବେ କିନ୍ନର ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଏ। ଧର୍ମଗଡ଼ କିନ୍ନର ସମାଜ ପକ୍ଷରୁ ନୂତନ ସଦସ୍ୟଙ୍କ ସ୍ୱାଗତ ଅବସରରେ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସଦସ୍ୟମାନେ ଆନନ୍ଦ ଓ ଉତ୍ସାହର ସହ ନାଚଗୀତ କରି ସହର ପରିକ୍ରମା କରିଥିଲେ। ପରେ ମା' ଭଣ୍ଡାରଘରଣୀଙ୍କ ମନ୍ଦିରରେ ପହଞ୍ଚି ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ସମାଜର ମୁଖ୍ୟ ସ୍ରୋତରୁ ଅନେକ ସମୟରେ ଦୂରେଇ ରହୁଥିବା କିନ୍ନର ସମ୍ପ୍ରଦାୟର ଏହି ସକାରାତ୍ମକ ଓ ସାମାଜିକ ସଦ୍‌ଭାବନାର ପଦକ୍ଷେପ ଧର୍ମଗଡ଼ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ସେଲ୍ ହକି ଏକାଡେମୀରେ କ୍ୟାଡେଟ୍ ଚୟନ ୧୧ରୁ ୧୪

ରାଉରକେଲା, ୯।୬(ସମିସ): ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ରାଉରକେଲାରେ ପରିଚାଳିତ ସେଲ୍ ହକି ଏକାଡେମୀରେ କ୍ୟାଡେଟ୍ ନାମଲେଖା ପାଇଁ ଚୟନ ପ୍ରକ୍ରିୟା ଆସନ୍ତା ୧୧ରୁ ୧୪ ଜୁନ୍ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ବ୍ୟାଟେରୀ ଟେଷ୍ଟରେ ଯୋଗ୍ୟତା ଅର୍ଜନ କରିବା ପାଇଁ ଆବେଦନକାରୀଙ୍କ ବୟସ ୨୦୨୬ ଜୁଲାଇ ୧ ତାରିଖ ସୁଦ୍ଧା ୧୪ରୁ ୧୬ ବର୍ଷ ହୋଇଥିବା ଆବଶ୍ୟକ। ପ୍ରାର୍ଥୀମାନେ ଆବେଦନ ପତ୍ର ପୂରଣ କରି, ଜଣେ ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ସତ୍ୟାପିତ ଆବଶ୍ୟକୀୟ ପ୍ରମାଣପତ୍ର / ଦସ୍ତାବିଜ୍‌ର ଫଟୋକପି ସହିତ ୧୦ ଜୁନ୍ ପୂର୍ବାହ୍ନରେ ସେକ୍ଟର-୫, ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍‌ରେ ରିପୋର୍ଟ କରିବେ। ଜନ୍ମ ତାରିଖର ପ୍ରମାଣ ସ୍ୱରୂପ ମାଟ୍ରିକ୍ୟୁଲେସନ୍ ସାର୍ଟିଫିକେଟ୍/ଜନ୍ମ ଓ ମୃତ୍ୟୁ ପଞ୍ଜୀକାରକ କିମ୍ବା ସକ୍ଷମ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ସହିତ ଆଧାରକାର୍ଡ ଗ୍ରହଣ କରାଯିବ। ଯାଞ୍ଚ ପାଇଁ ମୂଳ ପ୍ରମାଣପତ୍ର ଗୁଡ଼ିକ ଉପସ୍ଥାପନ କରିବାକୁ ହେବ। ବିଭିନ୍ନ ଅନୁଷ୍ଠାନ/ଆସୋସିଏସନ/କାରଖାନା ଗୁଡ଼ିକ ସର୍ବାଧିକ ୪ଜଣ ପୁରୁଷ ଖେଳାଳି ମନୋନୟନ ପାଇଁ ପଠାଇପାରିବେ। ଚୟନ ପ୍ରକ୍ରିୟା ସମୟରେ ଖେଳାଳିମାନଙ୍କୁ ରାଉରକେଲାରେ ମାଗଣା ରହିବା ଏବଂ ଖାଇବା ସୁବିଧା ଯୋଗାଇ ଦିଆଯିବ।

**ବାହାର ଟ୍ରକ୍‌କୁ ଲୋଡିଂ, ସ୍ଥାନୀୟଙ୍କୁ ଅଣଦେଖାର ପ୍ରତିବାଦ**

## ରଘୁନାଥପାଲି ଟିପ୍ପର ମାଲିକ ସଂଘର ଆନ୍ଦୋଳନ ୨ୟ ଦିନରେ

ରାଉରକେଲା, ୯।୬(ସମିସ): ରାଉରକେଲା ଇସ୍ପାତ କାରଖାନାରୁ ବିଓଏଫ ସ୍ଲାଗ୍ ପରିବହନ ପାଇଁ ସ୍ଥାନୀୟ ଟିପ୍ପରକୁ ଅଣଦେଖା କରି ବାହାର ରାଜ୍ୟର ଟିପ୍ପରଗୁଡ଼ିକୁ ଲୋଡିଂ ଦିଆଯିବା ପ୍ରତିବାଦରେ ଆରମ୍ଭ ହୋଇଥିବା ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଆଜି ରଘୁନାଥପାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦୁର୍ଗାଚରଣ ତନ୍ତୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଏହାକୁ ସମର୍ଥନ କରିଥିଲେ।




### ଆନ୍ଦୋଳନକୁ ରଘୁନାଥପାଲି ବିଧାୟକଙ୍କ ସମର୍ଥନ

ପ୍ରକାଶ ଯେ, ରଘୁନାଥପାଲି ଟିପ୍ପର ଓନର୍ସ ଆସୋସିଏସନ ପକ୍ଷରୁ ସଭାପତି ଅଶୋକ କୁମାର ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଅବନୀ ରଂଜନ ଷଡଙ୍ଗୀଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ରାଉରକେଲା ଇସ୍ପାତ କାରଖାନାର ସ୍ଲାଗ୍ ଗ୍ରାନୁଲେସନ ପ୍ଲାଣ୍ଟ ସମ୍ମୁଖରେ ଗତ ୨ ଦିନ ଧରି ଆନ୍ଦୋଳନରେ ବସି ରହିଛନ୍ତି। ବାହାର ରାଜ୍ୟରୁ ସ୍ଲାଗ୍ ଲୋଡିଂ ପାଇଁ ଆସିଥିବା ସମସ୍ତ ଟ୍ରକ ଓ ଟିପ୍ପରକୁ ଭିତରକୁ ଛାଡୁନାହାନ୍ତି। ସୂଚନା ଥାଉକି, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସ୍ଥାନୀୟ ଟିପ୍ପର ଓ ହାଇୱା ଗୁଡ଼ିକୁ ମାଲ ପରିବହନ ପାଇଁ ଅନୁମତି ନଦେଇ, ବାହାରୁ ଗାଡ଼ି ଆଣି କାମରେ ଲଗାଯାଉଥିବାରୁ ରଘୁନାଥପାଲ୍ଲୀ ଟିପ୍ପର ଓନର୍ସ ଆସୋସିଏସନର ପ୍ରାୟ ୨୦୦ଟି ଟିପ୍ପର ଲୋଡିଂ ନପାଇ ମାସ ମାସ ଧରି ଛିଡ଼ା ହୋଇଛି। ତେବେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ରଘୁନାଥପାଲି ଟିପ୍ପର ଓନର୍ସ ଆସୋସିଏସନ ସହ ଆଲୋଚନା କରାଯାଇ ପ୍ରତି ଟନ ପିଛା ୧୫୦ ଟଙ୍କାରେ ସ୍ଲାଗ୍ ପରିବହନ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଆସୋସିଏସନ ପକ୍ଷରୁ ପ୍ରତ୍ୟାଖ୍ୟାନ କରି ଦିଆଯାଇଛି। ଏ ନେଇ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସଭାପତି ଅଶୋକ ପଟ୍ଟନାୟକ କହିଛନ୍ତି, ବାହାର ରାଜ୍ୟରୁ ଆସିଥିବା ଟିପ୍ପରକୁ ଟନ୍ ପିଛା ୪୩୦ ଟଙ୍କା ଦିଆଯାଉଥିବା ବେଳେ ଲୋକାଲ ଟିପ୍ପରକୁ ୧୫୦ଟଙ୍କା ପ୍ରସ୍ତାବ ଦୁର୍ଭାଗ୍ୟଜନକ। ସେ କହିଛନ୍ତି ଯେ, ଲୋକାଲ ଟିପ୍ପର ଆର୍‌ଏସପି ଫାଟକ ସମ୍ମୁଖରେ ମାସ ମାସ ଧରି ଛିଡା ହୋଇ ରହିଥିବା ବେଳେ ବାହାର ରାଜ୍ୟରୁ ଆସିଥିବା ଟିପ୍ପରଗୁଡ଼ିକ ଦିନକୁ ୫ ଟ୍ରିପ ଲେଖାଏଁ ଲୋଡିଂ ପାଉଛନ୍ତି। ଯେ ପର୍ଯ୍ୟନ୍ତ ଆର୍‌ଏସପି କର୍ତ୍ତୃପକ୍ଷ ଏହି ସମସ୍ୟା ସମାଧାନ ନ କରିଛନ୍ତି, ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଆନ୍ଦୋଳନକୁ ସମର୍ଥନ କରି କହିଛନ୍ତି ଯେ, ଆରଏସପି ଭିତରେ ବିହାରୀ ଅଫିସରରାଜ୍‌କୁ ଆଦୌ ସହ୍ୟ କରାଯିବ ନାହିଁ। ଲୋକାଲ ଟିପ୍ପର ମାଲିକଙ୍କୁ ଅଣଦେଖା କରି ବାହାର ରାଜ୍ୟର ଟିପର ଗୁଡିକୁ ଲୋଡିଂରେ ପ୍ରାଧାନ୍ୟ ଦେବା ଦୁର୍ଭାଗ୍ୟଜନକ। ଏଠାକାର ଲୋକ, କଣ୍ଟ୍ରାକ୍ଟରମାନ ଓ ଟ୍ରକ ମାଲିକମାନଙ୍କୁ ଯଦି କାମ ନମିଳିବ ଆନ୍ଦୋଳନ ଆହୁରି ତୀବ୍ର ହେବ। ଆନ୍ଦୋଳନରେ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ସାଧାରଣ ସମ୍ପାଦକ ଅବନୀ ରଞ୍ଜନ ଷଡ଼ଙ୍ଗୀ, ଉପସଭାପତି ଦେବ ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ବ୍ରଜ କିଶୋର ସାମଲ, ସହସମ୍ପାଦକ ଅଜିତ ଛୋଟରାୟ, ସହସମ୍ପାଦକ ସୌମ୍ୟ ରଞ୍ଜନ ନାୟକଙ୍କ ସମେତ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସଦସ୍ୟ ଧାରଣାରେ ବସି ରହିଛନ୍ତି।

## ଝିରପାଣି ଗ୍ରାମରୁ କୁଟୁରା ଛୁଆ ଉଦ୍ଧାର

ବଣାଇ/କୋଇଡା, ୧୦।୬ (ସମିସ): ବଣାଇ ବନଖଣ୍ଡ କୋଇଡା ରେଞ୍ଜ ତୋଡ଼ା ସେକ୍ସନ ଅନ୍ତର୍ଗତ ଝିରପାଣି ଗ୍ରାମରୁ ଏକ କୁଟୁରା ଛୁଆକୁ ଉଦ୍ଧାର କରିଛି ବଣାଇଁ ବନବିଭାଗ। ଏହି କୁଟୁରା ଛୁଆଟି ଝିରପାଣି ଗାଁ ବସ୍ତି ଅଞ୍ଚଳରେ ବୁଲୁଥିବା ଗତକାଲି ବନ ବିଭାଗକୁ ସୂଚନା ମିଳିଥିଲା। ବଣାଇ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଜାମଡ଼ିହି ଓ ତୋଡା ସେକ୍ସନର କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ସକାଳେ ଝିରପାଣି ଗ୍ରାମରେ ପହଞ୍ଚି ସର୍ଚ୍ଚ ଅପରେସନ ଚଳାଇ କୁଟୁରା ଛୁଆଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। କୁଟୁରା ଛୁଆଟି କିଛି ମାସ ପୂର୍ବରୁ ଛେଳି ଦଳ ସହ ଜଣେ ବ୍ୟକ୍ତିଙ୍କ ଘରକୁ ଚାଲି ଆସିଥିବା ବେଳେ ସେ ଏହାକୁ



ଘରେ ରଖିଥିବା ଜଣାପଡ଼ିଥିଲା। ଉଦ୍ଧାର ପରେ କୁଟୁରା ଛୁଆକୁ ବଣାଇ ବନଖଣ୍ଡ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ପଶୁ ଚିକିତ୍ସା ଅଧିକାରୀ ଏହାର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କୁଟୁରା ଛୁଆଟି ସୁସ୍ଥ ଥିବାରୁ ଆବଶ୍ୟକ ପ୍ରକ୍ରିୟା ଶେଷ ପରେ ତାକୁ ପୁଣି ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ସହକାରୀ ବନ ସଂରକ୍ଷକ ଦୁର୍ଯ୍ୟୋଧନ ଜେରେଇ ସୂଚନା ଦେଇଛନ୍ତି। ଉଦ୍ଧାର ହୋଇଥିବା କୁଟୁରା ଛୁଆର ବୟସ ଆନୁମାନିକ ୬ ମାସ ହେବ। ଉଦ୍ଧାରକାରୀ ଟିମ୍‌ରେ ଜାମଡିହି ବନପାଳ ପଦ୍ମଲୋଚନ ସିଂ, ମୂରଲୀ ଧର ମୁଣ୍ଡା, ପ୍ରତାପ କୁମାର ସାହୁ, ବନରକ୍ଷୀ ସସ୍ମିତା ମହାକୁଡ଼, ତରୁଲତା କିସାନ, ବନ୍ୟଜନ୍ତୁ ବିଶେଷଜ୍ଞ ବିପିନ ପ୍ରଧାନ ଓ ସ୍କ୍ୱାଡ୍ କର୍ମଚାରୀ ସାମିଲ ଥିଲେ।

## ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳୀ

ରାଉରକେଲା, ୯।୬(ସମିସ)




ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ୧୨୬ ତମ ସହିଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ରା ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳୀ ସହ ମାଲ୍ୟାର୍ପଣ କରାଯାଇଥିଲା। ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟିର ସଂପାଦକ ପ୍ରଫେସର ବିଜୟ କୁମାର ଟପ୍ପୋଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ରାଉରକେଲା ମହାନଗର ନିଗମର ଯୁଗ୍ମ-ଆୟୁକ୍ତ ପଲ୍ଲବୀ ନାୟକ, ହରିହର ରାଉତରାୟ, ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର କୁଜୁର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କା ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଜେପି ରାଜ୍ୟ ସଂପାଦିକା ଲତିକା ପଟ୍ଟନାୟକ, ରାଜ୍ୟ ଶକ୍ତବାହିନୀ ସଭାନେତ୍ରୀ ଶ୍ରଦ୍ଧା ଷଡ଼ଙ୍ଗୀ, ହମିରପୁର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସୁମନ ଦତ୍ତ, ବିଜେପି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଷ୍ଟାଚ୍ୟୁ କମିଟି ସଦସ୍ୟ ଗଗନ ପଣ୍ଡା, ବରିଷ୍ଠ ବିଜେଡି ନେତା ବୀରେନ ସେନାପତି, ବରିଷ୍ଠ କଂଗ୍ରେସ ନେତା ରାମାନନ୍ଦ ଶ୍ରୀଚନ୍ଦନଙ୍କ ସମେତ ତଥା ଅନ୍ୟାନ୍ୟ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଧରିତୀ ଆବ୍‌ବା ବୀର ବିର୍ସା ମୁଣ୍ଡାଙ୍କ ପ୍ରତି ଭକ୍ତିପୁତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କମିଟିର ସଂପାଦକ ପ୍ରେସର ଟପ୍ପୋ କହିଲେ ଯେ ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ଅନେକ ଜନ ହିତକର କାର୍ଯ୍ୟ ହାତକୁ ନିଆଯାଇଛି। ନଭେମ୍ବର ୧୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କଳାପରେ ରାଜ୍ୟ ସରକାର ଷ୍ଟାଚ୍ୟୁ କମିଟିକୁ ପ୍ରଦାନ କରିଥିବା ୧୦ ଏକର ଜମିକୁ ତୁରନ୍ତ ହସ୍ତାନ୍ତର କରିବାକୁ ସମସ୍ତ କାଗଜପତ୍ର ଅର୍ପଣ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନଥିବାରୁ ପୁନଃ ମୁଖ୍ୟମନ୍ତ୍ରୀ ଏଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଷ୍ଟାଚ୍ୟୁ କମିଟିର ଉପସଭାପତି ମାର୍ସିଲ କାଣ୍ଡୁଲାନା ଓ ଡା. ଏମ. ସୋରେନ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁ, ବରିଷ୍ଠ ସଦସ୍ୟ ପି.ଏଲ.ନାୟକ, ମନୋରଂଜନ କାଣ୍ଡୁଲାନା, ପ୍ରମୋଦ କୁମାର ବକ୍ସି ପ୍ରମୁଖ ସହଯୋଗ କରିଥିଲେ। ଷ୍ଟାଚ୍ୟୁ କମିଟିର ଯୁଗ୍ମ-ସଂପାଦକ ପ୍ରସନ୍ନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ଡା ସୋରେନ ଧନ୍ୟବାଦ ଦେଇଥିଲେ।

## ରେଳବାଇର ନୂତନ ସେତୁ ପାଇଁ ଜବରଦଖଲ ଉଚ୍ଛେଦ




ରାଉରକେଲା, ୯।୬(ସମିସ): ଗତକାଲି ମହତାବରୋଡର ମୀନାପଡ଼ାରେ ୬ ଜଣ ଡ୍ରଗ୍ସ ମାଫିଆଙ୍କ ଘରେ ବୁଲ୍‌ଡୋଜର ବୁଲିବା ପରେ ଆଜି ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରହମତନଗର ଓ ଶିବଶଙ୍କରନଗରରେ ୪୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି ପ୍ରଶାସନ। ଦକ୍ଷିଣ-ପୂର୍ବ ରେଳବାଇର

### ରହମତନଗର ଓ ଶିବଶଙ୍କରନଗରରେ ୪୦ରୁ ଅଧିକ ଘର ଭାଙ୍ଗିଲା

ନୂତନ ସେତୁ ପ୍ରକଳ୍ପ ନିର୍ମାଣ ପାଇଁ ରେଳବାଇ ପକ୍ଷରୁ ଏହି ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରଥମ ଦିନରେ, ରେଳବାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ଶିବଶଙ୍କରନଗର ବସ୍ତିରେ ୪୦ରୁ ଅଧିକ ଘର ଭାଙ୍ଗି ଦିଆଯାଇଥିଲା।

୧୯୫୦ରେ ନିର୍ମିତ ରେଳବାଇର ପୁରୁଣା ସେତୁ ପାଖରେ ଆଉ ଏକ ନୂତନ ରେଳସେତୁ ନିର୍ମାଣ ପାଇଁ ଆବଶ୍ୟକ ଜମିରୁ ଉଚ୍ଛେଦ କରାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ପ୍ରସ୍ତାବିତ ସେତୁ ସଂଯୋଜନରେ ବାଧା ସୃଷ୍ଟି କରୁଥିବା ପ୍ରମୁଖ ଜବରଦଖଲ ଭାବରେ ଶିବ ଶଙ୍କର ନଗର ଏବଂ ରହମତ ନଗରରେ ବସତିଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି, ପ୍ରକଳ୍ପକୁ ସହଜ କରିବା ପାଇଁ ଅନଧିକୃତ ନିର୍ମାଣକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ରେଳ ସୁରକ୍ଷା ବଳ (ଆର୍‌ପିଏଫ୍), ସରକାରୀ ରେଳବାଇ ପୁଲିସ (ଜିଆର୍‌ପି) ଏବଂ ସ୍ଥାନୀୟ ପ୍ରଶାସନର ସହାୟତାରେ ରେଳ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଆଇନ ଶୃଙ୍ଖଳା ବଜାୟ ରଖିବାକୁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଏହି ପ୍ରକଳ୍ପ ବୃହତର ଜନସ୍ୱାର୍ଥରେ କରାଯାଉଛି ଏବଂ ଏହା ଅଞ୍ଚଳରେ ରେଳ ପରିଚାଳନା ଏବଂ ଟ୍ରାଫିକ୍ ପରିଚାଳନାରେ ଉଲ୍ଲେଖନୀୟ ଉନ୍ନତି ଆଣିବ ବୋଲି ଅତିରିକ୍ତ ଏସପି ରାଜକିଶୋର ମିଶ୍ର କହିଛନ୍ତି।